# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜାନୁୟାରୀ ୨୬/୨୦୧୯ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, January 26/ 2019 ★★

୧୫ଶ ଭାଗ ୪୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଫାଇନାଲରେ ଜୋକୋଭିଚ୍

ସର୍ବିୟାର ନୋଭାକ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୯

୧୪

## 'ପିଏମ୍ ନରେନ୍ଦ୍ର ମୋଦି'ରେ ବୋମାନ ଇରାନୀ

ବିଶିଷ୍ଟ ଅଭିନେତା ବୋମାନ ଇରାନୀ ଆଗାମୀ ବାୟୋପିକ୍ 'ପିଏମ୍ ନରେନ୍ଦ୍ର ମୋଦି'ରେ ବିବେକ ଓବେରୟଙ୍କ ସହ ଅଭିନୟ କରିବେ।



# ପ୍ରଣବ, ନାନାଜୀ ଓ ଭୂପେନ୍ଙ୍କୁ ଭାରତରତ୍ନ



ପ୍ରଣବ ମୁଖାର୍ଜୀ



ନାନାଜୀ ଦେଶମୁଖ୍



ଭୂପେନ୍ ହଜାରିକା

ନୂଆଦିଲ୍ଲୀ,୨୫।୧

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରାଯିବ। ଏହା ବ୍ୟତୀତ ଭାରତୀୟ ଜନସଂଘ ନେତା ତଥା ସାମାଜିକ କର୍ମୀ ନାନାଜୀ ଦେଶମୁଖ୍ ଏବଂ ବିଶିଷ୍ଟ ଗାୟକ ଭୂପେନ୍ ହଜାରିକାଙ୍କୁ ମରଣୋତ୍ତର ଭାବେ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ ଲାଗି ମନୋନୀତ କରାଯାଇଛି।

୨୦୧୨ରୁ ୨୦୧୭ ଭାରତର ରାଷ୍ଟ୍ରପତି ଥିବା ପ୍ରଣବ ଜଣେ ରାଷ୍ଟ୍ରନେତା ଭାବେ ଜଣାଶୁଣା। ସେ ନିଃସ୍ୱାର୍ଥପର ତଥା ଅବିଶ୍ରାନ୍ତ ଭାବେ ବହୁ ଦଶନ୍ଧି ଧରି ଦେଶର ସେବା କରିଆସିଛନ୍ତି। ଦେଶର ବିକାଶ କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ☞ପୃଷ୍ଠା-୮

**ପଦ୍ମଶ୍ରୀ ପୁରସ୍କାର**

- ଓଡ଼ିଶାରୁ ଦୈତାରୀ ନାୟକ, ଡି.ପ୍ରକାଶ ରାଓ ଓ କମଳା ପୂଜାରୀ
- ନବୀନ ପଟ୍ଟନାୟକଙ୍କ ଭଉଣୀ ଗୀତା ମେହେଟ୍ଟା ମଧ ପାଇବେ

ପୃଷ୍ଠା-୩

# 'ଚୌକିଦାରଙ୍କ ହାତରେ ନବୀନ ରିମୋଟ୍'

ଭୁବନେଶ୍ୱର,୨୫।୧(ବ୍ୟୁରୋ)

ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଚାଲିଥିବା ସରକାରଙ୍କ ଚିନ୍ତାଧାରା ସମାନ। ଦେଶର ଚୌକିଦାର ନିଜେ ଚୋର। ଓଡ଼ିଶାରେ ମଧ ବହୁ ଚୋରି ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ତାଙ୍କ ମନ୍ତ୍ରୀମାନେ ଚିଟ୍‌ଫଣ୍ଡ ସ୍କାମ କରିଛନ୍ତି, ସେଥିପାଇଁ ଓଡ଼ିଶାର ରିମୋଟ୍ ଦିଲ୍ଲୀର ଜଣେ ଭ୍ରଷ୍ଟ ଚୌକିଦାରଙ୍କ ହାତରେ ରହିଛି। ଯେତେବେଳେ ଚୌକିଦାର ରିମୋଟ୍ ଦବାନ୍ତି ସେତେବେଳେ ନବୀନ ପଟ୍ଟନାୟକ ଉଠନ୍ତି, ବସନ୍ତି ବୋଲି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ କଟାକ୍ଷ କରି କହିଛନ୍ତି। ଶୁକ୍ରବାର କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ଡମାଣ୍ଡୋ ମିନି ଷ୍ଟାଡିୟମରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଯୋଗଦେଇ ରାହୁଲ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ଉପରେ ଏଭଳି ବର୍ଷିଛନ୍ତି। ରାହୁଲ କହିଛନ୍ତି ଯେ, ପାର୍ଲାମେଣ୍ଟରେ କୌଣସି ବିଲ୍ ପାସ୍ କରିବାକୁ ହେଲେ ଚୌକିଦାର ରିମୋଟ ବଟନ ଦବାନ୍ତି ଆଉ ନବୀନ ପଟ୍ଟନାୟକ ସମର୍ଥନ ଦିଅନ୍ତି। ଓଡ଼ିଶାକୁ ନାଗପୁର ଓ ଦିଲ୍ଲୀରୁ ଚଳାଯାଉଛି। ଭ୍ରଷ୍ଟାଚାର କାରଣରୁ ନବୀନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦବାଇ ରଖିଛନ୍ତି ବୋଲି ସେ କହିଛନ୍ତି।

**ରାହୁଲଙ୍କ ପ୍ରତିଶ୍ରୁତି**

- ଓଡ଼ିଶାରେ କଂଗ୍ରେସ ସରକାର ଗଢ଼ିବାର ୧୦ ଦିନ ମଧରେ ଚାଷୀଙ୍କ ଋଣ ଛାଡ଼

ରାହୁଲ 'ଜୟ ଜଗନ୍ନାଥ'ରୁ ନିଜ ଭାଷଣ ଆରମ୍ଭ କରି କହିଥିଲେ ଯେ, କେନ୍ଦ୍ରର ଭାଜପା ଓ ରାଜ୍ୟର ବିଜେଡି ସରକାର ୧୫ରୁ ୨୦ଜଣ ଶିଳ୍ପପତିଙ୍କ ହାତରେ ସବୁ ଧନ ଧରାଇ ଦେଇଛନ୍ତି। ସେମାନଙ୍କ ଜରିଆରେ ଉଭୟ ସରକାର ନିଜର ମାର୍କେଟିଂ କରୁଛନ୍ତି। ଅମଲାତନ୍ତ୍ର ଏବଂ ଅଫିସର୍‌ମାନଙ୍କ ଜରିଆରେ ଦେଶ ଏବଂ ଓଡ଼ିଶାରେ ଶାସନ ଚାଲିଛି, ଯାହା ଲାଭ ବାହାରୁଛି ଏମାନେ ନିଜ ସଙ୍ଗଠନ ଲୋକ, କାର୍ଯ୍ୟକର୍ତ୍ତା ଏବଂ ଶିଳ୍ପପତିମାନଙ୍କୁ ଯୋଗାଇ ଦେଉଛନ୍ତି। ବର୍ତ୍ତମାନ ଭାରତବର୍ଷରେ ଯେଉଁଠି ଦେଖିଲେ ଭାଜପା ଓ ଆର୍‌ଏସ୍‌ଏସ୍ ଘୃଣା ମନୋଭାବ ସୃଷ୍ଟି କରୁଛନ୍ତି। ହିନ୍ଦୁମାନଙ୍କୁ ମୁସଲମାନଙ୍କ ସହ ଲଢାଉଛନ୍ତି। ଓଡ଼ିଶା ହଜାର ବର୍ଷରୁ ଦେଶକୁ ରାସ୍ତା ଦେଖାଉଛି। ଏହା ଆପଣମାନଙ୍କ ଇତିହାସ। ରାଜା ଅଶୋକଙ୍କୁ ଅହିଂସା ରାସ୍ତାରେ ଓଡ଼ିଶାବାସୀ ନେଇଥିଲେ। ଶାନ୍ତି, ଭାଇଚାରାର ପରମ୍ପରା ଏଠି ଆରମ୍ଭ ହୋଇଥିଲା। ଭଲପାଇବାର କଥା ମଧ ଆପଣମାନେ ଶିଖାଇଥିଲେ। ଏହା ଆପଣମାନଙ୍କ ରକ୍ତରେ ଅଛି। ଓଡ଼ିଶାବାସୀ କଥା ହେବା ସମୟରେ ବହୁ ସମ୍ମାନର ସହିତ କଥା ହୁଅନ୍ତି। ଏଠିକା ଲୋକଙ୍କ ପାଖରେ ଜଳ, ଜମି, ଜଙ୍ଗଲ ଓ ପ୍ରାକୃତିକ ସମ୍ପଦର ଅଭାବ ନାହିଁ। ଓଡ଼ିଶା ଗରିବ ରାଜ୍ୟ ନୁହେଁ ମାତ୍ର ଏଠିକା ଲୋକ ଗରିବ। କାରଣ ଏଠାରୁ ଜମି, ଜଳ, ବିଜୁଳି, ପ୍ରାକୃତିକ ସମ୍ପଦ ଛଡାଇ ନିଆଯାଇ କେତେଜଣ ଶିଳ୍ପପତିଙ୍କ ହାତରେ ଧରାଇ ଦିଆଯାଇଛି। ଚାଷୀ ସକାଳ ୪ଟାରୁ ଉଠି ନିଜ ପରିବାର ସହ କାମ କରିଥାଏ। ହେଲେ ନବୀନ ପଟ୍ଟନାୟକଙ୍କ ସରକାର କେତେ ଜଳସେଚନ ପ୍ରକଳ୍ପ ଓଡ଼ିଶାରେ କରିଛନ୍ତି କୁହନ୍ତୁ। ଚାଷୀ କ'ଣ ବିନା ପାଣିରେ ଏବଂ ନିଜ ଶସ୍ୟର ଉପଯୁକ୍ତ ମୂଲ୍ୟ ବିନା କାମ କରିପାରିବ କି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ମୋଦି ଯେଉଁଠାକୁ ଗଲେ ଚାଷୀଙ୍କ ପାଇଁ କାମ କରିବି ବୋଲି କହୁଛନ୍ତି। ☞ପୃଷ୍ଠା-୮



ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ।

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଧରିତ୍ରୀର ଛୁଟି**

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ୨୬ ତାରିଖ ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂଖ୍ୟା ୨୮ ତାରିଖ ସକାଳେ ପ୍ରକାଶ ପାଇବ ।


SUDHAKAR
uPVC WINDOWS AND DOORS
EUROPEAN TECHNOLOGY PROFILE SYSTEMS
WE ARE LOOKING FOR uPVC WINDOWS & DOORS FABRICATORS
CONTACT US
96664 46664
sales.windows@sudhakarind.com


# କାଳିଆ ଯୋଜନା | ଚାଷୀଙ୍କୁ ମିଳିଲା ଟଙ୍କା



ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

ପୁରୀ ଅଫିସ,୨୫।୧

ଚାଷୀ ଭାଇମାନେ ସାରା ରାଜ୍ୟକୁ ଅନ୍ନ ଯୋଗାଉଛନ୍ତି। ସେମାନେ ଯୋଗାଉଥିବା ଚାଉଳ ଏବଂ ପନିପରିବାରେ ମହାପ୍ରସାଦ ପ୍ରସ୍ତୁତ ହେଉଛି। ଚାଷୀ ଭାଇମାନେ ଏପରି ଏକ ମହାନ୍ ଏବଂ ପବିତ୍ର କାମ କରୁଛନ୍ତି। ଏଣୁ ଏହି ଯୋଜନାର ନାଁ ମୁଁ କାଳିଆ ଦେଇଛି। କାଳିଆ ଯୋଜନା ସାରା ଦେଶକୁ ବାଟ ଦେଖାଇବ । ପୁରୀଠାରେ ଅନୁଷ୍ଠିତ ଚାଷୀ ସମାବେଶରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି।

ମହାପ୍ରଭୁଙ୍କ ପୁଣ୍ୟଭୂମି ଶ୍ରୀକ୍ଷେତ୍ରରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ଟଙ୍କା ପ୍ରଦାନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ମାଳତିପାଟପୁର ନିକଟ ରାହାଙ୍ଗିରିଆଠାରେ ଆୟୋଜିତ ଚାଷୀ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ ମନୋନୀତ ୧୨.୪୫ ଲକ୍ଷ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି। ଇ-ବ୍ୟାଙ୍କିଙ୍ଗ୍ ଜରିଆରେ ନଗଦ ୫ହଜାର ଟଙ୍କା ଲେଖାଏ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଆକାଉଣ୍ଟକୁ ୬୬୨ କୋଟି ଟଙ୍କା ଆକାଉଣ୍ଟକୁ ପଠାଯାଇଛି। ପ୍ରତିବର୍ଷ ଅକ୍ଷୟ ତୃତୀୟାରେ ଖରିଫ ଫସଲ ପାଇଁ ଏବଂ ନୂଆଖାଇରେ ରବି ଫସଲ ଲାଗି ସହାୟତା ରାଶି ଦିଆଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ କାଳିଆ ଯାତ୍ରା ଆରମ୍ଭ କରିଛି। ☞ପୃଷ୍ଠା-୮

**ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

- ଓଡ଼ିଶା ଅର୍ଥନୀତି ବିକାଶରେ ହେବ ମାଇଲଖୁଣ୍ଟ
- ଚାଷୀଙ୍କ ଚାଉଳ, ପନିପରିବାରେ ପ୍ରସ୍ତୁତ ହେଉଛି ମହାପ୍ରସାଦ
- ଅକ୍ଷୟ ତୃତୀୟାରେ ୫ ହଜାର, ନୂଆଖାଇରେ ୫ ହଜାର
- ମଞ୍ଚରେ ବସିଲେ ଚାଷୀ
- ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଆକାଉଣ୍ଟକୁ ଗଲା ୬୬୨ କୋଟି




## ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସାଧାରଣତନ୍ତ୍ର ଦିବସ-୨୦୧୯ ପାଳନ ଅବସରରେ ମୁଁ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଓଡ଼ିଶାକୁ ଦେଶର ଏକ ସମୃଦ୍ଧ ଏବଂ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ପାଇଁ ଏହି ପବିତ୍ର ଅବସରରେ ସମସ୍ତେ ଶପଥ ନେବାକୁ ମୁଁ ଆହ୍ୱାନ ଜଣାଉଛି।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-255



## ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି। ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ଏବଂ ସବୁ ବର୍ଗର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଆପଣମାନଙ୍କର ସହଯୋଗ କାମନା କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

15001/13/0558/1819



## ୭୦ତମ ସାଧାରଣତନ୍ତ୍ର ଦିବସ ଅବସରରେ ବାର୍ତ୍ତା

ମହତ୍ତ୍ୱପୂର୍ଣ୍ଣ ୭୦ତମ ସାଧାରଣତନ୍ତ୍ର ଦିବସ ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନପୂର୍ବକ ଭାରତର ଏକତା ଓ ସଂହତି ରକ୍ଷା ସହିତ ଆମ ରାଜ୍ୟକୁ ଦେଶର ଅଗ୍ରଗଣ୍ୟ ରାଜ୍ୟ ଭାବରେ ଗଢ଼ିତୋଳିବା ନିମନ୍ତେ ସମସ୍ତେ ଆନ୍ତରିକ ଉଦ୍ୟମ କରିବାକୁ ନମ୍ର ନିବେଦନ ଜଣାଉଛି।

(ପ୍ରତାପ ଜେନା)
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ


**ଆଜିର ସମ୍ପାଦକୀୟ**

## ସିଆଇସି ଚୟନ

**ଆଜିର ମନ୍ତବ୍ୟ**

"ରାଜନୀତିରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପ୍ରବେଶ ଆସନ୍ତା ଲୋକସଭା ନିର୍ବାଚନରେ କୌଣସି ପ୍ରଭାବ ପକାଇବ ନାହିଁ।
-ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ

**କିଛି ତଥ୍ୟ**

କୋଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ଦେଶର ଶକ୍ତି କ୍ଷେତ୍ରକୁ କୋଇଲା ଯୋଗାଣ ୮% ବୃଦ୍ଧି ଘଟି ୩୮୯.୬୩ ନିୟୁତ ଟନ୍ ଛୁଇଁଛି।
- କୋଇଲା ମନ୍ତ୍ରଣାଳୟ

■ ଡଙ୍କାରୀ ପାହାଡ଼ରେ ବେଆଇନ ଖନନ

# ରାଜ୍ୟ ସରକାରଙ୍କୁ ଦାୟୀ କଲା ଏନ୍‌ଜିଟି

ଯାଜପୁର ଅଫିସ,୨୫।୧

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ରେ ବେଆଇନ ଖନନ ଓ ପରିବେଶଗତ କ୍ଷତି ପାଇଁ ରାଜ୍ୟ ସରକାର ଦାୟୀ। ତେଣୁ ରାଜ୍ୟ ସରକାର ମଧ୍ୟବର୍ତ୍ତୀକାଳୀନ କ୍ଷତିପୂରଣ ଭାବେ ୨୫କୋଟି ଟଙ୍କା ଜମା କରିବାକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛି। ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ଏସ.ପି. ୱାଙ୍ଗଡି, ଜଷ୍ଟିସ ରାମକ୍ରିଷ୍ଣନ ଓ ଡ. ନାଗିନ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୪ ତାରିଖ ଶୁଣାଣିରେ ଏହି ରାୟ ପ୍ରକାଶ କରିଛନ୍ତି । ତେବେ ଏହି ରାୟ ପ୍ରକାଶ ପାଇବାରେ ବିଳମ୍ବ ହୋଇଥିବାରୁ ଆବେଦନକାରୀ ସର୍ବେଶ୍ୱର ବେହୁରା କ୍ଷୋଭ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ସଂଶୟ ପ୍ରକାଶ କରିଛନ୍ତି।

ଏନ୍‌ଜିଟି ରାୟରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ଅଧିକାରୀମାନେ ବେଆଇନ ଉତ୍ତୋଳନକୁ ପ୍ରୋତ୍ସାହିତ କରିଛନ୍ତି ବୋଲି ଦର୍ଶାଯାଇଛି। ୨୦୦୨ରୁ ୨୦୧୭ ପର୍ଯ୍ୟନ୍ତ କୌଣସି ପରିବେଶଗତ ଅନୁମତି ନ ନେଇ କୋଟିକୋଟି ଟଙ୍କାର କଳାପଥର ଉତ୍ତୋଳନ କରାଯାଇଛି। ତେଣୁ ଏଥିପାଇଁ ☞ପୃଷ୍ଠା-୮

- ମାସକ ମଧରେ ୨୫କୋଟି କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ
- ସମ୍ପୃକ୍ତ ଅଧିକାରୀ, ଖାଦାନ ମାଲିକଙ୍କଠାରୁ ଆଦାୟ କର


"M.B"
Great Eastern™
The Trusted One
2009 TO 2019
#10 YEAR CHALLENGE
Post your 2009 electronics picture with your current 2019 Great Eastern invoice to get uoto 100% CASH BACK!
Great Eastern
Cost to Cost Offer
Last 2 DAYS
BE A HERO BUY AT ZERO
For the first time ever, 26 Lucky Customers get their product at ZERO PRICE* only for Today
FLAT EMI OF 2626*
26* MONTHS EMI
26% CASH BACK ON 1ST EMI*
BAJAJ FINSERV
EMI STARTS FROM MARCH 2019
100% SPOT EMI APPROVAL IN 60 SECONDS
The Ultimate Price CHALLENGE*
LED TV
SAMSUNG SONY LG Panasonic Haier
Cost Price Starts @ ₹ 8990 EMI ₹749
AIR CONDITIONER
SAMSUNG LG HITACHI DAIKIN Panasonic Haier Godrej GENERAL Carrier Whirlpool
Cost Price Starts @ ₹ 30900 EMI ₹2575
REFRIGERATOR
SAMSUNG Whirlpool LG Haier Godrej Panasonic HITACHI BOSCH
Cost Price Starts @ ₹ 4590 EMI ₹383
WASHING MACHINE
LG SAMSUNG Godrej Panasonic BOSCH Haier Whirlpool
Cost Price Starts @ ₹ 9545 EMI ₹795
MICROWAVE
LG SAMSUNG Haier Panasonic Whirlpool BAJAJ
Cost Price Starts @ ₹ 4990 EMI ₹416
WATER HEATER
HAVELLS Haier BAJAJ USHA Racold
Cost Price Starts @ ₹ 5452 EMI ₹454
WATER PURIFIER
LG KENT Panasonic Whirlpool Livpure Aquaguard
Cost Price Starts @ ₹ 9990 EMI ₹833
DSLR CAMERA
Nikon
Cost Price Starts @ ₹ 30500 EMI ₹2540
**Our Cost to Cost offer is a genuine opportunity to buy at our cost price (i.e. much lower than prevailing competition prices). Get us a lower price, and we will give you double the difference back.
Free home delivery within 100 Kms*
Extended warranty across products*
Free in-home installation & demo*
Best exchange value*
Great Eastern™ RETAIL
EASTERN INDIA'S LARGEST ELECTRONICS RETAIL CHAIN
57 STORES ACROSS INDIA
crm@geapl.in
www.greateastern.co.in
GreatEasternRetail 9438590298
HELPLINE 033 4037 2000
95% Assured FREE HOME DELIVERY Within 24 HOURS*
ଭୁବନେଶ୍ୱର ବାପୁଜୀନଗର ବଜାର କଲକାତା ନିକଟ ୬୨୯୧୯୦୫୧୭୫ | ପଟିଆ ବିଗ୍ ବଜାର ନିକଟ ୬୨୯ ୧୯୦ ୫୧୭୦
କଟକ ବାଦାମବାଡ଼ି ପାଲାମଣ୍ଡ ପ ସାମନା ୬୨୯ ୧୯୦ ୫୧୭୨ ସିଡିଏ ସେକ୍ଟର ୬ ୬୨୯ ୧୯୦ ୫୧୭୩ ବାଲେଶ୍ୱର ବିବେକାନନ୍ଦ ମାର୍ଗ, ସିଟି ଲାଇଫ୍ ପାର୍ଶ୍ୱ ୬୨୯ ୧୯୦ ୫୧୭୪
ବ୍ରହ୍ମପୁର ବଡ଼ବଜାର ଗଣେଷ ମାର୍କେଟ ସାମନା ୬୨୯ ୧୯୦ ୫୧୭୧ | ରାଉରକେଲା ବିଶ୍ରା ରୋଡ଼ ହୋଟେଲ ବୃନ୍ଦାବନ ସାମନା ୬୨୯ ୧୯୦ ୫୧୭୬ ଯାଜପୁର କମଳ ଭବନ ଚୋରଡା ବାଇପାସ୍, ଯାଜପୁର ରୋଡ଼ ୬୨୯ ୧୯୦ ୫୧୭୭
ODISHA | WEST BENGAL | ANDHRA PRADESH | RAJASTHAN | UTTAR PRADESH

## ସଂକ୍ଷେପରେ

### ମହାପ୍ରଭୁଙ୍କୁ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ, ୨୫।୧:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟା ୧୦ରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଜିଲା ସ୍କୁଲ ହେଲିପ୍ୟାଡରେ ଅବତରଣ କରିଥିଲା। ମୁଖ୍ୟମନ୍ତ୍ରୀ କାରରେ ଯାଇ ସିଂହଦ୍ୱାରରେ ପହଞ୍ଚିଥିଲେ। ସେଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ ପ୍ରମୁଖ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିର ଭିତରକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ବାଇଶି ପାହାଚ, କୀର୍ତ୍ତନ ଚକଡ଼ା ଏବଂ ଘଣ୍ଟି ଦ୍ୱାର ଦେଇ ଭିତରକୁ ପ୍ରବେଶ କରିଥିଲେ। ଜୟବିଜୟ ଦ୍ୱାର ଦେଇ ଭିତରକାଠ ପାଖରୁ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଭିତରଚ୍ଛ ଭବାନୀଶଙ୍କର ମହାପାତ୍ର, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦର୍ଶନ ସାରି ମୁଖ୍ୟମନ୍ତ୍ରୀ ବାଇଶିପାହାଚ ଦେଇ ସିଂହଦ୍ୱାରକୁ ବାହାରିଥିଲେ। କାଳିଆ ଯୋଜନାରେ ଚାଷୀଙ୍କୁ ସହାୟତା ରାଶି ପ୍ରଦାନ ପୂର୍ବରୁ ମହାପ୍ରଭୁଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଥିଲେ ବୋଲି ଗଣମାଧ୍ୟମ ଆଗରେ କହିଥିଲେ ମୁଖ୍ୟମନ୍ତ୍ରୀ। ଏହାପରେ ଜିଲା ସ୍କୁଲ ହେଲିପ୍ୟାଡ୍‌ରୁ ସମାବେଶସ୍ଥଳକୁ ଯାଇଥିଲେ।

### ୨ ଟ୍ରେନ ଯାତ୍ରୀଙ୍କୁ ନିଶା ଦେଇ ଲୁଟ୍

**ଭୁବନେଶ୍ୱର, ୨୫।୧(ବ୍ୟୁରୋ):** ପୁଣି ନିଶାଦିଆ ଲୁଟେରାଙ୍କ ଶିକାର ହୋଇଛନ୍ତି ୨ ଟ୍ରେନ ଯାତ୍ରୀ। କୋଣାର୍କ ଏକ୍ସପ୍ରେସରେ ଆସିବାବେଳେ ସେମାନଙ୍କୁ ଚା'ରେ ନିଶା ଦେଇ ଲୁଟ୍ କରାଯାଇଛି। ଯାଜପୁର ବରୀର ସଂଗ୍ରାମ କେଶରୀ ପତିଙ୍କ ସହ କେନ୍ଦୁଝରର ଜଣେ ଯୁବକ ଏହି ଲୁଟ୍‌ର ଶିକାର ହୋଇଛନ୍ତି। ସଂଗ୍ରାମଙ୍କଠାରୁ ୧୨ ହଜାର ଟଙ୍କା ଏବଂ ଅନ୍ୟ ଯୁବକଙ୍କଠାରୁ ୮ ହଜାର ଟଙ୍କା ଏବଂ ମୋବାଇଲ ଲୁଟ୍ ହୋଇଛି। ଉଭୟଙ୍କୁ ଶୁକ୍ରବାର ସକାଳେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ■ ପଦ୍ମ ପୁରସ୍କାର ଘୋଷଣା

# ଓଡ଼ିଶାରୁ ଦୈତାରୀ, ପ୍ରକାଶ ଓ କମଳାଙ୍କୁ ପଦ୍ମଶ୍ରୀ

**ନୂଆଦିଲ୍ଲୀ,୨୫।୧(ପି.ଟି)**


ଦୈତାରୀ ନାୟକ


ଡି. ପ୍ରକାଶ ରାଓ


କମଳା ପୂଜାରୀ

କେନ୍ଦ୍ର ସରକାର ଶୁକ୍ରବାର ପଦ୍ମ ପୁରସ୍କାର ଘୋଷଣା କରିଛନ୍ତି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ୪ ଜଣଙ୍କୁ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସମ୍ମାନ ପଦ୍ମ ବିଭୂଷଣ ନିମନ୍ତେ ମନୋନୀତ କରାଯାଇଥିବାବେଳେ ୧୪ ଜଣଙ୍କୁ ପଦ୍ମ ଭୂଷଣ ଏବଂ ୯୪ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ଲାଗି ଚୟନ କରାଯାଇଛି। ସମାଜସେବା ଏବଂ କୃଷି କ୍ଷେତ୍ରକୁ ଅବଦାନ ଲାଗି ଓଡିଶାରୁ ୩ ଜଣ ଚଳିତ ବର୍ଷର ପଦ୍ମଶ୍ରୀ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେମାନେ ହେଲେ ସମାଜସେବୀ ଦୈତାରୀ ନାୟକ, ଡି. ପ୍ରକାଶ ରାଓ ଏବଂ କମଳା ପୂଜାରୀ। ପ୍ରବାସୀ ଭାରତୀୟ ଭାବେ ଗୀତା ମେହେଟ୍ଟା ପଦ୍ମଶ୍ରୀ ପୁରସ୍କାର ପାଇବେ। ଜିବୌଟି ରାଷ୍ଟ୍ରପତି ଇସମେଲ୍ ଓମାର ଗୁଲେ, ଲାର୍ସନ ଆଣ୍ଡ ଟୁବ୍ରୋ ଅଧ୍ୟକ୍ଷ ଏ.ଏମ୍. ନାୟକ, ସ୍ୱର୍ଗତ ଖବରଦାତା କୁଲଦୀପ ନାୟର, ସ୍ୱର୍ଗତ ଅଭିନେତା କାଦର ଖାନ୍ ଏବଂ କ୍ରିକେଟର ଗୌତମ ଗମ୍ଭୀରଙ୍କ ସମେତ ୧୧୨ ବିଶିଷ୍ଟ ବ୍ୟକ୍ତିଙ୍କୁ ଚଳିତ ବର୍ଷ ପଦ୍ମ ପୁରସ୍କାର ପ୍ରଦାନ ପାଇଁ ଶୁକ୍ରବାର ଘୋଷଣା କରାଯାଇଛି। ଲୋକ କଳାକାର ତୀଜନ ବାଇ, ଗୁଲେ ନାୟକ ଏବଂ ମଞ୍ଚ ଅଭିନେତା ବଲଓ୍ୱନ୍ତ ମୋରେଶ୍ୱାର ପୁରନ୍ଦରେଙ୍କୁ ପଦ୍ମବିଭୂଷଣରେ ସମ୍ମାନିତ କରାଯିବ। ପୂର୍ବତନ ସିଏଜି ଭି.କେ. ଶୁଙ୍ଗଲୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ କାରିୟା ମୁଣ୍ଡା, ଅକାଳି ନେତା ଏସ.ଏସ୍. ଧିଣ୍ଡସାଙ୍କୁ ପଦ୍ମଭୂଷଣ ପାଇଁ ମନୋନୀତ କରାଯାଇଛି। ମାର୍ଚ୍ଚ–ଏପ୍ରିଲରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ୍ମ ସମ୍ମାନ ପ୍ରଦାନ କରିବେ।

## ■ କେନ୍ଦ୍ରାପଡ଼ାରେ ପରିସ୍ଥିତି ସ୍ୱାଭାବିକ

# କର୍ଫ୍ୟୁ ହଟିଲା, ସହରରେ ଶାନ୍ତି ଶୋଭାଯାତ୍ରା

**କେନ୍ଦ୍ରାପଡ଼ା ଅଫିସ୍,୨୫।୧**

**ଶନିବାର ସକାଳ ୬ଟା ଯାଏଁ ୧୪୪ ଧାରା ବଳବତ୍ତର**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନକୁ ନେଇ ଗତ ଦୁଇଦିନ ଧରି କେନ୍ଦ୍ରାପଡ଼ା ସହରରେ ଲାଗି ରହିଥିବା ଉତ୍ତେଜନାମୂଳକ ପରିସ୍ଥିତିରେ ଧିରେଧିରେ ସୁଧାର ଆସୁଛି। ସହରରେ ଜିଲା ପ୍ରଶାସନ ପକ୍ଷରୁ ଜାରି ହୋଇଥିବା କର୍ଫ୍ୟୁ ଶୁକ୍ରବାର ସକାଳ ୬ଟାରୁ ଉଠାଇ ଦିଆଯାଇଛି। ତଥାପି ସହର ମଧ୍ୟରେ ୧୪୪ ଧାରା ବଳବତ୍ତର ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଶାନ୍ତି କମିଟି ନିଷ୍ପତ୍ତିକ୍ରମେ ପୂର୍ବାହ୍ନ ୯ଟାରେ ସହର ମଧ୍ୟରେ ଶାନ୍ତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନିକ ଅଧିକାରୀ, ସ୍ଥାନୀୟ ରାଜନେତା, ବୁଦ୍ଧିଜୀବୀ ଓ ସାହିମୁରବୀମାନେ ଯୋଗଦେଇ ସହରରେ ଶାନ୍ତି ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ। ତେବେ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ୧୪୪ଧାରା ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ପାଇଁ ଗତ ବୁଧବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ କେନ୍ଦ୍ରାପଡା ଟାଉନ ହାଇସ୍କୁଲ ପଡିଆଠାରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମାତ୍ର କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଭିନ୍ନ ସମ୍ପ୍ରଦାୟର କେତେଜଣ ଲୋକ ଏହାକୁ ବିରୋଧ କରିବାରୁ ଏ ନେଇ ବିବାଦ ଉପୁଜିଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ସହରରେ ୧୪୪ ଧାରା ଜାରି କରାଯାଇଥିଲା। ଅପରପକ୍ଷରେ ଦୁଇ ବରପୁତ୍ରଙ୍କ ଜୟନ୍ତୀ ପାଳନରେ ବାଧା ଦେବା ଓ ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ରାଷ୍ଟ୍ରୀୟ ସୁରକ୍ଷା ସମିତି ପକ୍ଷରୁ ଗୁରୁବାର ୧୨ ଘଣ୍ଟିଆ ଜିଲା ବନ୍ଦ ପାଳନ କରାଯାଇଥିଲା। ଜିଲା ବନ୍ଦ ବେଳେ ଉଭୟ ସମ୍ପ୍ରଦାୟ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେବାରୁ ଜିଲା ପ୍ରଶାସନ ପକ୍ଷରୁ ସହର ମଧ୍ୟରେ ଅପରାହ୍ନ ୪ଟାରୁ ଶୁକ୍ରବାର ସକାଳ ୮ଟା ପର୍ଯ୍ୟନ୍ତ କର୍ଫ୍ୟୁ ଲାଗୁ କରାଯାଇଥିଲା। ତେବେ ସନ୍ଧ୍ୟାରେ ଏସ୍‌ପି ଅଫିସରେ ଶାନ୍ତି କମିଟି ବୈଠକ ବସି କର୍ଫ୍ୟୁ ସମୟକୁ ୨ ଘଣ୍ଟା କୋହଳ କରାଯାଇଥିଲା। ସେହିପରି କମିଟିର ନିଷ୍ପତ୍ତି ଅନୁଯାୟୀ ଶୁକ୍ରବାର ସକାଳୁ ସହରରେ ଏକ ଶାନ୍ତି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲାପାଳ ଦାଶରଥି ଶତପଥୀ ଓ ଏସ୍‌ପି ନୀତିଶେଖର କହିଛନ୍ତି, ବିବାଦର ସମାଧାନ ହୋଇଯାଇଛି। ସହରରେ ଶାନ୍ତି ଆସିଥିବାରୁ ସେମାନେ ସହରବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି।

### ଜାନୁୟାରୀ ୨୬ ,୨୭ ସଚିବାଳୟ ଉଦ୍ୟାନ ଜନସାଧାରଣଙ୍କ ପାଇଁ ଖୋଲା ରହିବ

**ଭୁବନେଶ୍ୱର,୨୫।୧(ବ୍ୟୁରୋ):** ସାଧାରଣତନ୍ତ୍ର ଦିବସ ଜାନୁୟାରୀ ୨୬ ଓ ୨୭ ତାରିଖ ଦୁଇଦିନ ସଚିବାଳୟ ଉଦ୍ୟାନ ଖୋଲା ରହିବ। ଅପରାହ୍ନ ୪ଟାରୁ ସନ୍ଧ୍ୟା ୭ଟା ଯାଏ ଏହା ଖୋଲା ରହିବ। ଜନସାଧାରଣ ଏହି ଦୁଇଦିନ ସଚିବାଳୟ ଉଦ୍ୟାନ ପରିଦର୍ଶନ କରି ପାରିବେ। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।


NECC NATIONAL EGG CO-ORDINATION COMMITTEE 25.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 79 | 131 | 141 |
| BDK | 78 | 129 | 139 |
| BLS | 78 | 129 | 139 |
| ANG | 79 | 131 | 141 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers










## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ପିୟୁଷ
ପରିବାରବର୍ଗ



ପ୍ରସନ୍ନ
ପରିବାରବର୍ଗ



ପ୍ରୟାସ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




Brahmin boy 1985/ 5'6" B.Tech Software Infosis Bangalore. 15,00,000/- required professional/ housewife. Barsha: 9338229705, 7749883585. D-64776

Handsome Brahmin boy 1991, 27/12, 5'4", B.Tech, Bank service, BBSR. Contact Swayamver. 9776510271. D-60824




**SALE**

2500 km. run May 2018 Alto 800 VXI silver colour. 9437284700. D-10725




**SALE**

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Ready to move 3BHK premium triplex at Gandamunda Square. (adjacent to main road) Contact: 9437309741. D-10701

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot କିଣନ୍ତୁ। 9439444251, 9078085655. D-65334

Flats available for sale at Pokhariput, Bhubaneswar. RERA, BDA & SBI approved. Call: 7381863666, 7381267666. D-65518

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡ଼ି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-65528

Booking one lakh simplex 2BHK 1200 sqft., land 20,50,000/-. BDA area Tankapaniroad Saitemple monthly installment 10,000/-. 7735738102. D-10710

Shop-cum-residence at Bapuji Nagar located near Rajmahal Square. Contact: rabibehera1@aol.com, Ph: 8144750457. D-62153

Gharabari ST plot 2000 sqft. (2nos.) Vipul Garden front, Ghatikia, Bhubaneswar: 7381564227. D-56453

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-10771

2000 sqft. plot (12Nos.) at Sankarpur, Vipul Garden backside Ghatikia, Bhubaneswar (electricity, supply water, 30ft. road). 7381564227. D-56454

Own plot sale Nakhara Panchabati immediate construction (Home stead boundary patta). 9178031478. D-64700

ORERA registered 1BHK studio flats @ Narendrakona Puri construction in full swing. Mobile: 9238356740, 9437030740. D-65532

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10770

Bhubaneswar Patia Patharagadia 200ft. road ପାଖରେ ଘରବାଡ଼ି ପ୍ଲଟ boundary electrification ଥାଇ immediate registree ନିଅନ୍ତୁ। 8249693292, 7008524523. D-10755

**Yellowzone gharabari plot for sale at Trisulia Patpur Mouza Cuttack 2.5km. from High Court new Bridge. Contact: 9438664354, 9937253888.** D-65531




For office at Saheed Nagar near Saheed Sporting Club. Contact No: 8249559413. D-10754

## HEALTH CARE

Roshin ayurvedic massage club fully relaxed by smart lady home service facility available. 9937637219. D-64697

## LOST

I, Abhaya Kumar Nath, S/o- Late Arjun Charan Nath, R/o- Nuapada had purchased the land of Mouza- Sirtol, Thana No- 72, Sabik Khata No.- 50, Plot No.- 172, Area-Ac- 0.040dec. The Registered Sale Deed No.- 1125/1994, Dtd.- 08.11.1994 missed somewhere and could not be traced out in spite of my sincere efforts. D-10769

ଆମ୍ଭେ ଜଗବନ୍ଧୁ ଦଳେଇ, ବୟସ- ୨୮ବର୍ଷ, ପିତା-ଦୁଃଖିଶ୍ୟାମ ଦଳେଇ, ଗ୍ରାମ/ ପୋଷ୍ଟ-କେରେଣ୍ଡାଟାଙ୍ଗି, ଥାନା-ଚାନ୍ଦପୁର, ଜିଲ୍ଲା-ନୟାଗଡ଼ ଗତ ତା୦୯।୦୧।୨୦୧୯ ରିଖ ଦିନ ସକାଳ ୧୦ ଘଣ୍ଟା ସମୟେ ଏକ ଜରିବ୍ୟାଗ୍‌ରେ ଘରର ରେଜେଷ୍ଟ୍ରିଭୁକ୍ତ ଦଲିଲ ନଂ-୧୪୭୫, ପ୍ଲଟ୍ ନଂ-୪୮, ଖାତା ନଂ-୨୫୪, ମୌଜା-କେରେଣ୍ଡାଟାଙ୍ଗି କୌଣସି ସ୍ଥାନରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାଆନ୍ତି ତେବେ ମୋ ମୋବାଇଲ ନଂ- ୮୯୧୭୬୬୧୧୬୯ରେ ଜଣାଇବାକୁ ଅନୁରୋଧ। ଆମ୍ଭେ ଗୃହରଣ ଉପଲବ୍ଧ କରିବାକୁ ଯାଉଅଛୁ, ତେଣୁ ଉକ୍ତ ଜାଗାକୁ ନେଇ ବ୍ୟାଙ୍କରେ ମର୍ଟଗେଜ୍ କିମ୍ବା ଚାର୍ଜ ସ୍ଥାପନ ପାଇଁ ଇଚ୍ଛୁକ ଅଟୁ। ଏହା ଆମ୍ଭର ଘୋଷଣା ଅଟେ। ଧ-୧୦୭୭୨

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(ପ୍ରିନ୍ସ)

**ସାଇ ଆରିୟନ ସାହୁ**
**ବାଲିପାହାଡ଼, କଟକ**

ତୋର ପ୍ରଥମ ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କର ପ୍ରାର୍ଥନା, ତୋର ଚଲାପଥ କୁସୁମିତ ହେଉ, ପ୍ରଭୁ ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ଜେଜେମା, ମାମା, ବାବା, ଦାଦା, ପିଇସା, ପିଇସୀ, ଅଜା, ଆଈ, ମାମୁ, ମାଉସୀ, ଭୂମି ଦିଦି ଓ ପରିବାରବର୍ଗ। ଧ-୧୦୬୫୩

## ସ୍ୱନକ୍ଷତ୍ର ଶୁଭେଚ୍ଛା



**ରୋଜାଲିନ୍ ସାହୁ**
**ଇବି-୧୧୫, ବଡ଼ଗଡ଼ ବ୍ରିଟ କଲୋନୀ**

ଆଜି ତୁମର ୨୮ତମ ସ୍ୱନକ୍ଷତ୍ର ଦିବସରେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା କରୁଅଛୁ ଯେ ତୁମର ଆଗାମୀ ଚଲାପଥ କୁସୁମିତ ହେଉ। ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଦୀର୍ଘାୟୁ ହେଉ। ଶୁଭେଚ୍ଛା ସହ: ଅଙ୍କିତ, ପ୍ରତୀକ, ଅନାମଚରଣ ସାହୁ, ଲକ୍ଷ୍ମୀପ୍ରିୟା ସାହୁ, ଲିଜା, ପୁଜା, ବୁଟୁ ଓ ଶ୍ରୀଧର। ଧ-୧୦୭୫୯

# ଜେଲ ଗଲେ ବଙ୍ଗଳା ଫିଲ୍ମ ନିର୍ମାତା ଶ୍ରୀକାନ୍ତ

ଭୁବନେଶ୍ୱର, ୨୫।୧(ବ୍ୟୁରୋ): ରୋଜଭ୍ୟାଲି ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ହୋଇଥିବା ବଙ୍ଗଳା ଫିଲ୍ମ ନିର୍ମାତା ଶ୍ରୀ ଭେଙ୍କେଟେଶ ଫିଲ୍ମସ୍‌ର ମୁଖ୍ୟ ଶ୍ରୀକାନ୍ତ ମୋହତାଙ୍କୁ ଶୁକ୍ରବାର ଭୁବନେଶ୍ୱର ସିବିଆଇ କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିବା ପରେ ତାଙ୍କୁ ଝାରପଡା ଜେଲ୍‌କୁ ପଠାଇ ଦିଆଯାଇଛି।

# ଟ୍ରାକ୍ଟର ଧକ୍କାରେ ଛାତ୍ରୀ ଗୁରୁତର

ବଡସାହି,୨୫।୧(ସ୍ୱ.ପ୍ର): ବଡ଼ସାହି ତହସିଲ ଅଧୀନ ଡିଙ୍ଗିରା ବାଲିଘାଟରୁ ବେଆଇନ ଭାବେ ବାଲି ପରିବହନ କରାଯାଉଥିବା ଏକ ଟ୍ରାକ୍ଟର ଧକ୍କାରେ ଶୁକ୍ରବାର ଯୋଗୀନୂଆଗାଁ ଗ୍ରାମର ଜଣେ ଛାତ୍ରୀ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବେତନଟୀ ଓ ପରେ ବାରିପଦା ଡାକ୍ତରଖାନାକୁ ପଠାଯାଇଛି । ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତେଜିତ ଲୋକେ ଡ୍ରାଇଭରଙ୍କୁ ମାରପିଟ କରିବା ସହ ଥାନାକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାକ୍ଟରଟିକୁ ଜବତ କରିଛି।

### ଘାଟିରେ ମିନିଟ୍ରକ୍ ଓଲଟିବା ଘଟଣା

# ଚିକିତ୍ସାଧୀନ ଶିଶୁ ମୃତ, ମୃତ୍ୟୁସଂଖ୍ୟା ୧୧ ହେଲା

**ଚିକିତ୍ସା ଅବହେଳା ଅଭିଯୋଗ**

ବ୍ରହ୍ମପୁର ଅଫିସ୍/ଦାରିଙ୍ଗବାଡି (ଡି.ଏନ୍.ଏ.)୨୫।୧: କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ବଙ୍ଗରଦୁଆ ଘାଟିରେ ମଙ୍ଗଳବାର ମିନିଟ୍ରକ୍ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଏକ ଶିଶୁର ଶୁକ୍ରବାର ମୃତ୍ୟୁ ଘଟିଛି। ଫଳରେ ଉକ୍ତ ଦୁର୍ଘଟଣାରେ ମୃତକଙ୍କ ସଂଖ୍ୟା ୧୧ରେ ପହଞ୍ଚିଛି। ତାଜୁଙ୍ଗିଆ ପଞ୍ଚାୟତ ସୁଲୁମାହା ଗ୍ରାମର ଦୁଃଶାସନ ବଡସେଠଙ୍କ ୨ ବର୍ଷୀୟ ପୁଅ ଆକବର ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ଶୁକ୍ରବାର ସକାଳେ ମୃତ୍ୟୁ ଘଟିଛି। ତେବେ ଚିକିତ୍ସାରେ ଅବହେଳା ଯୋଗୁ ଶିଶୁଟିର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ମେଡିକାଲ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ଚିକିତ୍ସାରେ କୌଣସି ତ୍ରୁଟି କିମ୍ବା ଅବହେଳା ହୋଇନାହିଁ ବୋଲି ବଡ଼ ମେଡିକାଲ ଅଧୀକ୍ଷକ ପ୍ରଫେସର୍ ଡା. ଚରଣ ପଣ୍ଡା କହିଛନ୍ତି।

ପ୍ରକାଶ ଯେ, ଗତ ମଙ୍ଗଳବାର ମିନିଟ୍ରକରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଲୋକ ବ୍ରାହ୍ମଣୀଗାଁରେ ହେଉଥିବା ଯାଜକ ଅଭିଷେକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ସ୍ତ୍ରୀ ସୁରେଖା ଓ ୨ ବର୍ଷୀୟ ପୁଅ ଆକବରଙ୍କୁ ଉକ୍ତ ମିନିଟ୍ରକରେ ବସାଇ ଦୁଃଶାସନ ଏକ ଅଟୋ ଯୋଗେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ । ବଙ୍ଗରଦୁଆ ଘାଟିରେ ମିନିଟ୍ରକ୍ ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଥିଲେ।

# ମନେ ପଡ଼ନ୍ତି

## ତୃତୀୟ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ



**ସ୍ୱର୍ଗତ ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ**
DSP Retd. ଦଉଡୋଟା, ପୁରୀ
ଆବିର୍ଭାବ: ୨୪।୦୨।୧୯୨୪
ତିରୋଧାନ: ୦୧।୦୨।୨୦୧୬
ଶ୍ରାଦ୍ଧଦିବସ: ୨୭।୦୧।୨୦୧୯

ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ପରୋପକାରୀ ମନୋଭାବ, ସ୍ନେହ, ଶ୍ରଦ୍ଧା ଚିରଦିନ ଅମର କରି ରଖିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣ କମଳରେ କୋଟି କୋଟି ପ୍ରାର୍ଥନା। ସମସ୍ତ ପରିବାର ଓ ବନ୍ଧୁବର୍ଗ। ଧ-୧୦୭୫୮

## ଦଶାହ ଉପଲକ୍ଷେ



**ସ୍ୱର୍ଗତା ଇଚ୍ଛାମଣୀ ବରାଳ**
ସ୍ୱାମୀ: ସ୍ୱର୍ଗତ ପ୍ରହଲ୍ଲାଦ ବରାଳ
ବାଲିହୁଙ୍କା, ଡେଲାଙ୍ଗ, ପୁରୀ
ଆବିର୍ଭାବ: ବସନ୍ତ ପଞ୍ଚମୀ ୧୯୩୦
ତିରୋଧାନ: ପୁତ୍ରଦା ଏକାଦଶୀ ୧୭।୦୧।୨୦୧୯

ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ସବୁ ଜନ୍ମରେ ଆମର ''ମା'' ହୋଇ ରୁହ। ଶୋକସନ୍ତପ୍ତ: ପୁତ୍ର- ଅଚ୍ୟୁତାନନ୍ଦ, ପର୍ଶୁରାମ, କନ୍ୟା- ସାବି, ପାକୁ, କାଳିକା, ଧଉ, ଟୁନା, ବବି, ଜ୍ୱାଇଁମାନେ ଏବଂ ନାତିନାତୁଣୀମାନେ। ଧ-୬୪୦୪୧

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଶ୍ରୀମତୀ ପ୍ରତିଭା ପାଣିଗ୍ରାହୀ**

ଦଶମ ମାସିକ ଶ୍ରାଦ୍ଧଦିବସ ଉପଲକ୍ଷେ ସ୍ୱାମୀ- ପ୍ରଭାତ ସୁନ୍ଦର ପାଣିଗ୍ରାହୀ, ଜ୍ୟେଷ୍ଠପୁତ୍ର- ଜିତେନ୍ ପାଣିଗ୍ରାହୀ, କନିଷ୍ଠପୁତ୍ର- ରୋଶନ ପାଣିଗ୍ରାହୀ, କନ୍ୟା- ସ୍ମୃତି ପାଣିଗ୍ରାହୀ, ପୁତ୍ରବଧୂ- ଶୁଭଯାନୀ, ରଶ୍ମିପ୍ରଭା, ଜ୍ୱାଇଁ- ସୀମାଞ୍ଚଳ ପଣ୍ଡା, ପୌତ୍ରାଦି- ସୌମ୍ୟାଶ୍ରୀ, ଶୁଭାଶିଷ, ଅନନ୍ୟା, ଆର୍ଯ୍ୟନ୍, ରିଶିତା, ବନ୍ଧୁ- କିରଣକାନ୍ତ ପାଣିଗ୍ରାହୀ, ରଜନୀରାଣୀ ପଣ୍ଡା, ଆଶିଷ ପାଣିଗ୍ରାହୀ, ଅସୀମା ପାଣିଗ୍ରାହୀ, ଅରୁଣକାନ୍ତ ପାଣିଗ୍ରାହୀ, ପ୍ରମଦା ପାଣିଗ୍ରାହୀ, ମୌସୁମୀ ପାଣିଗ୍ରାହୀ, ବର୍ଷା ପାଣିଗ୍ରାହୀ, ଆଦିତ୍ୟ ପାଣିଗ୍ରାହୀ, ଭାଇ- ଦୁର୍ଗାପ୍ରସନ୍ନ ସାହୁ, ଭାଉଜ- ଆରତି ସାହୁ ଏବଂ ପରିବାରବର୍ଗ ତରଫରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଧ-୬୩୭୫୫

## ଏକାଦଶାହ ଉପଲକ୍ଷେ



**✓ପ୍ରମିଳା ରାୟଚୌଧୁରୀ**
ତିରୋଧାନ-୧୬.୦୧.୨୦୧୯
(ଶାମ୍ବ ଦଶମୀ)

ବୋଉ ତୁ ଯେଉଁଠାରେ ଅଛୁ ଭଲରେ ଥା.....। ତୋ ଆଶୀର୍ବାଦ ଆମ ଉପରେ ସବୁବେଳେ ରହିଥାଉ। ତୋର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ନାତି,ନାତୁଣୀ ମାନେ।
**ଶ୍ରଦ୍ଧାଞ୍ଜଳି ଅର୍ପଣ-୨୭.୧.୨୦୧୯ (ରବିବାର) ଭୁବନେଶ୍ୱର** ଧ-୬୫୫୩୮

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସରୋଜିନୀ ଶତପଥୀ**
ଷ୍ଟେସନ ବଜାର, ଢେଙ୍କାନାଳ
ଆବିର୍ଭାବ: ୧୯।୧୧।୧୯୫୩
ତିରୋଧାନ: ୧୫।୦୧।୨୦୧୯

ବୋଉ, ତୁ ଆମକୁ ଚିରଦିନ ପାଇଁ ଛାଡି ଚାଲିଗଲୁ। ତୋର କର୍ତ୍ତବ୍ୟ, ନିଷ୍ଠା, ସରଳତା, ଈଶ୍ୱର ବିଶ୍ୱାସ, ନିଃସ୍ୱାର୍ଥପରତା, ଭଲପାଇବା ଆମମାନଙ୍କର ପାଥେୟ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ କୋଟି କୋଟି ପ୍ରଣାମ। ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୭୭୪

## ଶ୍ରଦ୍ଧା ସୁମନ



**ସ୍ୱର୍ଗତ ସୁବୋଧ କୁମାର ବେହେରା**
ଡମଣା, ଚନ୍ଦ୍ରଶେଖରପୁର,ଭୁବନେଶ୍ୱର
ଆବିର୍ଭାବ: ୧୦।୧୧।୧୯୬୯
ତିରୋଧାନ: ୧୬।୦୧।୨୦୧୯

ତୁମେ ଆମକୁ ଏମିତି ଅବେଳାରେ ଛାଡି ଚାଲିଯିବ ବୋଲି ଭାବିନଥିଲୁ। ତୁମର ସ୍ନେହ, ଶ୍ରଦ୍ଧା, ଭକ୍ତି, ନିଃସ୍ୱାର୍ଥପରଭାବ ସବୁବେଳେ ମନେପଡିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ''ମହିମା ଅଲେଖଙ୍କ'' ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ମାଆ-ସାବିତ୍ରୀ, ସ୍ତ୍ରୀ- ଦୀପ୍ତିମୟୀ, ଝିଅ-ମାହେଶ୍ୱରୀ, ଭାଇ-ରମେଶ, ପ୍ରମୋଦ, ପ୍ରଶାନ୍ତ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଏବଂ ଡମଣା ଗ୍ରାମବାସୀବୃନ୍ଦ। ଧ-୫୯୫୨୮

## ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ମାଧବାନନ୍ଦ ସାମଲ**
ଭଗବାନପୁର, କୋଟପୁର, ଯାଜପୁର
ଆବିର୍ଭାବ: ୦୧।୦୫।୧୯୩୨
ତିରୋଧାନ: ୨୬।୦୧।୨୦୧୬

ଚାହୁଁ ଚାହୁଁ ୩ବର୍ଷ ବିତିଗଲାଣି ଆପଣଙ୍କ ତିରୋଧାନର କିନ୍ତୁ ଆମେ ଆପଣଙ୍କ ସତ୍ତାକୁ ସବୁବେଳେ ଅନୁଭବ କରୁଛୁ। ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏହାହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଆପଣଙ୍କ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ। ଧ-୧୦୭୨୩

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇଞ୍ଜିନିୟର ରବୀନ୍ଦ୍ରନାଥ ରଥ**
ଆବିର୍ଭାବ: ୨୭।୦୯।୪୨
ତିରୋଧାନ: ୧୯।୦୧।୯୬

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶ୍ରଦ୍ଧାଞ୍ଜଳି ସହ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ରଥ ପରିବାର। ଧ-୧୦୭୧୨

## ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ନିରଞ୍ଜନ ଦାସ**
ପିତା- ଗୋପୀନାଥ ଦାସ
୧୭୪, ଭଗବାନପୁର, ପାତ୍ରପଡ଼ା

ବାପା, ଚାହୁଁ ଚାହୁଁ ୨ ବର୍ଷ ବିତିଗଲା। ତୁମେ ଆମ୍ଭମାନଙ୍କୁ ଏକା କରି ଛାଡି ଚାଲିଗଲ। ହଉ ଭଗବାନ ତୁମ୍ଭଙ୍କୁ ଭଲରେ ରଖନ୍ତୁ। ଇତି ତୁମ୍ଭର ଝିଅ, ଜ୍ୱାଇଁ, ପୁଅ, ବୋହୂ, ବନ୍ଧୁ, ପରିବାରବର୍ଗ ଓ ୫ ନାତି ଯଥା- କୁନୁ, ଓମ୍, ଅତୁଲ, ବୁବୁ ଓ ଜିତ୍। ଧ-୧୦୬୨୭

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କାଳନ୍ଦୀ ବରିଶଳ**
ପୂର୍ବତନ ସରପଞ୍ଚ, ପାତ୍ରପଡ଼ା, ଭୁବନେଶ୍ୱର
ଧରାବତରଣ: ୨୮।୧୨।୧୯୩୬
ସ୍ୱର୍ଗାରୋହଣ: ୧୬।୦୧।୨୦୧୯

ଆଜିର ଏହି ଦୁଃଖଦ ଅବସରରେ ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି, ମୁକ୍ତି ଓ ମୋକ୍ଷ ପ୍ରାପ୍ତ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ନିବେଦନ। ସ୍ତ୍ରୀ- ବିଷ୍ଣୁପ୍ରିୟା, ପୁଅ- ଦେବରାଜ, ଧିରେନ୍ଦ୍ର, ବୋହୂ- କୁନି, ରେଣୁ, ଝିଅ- ଜଲି, ଜ୍ୱାଇଁ- ଶରତ, ଭଣଜା- ଦୁର୍ଗା, ପୁତୁରା- ଧଜେନ୍ଦ୍ର, ବନ୍ଧୁ ଓ ପରିବାରବର୍ଗ। ଧ-୬୦୯୩୮

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ଆଜି ହସ୍ତା ନକ୍ଷତ୍ରସ୍ଥ ଚନ୍ଦ୍ର ଦୈହିକ ଓ ମାନସିକ ସୁସ୍ଥତା ରକ୍ଷା କରିବାରେ ସମର୍ଥ ହେବ। ପାରିବାରିକ କ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ ସାମୟିକ ଟେନ୍‌ସନର କାରଣ ହୋଇପାରେ। ଆଲୋଚନା ପରିସରରେ ବନ୍ଧୁଙ୍କ ସହ ଯୁକ୍ତିତର୍କ କରିବା ଦ୍ୱାରା ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ସ୍ଥଗିତ ରହିଯାଇଥିବା ଆନୁଷ୍ଠାନିକ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**ବୃଷ** — ଚନ୍ଦ୍ରଙ୍କ ପ୍ରଭାବରେ କୌଣସି ବନ୍ଧୁ କିମ୍ବା ସହକର୍ମୀଙ୍କ ପରାମର୍ଶ କାର୍ଯ୍ୟ ହାସଲରେ ସହାୟକ ହୋଇପାରିବ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। କାର୍ଯ୍ୟବ୍ୟସ୍ତତା ହେତୁ ମାନସିକ ଚାପ ବୃଦ୍ଧି ପାଇବା ଯୋଗୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା କଲେ କିଛି ଲାଭ ହେବନି।

**ମିଥୁନ** — ବନ୍ଧୁଙ୍କୁ ଆର୍ଥିକ ସାହାଯ୍ୟ କରି କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବ୍ୟୟବରାଦ କରିବାକୁ ପଡ଼ିପାରେ। ବହୁ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବା ବଦଳରେ ଆଗାମୀ ସମୟ ସକାଶେ ଅପେକ୍ଷା କରିବାକୁ ପଡିବ। ଆନୁଷଙ୍ଗିକ ସାହାଯ୍ୟ ଲାଭ କରି ନିର୍ମାଣର ଅପୂର୍ଣ୍ଣ କାମକୁ ଆଜି ସନ୍ଧ୍ୟା ସୁଧା ସମ୍ପୂର୍ଣ୍ଣ କରିବେ। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ** — ରାଶିରେ ରାହୁ ଓ ରାଶ୍ୟାଧିପତି ତୃତୀୟସ୍ଥ କୌଣସି ଧର୍ମକାର୍ଯ୍ୟ, ସଭାସମିତି କିମ୍ବା ନୂତନ ଯୋଜନା ପାଇଁ ଖର୍ଚ୍ଚାନ୍ତ ହେବେ। ପରିବାରର ଆର୍ଥିକ ଅନଟନ ଲାଗି ରହିଲେ ମଧ୍ୟ ଆପଣ ପରିସ୍ଥିତିକୁ ସମ୍ଭାଳି ନେବେ। ବକେୟା ଟଙ୍କା ପାଇ ସାମୟିକ ଖୁସୀ ହେବେ। ଆତ୍ମୀୟମାନେ ପରୋକ୍ଷ ଶତ୍ରୁଭାବ ପୋଷଣ କରୁଥିଲେ ମଧ୍ୟ ମୁହଁ ସାମ୍ନାରେ କିଛି କହି ନ ପାରନ୍ତି।

**ସିଂହ** — ମଙ୍ଗଳ ଅଷ୍ଟମ ଭାବରେ ରହି ପାରିବାରିକ ସ୍ଥିତି କିମ୍ବା ଚେଷ୍ଟା କରୁଥିବା କାମ ସକାଶେ ପ୍ରତିବନ୍ଧକ ସାଜିପାରନ୍ତି। କର୍ମକ୍ଷେତ୍ରରେ ମାନସିକ ଚାପଗ୍ରସ୍ତପୂର୍ବକ ପାରିବାରିକ ସମସ୍ୟାକୁ ଠିକ୍ ଭାବେ ବୁଝିପାରିବେନି। ସହକର୍ମୀମାନେ ଅସହଯୋଗ ମନୋଭାବ ପୋଷଣ କରିବେ। ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**କନ୍ୟା** — ଆଜି ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କ ବହୁ ଦିନର ଆଶା ଓ ଅଭିଳାଷକୁ ପୂରଣ କରିପାରିବ। ଆକସ୍ମିକ ଭାବରେ ବନ୍ଧୁମିଳନ ସହ ଆନୁଷ୍ଠାନିକ କ୍ଷେତ୍ରରୁ ପୁରସ୍କୃତ ହେବାର ସୂଚନା ରହିଛି। ସଭାସମିତିରେ ଚିତ୍ରା ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ ସହ ଭ୍ରମଣଜନିତ ଆନନ୍ଦ ଅନୁଭବ କରିବେ। ବ୍ୟବସାୟ ଓ ବାଣିଜ୍ୟ ବିଷୟରେ ଚିନ୍ତିତ ରହିପାରନ୍ତି।

**ତୁଳା** — ସକାଳୁ ସକାଳୁ ବନ୍ଧୁଙ୍କ ଆହ୍ୱାନକ୍ରମେ କାମରେ ଲାଗିପଡିବେ ଏବଂ କର୍ମକ୍ଷେତ୍ରରେ ମଧ୍ୟ ଅର୍ଥ ଓ ସମ୍ମାନ ପାଇବେ। ଆଜିର ପରିସ୍ଥିତି ଏପରି ହୋଇପାରେ ଯେ ଆପଣ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ବାଧ୍ୟ ହେବେ। ଅପରାହ୍ନରେ ବିଶିଷ୍ଟ ବ୍ୟକ୍ତିଙ୍କ ସୌଜନ୍ୟରୁ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି।

**ବିଛା** — ଚନ୍ଦ୍ରଙ୍କ ଉପଚୟ ଓ କେନ୍ଦ୍ରସ୍ଥ ଶୁକ୍ର ଓ ମଙ୍ଗଳ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଲକ୍ଷ୍ୟ ହାସଲ କରାଇବେ। ନିଜ ଲୋକମାନଙ୍କ ଉପରେ ପୂର୍ଣ୍ଣ ଭରସା କରିବା ଠିକ୍ ହୋଇ ନ ପାରେ। ଆର୍ଥିକ କ୍ଷେତ୍ର, ରାଜନୈତିକ ସ୍ଥିତି, ପ୍ରଶାସନିକ କ୍ଷେତ୍ରର ସମସ୍ୟା, ବ୍ୟବସାୟିକ ଅପକର୍ଷ ଦୂରେଇଯିବ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ ହୋଇପାରେ।

**ଧନୁ** — ଅଷ୍ଟମାଧିପତି କେନ୍ଦ୍ରସ୍ଥ ହୋଇ ପରିବାର ଓ କର୍ମକ୍ଷେତ୍ର ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି। ଆପଣଙ୍କ ପ୍ରାପ୍ୟ ପାଇବା କ୍ଷେତ୍ରରେ ଶେଷ ମୁହୂର୍ତ୍ତରେ କୌଣସି ବ୍ୟକ୍ତିଙ୍କ ବିରୋଧ ପରିସ୍ଥିତିକୁ ଓଲଟପାଲଟ କରିଦେଇପାରେ। ଅତୀତ ଘଟଣାକୁ ବାରମ୍ବାର ମନରେ ସ୍ଥାନ ଦେଇ ଦିନରେ ଅଶାନ୍ତି ଓ ରାତିରେ ଶାନ୍ତିରେ ମଧ୍ୟ ଶୋଇପାରିବେ ନାହିଁ।

**ମକର** — ସମୟର ପ୍ରତିକୂଳ ପ୍ରଭାବରେ ଦେହ ଓ ମନ ସୁସ୍ଥ ରହିବ ନାହିଁ। ଅଯଥା ମୂଲ୍ୟହୀନ କଥାରେ ଗୁରୁତ୍ୱ ଦେଇ ସମୟର ଅପଚୟ କରିପାରନ୍ତି। ବିଭିନ୍ନ ପ୍ରକାର ବିଶୃଙ୍ଖଳିତ ପରିସ୍ଥିତି ଆର୍ଥିକ,ପାରିବାରିକ ଓ ସାମାଜିକ କ୍ଷେତ୍ର ପାଇଁ ଅନୁକୂଳ ରହିବ ନାହିଁ। ଅବଶ୍ୟ କେତେକ କ୍ଷେତ୍ରରେ ନିଜର ଦୂରଦର୍ଶିତା ହେତୁ ପୂର୍ବରୁ ନିଜକୁ ସଜାଡି ନେଇପାରିବାରେ ଅସୁବିଧା ହେବ ନାହିଁ।

**କୁମ୍ଭ** — ଆଜିର ଅଷ୍ଟମ ଚନ୍ଦ୍ର ବିପରୀତ ରାଜଯୋଗ ସୃଷ୍ଟି କରୁଥିବାରୁ ସମସ୍ୟା ସମାଧାନରେ ସଫଳ ହେବେ। ଆକସ୍ମିକ ଭାବରେ ସମ୍ମାନ, ବନ୍ଧୁମିଳନ କିମ୍ବା ଉପଢ଼ୌକନାଦି ପାଇବାର ଯୋଗ ରହିଛି। ଆତ୍ମୀୟମାନଙ୍କ ବ୍ୟବହାର ଇତ୍ୟାଦି ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଯାତ୍ରା, ବ୍ୟବସାୟ, ସଭାସମିତିରେ ଲକ୍ଷ୍ୟ ହାସଲ ହୋଇପାରିବ।

**ମୀନ** — ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରଯାତ୍ରା କରିପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ସମ୍ମାନିତ ହେବାର ଯୋଗ ରହିଛି। ତ୍ୟାଗ ଓ ପରୋପକାର ପ୍ରବୃତ୍ତି କାରଣରୁ ଭଲ ପାଉ ନ ଥିବା ଲୋକ ପାଖେଇ ଆସିବେ। ନିଜ ସ୍ୱାସ୍ଥ୍ୟ ସମସ୍ୟା, ପାରିବାରିକ ବୁଝାମଣା, ନିଜର ଏକଜିଦିଆ ମନୋବୃତ୍ତିକୁ ଟିକିଏ ନିୟନ୍ତ୍ରଣ କରିପାରିଲେ ହେଲାକ।

ଆଜି ସାଧାରଣତନ୍ତ୍ର ଦିବସ, ଜାନୁୟାରୀ ୨୬ ତାରିଖ, ମାଘ କୃଷ୍ଣ ଷଷ୍ଠୀ ଶନିବାର, ଅନ୍ତର୍ଜାତୀୟ ସୀମାଶୁଳ୍କ ଦିବସ, ରାଶି-ନକ୍ଷତ୍ର- ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୨।୨୦ମି. ଗତେ ଘ୧।୨୪ମି. ମଧ୍ୟେ, ଘ୨।୪୭ମି. ଗତେ ଘ୪।୧୦ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୫୩ମି. ଗତେ ଘ୯।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୯।୧୩ମି. ଗତେ ଘ୧୦।୩୬ମି. ମଧ୍ୟେ ରାହୁକାଳ।



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।

- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

କୋଡିଙ୍ଗାମାଳି ବକ୍ସାଇଟ ଖଣିକୁ ନେଇ ହାଇକୋର୍ଟରେ ମାମଲା

### ରାଜ୍ୟ ସରକାରଙ୍କୁ ନୋଟିସ

**କଟକ ଅଫିସ, ୨୫।୧:** କୋରାପୁଟ ଜିଲା କୋଡିଙ୍ଗାମାଳି ବକ୍ସାଇଟ ଖନନକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଖଣି ବିଭାଗ ସଚିବ, ଖଣି ନିଗମ ନିର୍ଦ୍ଦେଶକ, କୋରାପୁଟ ଖଣି ମଣ୍ଡଳର ଉପନିର୍ଦ୍ଦେଶକଙ୍କ ସମେତ କୋରାପୁଟ ଜିଲାପାଳ, ଏସ୍‌ପି, ଲକ୍ଷ୍ମୀପୁର ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଛି। କୋଡିଙ୍ଗାମାଳି ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରଦୀପ କୁମାର ବାଗ୍‌ଙ୍କ ଦ୍ୱାରା ଆଗତ ଏହି ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିମନ୍ତେ ନୋଟିସ ଦେଇଛନ୍ତି। ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି ଯେ, ଖଣି ଖନନ ନିମନ୍ତେ କୌଣସି ପଲ୍ଲିସଭା ଡକା ନ ଯାଇ ଖଣି ନିଗମ ପକ୍ଷରୁ ବକ୍ସାଇଟ ଉତ୍ତୋଳନ କରାଯାଉଛି। ମୈତ୍ରୀ ଇନ୍‌ଫ୍ରା ନାମକ ଏକ କମ୍ପାନୀ ଏହି ଉତ୍ତୋଳନ କାର୍ଯ୍ୟ କରୁଛି। ଏହାକୁ ପ୍ରତିବାଦ କରିବାରୁ ଉତ୍ତୋଳନକାରୀ ସଂସ୍ଥା ଗ୍ରାମବାସୀଙ୍କ ବିରୋଧରେ ଥାନାରେ ଏତଲା ଦାଏର କରିଥିଲା। ପୋଲିସ ମଧ ପ୍ରତିବାଦକାରୀ ଗ୍ରାମବାସୀଙ୍କୁ ଗିରଫ କରିଥିଲା। ଫଳରେ ଆବେଦନକାରୀ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି ବିଶ୍ୱଜିତ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରୁଛନ୍ତି।

### ଋଣବୋଝ ସହି ନପାରି ମତ୍ସ୍ୟଜୀବୀଙ୍କ ଆତ୍ମହତ୍ୟା

**ମହାକାଳପଡ଼ା, ୨୫।୧ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ଖରିନାସୀ ପଞ୍ଚାୟତ ଖରିନାସୀ ଗ୍ରାମର ମତ୍ସ୍ୟଜୀବୀ ଉତ୍ତମ ରାୟ(୫୫) ଗୁରୁବାର ବିଳମ୍ବିତ ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ ଆର୍ଥିକ ଦୁରାବସ୍ଥା ଓ ଘରୋଇ ଋଣ ବୋଝ ସହି ନପାରି ସେ ଆତ୍ମହତ୍ୟା କରିଥିବା ପରିବାର ସୂତ୍ରରୁ ପ୍ରକାଶ। ଉତ୍ତମଙ୍କ ଝିଅ ପିଙ୍କି କହିଛନ୍ତି, ଉତ୍ତମ ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଋଣ କରିଥିବା ବେଳେ ଏହାକୁ ସୁଝି ନପାରିବାରୁ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଗ୍ରହଣ କରିଥିବା ପିଙ୍କି କହିଛନ୍ତି। ଖବରପାଇ ଜମ୍ବୁ ଫାଣ୍ଡି ଅଧିକାରୀ କୈଳାସଚନ୍ଦ୍ର ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ ୩/୧୯ ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।




# ରାହୁଲଙ୍କ ମନ୍ତବ୍ୟର ଜବାବ ରଖିଲା ବିଜେଡି

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦିନିକିଆ ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି । ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଏକାଧିକଥର ଓଡ଼ିଶା ଆସିଥିଲେ ବି ନବୀନଙ୍କ ପ୍ରତି ଏତେଟା ଆକ୍ରମଣାତ୍ମକ ମନ୍ତବ୍ୟ ଦେଇ ନ ଥିଲେ । ହେଲେ ରାହୁଲ ନବୀନଙ୍କ ପ୍ରତି କଡ଼ା ରାଜନୈତିକ ଟିପ୍ପଣୀ ଦେଇଛନ୍ତି । ନବୀନ ଦିଲ୍ଲୀରେ ରହୁଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ରିମୋଟ୍‌ରେ ପରିଚାଳିତ ହେଉଛନ୍ତି ବୋଲି ମତ ରଖିଛନ୍ତି । ରାହୁଲଙ୍କ ମତ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି । ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, କଂଗ୍ରେସ ଶାସନ ସମୟରେ ରାଜ୍ୟର ଅଭିବୃଦ୍ଧି ହାର ୩ ପ୍ରତିଶତ ଥିଲା । ବିଜେଡି ସମୟରେ ତାହା ୧୦ ପ୍ରତିଶତ ହୋଇଛି । କଂଗ୍ରେସ ସମୟରେ ଓଡ଼ିଶା ଧାନ ଓ ଚାଉଳ ଉତ୍ପାଦନରେ ନିଅଣ୍ଟିଆ ଥିଲା। ଏବେ ବଳକା ରାଜ୍ୟରେ ପରିଣତ ହୋଇଛି । କଂଗ୍ରେସ ଶାସନ ସମୟରେ ମାତୃ ଓ ଶିଶୁ ମୃତ୍ୟୁହାର ବୃଦ୍ଧି ପାଇଥିବା ବେଳେ ବର୍ତ୍ତମାନ ଏହି ହାର ଆଶାତୀତ ଭାବେ ହ୍ରାସ ପାଇଛି । ଏହାକୁ ସହଜରେ

### ଟୁଇଟ୍ କରି ପ୍ରତିକ୍ରିୟା ରଖିଲେ ଶ୍ରୀକାନ୍ତ

କଂଗ୍ରେସ ଗ୍ରହଣ କରିପାରୁନାହିଁ । ଓଡ଼ିଶା ବିଧାନ ସଭାରେ ଧାନ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୨୯୩୦ ଟଙ୍କା ପାଇଁ ସ୍ଥିର କରାଯାଇଥିଲା। ହେଲେ ଶୁକ୍ରବାର ରାହୁଲ ଶାସନକୁ ଆସିଲେ ୨୬୦୦ ଟଙ୍କା ଏମ୍‌ଏସ୍‌ପି କରିବେ ବୋଲି କହିଛନ୍ତି । ତେଣୁ ବିଜେଡି ଉଭୟ କଂଗ୍ରେସ ଏବଂ ଭାଜପାଠାରୁ ସମଦୂରତା ନୀତି ବଜାୟ ରଖିବ । ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଧ ଟୁଇଟ୍ କରି ରାହୁଲଙ୍କ ବାଧବାଧକତାକୁ ଟାର୍ଗେଟ କରିଛନ୍ତି । ରାହୁଲଙ୍କୁ କଡ଼ା ସମାଲୋଚନା ନ କରି ଟୁଇଟ୍ କରି କହିଛନ୍ତି ଯେ, ମୁଁ ଜାଣେ ଖଣି ପ୍ରସଙ୍ଗରେ ରାହୁଲ ଗାନ୍ଧୀ ମୋ ସହ ଏକମତ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ତାଙ୍କ ନିକଟରେ କିଛି ବାଧବାଧକତା ରହିଛି । ସେହିପରି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ରାହୁଲ ଗାନ୍ଧୀ ଏଡାଇ ଯାଇଥିବା କିଛି ପ୍ରସଙ୍ଗ ଉପରେ ଯୁବବର୍ଗ ମତ ରଖିଛନ୍ତି । ମହାନଦୀ ପ୍ରସଙ୍ଗ, ପୋଲାଭରମ ପ୍ରସଙ୍ଗ, ଖଣି ପ୍ରସଙ୍ଗ ଏବଂ ପିସିସି ସଭାପତିଙ୍କ ପରିବାର ଖଣି ଲୁଟ୍‌ରେ ସାମିଲ ହେବା ଘଟଣା ନେଇ କୌଣସି ମନ୍ତବ୍ୟ ଦେଇନାହାନ୍ତି ।

# ହାତ ଧରିଲେ ପଞ୍ଚାନନ, ଅନୀଲ ଓ ଜେ.ସି ମହାନ୍ତି

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଶୁକ୍ରବାର ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ଯୋଗଦେବା ଲାଗି ଦିନିକିଆ ଓଡ଼ିଶା ଗସ୍ତରେ ଆସି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଦିଲ୍ଲୀ ଫେରିଯାଇଛନ୍ତି। ପୂର୍ବାହ୍ନ ୧୦ଟା ୫୦ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବା ପରେ ପିସିସି ପକ୍ଷରୁ ରାହୁଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରାହୁଲ ସିଧାସଳଖ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେବାକୁ ବାହାରିଥିଲେ। ଏହି ସମୟରେ ବିମାନବନ୍ଦରଠାରେ ଜଣେ ଫଟୋ ଖବରଦାତା ଝୁଣ୍ଟି ପଡିଯାଇଥିଲେ। ଏହି ସମୟରେ ରାହୁଲ ଦୌଡି ଆସି ତାଙ୍କୁ ଉଠାଇଥିଲେ। ଏହାପରେ ରାହୁଲ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେଇଥିଲେ। ସେଠାରେ କାର୍ଯ୍ୟକ୍ରମ ସାରି ରାହୁଲ ଅପରାହ୍ନ ୨ଟା ସମୟରେ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା, ମାତ୍ର ସେ ପାଖାପାଖି ଦୁଇଘଣ୍ଟା ବିଳମ୍ବରେ ଅର୍ଥାତ୍ ୩ଟା ୫୧ରେ ଆସି ସେଠାରେ ପହଞ୍ଚିଥିଲେ। ସଭା ସ୍ଥଳରେ ଭୁବନେଶ୍ୱର ଜିଲା ସଭାପତି ମାନସ ଚୌଧୁରୀ ରାହୁଲଙ୍କୁ ପୁଷ୍ପମାଳ ଦେଇ ସ୍ୱାଗତ କରିଥିବା ବେଳେ ବରିଷ୍ଠ ନେତା ସୁରେଶ ରାଉତରାୟ ଏକ ମୁକୁଟ ପିନ୍ଧାଇଥିଲେ। ଏହାସହ ଅନ୍ୟ ନେତାମାନେ କିଛି ଉପହାର ସ୍ୱରୂପ ରାହୁଲଙ୍କୁ ଦେଇଥିଲେ। ଏହି ଅବସରରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ରାଜସ୍ଥାନର ପୂର୍ବତନ ମୁଖ୍ୟ ଶାସନ ସଚିବ ଜେ.ସି. ମହାନ୍ତି ଏବଂ ଜୁନାଗଡ ଆସନରୁ ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଅନିଲ ସିଂ ଦେଓ ରାହୁଲଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଅବସରରେ ରାହୁଲ ଏହି ତିନି ନେତାଙ୍କୁ ଦଳକୁ ସ୍ୱାଗତ କରିଛନ୍ତି।

ଏହି ଅବସରରେ ଦଳର ବହୁ ବରିଷ୍ଠ ନେତା ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହ କହିଥିଲେ ଯେ, ଓଡିଶାର ୬୫ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ରାଜ୍ୟ ସରକାର ପିଠା, କାଳିଆ ଭଳି ବହୁ ଯୋଜନା କରୁଛନ୍ତି। ତଥାପି ଏତେ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ କାହିଁକି ଅଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ କଂଗ୍ରେସ ସରକାରକୁ ଆସି କୃଷିଋଣ ଛାଡ କରିବାପରେ ଏଠି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଯୋଜନା କଲେ। ହେଲେ କାଳିଆ ଶିଳ୍ପ କଥା ବୁଝେ। ପ୍ରକୃତରେ ଚାଷୀ କଥା ବଳିଆ ବୁଝେ ବୋଲି କହି ନିରଞ୍ଜନ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହି ଅବସରରେ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା ନିଜ ଭାଷଣରେ ଦଳ ଛାଡିଥିବା ନେତାଙ୍କ କଥା କହି ସମାଲୋଚନା କରିଥିଲେ। ଋଣା ବୁଲି ବୁଲି ସେଇ ଅଗଣା ଢଗ କହି ଦଳ ଛାଡିଥିବା ନେତା ପୁଣି ଏଠାକୁ ଫେରିବେ ବୋଲି କହିଥିଲେ। ସେତେବେଳେ ସେମାନଙ୍କୁ ଉଚିତ ଜବାବ୍ ଦିଆଯିବ ବୋଲି ଶର୍ମା କହିଥିଲେ।

ସଭା କାର୍ଯ୍ୟ ଶେଷ ହେବାପରେ ରାହୁଲ ଦଳୀୟ କାର୍ଯ୍ୟାଳୟରେ ବିଏସ୍‌ଏନ୍‌ଏଲ୍ ଓ ହାଲ୍ କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ବିଳମ୍ବ ହେବାରୁ ରାହୁଲ ସିଧା ବିମାନବନ୍ଦର ଯାଇ ଦିଲ୍ଲୀ ଫେରିଯାଇଥିଲେ।

- ଚାଷୀଙ୍କ କଥା ବୁଝେ କାଳିଆ ନୁହେଁ ବଳିଆ: ନିରଞ୍ଜନ
- ଦଳ ଛାଡିଥିବା ନେତାଙ୍କୁ ଦେବେନ୍ଦ୍ର ଶର୍ମାଙ୍କ ସମାଲୋଚନା



ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କଂଗ୍ରେସରେ ଯୋଗଦେବା ପରେ ରାହୁଲ ଗାନ୍ଧୀ ତାଙ୍କୁ ସ୍ୱାଗତ କରୁଛନ୍ତି।

# ରାତି ୧୦ଟା ପରେ ହୋଇପାରିବନି ଅପେରା

**କଟକ ଅଫିସ, ୨୫।୧**

### ହାଇକୋର୍ଟଙ୍କ କଟକଣା

ରାତି ୧୦ଟା ପରେ ଅପେରା ପରିବେଷଣ ମନା। ଅର୍ଥାତ୍ କୌଣସି ଅପେରା ପାର୍ଟି ରାତି ୧୦ଟା ପରେ ଯାତ୍ରା ପରିବେଷଣ କରିପାରିବେ ନାହିଁ ବୋଲି ହାଇକୋର୍ଟ କଟକଣା ଜାରି କରିଛନ୍ତି। ଏହାକୁ ଉଲ୍ଲଂଘନ କଲେ ଯାତ୍ରା କମିଟି ସମେତ ଯାତ୍ରା ପରିବେଷଣ ହେଉଥିବା ସ୍ଥାନୀୟ ପ୍ରଶାସନ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯିବ। ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆଠଗଡ଼ କୁଲେଇଲୋ ଗ୍ରାମବାସୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ଖଣ୍ଡପୀଠ ଏଭଳି ଆଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ଜଣାପଡ଼ିଛି ଯେ, କୁଲେଇଲୋ ଅଞ୍ଚଳରେ ହାଡ଼ଭଙ୍ଗା ଚିକିତ୍ସା ପାଇଁ ଏକ ଆୟୁର୍ବେଦିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଦୈନିକ ବହୁସଂଖ୍ୟକ ହାଡ଼ଭଙ୍ଗା ରୋଗୀ ଚିକିତ୍ସା ନିମନ୍ତେ ଏଠାକୁ ଆସିଥାନ୍ତି। ମାତ୍ର ଚିକିତ୍ସା କେନ୍ଦ୍ରର ଅନତି ଦୂରରେ ବର୍ଷର ବିଭିନ୍ନ ସମୟରେ ଅପେରା ପରିବେଷଣ କରାଯାଇଥାଏ। ଏହାଦ୍ୱାରା ରୋଗୀମାନେ ସମସ୍ୟା ଭୋଗିଥାନ୍ତି ବୋଲି ପିଟିଶନରେ ଉଲ୍ଲେଖ ଅଛି। ପିଟିଶନରେ ଆହୁରି ଦର୍ଶାଯାଇଛି ଯେ, ଯାତ୍ରା ପରିବେଷଣ ନିମନ୍ତେ ପ୍ରଶାସନ ଯେଉଁ ଅନୁମତି ଦେଇଥାଏ ତାହାକୁ ଯାତ୍ରା ଆୟୋଜନ କରୁଥିବା କମିଟିଗୁଡ଼ିକ ଉଲ୍ଲଂଘନ କରିଥାନ୍ତି ବୋଲି ପିଟିଶନରେ ଦର୍ଶାଯାଇଛି। କାରଣ ଯାତ୍ରା ପାଇଁ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଅନୁମତି ଥିବାବେଳେ ରାତି ୧୨ଟା ପରେ ଯାତ୍ରା ଆରମ୍ଭ ହୋଇ ରାତି ପାହିବା ପର୍ଯ୍ୟନ୍ତ ଚାଲିଥାଏ ବୋଲି ଦର୍ଶାଯାଇଛି।




୭୦ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସୁନ୍ଦରଗଡ ଜିଲ୍ଲା କୁଆଁରମୁଣ୍ଡା ବ୍ଲକର ପଦ୍ମପୁର ପଞ୍ଚାୟତବାସୀଙ୍କ ସୁଖ, ସମୃଦ୍ଧି ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ।

ଦେବବ୍ରତ ଦାସ (ରାନୁ) — ପଞ୍ଚାୟତ ନିର୍ବାହୀ ଅଧିକାରୀ

ବିଜୟଲକ୍ଷ୍ମୀ କାଲୋ — ସରପଞ୍ଚ


# ଅଙ୍ଗନୱାଡି କର୍ମଚାରୀଙ୍କୁ ବହିଷ୍କାରର ପ୍ରତିବାଦ

**କଟକ ଅଫିସ, ୨୫।୧**

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ କଟକ ବକ୍ସିବଜାରସ୍ଥିତ ପାଛନିବାସଠାରେ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଅଙ୍ଗନୱାଡି କର୍ମଚାରୀମାନଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟ ଦ୍ୱାରା ପରିଚାଳିତ ଅଙ୍ଗନୱାଡି ସଙ୍ଗଠନର ସଭ୍ୟା ହେବାକୁ ବାଧ କରାଯାଉଛି ବୋଲି ସମ୍ମିଳନୀରେ ଆସୋସିଏଶନ ପକ୍ଷରୁ ଅଭିଯୋଗ ହୋଇଛି। ଯେଉଁମାନେ ଏହାର ପ୍ରତିବାଦ କରୁଛନ୍ତି ସେମାନଙ୍କୁ କୌଣସି ତ୍ରୁଟି ନ ଥାଇ ମଧ ବିଭିନ୍ନ ପ୍ରକାର ଆଳ ଦର୍ଶାଇ କାର୍ଯ୍ୟରୁ ବହିଷ୍କାର କରାଯାଉଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ, ସୁନ୍ଦରଗଡ଼, ମୟୂରଭଞ୍ଜ ଜିଲାର ୬ ଜଣ ଅଙ୍ଗନୱାଡି କର୍ମୀଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ସେମାନଙ୍କ ମଧ୍ୟରେ ଅଖିଳ ଭାରତୀୟ ଅଙ୍ଗନୱାଡି କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦିକା ଅଞ୍ଜଳି ପଟେଲ ଓ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ରାଜ୍ୟ ସାଧାରଣ ସମ୍ପାଦିକା ସୁମିତା ମହାପାତ୍ର ଅଛନ୍ତି। କଟକ, ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲାର କର୍ମଚାରୀମାନଙ୍କୁ କୈଫିୟତ ତଲବ ସହିତ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ଉପରୋକ୍ତ ସମସ୍ତ ବିଷୟ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ବାରମ୍ବାର ଭେଟି ଜଣାଯିବା ସହିତ ଲିଖିତ ଭାବେ ସଂଘ ତରଫରୁ ଜଣାଇ ଦିଆଯାଇଛି। ସରକାରଙ୍କ ଦ୍ୱାରା କରାଯାଉଥିବା ଏତାଦୃଶ ଆକ୍ରୋଶମୂଳକ କାର୍ଯ୍ୟକୁ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ଘୋର ନିନ୍ଦା କରିବା ସହିତ ସରକାରଙ୍କୁ ଚେତାବନୀ ଦିଆଯାଇଛି। ଆସନ୍ତା ଫେବୃୟାରୀ ୧ ତାରିଖ ସୁଦ୍ଧା ସରକାର ବହିଷ୍କୃତ ଅଙ୍ଗନୱାଡି କର୍ମୀମାନଙ୍କ ପ୍ରତି ପୁନର୍ବିଚାର କରି ପୂର୍ବପରି କାର୍ଯ୍ୟରେ ଯୋଗଦାନ କରିବା ପାଇଁ ସୁବ୍ୟବସ୍ଥା ନ କଲେ ଆସନ୍ତା ଫେବୃୟାରୀ ୪ ତାରିଖରେ ରାଜ୍ୟର ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବାକୁ ଚେତାବନୀ ଦିଆଯାଇଛି।










# ସିଆଇସି ଚୟନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୁଖ୍ୟ ସୂଚନା କମିଶନର (ସିଆଇସି) ନିଯୁକ୍ତି ପାଇଁ ସର୍ଚ୍ଚ କମିଟି ପ୍ରସ୍ତୁତ କରିଥିବା ସଂକ୍ଷିପ୍ତୀକୃତ ତାଲିକାରେ ଏଥିପାଇଁ ଦରଖାସ୍ତ କରିଥିବା ଦୁଇଜଣ ବରିଷ୍ଠ ସୂଚନା କମିଶନରଙ୍କ ନାମକୁ ବାଦ୍ ଦିଆଯାଇଛି। ଅଥଚ ଏପରି ଚାରିଜଣଙ୍କ ନାମ ଏହି ତାଲିକାରେ ରଖାଯାଇଛି, ଯେଉଁମାନେ ଉକ୍ତ ପଦ ପାଇଁ ଆଦୌ ଆଗ୍ରହ ପ୍ରକାଶ କରି ନ ଥିଲେ। ସରକାର ସାର୍ବଜନୀନ କରିଥିବା କାଗଜପତ୍ରରୁ ଏହା ଜଣାପଡ଼ିଛି। ବର୍ତ୍ତମାନ ସୁପ୍ରିମ୍‌କୋର୍ଟ ବି ଘଟଣା ସମ୍ପର୍କରେ ଜାଣିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ଆବେଦନ କରି ନ ଥିବା ଲୋକଙ୍କ ନାମ କିପରି ଶର୍ଟଲିଷ୍ଟ କରାଗଲା ବୋଲି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରାଯାଇଥିବା ଜଣାପଡ଼ିଛି। କ୍ୟାବିନେଟ୍ ସଚିବ ପି.କେ. ସିହ୍ନାଙ୍କ ନେତୃତ୍ୱାଧୀନ ସର୍ଚ୍ଚ କମିଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ତଥା ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଓ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନେଇ ଗଠିତ ଚୟନ କମିଟି ଆଗରେ ଉପସ୍ଥାପନ କରିବା ପାଇଁ ପ୍ରସ୍ତୁତ କରିଥିବା ଉକ୍ତ ତାଲିକାରେ ପାଞ୍ଚଜଣଙ୍କ ନାମ ରଖିଛି। କୌତୂହଳର କଥା ହେଲା, ବ୍ୟୟ ବିଭାଗ ସଚିବ ଘୋଷଣା କରିଛନ୍ତି ଯେ, ସେ ସୂଚନା ଆୟୁକ୍ତ ପଦ ପାଇଁ ଆବେଦନ କରିଥିଲେ କିନ୍ତୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ପରାମର୍ଶ କରିବା ପରେ ତାଙ୍କୁ ସର୍ଚ୍ଚ କମିଟିରେ ରଖାଗଲା। ଉକ୍ତ ପଦବୀ ପାଇଁ ମୋଟ ୬୮ ଜଣ ଆବେଦନକାରୀଙ୍କ ମଧ୍ୟରେ ସିଆଇସିର ସମସ୍ତ ତିନିଜଣ ଯାକ କମିଶନର- ସୁଧୀର ଭାର୍ଗବ, ବିମଲ ଜୁଲ୍‌କା ଓ ଦିବ୍ୟପ୍ରକାଶ ସିହ୍ନା ଅଛନ୍ତି। କିନ୍ତୁ କ୍ୟାବିନେଟ୍ ସଚିବଙ୍କ ନେତୃତ୍ୱାଧୀନ କମିଟି ପାଞ୍ଚଜଣଙ୍କ ନାମବିଶିଷ୍ଟ ସଂକ୍ଷିପ୍ତୀକୃତ ତାଲିକାରେ ଜୁଲ୍‌କା ଓ ସିହ୍ନାଙ୍କ ନାମକୁ ବାଦ୍ ଦେଇଛି। ଯେଉଁ ପାଞ୍ଚଜଣଙ୍କୁ ଉକ୍ତ ତାଲିକାରେ ରଖାଯାଇଛି, ସେମାନେ ହେଉଛନ୍ତି ସମସ୍ତେ ପୂର୍ବତନ ଆଇଏଏସ୍ ଅଫିସର- ଭାର୍ଗବ, ପୂର୍ବତନ ଏମ୍ଏସ୍ଏମ୍ଇ ସଚିବ ମାଧବ ଲାଲ, ଗୁଜରାଟର ପୂର୍ବତନ ଅତିରିକ୍ତ ମୁଖ୍ୟ ସଚିବ ଏସ୍.କେ. ନନ୍ଦ, ପ୍ରଶାସନିକ ସଂସ୍କାର ଓ ଜନଅଭିଯୋଗ ବିଭାଗର ପୂର୍ବତନ ସଚିବ ଆଲୋକ ରାୱତ୍ ଏବଂ ପୂର୍ବତନ ବ୍ୟୟ ସଚିବ ଆର୍.ପି. ୱତଲ। ଚାରିଜଣ ପୂର୍ବତନ ବାବୁଙ୍କ ମଧ୍ୟରୁ କେହି ହେଲେ ସିଆଇସି ପଦବୀ ପାଇଁ ଆବେଦନ କରି ନ ଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ଚୟନ କମିଟି ସର୍ଚ୍ଚ କମିଟି ଦ୍ୱାରା ସଂକ୍ଷିପ୍ତୀକୃତ ନାମଗୁଡ଼ିକ ସମେତ ସମସ୍ତ ଆବେଦନକାରୀଙ୍କ ନାମକୁ ବିଚାରକୁ ନେଇ ଭାର୍ଗବଙ୍କୁ ଉକ୍ତ ପଦ ଲାଗି ମନୋନୀତ କରିଥିବା ଜଣାପଡ଼ିଛି।

### ରାଜନୀତିର ଡାକ

ଜମ୍ମୁ-କଶ୍ମୀରରେ ବ୍ୟାପକ ହତ୍ୟା ଘଟଣାକୁ ବିରୋଧ କରି ଆଇଏଏସ୍ ଚାକିରିରୁ ଇସ୍ତଫା ଦେଇ ଆଲୋଡନ ସୃଷ୍ଟି କରିଥିବା ଶାହ ଫିସାଲ ରାଜନୀତିରେ ଯୋଗଦେବା ସମ୍ପର୍କରେ ନିକଟରେ ସୂଚନା ଦେଇଛନ୍ତି। ୨୦୧୦ରେ ୟୁପିଏସ୍‌ସି ପରୀକ୍ଷାରେ ଟପର ହୋଇ ଫିସାଲ ରାଜ୍ୟରେ ଜଣେ ଯୁବ ଆଇକନ୍ ଭାବେ ଉଭା ହୋଇଥିଲେ। କିନ୍ତୁ କେତେକ ପର୍ଯ୍ୟବେକ୍ଷକଙ୍କ ମତରେ ଫିସାଲ ପ୍ରଶାସନିକ ଚାକିରି ଛାଡ଼ିବାକୁ ଯୋଜନା କରୁଥିବା ବିଷୟରେ ପୂର୍ବରୁ ସୂଚନା ମିଳିଥିଲା। ତେବେ ରାଜ୍ୟ ରାଜନୀତିରେ ଫିସାଲଙ୍କୁ ତୀବ୍ର ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ପଡ଼ିବ। କିନ୍ତୁ ବାବୁଗିରି ଛାଡ଼ି ରାଜନୀତିକୁ ବାଛିବାରେ ସେ ଏକମାତ୍ର ବ୍ୟକ୍ତି ନୁହନ୍ତି। ଗତମାସରେ ଶ୍ରୀନଗରର ପୂର୍ବତନ ଏସ୍ଏସ୍‌ପି ରିୟାଜ ବେଦାର ନ୍ୟାଶ୍‌ନାଲ କନ୍‌ଫରେନ୍ସରେ ଯୋଗ ଦେଇଛନ୍ତି ଏବଂ ସେ ପଟ୍ଟାନରୁ ନିର୍ବାଚନ ଲଢ଼ିବାର ସମ୍ଭାବନା ରହିଛି। ତା'ପରେ ଫିସାଲଙ୍କ ପଦାଙ୍କ ଅନୁସରଣ କରି ଅନନ୍ତନାଗର ପ୍ରମୁଖ ଓ ଦୌରା ଜଜ୍ ସୟଦ ତୋକିର ମଧ୍ୟ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ଶୁଣିବାକୁ ମିଳୁଛି ଯେ, ସେ କୁଆଡ଼େ ଆଗାମୀ ଦିନରେ ନ୍ୟାଶ୍‌ନାଲ କନ୍‌ଫରେନ୍ସରେ ଯୋଗଦେବା ସହ ଦକ୍ଷିଣ କଶ୍ମୀରର କୋକେରନାଗ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବର୍ତ୍ତମାନ ଶ୍ରୀନଗରରେ ରହୁଥିବା ଉତ୍ତର କଶ୍ମୀରର ଆଉ ଜଣେ ବରିଷ୍ଠ ବିଚାରପତି ମଧ୍ୟ ରାଜନୀତିରେ ପ୍ରବେଶ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଅସଗର ଅଲି ନାମକ ଆଉ ଜଣେ ବାବୁ ମଧ୍ୟ ରାଜନୀତିରେ ପ୍ରବେଶ ଲାଗି ଅବସର ନେବା କଥା ଚିନ୍ତା କରୁଥିବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଉଛି।

### ବିଳମ୍ବିତ ନିଯୁକ୍ତି

ଦାମୋଦର ଭ୍ୟାଲି କର୍ପୋରେଶନ (ଡିଭିସି)ର ଅଧ୍ୟକ୍ଷ ପଦ ବର୍ଷାଧିକ କାଳ ହେଲା ଖାଲି ପଡ଼ିଛି। ଗତ ନଭେମ୍ବର ୨୦୧୭ରେ ଆଣ୍ଡ୍ର୍ୟୁ ଡବ୍ଲ୍ୟୁ.କେ. ଲାଙ୍ଗ୍‌ଷ୍ଟିହଙ୍କ ଇସ୍ତଫା ପରଠାରୁ ଏହା ଖାଲି ପଡ଼ିଥିଲା। ତାଙ୍କ କାର୍ଯ୍ୟକାଳ ପୂରିବାକୁ ଆଉ ୧୧ ମାସ ବାକି ଥିଲା। ଏକ ବୈଠକରେ କେନ୍ଦ୍ରୀୟ କର୍ମକର୍ତ୍ତାଙ୍କ କ୍ରୋଧର ଶିକାର ହୋଇ ସେ ଇସ୍ତଫା ଦେଇଥିଲେ ବୋଲି କୁହାଯାଉଛି। ତେବେ ତାଙ୍କ ଇସ୍ତଫାକୁ ନେଇ ବିଶେଷଜ୍ଞ ମହଲରେ ଆଶ୍ଚର୍ଯ୍ୟ ପ୍ରକାଶ ପାଇଥିଲା, କାରଣ ତାଙ୍କ ନେତୃତ୍ୱରେ ଡିଭିସିର ପ୍ରଦର୍ଶନ ଖୁବ୍ ଭଲ ଥିଲା। ତାଙ୍କ ପ୍ରଚେଷ୍ଟା ଯୋଗୁ ସଂସ୍ଥାର ଉନ୍ନତି ଘଟିବା ସହ ଝାଡ଼ଖଣ୍ଡରୁ ପ୍ରାପ୍ୟ ଆଦାୟ ଓ ଋଣ ପରିଚାଳନା ସୁଷ୍ଠୁଭାବେ ସମ୍ପାଦିତ ହୋଇଥିଲା। ବର୍ତ୍ତମାନ ମିଳିଥିବା ସୂଚନା ଅନୁଯାୟୀ, ଏହି ପଦବୀ ଲାଗି ଆସନ୍ତା ସପ୍ତାହରେ ସାକ୍ଷାତ୍‌କାର ପରୀକ୍ଷା ହେବାକୁ ଯାଉଛି। ଉକ୍ତ ପଦ ଲାଗି ବୈଷୟିକ ସଦସ୍ୟ ଆର୍.ପି. ତ୍ରିପାଠୀ ଓ ଅର୍ଥ ସଦସ୍ୟ ଏସ୍. ହାଲଦାରଙ୍କ ମଧ୍ୟରେ ପ୍ରତିଯୋଗିତା ହେବାର ସମ୍ଭାବନା ଅଛି। ବର୍ତ୍ତମାନ ଏନ୍‌ଟିପିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ (ସିଏମ୍‌ଡି) ଗୁର୍‌ଦୀପ ସିଂ ଡିଭିସି ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି।

Email: dilipcherian@gmail.com

# ସମ୍ବିଧାନର ଜନ୍ମ ଓ ଆଜିର ସ୍ଥିତି



ବିପିନ ବିହାରୀ ମିଶ୍ର

ଆମ ସମ୍ବିଧାନ ଗଠିତ ହେଲା ଜାନୁୟାରୀ ୨୬, ୧୯୫୦ ମସିହାରେ। ସମ୍ବିଧାନ ଗଠନ କରିବା ପାଇଁ ଯେଉଁ ସଂସ୍ଥା (Constituent Assembly) ଗଠନ କରାଗଲା, ତା'ର ସଦସ୍ୟମାନଙ୍କୁ ବିଭିନ୍ନ ରାଜ୍ୟର ଅସ୍ଥାୟୀ ବିଧାନସଭା ନିର୍ବାଚିତ କଲେ। ଅସ୍ଥାୟୀ ବିଧାନସଭାର ସଦସ୍ୟମାନଙ୍କୁ ଯେଉଁମାନେ ନିର୍ବାଚିତ କଲେ, ସେମାନଙ୍କ ମଧ୍ୟରେ ଥିଲେ କିଛି ପାଠୁଆ ଓ କିଛି ସମ୍ପତ୍ତି ଥିଲାବାଲା। ସେହି ହିସାବରେ ଦେଶର ମାତ୍ର ୧୨% ଅଧିବାସୀ ଭୋଟ୍ ଦେବା ପାଇଁ ସକ୍ଷମ ହେଲେ। ପୁଣି ସମସ୍ତେ ଭୋଟ୍ ଦେଇ ନ ଥିବେ। କେତେକ ଦେଶୀୟ ରାଜ୍ୟ ତାଙ୍କ ପ୍ରତିନିଧିମାନଙ୍କୁ ପଠାଇଲେ । ସେମାନଙ୍କର ଆୟ, ଆୟତନ ହିସାବ କରି କେଉଁ ରାଜ୍ୟ କେତେ ପ୍ରତିନିଧି ପଠାଇବ, ତାହା ଇଂରେଜ ସରକାର ସ୍ଥିର କଲେ। ତେଣୁ ଓଡ଼ିଶାର ମୟୂରଭଞ୍ଜରୁ ଜଣେ ସଦସ୍ୟ ଯାଇପାରିଲେ। ଏଇ ସଦସ୍ୟମାନଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଶିକ୍ଷିତ, ଆଇନଜୀବୀ କିମ୍ବା ଆଇନଜ୍ଞ ଥିଲେ। ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ, କେ.ଏମ୍. ମୁନ୍‌ସୀ, ଡ. ଆମ୍ବେଡକର, ପୁରୁଷୋତ୍ତମ ଦାସ ଟଣ୍ଡନ ପ୍ରମୁଖ ରାଜନୀତିରେ ଜଣାଶୁଣା ତଥା ଆଇନଜ୍ଞ ଓ ତାଙ୍କ ସାଙ୍ଗରେ ଥିଲେ ବିଶିଷ୍ଟ ଆଇନଜ୍ଞ ଆଲାଡି କ୍ରିଷ୍ଣା ଆୟାର, ଗୋପାଳ ସ୍ୱାମୀ ଆୟାର, ତେଜ ବାହାଦୁର ସାପ୍ରୁ ଓ ଏହିଭଳି ଅନେକ। ୨୯୨ ସଦସ୍ୟ ପ୍ରାୟ ୩ ବର୍ଷ ଆଲୋଚନା କଲେ, ଅନେକ ଯୁକ୍ତିତର୍କ ହେଲା ଓ ଆସେମ୍ବ୍ଲିର ସଭାପତି ଡ. ରାଜେନ୍ଦ୍ର ପ୍ରସାଦ ନିଜ ଆଇନ ଜ୍ଞାନ ଓ ବ୍ୟକ୍ତିତ୍ୱ ପାଇଁ ସଭାକୁ ଠିକ୍ ଭାବେ ପରିଚାଳନା କରିପାରିଲେ କିନ୍ତୁ ବିଶିଷ୍ଟ ଭୂମିକା ନେଇଥିଲେ ସର୍ଦ୍ଦାର ପଟେଲ। ସେ ପରଦା ପଛପଟେ ଥାଇ ଆଲୋଚନା କରି ବିବାଦର ସମାଧାନ କରିଦେଉଥିଲେ। ତେଣୁ ଏତେ ବଡ଼ ଦେଶର ଏତେ ବଡ଼ ସମ୍ବିଧାନ (ଏଯାବତ୍ ପୃଥିବୀର ସବୁଠାରୁ ବଡ଼) ତିଆରି ହେଲା ଅଥଚ କୌଣସି ଧାରା ଉପରେ ଭୋଟ୍ ପାଇଁ ଦାବି କରାଗଲା ନାହିଁ, ଯଦିବା ଯୁକ୍ତିତର୍କ ଖୁବ୍ ହେଲା। ଏସବୁ ମୂଳରେ ଥିଲା ପ୍ରାୟ ଚୁପ୍‌ଚାପ୍ ବସୁଥିବା ସର୍ଦ୍ଦାର ପଟେଲଙ୍କର ଅଦୃଶ୍ୟ ହାତ। ଆଲୋଚନା ସମୟରେ ଆଲାଡି କ୍ରିଷ୍ଣା ଆୟାର, ଗୋପାଳସ୍ୱାମୀ ଆଏଙ୍ଗାର, କେ.ଏମ୍. ମୁନ୍‌ସୀ, ଡ. ଆମ୍ବେଡକର, ପୁରୁଷୋତ୍ତମ ଦାସ ଟଣ୍ଡନ ଯେଉଁସବୁ ମନ୍ତବ୍ୟ ଦେଉଥିଲେ ସେ ସବୁକୁ ଏ ପର୍ଯ୍ୟନ୍ତ ସମ୍ବିଧାନ ବିଶେଷଜ୍ଞମାନେ ନିଜର ଆଲେଖ୍ୟରେ ଦର୍ଶାଉଛନ୍ତି। କିନ୍ତୁ ସମ୍ବିଧାନ ବିଷୟରେ ତିନୋଟି ମୁଖ୍ୟ ସମାଲୋଚନା ହେଲା-୧. ବହୁତ ଲମ୍ବା ଓ କେତେକ ସ୍ଥାନରେ ପରସ୍ପରବିରୋଧୀ, ୨. କେସ୍ କରିବା ପାଇଁ ଏଥିରେ ବହୁ ସୁଯୋଗ ରହିଛି, ୩- ଏହା ଓକିଲମାନଙ୍କ ପାଇଁ, ଓକିଲମାନଙ୍କ ଦ୍ୱାରା ପ୍ରସ୍ତୁତ।

ଆଉ କେହି କେହି କୁହନ୍ତି, ଆମେରିକା ହେଉଛି ପୂର୍ଣ୍ଣ ଭାବରେ ରାଷ୍ଟ୍ରସଂଘର ସରକାର। କିନ୍ତୁ ଆମ ଦେଶରେ କେନ୍ଦ୍ରର କ୍ଷମତା ଆଗରେ ରାଜ୍ୟଗୁଡ଼ିକର କ୍ଷମତା ମଳିନ ପଡ଼ିଯାଏ। ଏ କଥା ବିଦେଶୀ ବିଶେଷଜ୍ଞ ଆଇଭର ଜେନିଙ୍ଗସ ଓ କେ.ସି. ହ୍ୱେର ପ୍ରମୁଖ କହିଛନ୍ତି। ଏହାର ଉତ୍ତରରେ ଅନେକ ସମ୍ବିଧାନ ବିଶେଷଜ୍ଞ କହିଛନ୍ତି ଯେ,

### ସାଧାରଣତନ୍ତ୍ର ଦିବସ ଉପଲକ୍ଷେ

ଯାହା ଆମେରିକା ପାଇଁ ଠିକ୍ ତାହା ଆମ ପାଇଁ ଠିକ୍ ବୋଲି କହିବା ଉଚିତ ନୁହେଁ। ଆମେରିକାରେ ଗୋଟିଏ ଭାଷା ଓ ତିନୋଟି ଜାତି (ଗୋରା, କଳା ଓ ଲୋହିତ ଭାରତୀୟ)। ଭାରତରେ ଲିଖିତ ଓ କଥିତ ଭାଷା ମିଶିଲେ ୬୦୦, ଜାତି ହେଲେ ଅନେକ। ସମସ୍ତଙ୍କର ଆଶା, ଉଦ୍ଦୀପନା ଓ ଆବଶ୍ୟକତାକୁ ଚାହିଁ ସମ୍ବିଧାନରେ ବ୍ୟବସ୍ଥା କରିବାକୁ ପଡ଼ିଛି। ତା' ଛଡା ଇଂରେଜ ଓ ଦେଶୀୟ ରାଜ୍ୟଗୁଡ଼ିକର ଅତ୍ୟାଚାର, ଶୋଷଣ ଓ ଅନେକ ବିଦେଶୀ ରାଜ୍ୟରେ ଜାତି ଭିତ୍ତିରେ କରାଯାଉଥିବା ଅତ୍ୟାଚାର, ଜାତିସଂଘର ୧୯୪୮ ମାନବିକ ଅଧିକାର ଉପରେ କରାଯାଇଥିବା ଘୋଷଣା, ବାଲ୍ ଗଙ୍ଗାଧର ତିଲକଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୋଇ କରାଯାଇଥିବା ୧୮୯୩ ମସିହାର ଭବିଷ୍ୟତ ପାଇଁ ସ୍ୱତନ୍ତ୍ର ଆଇନ, ତେଜ ବାହାଦୁର ସାପ୍ରୁ ଓ ପରେ ମୋତିଲାଲ ନେହେରୁଙ୍କର ସ୍ୱତନ୍ତ୍ର ରିପୋର୍ଟ ଓ ଆମେରିକା, ଫ୍ରାନ୍ସ, ଇଂଲଣ୍ଡର ସମ୍ବିଧାନକୁ ଦୃଷ୍ଟିରେ ରଖି ସମ୍ବିଧାନର ମୌଳିକ ଅଧିକାର ଧାରା ୧୪ରୁ ୩୨ ରଖାଯାଇଛି, ଯାହାଦ୍ୱାରା ସର୍ବସାଧାରଣଙ୍କୁ ଓ ତାଙ୍କର ସମ୍ପତ୍ତି, ସ୍ୱାଧୀନତାକୁ ସୁରକ୍ଷା ଦିଆଯାଇପାରିଛି। ପୁଣି ରାଜ୍ୟ ଓ କେନ୍ଦ୍ର ମଧ୍ୟରେ କ୍ଷମତା ବଣ୍ଟାଯାଇଛି ଓ ବିବାଦ ହେଲେ ସୁପ୍ରିମ୍‌କୋର୍ଟ ତା'ର ସମାଧାନ କରିବେ ବୋଲି ବ୍ୟବସ୍ଥା ହୋଇଛି।

ସମ୍ବିଧାନର ସ୍ଥିତି ଆଲୋଚନା କଲାବେଳେ ରାଜ୍ୟ-କେନ୍ଦ୍ର ସମ୍ପର୍କର ତର୍ଜମା କରିବା ଅତ୍ୟାବଶ୍ୟକ। ପ୍ରଥମ ହେଲା- ଯେଉଁ ସମୟରେ ସମ୍ବିଧାନ ହେଲା, ସେତେବେଳେ ଦେଶ ବିଭାଜନଜନିତ କ୍ଷତ ହେଲା (କ୍ଷତ ଏ ପର୍ଯ୍ୟନ୍ତ ଶୁଖିନାହିଁ) ଓ ଯୁଦ୍ଧର ସମ୍ଭାବନା ଥିଲା। ଅନେକ ଦେଶୀୟ ରାଜ୍ୟ ଦେଶରେ ମିଶିବା ପାଇଁ କୁଣ୍ଠିତ ଥିଲେ। ୫୬୫ ଦେଶୀୟ ରାଜ୍ୟ ମଧ୍ୟରୁ ସର୍ଦ୍ଦାର ପଟେଲ ଆଲୋଚନା କରି (ଦରକାର ବେଳେ ଧମକ ଦେଇ) ୫୬୨ ରାଜ୍ୟକୁ ମନେଇ ପାରିଲେ। ତାହା ନ ହୋଇ ପାରିଥିଲେ ଦେଶ ଖଣ୍ଡ ଖଣ୍ଡ ହୋଇଯାଇଥାନ୍ତା। ବାକି ତିନୋଟି ଅବାଧ ରାଜ୍ୟ (ହାଇଦ୍ରାବାଦ, ଜୁନାଗଡ଼, କଶ୍ମୀର) ମଧ୍ୟରୁ ଦୁଇଟି ରାଜ୍ୟ (ହାଇଦ୍ରାବାଦ ଓ ଜୁନାଗଡ଼)କୁ ବଳ ପ୍ରୟୋଗ କରି ଭାରତରେ ମିଶାଇ ଦିଆଗଲା। ପରେ ସାମରିକ ହସ୍ତକ୍ଷେପ ଯୋଗୁ କଶ୍ମୀରର ଦୁଇ ତୃତୀୟାଂଶ ଭାରତରେ ମିଶିଲା। ତା' ଛଡା କେତେକ ରାଜ୍ୟ ଯଥା ମିଜୋରାମ, ନାଗାଲାଣ୍ଡ, ଅରୁଣାଚଳପ୍ରଦେଶ (ସେତେବେଳେ ନେଫା) ଅଧିବାସୀମାନେ ଚାହିଁଲେ ସ୍ୱାଧୀନତା। ପୁରୁଷୋତ୍ତମ ଦାସ ଟଣ୍ଡନ ଦାବି କଲେ ହିନ୍ଦୀକୁ ରାଷ୍ଟ୍ରଭାଷା କରାଯାଉ ଓ ଇଂଲିଶକୁ ହଟାଯାଉ। ଅଣହିନ୍ଦୀ ରାଜ୍ୟ ବିଶେଷତଃ ମାଡ୍ରାସ୍, ମହୀଶୂର ଇତ୍ୟାଦିରେ ପ୍ରବଳ ବିରୋଧ ହେଲା। ହିନ୍ଦୀ ସପକ୍ଷବାଦୀଙ୍କ ଯୁକ୍ତିଥିଲା ଯେ ଯଦି ନବଗଠିତ ରାଷ୍ଟ୍ର ଇସ୍ରାଏଲରେ ଶହ ଶହ ବର୍ଷ ମୃତବତ୍ ହୋଇ ରହିଥିବା ହିବ୍ରୁ ଭାଷାକୁ ରାଷ୍ଟ୍ର ଭାଷା ରୂପେ ଗ୍ରହଣ ହୋଇପାରିଲା, ହିନ୍ଦୀ କାହିଁକି ନ ହୋଇପାରିବ। ସେମାନେ ଭୁଲିଗଲେ ଯେ ହିନ୍ଦୀ ମାତ୍ର ୩୦୦ ବର୍ଷର ପୁରୁଣା ଭାଷା। ତାମିଲ ଭାଷା ୩୦୦୦ ବର୍ଷର ପୁରୁଣା। ଏଇଭଳି ନାନା ବିବାଦ ହେତୁ ଇଂଲିଶକୁ ରଖାଗଲା ଓ ତା' ସାଙ୍ଗରେ ହିନ୍ଦୀ ରହିଲା।

ସେ ସମୟରେ ଜଣେ ମୁସଲମାନ ସଦସ୍ୟ ପ୍ରସ୍ତାବ ଦେଲେ ସଂସ୍କୃତକୁ ରାଷ୍ଟ୍ରଭାଷା କରାଯାଉ, କିନ୍ତୁ ସେଥିପାଇଁ ସର୍ବସମ୍ମତି ମିଳିଲା ନାହିଁ। ଏଇସବୁ ବାଦବିବାଦ ପାଇଁ ଆବଶ୍ୟକ ପଡ଼ିଲା ଏକ ଦୃଢ଼ କେନ୍ଦ୍ର, ଯାହାକି ଅମାନିଆ ରାଜ୍ୟକୁ ମୂଳ ସ୍ରୋତକୁ ଆସିବାକୁ ବାଧ୍ୟ କରିବ। ଯଦି କୌଣସି ପ୍ରାଦେଶିକ ସରକାର ଏଭଳି କିଛି ଆଇନ କରିବ ଓ ବାରମ୍ବାର ପ୍ରଶାସନିକ ଅକ୍ଷମତା ସେ ପ୍ରଦେଶରେ ଦେଖାଯାଏ, ତେବେ କେନ୍ଦ୍ର ସରକାର ଧାରା ୨୪୯ ଅନୁସାରେ ସେ ପ୍ରଦେଶ ପାଇଁ ଆଇନ ମଧ୍ୟ ପ୍ରଣୟନ କରିପାରିବେ। ଜରୁରିକାଳୀନ ପରିସ୍ଥିତି ଉପୁଜିଲେ ଏକ ନିର୍ଦ୍ଦିଷ୍ଟ ପ୍ରଦେଶ କିମ୍ବା ଦେଶରେ ରାଷ୍ଟ୍ରପତି ଶାସନ ମଧ୍ୟ କରିପାରିବେ। ଜରୁରିକାଳୀନ ପରିସ୍ଥିତି ଜାରି କରି କାଳେ କ୍ଷମତାର ଅପବ୍ୟବହାର କରିବେ ସେଥିପାଇଁ ସୁପ୍ରିମକୋର୍ଟଙ୍କ କ୍ଷମତା ଅଛି ଯେ ରାଷ୍ଟ୍ରପତି ଶାସନ ଜାରି କରିବାର ଆବଶ୍ୟକତା ଅଛି କି ନାହିଁ ସେ ସମ୍ପର୍କରେ ରାୟ ଦେବାର। ଅଳ୍ପ କେତେ ବର୍ଷ ତଳେ ଯଥେଷ୍ଟ କାରଣ ନ ଥାଇ ଉତ୍ତରାଖଣ୍ଡରେ ରାଷ୍ଟ୍ରପତି ଶାସନ ଜାରି ହେଲା, କିନ୍ତୁ ସୁପ୍ରିମକୋର୍ଟ ତାକୁ ଖାରଜ କରିଦେଲେ।

ଭାରତ ସ୍ୱାଧୀନ ହେଲା ୧୯୪୭ ମସିହାରେ, କିନ୍ତୁ ଆମେ ସମ୍ବିଧାନ ଗଠନ କଲୁ ୧୯୫୦ରେ। ଅଥଚ ସେହିବର୍ଷ ସ୍ୱାଧୀନ ହୋଇ ପାକିସ୍ତାନର ସମ୍ବିଧାନ ହେଲା ୧୯୫୬ରେ। ସେହି ସମ୍ବିଧାନକୁ ବାରମ୍ବାର ବାତିଲ କରାଯାଇ ନୂଆ ସମ୍ବିଧାନ କରାଯାଉଛି। ବର୍ମା, ନେପାଳ, ବାଂଲାଦେଶରେ ସମ୍ବିଧାନ ବଦଳାଯାଉଛି। ଜର୍ମାନୀ ଓ ଫ୍ରାନ୍ସ, ରୁଷିଆରେ ମଧ୍ୟ ସେହି ଅବସ୍ଥା ହୋଇଛି। କିନ୍ତୁ ଆମେରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ, କାନାଡା, ଆୟର୍ଲାଣ୍ଡ ପରି ଆମ ସମ୍ବିଧାନ ଜୀବିତ ଅଛି। ଶହେରୁ ଅଧିକ ଥର ସଂଶୋଧିତ ହୋଇ ମଧ୍ୟ ଏହା ବିକୃତ ହୋଇନାହିଁ କିମ୍ବା ଦେଶ ପ୍ରତି କୌଣସି ସଙ୍କଟ ସୃଷ୍ଟି ହୋଇନାହିଁ।

ପୂର୍ବତନ ଡିଜି, ମୋ-୯୦୪୦୪୧୨୩୭୮

# ବାଳ ଅପରାଧ



ଅଲେଖ ଚନ୍ଦ୍ର ମିଶ୍ର

କିଛି ମାସ ତଳେ କେନ୍ଦ୍ରୀୟ ଦିଲ୍ଲୀର ଏକ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ନବମ ଶ୍ରେଣୀରେ ପଢୁଥିବା ଦୁଇଜଣ ଛାତ୍ର ଅଧ୍ୟକ୍ଷାଙ୍କ କୋଠରିରେ ପଶି ହଠାତ୍ ତାଙ୍କୁ ଛୁରିରେ ଆକ୍ରମଣ କଲେ। ମ୍ୟାଡାମଙ୍କ ଚିତ୍କାର ଶୁଣି ଅନ୍ୟମାନେ ଆସିଯିବାରୁ ପିଲା ଦୁହେଁ ଦୌଡି ପଳେଇଲେ। ସେହିପରି ବିହାରର ପାଟନାସ୍ଥିତ ମହାତ୍ମା ଗାନ୍ଧୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜଣେ ପ୍ରଫେସରଙ୍କୁ ତାଙ୍କ ରୁମ୍‌ରୁ ବାହାରକୁ ଟାଣିଆଣି କିଛି ଛାତ୍ର ପେଟ୍ରୋଲ ଢାଳି ନିଆଁ ଲଗେଇ ଦେବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ତାଙ୍କୁ ରକ୍ଷା କରିଥିଲା। ଉତ୍ତରାଖଣ୍ଡର ଡେରାଡୁନ୍ ଜିଲା ଅନ୍ତର୍ଗତ ସାହସପୁରରେ ଏକ ଆବାସିକ ବିଦ୍ୟାଳୟରେ ପଢୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ସହପାଠୀମାନେ ଗଣବଳାତ୍କାର କରି ଅନ୍ତଃସତ୍ତ୍ୱା କରିଦେଲେ। ହରିୟାଣାର ବହୁଚର୍ଚ୍ଚିତ ରେୱାଡି ଗଣବଳାତ୍କାର (ସିବିଏସ୍ଇ ଟପ୍ପର ଝିଅ) ଘଟଣାର ଠିକ୍ ପରେ ପରେ ଅନ୍ୟ ଜଣେ ସତର ବର୍ଷର ଝିଅକୁ ବଳାତ୍କାର କରାଯାଇଛି। ଗତ ସେପ୍ଟେମ୍ବର ୧୭ ତାରିଖରେ ଦିଲ୍ଲୀର ସାହଦାରାସ୍ଥିତ ସୀମାପୁରୀ ଅଞ୍ଚଳରେ ଗୋଟିଏ ସାତବର୍ଷର ଝିଅକୁ ତାଙ୍କ ପଡୋଶୀ ବଳାତ୍କାର କରିଛି। ସବୁଠାରୁ ଦୁଃଖର କଥା ହେଲା ବଳାତ୍କୃତାଙ୍କୁ ଅଧିକାଂଶ ସମୟରେ ନୃଶଂସ ଭାବରେ ହତ୍ୟା କରାଯାଉଛି। ଗଣମାଧ୍ୟମରେ ଏହା ଏକ ନିତିଦିନିଆ ଖବର। ଦିଲ୍ଲୀ ପୋଲିସର ରେକର୍ଡ ଅନୁସାରେ ଦିଲ୍ଲୀରେ ପ୍ରତିଦିନ ଅତି କମ୍‌ରେ ଦୁଇଜଣ ନାବାଳିକା ବଳାତ୍କାରର ଶିକାର ହେଉଛନ୍ତି।

କ୍ରାଏ ନାମକ ଏକ ଏନ୍‌ଜିଓର ରିପୋର୍ଟରୁ ଜଣାପଡ଼େ, ଭାରତରେ ପ୍ରତି ୧୫ ମିନିଟ୍‌ରେ ଜଣେ ନାବାଳିକା ଯୌନ ଉତ୍ପୀଡ଼ିତ ହେଉଛି। ଗତ ଦଶବର୍ଷ ଭିତରେ ମୋଟ ବଳାତ୍କାର ସଂଖ୍ୟା ପାଞ୍ଚଗୁଣ ବଢ଼ିଛି। ମୁମ୍ବାଇର ଫ୍ଲାଭିଆ ଆଗ୍ନିସ ଟ୍ରଷ୍ଟ ଦ୍ୱାରା ପରିଚାଳିତ ମଜ୍‌ଲିସ ନାମକ ସାମାଜିକ ସୁରକ୍ଷା କେନ୍ଦ୍ରର ତଥ୍ୟ ଅନୁଯାୟୀ ଆମ ଦେଶରେ ଘଟୁଥିବା ବଳାତ୍କାରରେ ନବେ ପ୍ରତିଶତ ୧୧-୧୮ ବର୍ଷ ବୟସ୍କାମାନେ ସଂଶ୍ଳିଷ୍ଟ। ସାରାଦେଶରେ ଏହିଭଳି ବଳାତ୍କାର (ବିଶେଷକରି ବାଳ ଅପରାଧ) ଏପରି କାୟା ବିସ୍ତାର କରିଚାଲିଛି ଯେ, ସେଥିରୁ ମୁକ୍ତି ପାଇବାର ଆଶା ଦିନକୁ ଦିନ କ୍ଷୀଣ ହୋଇଯାଉଛି। କୈଶୋରରେ ଅପରାଧପ୍ରବଣତା ଅଧୁନା ଏକ ବିରାଟ ସମସ୍ୟା ରୂପେ ଉଭା ହୋଇଛି। ଏହାକୁ ରୋକିବା ପାଇଁ ଅନେକ ଆଇନ ପ୍ରଣୀତ ହେଲାଣି। ତଥାପି ଏଭଳି ଘୃଣ୍ୟ ଅପରାଧ ବଢ଼ିଚାଲିଛି। ଏପରି ଘଟଣାପ୍ରବାହକୁ ଅନୁଧ୍ୟାନ କଲେ ମନରେ ସ୍ୱତଃ ପ୍ରଶ୍ନଉଠେ କ'ଣ ଏହାର କାରଣ ଏବଂ କିପରି ହେବ ତା'ର ନିରାକରଣ।

ପ୍ରଚଳିତ ବିଧି ଅନୁଯାୟୀ (ଜୁଭେନାଇଲ ଆକ୍ଟ) ଏହି ବୟସର ଅପରାଧୀମାନଙ୍କୁ ସୁଧାର ଗୃହରେ ରଖି ତାଙ୍କର ମନୋଭାବରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରାଯାଏ। କିନ୍ତୁ ଏହି ବ୍ୟବସ୍ଥା କେତେ ଫଳପ୍ରଦ ହୁଏ ତା'ର ହିସାବ କେହି ରଖେନା। ନିର୍ଭୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ତ ଦଣ୍ଡ ପାଇଲେ। କିନ୍ତୁ ସେଥିରେ ଜଡିତ ଥିବା ସବୁଠାରୁ ଭୟଙ୍କର ଓ ନିର୍ମମ ଅପରାଧୀ ଖସିଗଲା। କାରଣ ସେ ସାବାଳକ ହେବାକୁ ମାତ୍ର କେଇ ମାସ ବାକିଥିଲା। ଯେଉଁ ପିଲାଟି ଏତେ କମ୍ ବୟସରେ ବି ଜଣେ ଅପରିଚିତା, ନିରୀହା ପ୍ରତି ଏଭଳି ନିଷ୍ଠୁର ହୋଇପାରେ ତା'ର ମାନସିକ ଦୁଃସ୍ଥିତି ଯେ ବଦଳିବ ଏହା କେବଳ ଦୁରାଶା ମାତ୍ର। ଜଣେ ସରଳ, ନିରୀହ କିଶୋର ମନରେ ହିଂସା ଓ ଅପରାଧପ୍ରବଣତା ଉଦ୍ରେକ ହୁଏ କାହିଁକି? ସେଥିପାଇଁ ବର୍ତ୍ତମାନର ପାରିପାର୍ଶ୍ୱିକ ଅବସ୍ଥା ହିଁ ଦାୟୀ। ସାଇବର ଗ୍ୟାଜେଟର ବହୁଳ ବ୍ୟବହାର ଏହାର ମୁଖ୍ୟ କାରଣ। ନେଟ୍‌ର ମାୟାରେ ବାୟା ହୋଇ ଏ ବୟସରେ ସାଧାରଣତଃ କୌତୂହଳୀ ଥିବା ପିଲାମାନେ ଭୁଲ ସାଇଟ ଖୋଲି ବ୍ଲୁ ହ୍ୱେଲ ବା ମୋମୋ ଭଳି ବିପଜ୍ଜନକ ଖେଳକୁ ଆପଣାଉଛନ୍ତି କିମ୍ବା ସେକ୍ସ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପାଇଁ ଆକୃଷ୍ଟ ହେଉଛନ୍ତି। ଏକ ଅନୁଧ୍ୟାନ ଅନୁସାରେ ଟିଭି ଦେଖୁଥିବା ପିଲାମାନେ ଅଧିକ ହିଂସ୍ର ହୁଅନ୍ତି।

ଶିଶୁଟିଏ ତା'ର ମାତାପିତାଙ୍କ ଅପେକ୍ଷା ଜେଜେ, ଜେଜେମା ବା ଅଜା, ଆଈକୁ ବେଶି ଭଲ ପାଏ। ସେମାନଙ୍କର ଉପଦେଶକୁ ସମ୍ମାନ ଦିଏ। ଗଳ୍ପ ଛଳରେ ସେମାନେ ଯେଉଁ ନୈତିକତାର ଛାପ ପିଲାଙ୍କ ମନ ଭିତରେ ଛାଡି ଦିଅନ୍ତି ତାକୁ ଶିଶୁମାନେ ମନେ ରଖନ୍ତି। ଏବେ ତ ଅଣୁ ପରିବାର। ମାତାପିତା ଯେତେ କଠୋର ହେଲେ ବି ତାଙ୍କର ହୃଦୟ ନମନୀୟ। ପ୍ରତିଯୋଗିତାମୂଳକ ପରିସ୍ଥିତିର ଚାପରେ ପଡି ସେମାନେ ପିଲାଙ୍କୁ ଅତ୍ୟଧିକ ଅନୁଶାସନ କରନ୍ତି। ଦୁଇବର୍ଷ ନ ହେଉଣୁ ବସ୍ତାନିର ବୋଝ ତା' କାନ୍ଧରେ ଲଦିଦିଅନ୍ତି। ସ୍କୁଲରେ ଚାପ, ଘରେ ଚାପ- ଏତେ ଚାପ ଭିତରେ ପିଲାଟିର ମନସ୍ତତ୍ତ୍ୱ ଚାପି ହୋଇଯାଏ। ସେ ବଦରାଗୀ, ଚିଡ଼ିଚିଡ଼ା, ଏକଜିଦିଆ ଓ ବିଦ୍ରୋହୀ ହୋଇପଡ଼େ। ଠିକ୍ ଏହିଭଳି ସ୍ଥିତିର ଶିକାର ହୋଇ ୨୦୧୬ରେ ମୁମ୍ବାଇର ଏକ ପଦସ୍ଥ ପୋଲିସ ଅଧିକାରୀଙ୍କ ଚଉଦ ବର୍ଷର ପୁଅ ତା'ର ମା'କୁ ହତ୍ୟାକରି ପୋଲିସ ନିକଟରେ ପ୍ରକାଶ କରିଥିଲା ଯେ ତା'ର ସେଥିପାଇଁ ତିଳେ ବି ଦୁଃଖ ନାହିଁ। ଶିଶୁଙ୍କୁ ପଇସାର ମୋହ ଦେଖେଇବା ଏହାର ଅନ୍ୟ ଏକ କାରଣ। ମାତାପିତା ସ୍ୱଇଚ୍ଛାରେ ପିଲାଟିକୁ ଦେଉଥିବା ପକେଟ ମନି ଶେଷରେ ସେମାନଙ୍କର ଦାବିରେ ପରିଣତ ହୋଇଯାଏ, ଯାହାର ପରିମାଣ ବି ସେମାନେ ନିର୍ଦ୍ଧାରଣ କରନ୍ତି। ବେଳେ ବେଳେ ପିଲାମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାହାରେ ରହିଯାନ୍ତି, କାରଣ ବୟଫ୍ରେଣ୍ଡ, ଗର୍ଲଫ୍ରେଣ୍ଡର ସଂସ୍କୃତିରେ ଏଇଟା ଏକ ମାମୁଲି କଥା। ଆଗେ ପିଲାଙ୍କୁ ଗଢ଼ିବାରେ ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏବେ ତ ସେମାନଙ୍କ ଉପରେ ନାନା କଟକଣା।

ଏ ପରିପ୍ରେକ୍ଷୀରେ ମାତାପିତାଙ୍କୁ ଖଣ୍ଡାଧାରରେ ଚାଲିଲା ପରି ସାବଧାନ ହେବାକୁ ପଡ଼ିବ। ବର୍ତ୍ତମାନର ଅବହାୱାକୁ ତ ରୋକିହେବନି। ତେବେ କିଛିମାତ୍ରାରେ ସତର୍କତା ସୁଫଳ ଦେଇପାରେ। ପିଲାଙ୍କୁ କେତେ ସ୍ୱାଧୀନତା ଦେବେ, କେତେ ଚାପ ପ୍ରୟୋଗ କରିବେ, ତାଙ୍କର ଗତିବିଧି ଉପରେ କିପରି ନଜର ରଖିବେ, ସେମାନେ ଚଳପ୍ରଚଳ ହେଉଥିବା ସ୍ଥାନରେ କେମିତି ଦୃଷ୍ଟିଦେବେ ଏସବୁ ଭାବିଚିନ୍ତି କରିବା ଉଚିତ। ଧମକ ଚମକ ଦେଇ ପିଲାଙ୍କୁ ସୁଧାରିବା ଯୁଗ ଆଉ ନାହିଁ। ଅତଏବ ଆବଶ୍ୟକ ସ୍ଥଳେ ମୃଦୁ ଆକଟ ଏବଂ ଆବଶ୍ୟକ ସ୍ଥଳେ ବନ୍ଧୁ ଭଳି ବ୍ୟବହାର ଏହିଭଳି ଉଭୟ ପନ୍ଥା ଗ୍ରହଣୀୟ। ପିଲାଙ୍କର ମନସ୍ତତ୍ତ୍ୱ ବୁଝି ମାତାପିତା ତାକୁ ନିୟନ୍ତ୍ରଣ କରିବା ଉଚିତ। ଏ କ୍ଷେତ୍ରରେ ଆଶାର ଆଲୋକ ଭଳି କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥିରୀକୃତ ସାଇବର ଟ୍ରିଭିଆ (କୌତୂହଳୀ ପ୍ରଶ୍ନୋତ୍ତର ସମ୍ବଳିତ ୱେବ୍‌ସାଇଟ) କିଛି ସହାୟତା ଯୋଗେଇବ ବୋଲି ଆଶା।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର,
ଭୁବନେଶ୍ୱର, ମୋ-୯୪୩୮୬୭୩୮୯୮

## ଏଇ ଭାରତରେ

ଭାରତର ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ମନ୍ଦିର ରହିଛି। ମନ୍ଦିରରେ ବିଭିନ୍ନ ପରମ୍ପରା ମଧ୍ୟ ରହିଛି। ମନ୍ଦିରର ଦେବଦେବୀଙ୍କୁ ଭିନ୍ନ ଉପଚାରରେ ପୂଜା କରାଯାଏ। ହିନ୍ଦୁ ଧର୍ମାବଲମ୍ବୀ ଲୋକେ ଫଳମୂଳ ସମେତ ସୁସ୍ୱାଦୁ ଦ୍ରବ୍ୟ ଭୋଗ ଲଗାଇଥାଆନ୍ତି। କିନ୍ତୁ ତାମିଲନାଡୁରେ ଏପରି ଏକ ମନ୍ଦିର ରହିଛି ଯେଉଁଠାରେ ମଟନ୍ ବିରିୟାନୀ ଭୋଗ ଲଗାଯାଏ। ମଦୁରାଇ ଜିଲାର ତିରୁମଙ୍ଗଲମ୍ ସ୍ଥିତ ୱାଡକମ୍‌ପଟ୍ଟିଠାରେ ରହିଛି ମୁନିୟାନାଦି ସ୍ୱାମୀଙ୍କ ମନ୍ଦିର। ଏଠାରେ ପ୍ରତିବର୍ଷ ଜାନୁୟାରୀ ୨୪ରୁ ୨୬ ପର୍ଯ୍ୟନ୍ତ ଏକ ଉତ୍ସବ ଅନୁଷ୍ଠିତ ହୁଏ। ଏହି ଉତ୍ସବରେ ଠାକୁରଙ୍କ ପାଖରେ ମଟନ୍ ବିରିୟାନୀ ଲାଗି ହୋଇଥାଏ। ୨ ହଜାରରୁ ଅଧିକ କିଲୋଗ୍ରାମ୍‌ର ବିରିୟାନୀ ଠାକୁରଙ୍କ ପାଖରେ ରନ୍ଧା ଯାଇଥାଏ। ଏଥିପାଇଁ ୫ଶହ ଛେଳିକୁ ବଳି ପକାଯାଏ। ଏହି ଉତ୍ସବରେ ଯୋଗଦେବା ପାଇଁ ଦେଶବିଦେଶରୁ ବହୁ ଶ୍ରଦ୍ଧାଳୁ ସମାଗମ ହୁଅନ୍ତି। ଠାକୁରଙ୍କ ପାଖରେ ବିରିୟାନୀ ଦେବାକୁ ମାନସିକ କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି।

### ଚିରନ୍ତନୀ

ବିଦାୟ ଘେନଇ ଶିଶୁ ଜନନୀର କ୍ରୋଡ଼ୁଁ ହୋଇ ଛନ୍ନ
ଯାଏ ରଖି ଧରାପରେ ସୁକୋମଳ ତା'ର ପଦଚିହ୍ନ
ଅଗଣିତ ପଦଚିହ୍ନ ବକ୍ଷେ ଧରି ଯେ କରେ ବିହାର
ଜଡ଼ରୂପୀ ହେ ଧରିତ୍ରୀ ! ଘେନ ଏ ଜୀବର ନମସ୍କାର।
ସମୟର ସୀମା ବାନ୍ଧି, ଶତକୋଟି ଗ୍ରହ, ଉପଗ୍ରହ
ଖେଳାଉଛ କୋଟି ବିଶ୍ୱ ଲୋମକୂପେ ଯେହୁ ଅହରହ
ଉପହାସେ କର ଯେହୁ ମାନବର କ୍ଷୁଦ୍ର ଆବିଷ୍କାର
ଜଡ଼ରୂପୀ ହେ ଆକାଶ ! ଘେନାକର ମୋର ନମସ୍କାର।
(ଜଡ଼-ଦର୍ଶନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୬ ଜାନୁୟାରୀ ୧୯୯୪

- ବିଶ୍ୱ ବିଖ୍ୟାତ ପପ୍ ଗାୟକ ମାଇକେଲ ଜ୍ୟାକସନ୍‌ଙ୍କ ବିରୋଧରେ ଏକ ନାବାଳକର ଯୌନ ନିର୍ଯାତନା ଅଭିଯୋଗ।
- ସେନାବାହିନୀକୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାର ଆଜି ପୁନଃ ନିଯୁକ୍ତି ପାଇଥିବା ସୈନ୍ୟବାହିନୀ କର୍ମଚାରୀ ପେନ୍‌ସନଭୋଗୀଙ୍କ ସମେତ ୨ୟ ବିଶ୍ୱଯୁଦ୍ଧ ପ୍ରଚାରକ ଓ ଯୁଦ୍ଧ ସମୟର ଆହତ ହେଉଥିବା ସୈନ୍ୟମାନଙ୍କ ପାଇଁ ନୂତନ ପେନ୍‌ସନ ସୁବିଧା ଘୋଷଣା।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | 9 | | 4 | | | | D | | | | | | |
| D | | | | | | 0 | 2 | | | B | | | 8 | |
| | | 8 | | 3 | | | | | | | | B | | 9 |
| B | | | | | D | | 7 | | | | 3 | | | |
| | | A | | C | 6 | 8 | 5 | | | E | | | 1 | 0 |
| | | B | 4 | E | | | | | | | 1 | 6 | | |
| | | | A | | 5 | | B | | | D | | | 0 | E |
| | | | | | 9 | 3 | 6 | | 4 | | | | 5 | 1 |
| 2 | | | | | | A | | | 5 | | 9 | D | B | |
| | 1 | 5 | | | | | | | | 3 | C | | 2 | |
| A | B | 4 | | | | 1 | | | | | 2 | | | |
| | | 1 | | | 2 | | | B | | 5 | | | | 6 |
| | | 6 | | | | | 3 | C | | | | | | 8 |
| | | 3 | 6 | | 7 | | D | | 1 | | 0 | | | |
| 9 | | | | | 3 | 4 | 0 | | 6 | | D | 7 | | |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 0 | 8 | 1 | 7 | 6 | 4 | E | B | C | A | 5 | 2 | 3 |
| 3 | E | 4 | 9 | 0 | D | 7 | A | B | 8 | 2 | 5 | 6 | 1 | C |
| A | 2 | 6 | 4 | C | 5 | 8 | 9 | 0 | 1 | 3 | 7 | B | D | E |
| 5 | B | C | 2 | E | A | 3 | D | 1 | 9 | 0 | 6 | 8 | 4 | 7 |
| 8 | 7 | 1 | 6 | 3 | B | 5 | C | 2 | E | 4 | D | 0 | A | 9 |
| E | 6 | 8 | 1 | 5 | 0 | 2 | 7 | 4 | D | B | 9 | 3 | C | A |
| 4 | 3 | 5 | A | 6 | 9 | 1 | 8 | D | C | E | 2 | 7 | B | 0 |
| 2 | 0 | D | 3 | 7 | C | E | B | 9 | 6 | A | 4 | 1 | 8 | 5 |
| 9 | A | 7 | E | B | 4 | 0 | 5 | C | 3 | 1 | 8 | 2 | 6 | D |
| 1 | C | B | D | 8 | 2 | A | 6 | 3 | 5 | 7 | 0 | E | 9 | 4 |
| 6 | D | E | 5 | 9 | 1 | C | 0 | A | 2 | 8 | 3 | 4 | 7 | B |
| 0 | 1 | 3 | C | A | E | 4 | 2 | 8 | 7 | 9 | B | D | 5 | 6 |
| 7 | 8 | 9 | 0 | 4 | 6 | B | E | 5 | A | D | 1 | C | 3 | 2 |
| C | 5 | A | B | 2 | 8 | D | 3 | 7 | 4 | 6 | E | 9 | 0 | 1 |
| B | 4 | 2 | 7 | D | 3 | 9 | 1 | 6 | 0 | 5 | C | A | E | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଦକ୍ଷିଣାଞ୍ଚଳ ସୀମାନ୍ତବାସୀ ଆନ୍ଧ୍ରମୁହାଁ

ମହାଶୟ,

ପଡୋଶୀ ଆନ୍ଧ୍ରପ୍ରଦେଶର ଶାସନ କ୍ଷମତାରେ ଥିବା ଆଞ୍ଚଳିକ ଦଳ ତେଲୁଗୁଦେଶମ୍ ପାର୍ଟି ଓଡ଼ିଶାରେ ଦଳର ସଂଗଠନ ବିସ୍ତାର କରିବାକୁ ଉଦ୍ୟମ ଆରମ୍ଭ କରିଛି। ମୁଖ୍ୟତଃ ଆନ୍ଧ୍ର ସୀମାନ୍ତରେ ଥିବା ଦକ୍ଷିଣାଞ୍ଚଳ ଜିଲାଗୁଡିକର ତେଲୁଗୁ ଭାଷାଭାଷୀ ବହୁଳ ଗଞ୍ଜାମ, ଗଜପତି ଓ ଅବିଭକ୍ତ କୋରାପୁଟ ଜିଲାର କେତେକ ବିଧାନସଭା ନିର୍ବାଚନମଣ୍ଡଳୀରେ ଆଗାମୀ ନିର୍ବାଚନରେ ପ୍ରାର୍ଥୀ ଦେବାକୁ ସ୍ଥିର କରୁଛି। ଏଥିରେ ତାଙ୍କୁ କଂଗ୍ରେସ ଓ ବିଜେଡିରୁ କୋଣଠେସା ହୋଇଥିବା କେତେକ ସକ୍ରିୟ ନେତା ସାହାଯ୍ୟ କରୁଛନ୍ତି। ଏତଦ୍‌ବ୍ୟତୀତ ଆନ୍ଧ୍ର ସୀମାନ୍ତରେ ଥିବା କେତେକ ଅନୁନ୍ନତ ଅଞ୍ଚଳର ଲୋକେ ଓଡ଼ିଶା ସରକାରଙ୍କଠାରୁ ଆବଶ୍ୟକ ମୁତାବକ ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବାର ଅଭିଯୋଗ ହେଉଛି। ତେଣୁ ଆନ୍ଧ୍ର ସରକାର କୋରାପୁଟର କୋଟିଆ ବ୍ଲକରେ ଭଡା ବାଣ୍ଟିବା ସାଙ୍ଗକୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ମାଧ୍ୟମରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଔଷଧପତ୍ର ଦେଇ ନିଜ ଆଡକୁ ଆକୃଷ୍ଟ କରୁଛନ୍ତି। ଓଡ଼ିଶା ସରକାର ଏଥିପ୍ରତି ଯତ୍ନବାନ ହେବାକୁ ଅନୁରୋଧ। ଅନ୍ୟଥା ଅନୁନ୍ନତ ଅଞ୍ଚଳର ଲୋକମାନେ ଆନ୍ଧ୍ର ଆଡକୁ ମୁହାଁଇବାକୁ ଏଡେଇ ଦେଇହେବ ନାହିଁ।

ଭଗବାନ ଦାଶ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଏପିଏଲ କାର୍ଡ ମିଳୁ

ପୂର୍ବରୁ ଯେପରି ଏପିଏଲ୍ ଶ୍ରେଣୀର ଲୋକଙ୍କୁ ଉଦ୍ଦିଷ୍ଟ ମୂଲ୍ୟରେ ଗହମ ଓ କିରୋସିନ ଯୋଗାଇ ଦିଆଯାଉଥିଲା, ବର୍ତ୍ତମାନ ଯୋଗାଇ ଦିଆଯାଉ ନାହିଁ। ଖୋଲାବଜାରରେ କିରୋସିନ ବିକ୍ରିର ବ୍ୟବସ୍ଥା ନ ଥିବାରୁ ଏମାନେ ଟୋପେ କିରୋସିନ ପାଉନାହାନ୍ତି। ଅପରପକ୍ଷରେ ଏପିଏଲ ଲୋକମାନେ ବାଧ୍ୟହୋଇ ରାଶନ କାର୍ଡଧାରୀଙ୍କଠାରୁ ୧ ଟଙ୍କିଆ ଗହମକୁ ୧୫ରୁ ୨୦ ଟଙ୍କାରେ ଓ କିରୋସିନ ଲିଟରକୁ ୪୦ରୁ ୬୦ ଟଙ୍କା ଦେଇ କିଣୁଛନ୍ତି। ସରକାର ସର୍ଭେ ମାଧ୍ୟମରେ ଏପିଏଲ ବର୍ଗଙ୍କୁ ଚିହ୍ନଟ କରି ଏପିଏଲ କାର୍ଡ ଯୋଗାଇବା ପୂର୍ବକ ଡିଲରମାନଙ୍କ ଜରିଆରେ ଗହମ ଓ କିରୋସିନ ଯୋଗାଇଦେଲେ ରାଜ୍ୟର ଏପିଏଲ ବର୍ଗ ଉପକୃତ ହୋଇପାରିବେ।

ରମେଶ ଦତ୍ତ, କଲ୍ୟାଣୀନଗରୀ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



# ଏଇ କି ସେ ଭାରତ!

**ଗୌରୀ ପ୍ରସାଦ ରଥ**

ଅଗଷ୍ଟ ପନ୍ଦର ଓ ଜାନୁୟାରୀ ଛବିଶରେ ସମଗ୍ର ଦେଶରେ ମହାସମାରୋହରେ ପାଳିତ ହୋଇଥାଏ ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ। ଚାରିଆଡ଼େ ଜାତୀୟ ପର୍ବର ଆନନ୍ଦଉଲ୍ଲାସ। ଚତୁର୍ଦ୍ଦିଗରେ ଭାରତମାତା ଆଉ ସ୍ୱାଧୀନତାର ଜୟଗାନ ଏବଂ ଏହା ମାଧ୍ୟମରେ ଆହୁରି କିଛି...। କିନ୍ତୁ ଏ ଆହ୍ଲାଦ ପଛର କାହାଣୀକୁ ହୁଏତ ଖୁବ୍ କମ୍ ଲୋକ ମନେ ପକାଇଥାନ୍ତି। ଆନନ୍ଦରେ ମସ୍‌ଗୁଲ ହୋଇଥାନ୍ତି ବେଶି। ସ୍ୱାଧୀନତାର କାରଣ ବଖାଣି ବସନ୍ତି; ଅହିଂସା ମାର୍ଗର ଜୟଗାନ କରନ୍ତି। କିନ୍ତୁ ଏ ଅହିଂସ ସ୍ୱାଧୀନତା ପଛରେ କେତେଯେ ହିଂସା ଭରି ରହିଛି; ଏ ମାଟିର କେତେଯେ ବୀର ସନ୍ତାନଙ୍କ ବଳିଦାନର ରକ୍ତରେ ଅଭିଷିକ୍ତ ଏ ମାଟି, ସେ କଥା ମନେପକାଏ କିଏ? ନିଅଁ ତଳର ପଥର ଭଳି ସେ ବଳିଦାନୀମାନେ କାହିଁ କେଉଁଆଡେ ଲୁଚି ଯାଆନ୍ତି ବିସ୍ମୃତିର କରାଳ ଗର୍ଭରେ।

ସ୍ୱାଧୀନତା ଦିବସର ହଇଉଲ୍ଲାସରେ ଆମେ ଭୁଲିଯାଉ ଯେ ସେଦିନ ଆମର ଏଇ ମାଟି ମା'ର ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ପୂର୍ବ ପାକିସ୍ତାନ ଏବଂ ପଶ୍ଚିମ ପାକିସ୍ତାନ ନାମରେ ଭାରତ ମାତାର ପୂର୍ବ ଏବଂ ପଶ୍ଚିମ ପଟରୁ ଖଣ୍ଡେ ଖଣ୍ଡେ ଭୂମି କାଟି ଅଲଗା କରି ଦିଆଯାଇଥିଲା। ଭାରତ ସ୍ୱାଧୀନତା ଦିବସ ମନାଇବା ପୂର୍ବରୁ ସେମାନେ ମନାଇ ସାରିଥିଲେ ସ୍ୱାଧୀନତା ଦିବସ। କି ବିଡ଼ମ୍ବନା ସତେ, ଏ ମାଟି ମା'କୁ ବିଦେଶୀ କବଳରୁ ଉଦ୍ଧାର କରିବା ପାଇଁ ନିଜ ବୁକୁରୁ ରକ୍ତ ନିଗାଡି ଦେଇ ଯେଉଁମାନେ ଆତ୍ମୋତ୍ସର୍ଗ କରିଗଲେ, ସେମାନେ ଭାରତର ହୋଇ ରହିଲେ ନାହିଁ। ତାଙ୍କ ପାଦତଳର ମାଟି ଖଣ୍ଡକ, ଯାହା ପାଇଁ ସେ ଲଢ଼େଇ କରୁଥିଲେ, ସେ ଭିଟା ଖଣ୍ଡକ ତାଙ୍କର ହୋଇ ରହିଲା ନାହିଁ। ସେ ଦୁଃଖ, ସେ ବେଦନା ସେ କହିବେ ବା କାହାକୁ?

ଭଗତ୍ ସିଂ, ଖୁଦିରାମ ବସୁ, ମାଷ୍ଟର ଦା, ବିନୟ , ବାଦଲ ପ୍ରମୁଖ ଏ ସମସ୍ତେ କ'ଣ ପାକିସ୍ତାନ ପାଇଁ ସ୍ୱାଧୀନତା ସଂଗ୍ରାମର ଲଢ଼େଇ ଲଢୁଥିଲେ? ଚଟ୍ଟଗ୍ରାମର ବିପ୍ଳବୀ କ'ଣ ବାଂଲାଦେଶ ଭଳି କଟ୍ଟର ପନ୍ଥୀ ରାଷ୍ଟ୍ର ପାଇଁ ନିଜ ବୁକୁର ରକ୍ତ ଢାଳି ଦେଇଥିଲେ?

ଆଜି ବି ଆମେ ଜାତୀୟ ସଂଗୀତ ଗାଉଛୁ,' ପଞ୍ଜାବ ସିନ୍ଧୁ ଗୁଜୁରାଟ ମରାଠା ଦ୍ରାବିଡ ଉତ୍କଳ ବଙ୍ଗ, ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା ଉଚ୍ଛଳ ଜଳଧି ତରଙ୍ଗ।' ବାଃ କି ଚମତ୍କାର ବର୍ଣ୍ଣନା ମୋ ମା'ର। କିନ୍ତୁ ଥରେ ଭାବିଦେଖନ୍ତୁ ତ ଆଜି କ'ଣ ପଞ୍ଜାବ ଆମ ପାଖରେ ଅଛି? ଅଧା ପଞ୍ଜାବ ଚାଲିଯାଇଛି ପାକିସ୍ତାନକୁ, ଆଉ ସିନ୍ଧୁ? ଭାରତରେ ସିନ୍ଧୁ ବୋଲି ଗୋଟିଏ ପ୍ରଦେଶ ଥିଲା ବୋଲି ସ୍ୱାଧୀନତାର ବହୁ ପରେ ଜନ୍ମ ନେଇଥିବା ସାଧାରଣ ଯୁବ ସମାଜ ବୋଧହୁଏ ଜାଣି ନ ଥିବେ। ସମ୍ପୂର୍ଣ୍ଣ ସିନ୍ଧୁ ପ୍ରଦେଶ ଆଜି ପାକିସ୍ତାନରେ। ସିନ୍ଧୁ ନଦୀର ସ୍ଥିତି ମଧ୍ୟ ତଦ୍ରୂପ। ସିନ୍ଧୁନଦୀ; ସିନ୍ଧୁ ଉପତ୍ୟକାରୁ ସିନ୍ଧୁ ସଭ୍ୟତା, ସିନ୍ଧୁରୁ ହିନ୍ଦୁ, ହିନ୍ଦୁରୁ ହିନ୍ଦୁସ୍ତାନ। ଏହା କ'ଣ ବିସ୍ମୃତିର କରାଳ ଗର୍ଭକୁ ଚାଲିଗଲାଣି? ଭାରତୀୟ ସଭ୍ୟତାର ଗାଥା ଗୌରବ ସାରା ଦୁନିଆରେ ବଖାଣୁଥିବା ମହେଞ୍ଜୋଦାରୋ, ହରପ୍ପା କ'ଣ ପାକିସ୍ତାନୀ ସଭ୍ୟତାର ପ୍ରମାଣ? ତାହା ତ ଆଜି ଭାରତରେ ନାହିଁ। ଆଉ ଭାରତର ପ୍ରାଣସ୍ୱରୂପ ଐକ୍ୟତାନର ସୂତ୍ର ମହାନ୍ ଦେବଭାଷାକୁ ଶୃଙ୍ଖଳିତ କରିବା ପାଇଁ ରଚନା କରିଯାଇଥିବା ବ୍ୟାକରଣର ମହାନ୍ ସ୍ରଷ୍ଟା ପାଣିନିଙ୍କ ଜନ୍ମସ୍ଥାନ କ'ଣ ପାକିସ୍ତାନରେ? ସମଗ୍ର ସମାଜରେ ସମତାର ବାର୍ତ୍ତା ପ୍ରଚାର କରିଥିବା, ଏ ଜାତିକୁ ସତ୍‌ପଥରେ ପରିଚାଳିତ କରିଥିବା ସତ୍ ଶ୍ରୀ ଅକାଲର ଧ୍ୱନିଦେଇ ଏ ଜାତିକୁ ଜାଗ୍ରତ କରୁଥିବା ସଦ୍‌ଗୁରୁ ନାନକ ଦେବ କ'ଣ ପାକିସ୍ତାନର ନାଗରିକ? ଇତିହାସର ଜାଜ୍ଜ୍ୱଲ୍ୟମାନ ନକ୍ଷତ୍ର ବୀର ରଣଜିତ ସିଂହଙ୍କର ଲାହୋର କ'ଣ ପାକିସ୍ତାନରେ? କଟାସରାଜ ତୀର୍ଥ କ'ଣ ପାକିସ୍ତାନର ପବିତ୍ର କ୍ଷେତ୍ର? ହିଙ୍ଗଲାଜ ଶକ୍ତିପୀଠ ବେଲୁଚିସ୍ତାନରେ କି ଅବସ୍ଥାରେ ଅଛି? ମାତା ଢାକେଶ୍ୱରୀ ବିରାଜମାନ କରୁଥିବା ଢାକା ଭାରତରୁ କୁଆଡ଼େ ଚାଲିଗଲା, ପଦ୍ମା ନଦୀ କାହିଁ?' ଆମାର ସୋନାର ବାଙ୍ଗ୍‌ଲା'ର କ'ଣ ହେଲା? ଆଜି ବି ବଙ୍ଗଳା ଭାଷା ସେଠି ଅଛି। କିନ୍ତୁ ବଙ୍ଗଳା ଭାଷାର ମହାମନ୍ତ୍ର- ବନ୍ଦେ ମାତରମ୍ ଟା ତା'ର ଶତ୍ରୁ ହେଇଗଲା କେମିତି? ଅଛନ୍ତି ବଙ୍ଗାଳୀ, କିନ୍ତୁ ସେଠାରେ ନାହାନ୍ତି ମା' କାଳୀ।

ଗଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ଭଳି ଗଣତନ୍ତ୍ରର ମହାନ୍ ପର୍ବମାନଙ୍କରେ ବିସ୍ମୃତିର ଆଢୁଆଳରେ ରହି ଯାଇଥିବା ସେହି ମହାନ୍ ବଳିଦାନୀମାନଙ୍କୁ କୋଟି କୋଟି ପ୍ରଣାମ କରିବା ସହିତ ସ୍ମରଣ କରିବା ଦଶପ୍ରହରଣ ଧାରିଣୀ ଭାରତମାତାର ସେହି ଅଖଣ୍ଡ ସ୍ୱରୂପକୁ; ତାହାରି ପାଦରେ ମଥାନତ କରିବା ଆଉ ଅପେକ୍ଷା କରିବା ଏ ଦେଶ ପାଇଁ ଆତ୍ମବଳିଦାନ ଦେଇଥିବା ବଳିଦାନୀମାନେ, ଯେଉଁମାନେ ସ୍ୱଦେଶର ମୁକ୍ତି ସଂଗ୍ରାମରେ ପ୍ରାଣପାତ କରି ସୁଦ୍ଧା ଆଜି ବିଦେଶୀ ହୋଇଯାଇଛନ୍ତି; ସେମାନେ ପୁଣି କେବେ ସ୍ୱଦେଶୀ ହୋଇ ଛିଡା ହୋଇ ଉଠିବେ। ଏହି ପରିପ୍ରେକ୍ଷୀରେ ମନେପଡ଼େ ଶ୍ରୀ ଅରବିନ୍ଦଙ୍କ କଥା, ଯେକି ବିପ୍ଳବୀ ଜୀବନରୁ ଅଧ୍ୟାତ୍ମ ଜୀବନରେ ପ୍ରବେଶ କରିଥିଲେ। ସେ କହିଯାଇଛନ୍ତି, ଭାରତ ଦିନେ ଅଖଣ୍ଡ ହେବ। ସମଗ୍ର ବିଶ୍ୱକୁ ମାର୍ଗଦର୍ଶନ କରିବ।

*–ସହଦେବଖୁଣ୍ଟା, ବାଲେଶ୍ୱର, ମୋ– ୯୪୩୭୦୬୬୪୭୪*



**ଦେଶ ଏବେ ବିଭିନ୍ନ ନୂଆ ନୂଆ ସମସ୍ୟା ଦେଇ ଗତିକରୁଛି। ତେଣୁ ନାଗରିକର ସୁରକ୍ଷା, ସାମାଜିକ ଅଧିକାର ବଜାୟ ରଖିବା ହେଉଛି ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟ...**

# ସମାଜବାଦ ଓ ସାମାଜିକ ନ୍ୟାୟ ବ୍ୟବସ୍ଥା

**ହୃଦୟବଲ୍ଲଭ ଦାସ**

ଭାରତର ସମ୍ବିଧାନ ପ୍ରଣୟନ ହେବା ଦିନଠାରୁ ଜାନୁୟାରୀ ୨୬ ତାରିଖକୁ ଦେଶର ସର୍ବତ୍ର ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଯାଉଛି। ଏହାର ମୂଳ ଲକ୍ଷ୍ୟ ହେଲା ଦେଶରେ କିଭଳି ସମାଜବାଦ ତଥା ସାମାଜିକ ନ୍ୟାୟ ବଜାୟ ରହିବ ଏବଂ ଲୋକମାନେ ଆମର ସମ୍ବିଧାନ ତଥା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ପ୍ରତି ସଚେତନ ରହିବେ। ନାଗରିକର ସାମ୍ବିଧାନିକ ଅଧିକାର ତଥା ସାମାଜିକ ନ୍ୟାୟର ରୂପରେଖ ଜନସାଧାରଣ ଠିକ୍ ଭାବେ ବୁଝିପାରୁ ନାହାନ୍ତି। ସେଥିପାଇଁ ଅନେକ ସମୟରେ ବିଦ୍ରୋହ, ଜାତିଆଣ ଭାବ ଏବଂ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ତା'ଛଡ଼ା ଜାତିଆଣ ଭାବ, ଅସ୍ପୃଶ୍ୟତା ନିବାରଣ ଯୋଗୁ ମଧ୍ୟ ଅନେକ ସମୟରେ ଦେଶର ବିଭିନ୍ନ ସ୍ଥାନରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ଗଣତନ୍ତ୍ର ଓ ସାମାଜିକ ନ୍ୟାୟର ମୂଳ ଲକ୍ଷ୍ୟ ହେଉଛି ଏହି ବିବାଦୀୟ ପରିସ୍ଥିତିକୁ ପ୍ରତିହତ କରିବା। ସାଧାରଣ ନାଗରିକ ଏହି ଜନରାଜ୍ୟ ଦିବସର ମୂଳଲକ୍ଷ୍ୟ ଠିକ୍ ଭାବେ ବୁଝିପାରୁ ନାହାନ୍ତି। ଦେଶରେ ନାରୀ ନିର୍ଯାତନା, ବଳାତ୍କାର, ଲୁଟ୍ ଏବଂ ଡକାୟତି ବା ରାହାଜାନି ଭଳି ଘଟଣା ଘଟି ବିବାଦୀୟ ପରିସ୍ଥିତି ସୃଷ୍ଟି ହେଉଛି। ସବୁ ସମୟରେ ବା ସବୁ କ୍ଷେତ୍ରରେ ନାଗରିକ ଅଧିକାର ଜାହିର କରିବା ଠିକ୍ ନୁହେଁ, ଯାହାଫଳରେ ବିବାଦୀୟ ପରିସ୍ଥିତି ଓ ଜନଅସନ୍ତୋଷ ଦେଖାଦେଉଛି। ସେହି ଦୃଷ୍ଟିକୋଣରୁ ବିଚାର କଲେ ସାଧାରଣତନ୍ତ୍ରର ମୂଳ ଉଦ୍ଦେଶ୍ୟ ଠିକ୍ ଭାବେ ଜନସାଧାରଣ ବୁଝିବା ଆବଶ୍ୟକ।

ଜନରାଜ୍ୟ ଦିବସକୁ ଅତି ଆଡ଼ମ୍ବର ସହକାରେ ପାଳନ କରିଦେଲେ ଆମ ପରମ୍ପରା ବଜାୟ ରହିବ ନାହିଁ। ସେଥିପାଇଁ ଜନସାଧାରଣଙ୍କ ନିକଟରେ ସାଧାରଣତନ୍ତ୍ରର ମହତ୍ ଉଦ୍ଦେଶ୍ୟ ବା ଏହାର ସୁଫଳ ଠିକ୍ ଭାବେ ପହଞ୍ଚାଇବାର ଦାୟିତ୍ୱ ପ୍ରଶାସନ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ହେବା ଉଚିତ। ଦେଶ ଏବେ ବିଭିନ୍ନ ନୂଆ ନୂଆ ସମସ୍ୟା ଦେଇ ଗତିକରୁଛି। ତେଣୁ ନାଗରିକର ସୁରକ୍ଷା, ସାମାଜିକ ଅଧିକାର ବଜାୟ ରଖିବା ହେଉଛି ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟ। ଦେଶରେ ଗଣତାନ୍ତ୍ରିକ ସମାଜବାଦ ପ୍ରତିଷ୍ଠା କରିବାକୁ ହେଲେ ଓ ଏହାକୁ ସୁଚାରୁରୂପେ ପରିଚାଳନା କରିବାକୁ ହେଲେ ସମଗ୍ର ଦେଶରେ ପରସ୍ପର ମଧ୍ୟରେ ଭ୍ରାତୃଭାବ, ସହନଶୀଳତା, ସମାନତା, ଜାତିଭେଦ ପ୍ରଥା ନିବାରଣ ଜରୁରୀ। ତା'ଛଡ଼ା ଦେଶରେ ନାରୀଜାତିର ସୁରକ୍ଷା ଏବଂ ସାମାଜିକ ଅଧିକାର ଯେ ପର୍ଯ୍ୟନ୍ତ ନ ମିଳିଛି, ସେ ପର୍ଯ୍ୟନ୍ତ ଦେଶରେ ସମାଜବାଦ, ସାମାଜିକ ନ୍ୟାୟ ପ୍ରତିଷ୍ଠାର ମାନେ କିଛି ନାହିଁ। ତେଣୁ ଏ ବର୍ଷର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏଭଳି ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରଶାସନ, ସାଧାରଣ ନାଗରିକ ତଥା ସମସ୍ତ ଭାରତୀୟ ଦୃଢ଼ ସଂକଳ୍ପ ନେବା ଜରୁରୀ। ତା'ହେଲେ ଯାଇ ଦେଶରେ ଶାନ୍ତି, ଗଣତନ୍ତ୍ର ଓ ସମାଜବାଦ, ସାମାଜିକ ନ୍ୟାୟ ପ୍ରତିଷ୍ଠା କରିହେବ ଏବଂ ଜଣେ ନାରୀ ସମ୍ମାନର ସହ ସ୍ୱାଧୀନ ଭାବେ ଜୀବନଯାପନ କରିପାରିବ। ଆଉ ଜନସାଧାରଣ ଶାନ୍ତିଶୃଙ୍ଖଳା ସହକାରେ ସହାବସ୍ଥାନ କରିପାରିବେ। ଏହା ଏ ବର୍ଷର ଜନରାଜ୍ୟ ଦିବସର ପ୍ରଧାନ ଚିନ୍ତା ଓ ଲକ୍ଷ୍ୟ ହେବା ଆବଶ୍ୟକ। କାରଣ ଚିରାଚରିତଭାବେ ସାଧାରଣତନ୍ତ୍ର ଦିବସ ପାଳନ କଲେ ତା'ର ମାନେ କିଛି ନ ଥାଏ। ତେଣୁ ଦେଶବାସୀ ଏ ବର୍ଷର ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସକାରାତ୍ମକ ମନୋଭାବ ପ୍ରକଟ କଲେ ଦେଶରେ ଶାନ୍ତି ଓ ମୈତ୍ରୀ ତଥା ସାମ୍ୟବାଦ ବଜାୟ ରହିବ।

ଏହାଛଡ଼ା ଅସ୍ପୃଶ୍ୟତା ନିବାରଣ ଓ ଜାତିଆଣ ପ୍ରଥାକୁ ଲୋପ କରିବା ଚିନ୍ତାର ବିଷୟ, ଯାହାଦ୍ୱାରା ଦେଶର ଅନେକ ସ୍ଥାନରେ ଶାନ୍ତିଶୃଙ୍ଖଳା ବ୍ୟାହତ ହେଉଛି। ସାମ୍ୟବାଦ ପ୍ରତିଷ୍ଠା କରିବାକୁ ହେଲେ ପରସ୍ପର ମଧ୍ୟରେ ସହନଶୀଳତା ଓ ଭାଇଚାରାର ମାହୋଲ ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ। ତେଣୁ କଠିନ ପରିସ୍ଥିତିର ମୁକାବିଲା କରିବାକୁ ହେଲେ ଜନରାଜ୍ୟ ଦିବସରେ ଏହା ହେବ ପ୍ରଧାନ ଚିନ୍ତାର ବିଷୟ। ତା'ହେଲେ ଯାଇ ଆମେ ଅନୁଭବ କରିବା ଦେଶରେ ଗଣତନ୍ତ୍ର, ସମାଜବାଦ ତିଷ୍ଠି ରହିଛି ଓ ଦେଶର ସମସ୍ତ ଅଧିବାସୀ ତାଙ୍କର ସାମ୍ବିଧାନିକ ଅଧିକାର ଏବଂ ସାମାଜିକ ନ୍ୟାୟ ପାଇବା ପାଇଁ ହକ୍‌ଦାର। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଦେଶବାସୀଙ୍କର ଚିନ୍ତା ଓ ଚେତନାର ଘୋର ଆବଶ୍ୟକତା ରହିଛି।

*–ଅବସରପ୍ରାପ୍ତ ସ୍ୱତନ୍ତ୍ର ବିଚାରପତି, ସିବିଆଇ, ୨୦୫, ଶହୀଦ ନଗର, ଭୁବନେଶ୍ୱର, hb.das@rediffmail.com*











ଆମକୁ ପାପ କାର୍ଯ୍ୟ କରିବାରେ ଯିଏ ବାଧା ଦିଏ, ସେ ପ୍ରକୃତରେ ବନ୍ଧୁ।

- ଶଙ୍କରାଚାର୍ଯ୍ୟ

## ପ୍ରଥମ ପୃଷ୍ଠାରୁ...

## ରାଜ୍ୟ ସରକାରଙ୍କୁ ...

ଦାୟୀ ରାଜ୍ୟ ସରକାର କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପାଖରେ ମଧ୍ୟବର୍ତ୍ତୀକାଳୀନ କ୍ଷତିପୂରଣ ବାବଦକୁ ମାସକ ମଧ୍ୟରେ ୨୫କୋଟି ଟଙ୍କା ଜମା କରିବ। ଏଥିପାଇଁ ରାଜ୍ୟ ସରକାର ସମ୍ପୃକ୍ତ ଅଧିକାରୀଙ୍କଠାରୁ କିମ୍ବା ବେଆଇନ ଖାଦାନ ବ୍ୟବସାୟୀଙ୍କଠାରୁ ଉପରୋକ୍ତ ଅର୍ଥ ଆଦାୟ କରିବ। ଏହି ଅର୍ଥ ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ହିତରେ ଖର୍ଚ୍ଚ ହେବ। ବେଆଇନ ଖାଦାନ ଯୋଗୁ ରୋଗାଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯାଇ ପାରିବ। ସିପିସିବି ପ୍ରତିନିଧି, ଧାନବାଦ ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ, ଡେହେରାଡୁନ ଫରେଷ୍ଟ ରିସାର୍ଚ୍ଚ ଇନଷ୍ଟିଚ୍ୟୁଟ ଏବଂ ଷ୍ଟେଟ ଏନଭାଇରମେଣ୍ଟ ଇମ୍ପାକ୍ଟ ଏସେସମେଣ୍ଟ କମିଟି(ସିଆ)ର ଅଧ୍ୟକ୍ଷଙ୍କୁ ନେଇ ଗଠିତ ଏକ କମିଟି କ୍ଷତିପୂରଣ ଅର୍ଥକୁ କେଉଁ ବାଟରେ ଖର୍ଚ୍ଚ ହେବ ସେ ନେଇ ନୀତି ନିର୍ଦ୍ଧାରଣ କରିବେ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଡଙ୍କାରୀ ପାହାଡରେ ୧୬ଟି ଖାଦାନରୁ ୨, ୩, ୪, ୫, ୬ ଓ ୧୧ ନମ୍ବର ଖାଦାନ ମାଲିକମାନେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ପ୍ରତିଷ୍ଠା ଅନୁମତି ଏବଂ ପରିଚାଳନା ଅନୁମତି ନେଇ ନ ଥିଲେ । ଏନେଇ ସାମାଜିକ କର୍ମୀ ବେହୁରା ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ଏନ୍‌ଜିଟି ଏକ ମାମଲା ରୁଜୁ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ, ଯାଜପୁର ଜିଲାପାଳ ପ୍ରମୁଖଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହାପରେ ଗତ ଅକ୍ଟୋବର ୫ରେ ସିଆର ଅଧ୍ୟକ୍ଷ ସୁରେଶଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଏକ ୫ ଜଣିଆ ଦଳ ଡଙ୍କାରୀ ଅନୁଧ୍ୟାନ କରି ଫେରିବା ପରେ ଅକ୍ଟୋବର ୧୫ରେ ପୋଲିସ, ଜଙ୍ଗଲ, ରାଜସ୍ୱ, ଏସପିସିବି ଓ ଖଣି ବିଭାଗ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଥିଲା। ସେଠାରେ ୧୪୪ ଧାରା ଜାରି କରିବା ସହିତ ୬ଟି ଖାଦାନକୁ ସିଲ କରାଯାଇଥିଲା । ତେବେ ପୂର୍ବରୁ ଉତ୍ତୋଳିତ ମାଲ ଜବତ ହୋଇ ନ ଥିଲା। ଏବେ ଏନ୍‌ଜିଟି ରାୟ ପରେ ୨୦୦୨ ରୁ ୨୦୧୭ ମଧ୍ୟରେ ସମ୍ପୃକ୍ତ ଅଧିକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଧର୍ମଶାଳା ଭାରପ୍ରାପ୍ତ ତହସିଲ ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ, କ୍ରମାଗତ ଭାବେ ଡଙ୍କାରୀ ଉପରେ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିରେ କୌଣସି ଅବହେଳା ପ୍ରଦର୍ଶନ କରାଯାଉ ନାହିଁ ବୋଲି କହିଛନ୍ତି।

## ଚାଷୀଙ୍କୁ ମିଳିଲା...

ଏହି ଯୋଜନା ଓଡ଼ିଶା ଅର୍ଥନୀତି ବିକାଶରେ ମାଇଲଖୁଣ୍ଟ ହେବ। ଏହା ଦ୍ୱାରା ଚାଷବାସ ଏବଂ ଚାଷୀ ପରିବାରର ଉନ୍ନତି ହେବ। ମହାପ୍ରଭୁଙ୍କ ଆଶୀର୍ବାଦ, ଚାଷୀ ଭାଇଙ୍କ ସହଯୋଗ ଓ ପରିଶ୍ରମ ଯୋଗୁ ଓଡ଼ିଶା ଖାଦ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛି। ଏବେ ଓଡ଼ିଶା ଅନ୍ୟ ରାଜ୍ୟକୁ ଖାଦ୍ୟ ଯୋଗାଉଛି। ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ସବୁଠୁ ଅଧିକ ଚାଉଳ ଦେଉଛି ଓଡ଼ିଶା । ନିଅଣ୍ଟିଆରୁ ଏକ ବଳକା ରାଜ୍ୟରେ ପରିଣତ ହୋଇପାରିଛି। ଚାଷୀ ଭାଇଙ୍କ ନିଷ୍ଠା ଓ ପରିଶ୍ରମ ଯୋଗୁ ଓଡ଼ିଶା ୫ଥର କୃଷି କର୍ମଣ ପୁରସ୍କାର ପାଇଛି। ଗତ ୪ ବର୍ଷରେ ଜଳସେଚନ ପାଇଁ ୩୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାର ୮ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ସାରିଛନ୍ତି। ୨୦୧୪ ନିର୍ବାଚନରେ ଅଧିକ ୧୦ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ଆସନ୍ତା ଏପ୍ରିଲ ସୁଦ୍ଧା ବଳକା ଲକ୍ଷ୍ୟ ପୂରଣ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଗରିବି ଆଉ ଓଡ଼ିଶାର ପରିଚୟ ହୋଇ ରହିନାହିଁ। ଦାରିଦ୍ର୍ୟ ହ୍ରାସ କରିବାରେ ଓଡ଼ିଶା ଦେଶରେ ଆଗୁଆ ହୋଇ ପାରିଛି। ୨୦୦୪-୦୫ରୁ ୨୦୧୧-୧୨ ମଧ୍ୟରେ ରାଜ୍ୟର ୮୦ ଲକ୍ଷ ଲୋକଙ୍କୁ ଦାରିଦ୍ର୍ୟ ସୀମା ରେଖା (ବିପିଏଲ୍)ଉପରକୁ ଉଠାଯାଇଛି। ଚାଷୀଙ୍କ ପାଇଁ ଯେଉଁ କାଳିଆ ଯୋଜନା କରାଯାଇଛି ତାହା ସାରା ଦେଶର ଏକ ଆଦର୍ଶ ଯୋଜନାରେ ପରିଣତ ହୋଇଛି। ଏହି ଯୋଜନାରେ ସାଧାରଣ, କ୍ଷୁଦ୍ର, ଭାଗଚାଷୀ, ନାମମାତ୍ର ଚାଷୀ ଓ କୃଷି ଶ୍ରମିକ ସମସ୍ତେ ଏହାର ସୁଫଳ ପାଇବେ। ଖରିଫ ଓ ରବି ଋତୁରେ ଚାଷ ପାଇଁ ୫ ହଜାର ଟଙ୍କା ଲେଖାଏ ସହାୟତା ମିଳିବ। ବିନା ସୁଧରେ ଚାଷୀଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବ। ଚାଷ କାମ କରିପାରୁ ନ ଥିବା ଚାଷୀ, କୃଷି ଶ୍ରମିକମାନଙ୍କ ଜୀବନ ଜୀବିକା ପାଇଁ ପ୍ରତ୍ୟେକଙ୍କୁ ୧୨,୫୦୦ ଟଙ୍କା ଲେଖାଏ ସହାୟତା ରାଶିର ବ୍ୟବସ୍ଥା ହୋଇଥିବା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। କାଳିଆ ଯୋଜନା ଦ୍ୱାରା ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ। ରାଜ୍ୟର ଜଣେ ବି ଯୋଗ୍ୟ ଚାଷୀ ଏହି ଯୋଜନାରୁ ଯେପରି ବଞ୍ଚିତ ନ ହେବେ ସେଥିପ୍ରତି ଧ୍ୟାନ ଦିଆଯାଉଛି । କାଳିଆ ଯୋଜନା ଓ ଗତ ଦୁଇ ଦଶନ୍ଧିରେ ବିଭିନ୍ନ କ୍ଷେତ୍ରରେ ଆସିଥିବା ପରିବର୍ତ୍ତନ ନେଇ ମୁଖ୍ୟମନ୍ତ୍ରୀଙ୍କର ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ କରାଯାଇଥିଲା। ଏଥିରେ ୧୯୯୯ର ମହାବାତ୍ୟାଠାରୁ ଆରମ୍ଭ କରି ବର୍ତ୍ତମାନର କାଳିଆ ଯୋଜନା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଭିଡିଓ ବାର୍ତ୍ତା ମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୧୯୯୯ ମହାବାତ୍ୟା ଓଡ଼ିଶାର ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ହଜାର ହଜାର ଲୋକ ବେସାହାରା ହୋଇପଡିଥିଲେ। ସେହି ପରିସ୍ଥିତିରେ ୨୦୦୦ ମସିହାରେ ରାଜ୍ୟବାସୀ ସେବା କରିବାର ସୁଯୋଗ ଦେଇଥିଲେ। ଆଗରେ ଥିଲା ଅନେକ ଆହ୍ୱାନ। ରାଜ୍ୟବାସୀଙ୍କ ସହଯୋଗ ହିଁ ଉକ୍ତ ଆହ୍ୱାନର ମୁକାବିଲା ପାଇଁ ସାହସ ଯୋଗାଇଥିଲା। ଖାଦ୍ୟଶସ୍ୟ ପାଇଁ ଓଡ଼ିଶା ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିଲା। ବନ୍ୟା ବାତ୍ୟା ସମୟରେ ଲୋକଙ୍କୁ ରିଲିଫ ଦେବା ପାଇଁ ଚାଉଳ ନ ଥିଲା। ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ରାଜ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ୨୦୦୭ରୁ ପରିସ୍ଥିତି ବଦଳିବା ଆରମ୍ଭ କରିଛି । ଜଳସେଚନରେ ଉନ୍ନତି ସହିତ ବୈଷୟିକ ଜ୍ଞାନର ପ୍ରୟୋଗ ଓ ଋଣ ବ୍ୟବସ୍ଥାରେ ଉନ୍ନତି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମହିଳା ସଶକ୍ତୀକରଣ ସମାବେଶ ଭଳି କାଳିଆ ମହାସମାବେଶ ମଞ୍ଚରେ ନ ଥିଲେ କୌଣସି ସରକାରୀ ଅଫିସର, ନେତା କିମ୍ବା ମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ସହ ମଞ୍ଚରେ ବସିଥିଲେ ପୁରୀର ଗନ୍ଧର୍ବ ପରିଡ଼ା, ଦେବଗଡ଼ର ପ୍ରସନ୍ନ ପଟେଲ, କୋରାପୁଟର ତପନ କୁମାର ପଣ୍ଡା ଏବଂ ମୟୂରଭଞ୍ଜର ସଞ୍ଜିତ ମହାନ୍ତି।

## ଚାଷୀଙ୍କୁ ପ୍ରଥମେ କହିବାର ସୁଯୋଗ ବି ମିଳିଥିଲା...

ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୦ ଜଣ ଚାଷୀଙ୍କୁ କାଳିଆ ସହାୟତା ମାନପତ୍ର ପ୍ରଦାନ କରିଥିଲେ। ସମାବେଶରେ କୃଷିମନ୍ତ୍ରୀ ଶଶିଭୂଷଣ ବେହେରା, ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଦକ୍ଷତା ବିକାଶ ମନ୍ତ୍ରୀ ଉଷା ଦେବୀ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ମାଝି, ବୟନ ଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଉନ୍ନୟନ କମିଶନର ଅସିତ ତ୍ରିପାଠୀ, ସମବାୟ ସଚିବ କ୍ରିଷନ କୁମାର, କୃଷି କମିଶନର ଗଗନ ଧଳ, କୃଷି ସଚିବ ସୌରଭ ଗର୍ଗ, ସୂଚନା ଓ ଲୋକସମ୍ପର୍କ ସଚିବ ସଞ୍ଜୟ ସିଂ, ପୁରୀ ଏମ୍‌ପି ପିନାକୀ ମିଶ୍ର, ଢେଙ୍କାନାଳ ଏମ୍‌ପି ତଥାଗତ ସତପଥୀ, କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ଦେବୀ, ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା, ରାଜ୍ୟ ସଭା ସଦସ୍ୟ ଅନୁଭବ ମହାନ୍ତି, ବିଧାୟକ ଦେବାଶିଷ ସାମନ୍ତରାୟ, ସଞ୍ଜୟ ଦାସବର୍ମା, ସମୀର ରଞ୍ଜନ ଦାଶ, ସୁରେନ୍ଦ୍ର କୁମାର ସେଠୀ, ବିଧାୟକ ପ୍ରଦୀପ ମହାରଥୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆକାଶ ଦାସ ନାୟକ, ପ୍ରୀତିରଞ୍ଜନ ଘଡାଇ, ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଣବ, ନାନାଜୀ ଓ ଭୂପେନ୍‌ଙ୍କୁ ...

ରାଷ୍ଟ୍ରନେତା ଭାବେ ତାଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ପ୍ରଣବଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ପ୍ରଦାନ ଲାଗି ମନୋନୀତ କରାଯାଇଛି। ତାଙ୍କର ଜ୍ଞାନ ଏବଂ ବୁଦ୍ଧିମତ୍ତା ସହ କ୍ୱଚିତ୍ ତୁଳନୀୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇବା ଅବସରରେ ଟୁଇଟ୍ କରିଛନ୍ତି। ସେହିପରି ହାଜାରିକାଙ୍କ ସଙ୍ଗୀତ ବହୁ ପିଢ଼ିର ଲୋକଙ୍କ ଦ୍ୱାରା ଆଦୃତ। ତାଙ୍କ ସଙ୍ଗୀତରୁ ନ୍ୟାୟ, ସଦ୍‌ଭାବନା ଏବଂ ଭ୍ରାତୃଭାବର ବାର୍ତ୍ତା ପରିସ୍ଫୁଟ ହୋଇଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭୂପେନଦା'ଙ୍କୁ ଭାରତରତ୍ନ ପାଇଁ ମନୋନୀତ କରାଯାଇଥିବାରୁ ସେ ଆନନ୍ଦିତ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ସେହିପରି ଗ୍ରାମାଞ୍ଚଳର ବିକାଶରେ ଦେଶମୁଖଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## 'ଚୌକିଦାରଙ୍କ ହାତରେ ...

ଓଡ଼ିଶାରେ ଥିବା ତାଙ୍କର କନିଷ୍ଠ ସହଯୋଗୀ ନବୀନ ପଟ୍ଟନାୟକ ମଧ୍ୟ ଚାଷୀଙ୍କ ପାଇଁ ନୂଆ ନୂଆ ପ୍ରତିଶ୍ରୁତି ଦେଉଛନ୍ତି। ଏଠି ବିଜେଡି ସରକାର ବହୁବର୍ଷରୁ ଶାସନରେ ରହିଛି। ପ୍ରତିଥର କିଛି ନା କିଛି ମିଛ କହିଚାଲିଛି। ମୁଁ ଏଠାରେ ଆପଣମାନଙ୍କୁ ମିଛ କହିବା ପାଇଁ ଆସିନାହିଁ। ପ୍ରତି ଆକାଉଣ୍ଟକୁ ୧୫ଲକ୍ଷ ଟଙ୍କା ଆସିବ ବୋଲି ସେଭଳି ମିଛ ପ୍ରତିଶ୍ରୁତି ଦେବିନି ବୋଲି କହି ରାହୁଲ ସିଧା ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରିଛନ୍ତି। ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ରେ କଂଗ୍ରେସ ସରକାର ଗଢ଼ିବାର ୧୦ ଦିନ ମଧ୍ୟରେ କୃଷିଋଣ ଛାଡ଼ କରିବାକୁ ପ୍ରତିଶ୍ରୁତି ଦେଇଥିଲି। ସେହି ୩ ରାଜ୍ୟର ଚାଷୀ କଂଗ୍ରେସକୁ ସମର୍ଥନ କରି ଭୋଟ୍ ଦେଲେ। ସେଠାରେ କଂଗ୍ରେସ ସରକାର ଗଢ଼ିବାର ୧୦ଦିନ ନୁହେଁ ୨ଦିନ ଭିତରେ କୃଷିଋଣ ଛାଡ କରାଗଲା। ଏହାସହ ଚାଷୀଙ୍କ ଉତ୍ପାଦନ ଶସ୍ୟର ଉପଯୁକ୍ତ ମୂଲ୍ୟ କଂଗ୍ରେସ ଦେଉଛି। ଛତିଶଗଡ଼ରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨୫୦୦ଟଙ୍କା ଦେଉଛି। ଚାଷୀମାନଙ୍କୁ ଏହା କଂଗ୍ରେସ ସରକାରଙ୍କ ଦୟା ନୁହେଁ, ତାହା ସେମାନଙ୍କ ହକ୍। ମୋଦି କେତେଜଣ ଶିଳ୍ପପତିଙ୍କ ସାଢେ ୩ଲକ୍ଷ କୋଟି ଟଙ୍କା ଋଣ ଛାଡ କରିଛନ୍ତି। ଏଠିକା ମୁଖ୍ୟମନ୍ତ୍ରୀ ସବୁବେଳେ କେତେଜଣ ଶିଳ୍ପପତିଙ୍କୁ ଉପହାର ଦେଇଚାଲିଛନ୍ତି। ଆମେ ସବୁବେଳେ ଦେଶର ଚାଷୀଙ୍କୁ ନ୍ୟାୟ ଦେବାକୁ ପ୍ରୟାସ କରିଛୁ। ତେଣୁ ଯେଉଁସବୁ ରାଜ୍ୟରେ କଂଗ୍ରେସ ସରକାର ଅଛି, ସେଠାରେ ଚାଷୀଙ୍କୁ ନ୍ୟାୟ ଦେଇଛୁ ବୋଲି ସେ କହିଛନ୍ତି। ନିର୍ବାଚନକୁ ଆଉ ମାତ୍ର ୨ରୁ ୩ମାସ ରହିଛି। ଏଠି କଂଗ୍ରେସ ସରକାର ଆସିବାର ୧୦ ଦିନ ମଧ୍ୟରେ ଚାଷୀଙ୍କ ଋଣ ଛାଡ କରିବୁ। ଏହାସହ ଧାନର ଏମ୍‌ଏସ୍‌ପି ୨୬୦୦ଟଙ୍କା ଦେବୁ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଜାବ ଓ ହରିୟାଣା ଚାଷୀଙ୍କ ଜୀବନ ଉପା ସରକାର ବଦଳାଇ ଦେଇଛି। ଓଡ଼ିଶାକୁ ମଧ୍ୟ ଆମେ ସେପରି କରିବାକୁ ଚାହୁଁଛୁ। ଓଡ଼ିଶାରେ ସରକାର ଆସିଲେ ଏଠାର ପ୍ରତ୍ୟେକ ଜିଲା ଓ ବ୍ଲକରେ ଖାଦ୍ୟ ପ୍ରକ୍ରିୟାକରଣ କାରଖାନା ବସାଇବୁ ବୋଲି ସେ କହିଛନ୍ତି।

ଏହା ଏପରି ଏକ ପ୍ରଦେଶ ଯେଉଁଠି ଜଣେ ଆଦିବାସୀ ନିଜ ସ୍ତ୍ରୀଙ୍କ ମୃତଦେହକୁ ପିଠିରେ ବୋହି ୧୦ରୁ ୧୫କିମି ଯାଉଛି କହି ରାହୁଲ ବିଜେଡିକୁ ସମାଲୋଚନା କରିଛନ୍ତି। ଏଠି ଯେଉଁ ଶିଳ୍ପ ବନ୍ଦ ହୋଇପଡିଛି ସେସବୁ ଆମେ ଖୋଲିବା କାମ କରିବୁ। ବେରୋଜଗାରି ସମସ୍ୟା ମଧ୍ୟ ଲୋକମାନଙ୍କ ଚିନ୍ତା ବଢାଇଦେଇଛି। ମୋଦି କହିଥିଲେ, ଦେଶରେ ଭାଜପା ସରକାରକୁ ଆସିଲେ ୨କୋଟି ଯୁବକଙ୍କୁ ନିଯୁକ୍ତି ଦେବେ। ୨୦୨୦ ସୁଦ୍ଧା ନବୀନ ୩୦ ଲକ୍ଷ ଯୁବପିଢ଼ିଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୬୦ଲକ୍ଷ ଯୁବକ ଓଡ଼ିଶା ବାହାରକୁ କାମ ଖୋଜିବାକୁ ଯାଉଛନ୍ତି। ଏକ ଲକ୍ଷ ୩୧ହଜାର ସରକାରୀ ପଦବୀ ଏଠି ଖାଲି ପଡିଛି। ୩୦ହଜାର ଶିକ୍ଷକ ପଦବୀ ଖାଲି ପଡିଛି। ବିଶ୍ୱବିଦ୍ୟାଳୟରେ ୧୨୦୦ ଶିକ୍ଷକ ପଦବୀ ଖାଲି ପଡିଛି। ଏହା ଓଡ଼ିଶାର ବିକାଶ। କଂଗ୍ରେସ ରାଜ୍ୟ ନେତୃବୃନ୍ଦ ଏବେ ଏକାଠି ହେଲେଣି ଆଗକୁ ସମସ୍ତେ ଏକ ହୋଇ କାମ କରିବେ ବୋଲି ରାହୁଲ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୋ ମୁକୁତି,**
**ବାର ବରଷରେ ହବୁ ପୋଖତି ।**

ବାହାଘରର ୨-୩ବର୍ଷ ଭିତରେ ପିଲାପିଲି ନ ହେଲେ ଅନେକେ ଖରାପ ଭାବନ୍ତି। ବନ୍ଧ୍ୟା ସ୍ତ୍ରୀକୁ ଦେଖିଲେ ଅଶୁଭ ବୋଲି ଭାବନ୍ତି। ଆଡ଼ ଆଖିରେ ବି ଅନାନ୍ତି ନାହିଁ। କଥାରେ କଥାରେ ଆଜିଯାଏ ତ ପିଲାପିଲିର ମା' ହେଲୁନି ଆଉ କେବେ ହବୁ, ପୁଅ ବୁଢ଼ୀ ହୋଇଗଲେ କି ବୋଲି ଟାହିଟାପରା କରିଥାନ୍ତି। ବନ୍ଧ୍ୟା ରହିବା ଏକ ସାମାଜିକ କଳଙ୍କ ବୋଲି ଧରାଯାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ରସିକ,**
**କଖାରୁ ଫୁଲକୁ ପାରୁଡ଼ା ପୋକ ।**

କଖାରୁ ଫୁଲ ହଳଦିଆ । ତା'ର ବାସନା ନାହିଁ। ଏହି ଫୁଲକୁ କେହି ଫୁଲ ବୋଲି ଗଣତି କରନ୍ତି ନାହିଁ। ପାରୁଡ଼ା ପୋକ ଅସୁନ୍ଦର ଦୁର୍ଗନ୍ଧଯୁକ୍ତ। ହାତରେ ମଳି ହୋଇଗଲେ ହାତ ଗନ୍ଧାଏ। ସେ କଖାରୁ ଫୁଲରେ ବସି ରସ ସଂଗ୍ରହ କରେ। ପରୋକ୍ଷରେ ଅପରଷ୍କାର ତଥା ଯାହାକୁ କେହି ଅନେଇ ନ ଥାନ୍ତି, ତା' ପଛରେ ଧାଇଁ ରସିକପଣିଆ ଦେଖେଇ ହେଉଥିବା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


### THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

**NIT No. 04/E-PROC/OMC/2019**

No.: CAD-1321: Tender for the following works is invited on-line through e-procurement portal of Govt. of Odisha.

| Sl. No. | Name of the Work | Estimated Cost (Rs. in Lakhs) | Time Period of the work in Month | Class of Contractor | EMD (Rs.) Online | Cost of Bid Document (Rs.) Online |
|---|---|---|---|---|---|---|
| 1. | Development of haul road from hill top to stack yard at Ichinda of Gandhamardan Mines in the dist of Keonjhar. | 1170.36 Lakhs | 9 (Nine) | Special & Super | 11,71,000/- | 10,000/- + 18% GST |

1. Available of Bid document in Govt. portal from dt.29.01.2019 to dt.12.02.2019 up to 5.00 P.M.
2. Last date of on-line submission of tender in the portal is dt. 12.02.2019 up to 5.00 PM.
3. Date of opening of Technical Bid is dt.13.02.2019 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in**. The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0163/1819 G.M. (Civil)

### GOVERNMENT OF ODISHA
### DEPARTMENT OF TOURISM

Paryatan Bhawan, Lewis Road, Bhubaneswar - 751 014
Phone: (0674) 2432177 | Fax: (0674) 2430887

**CORRIGENDUM**

No.: 923 Date: 24.01.19
T-Cord-II(S)-32/2019

No.- R: It is hereby informed that the last date for submission of bid with reference to **RFP No.: 12862/TSM, Dated: 26.12.2018** is hereby extended upto 15th February 2019 (Friday) upto 14.00 Hrs.

37001/11/0083/1819 Sd./- Director & Joint Secretary to Govt.

### THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No. CAD-1322

No.1155/OMC/PERSNL/2019
Date: 24/01/2019

**WALK-IN-INTERVIEW**

The Odisha Mining Corporation Ltd., a Gold Category State PSU having annual turnover of Rs.2853 Crore during FY 2017-18 intends to fill up the following posts through direct recruitment by the Walk-in-Interview mode/process.

| Sl. No. | Name of the Post | No. of Vacant Posts | Scale of Pay | Qualification | Age as on 01.02.2019 |
|---|---|---|---|---|---|
| 1 | Foreman (Min.) | 21 | Pay Level-9 (Rs. 35400 - 112400/-) | Diploma in Mining with Foreman Competency Certificate issued by DGMS | Not below 18 years and above 32 years |
| 2 | Mining Mate - III | 40 | Pay Level- 5 (Rs.21700-69100/) (one extra increment at the time of entry) | HSC with Mining Mate Certificate of Competency issued by DGMS as per MMR, 1961 | Not below 18 years and above 32 years |

**DATE & PLACE OF WALK-IN-INTREVIEW**

| POST | Date & Time | Venue of Interview |
|---|---|---|
| Foreman(Min.) | 06.02.2019 at 8.00 AM & 07.02.2019 at 8.00 AM | OMC Colony of Regional Office, OMC Ltd. At/Po- Barbil, Dist- Keonjhar |
| Mining Mate-III | 08.02.2019 at 8.00 AM | |

- Candidates belonging to domicile of Odisha only shall be eligible to face the Walk-in-Interview for the above posts.
- Upper age limit in case of SC/ST/SEBC/Women/PWD/Sports person/Ex-servicemen shall be relaxed as per norms of Govt. Similarly upper age limit in case of departmental candidates fulfilling the eligibility criteria shall be relaxed up to maximum 10 years.
- Interested candidates shall attend the walk-in-interview as per the above schedule.
- The candidates shall be required to handover detailed bio-data (in the format to be downloaded from OMC website www.omcltd.in) along with self-attested copies of certificates and mark sheets from HSC onwards. They shall produce the original certificates before one hour of the interview for verification.
- Actual journey fare in the shortest route by bus / train (2nd class) shall be reimbursed to SC/ST unemployed candidates subject to production of ticket & undertaking to the effect that they are not employed in Govt./Semi Govt. organization/PSUs.
- OMC reserves the right to cancel the interview without assigning any reason thereof. For details please visit OMC website: www.omcltd.in

30005/11/0164/1819 GENERAL MANAGER (P&A).


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BIKASA FINANCE
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add.: T-51, Gali No. 8, Gautampuri, Delhi

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଜନତା ଫାଇନାନ୍ସ
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers 9915535422 7626900260
Address C-281, Pratap Gali, Nanakchand Road, South Delhi - 110003

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରନ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

BUSINESS
ଖାଲିଥିବା ଜମି ଓ ଛାତ ଉପରେ ହିନ୍ଦୁସ୍ଥାନ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 95,000,00/- ପାଆନ୍ତୁ ଓ ମାସକୁ ଭଡା 95,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଦରମା 70,000/-ଟଙ୍କା + 1 Bike
ରେଜିଷ୍ଟ୍ରେସନ ଫ୍ରୀ - ଏଗ୍ରୀମେଣ୍ଟ ୨୦ ବର୍ଷ
Plot No - 114/617, Devaraja Mohalla, Bangalore, Karnataka 570001
9634734514
7599131272

ଋଣ - ଋଣ - ଋଣ
ଟଙ୍କା ନେଇନ୍ତୁ - ଧୋକା ଦେଇନ୍ତୁ
ଆଗେ କାମ - ପରେ ଦାମ
ସତ୍ୟମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନ କାର୍ଡ ପର୍ସନାଲ, ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କଠାରୁ ସାବଧାନ - ଯୋଗାଯୋଗ କରନ୍ତୁ -
7310616567, 7310612716
SCO- 106, Second Floor, Vishal Tower, Cannaught Place, Delhi.

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 (Telangana)
7787907927
7787922501
9319932148
Email id- pmjansamridhi@gmail.com

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7520206361
7061764396
Bukaro malepur, jamui Bihar-811313


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




"ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।"
- ଗୀତା



**ସଂକ୍ଷେପରେ**

## ପିସ୍ତଲ ଲଗାଇ ଲୁଟ୍ ଘଟଣା, ୪ ଅଟକ

**ରେମୁଣା, ୨୫।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ରେମୁଣା ଥାନା ଦୁର୍ଗାଦେବୀ ପଞ୍ଚାୟତ ରାଉତୁରାପୁର ଗାଁର ଏକ ଦମ୍ପତିଙ୍କୁ ମଙ୍ଗଳବାର ରାତିରେ ପିସ୍ତଲ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଲୁଟ୍‌ର ଶିକାର ହୋଇଥିବା ଦମ୍ପତି ହେଲେ ସୁଶାନ୍ତ ମାହାର୍ଣ୍ଣା ଓ ପ୍ରମିଳା। ୪ଜଣ ମୁଖାପିନ୍ଧା ଯୁବକ ପିସ୍ତଲ ଦେଖାଇ ସୁନା ଅଳଙ୍କାର, ବାଇକ ଓ ନଗଦ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ରେମୁଣା ପୋଲିସ ବୁଧବାର ଓ ଗୁରୁବାର ୪ଜଣଙ୍କୁ ଅଟକ ରଖିଛନ୍ତି। ଅଟକ ୩ଜଣ ସ୍ଥାନୀୟ ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ କେନ୍ଦ୍ରାପଡାର ବୋଲି ଜଣାପଡିଛି।

# ୪୩ ଜଣଙ୍କୁ ପୋଲିସ ପଦକ

## ଆଜି ପୁରସ୍କୃତ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୫।୧(ବ୍ୟୁରୋ)

ପୋଲିସ ସେବା କ୍ଷେତ୍ରରେ ଉତ୍ତମ କାର୍ଯ୍ୟ ପାଇଁ ୪୩ ଜଣ ପୋଲିସ ଅଧିକାରୀ ଏବଂ କର୍ମଚାରୀ ପୋଲିସ ପଦକ ପାଇବା ପାଇଁ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ହୋଇଛନ୍ତି। ସାହସିକତା ପାଇଁ ୧୧ ଜଣ ମନୋନୀତ ହୋଇଥିବାବେଳେ ବିଶିଷ୍ଟ ସେବା ନିମନ୍ତେ ୪ଜଣ, ଉଲ୍ଲେଖନୀୟ ସେବା ଲାଗି ୧୪ ଏବଂ ଉଲ୍ଲେଖନୀୟ ସେବା ସକାଶେ ରାଜ୍ୟପାଳ ପୋଲିସ ପଦକ ପାଇଁ ୧୪ ଜଣ ଚୟନ ହୋଇଛନ୍ତି। ଶନିବାର ସାଧାରଣତନ୍ତ୍ର ଦିବସ ଅବସରରେ ସୂଚନାଭବନରେ ଆୟୋଜିତ ଏକ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ପଦକ ପ୍ରଦାନ କରିବେ।

ଉଲ୍ଲେଖନୀୟ ସେବା ନିମନ୍ତେ ରାଜ୍ୟପାଳ ପୋଲିସ ପଦକ ପାଇବାକୁ ଥିବା ଅଫିସରମାନେ ହେଲେ ସିଆଇଡି ଆଇଜିପି ଅରୁଣ ବୋଥ୍ରା, ଆଇଜିପି 'ଲ ଆଣ୍ଡ ଅର୍ଡର' ଅମିତାଭ ଠାକୁର, ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି ସୁନ୍ଧା ସିଂ, କମାଣ୍ଡାଣ୍ଟ ସିକ୍ୟୁରିଟି କାହ୍ନୁରଞ୍ଜନ ପଟ୍ଟନାୟକ, ଗଞ୍ଜାମ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର, ଇଓଡବ୍ଲ୍ୟୁ ଇନ୍ସପେକ୍ଟର ଆଶିଷ କୁମାର ମିଶ୍ର, ଇନ୍ସପେକ୍ଟର କଟକ ୟୁପିଡି ରଶ୍ମିରଞ୍ଜନ ମହାପାତ୍ର, ସିକ୍ୟୁରିଟି ଉଇଙ୍ଗ ଏସ୍‌ଆଇ ଅରୁଣ ବଳିଆର ସିଂ, କଟକ ୟୁପିଡି ଏସ୍‌ଆଇ ସୁବାସଚନ୍ଦ୍ର ମଲିକ, ଭୁବନେଶ୍ୱର ଇଓଡବ୍ଲ୍ୟୁ ଏଏସ୍‌ଆଇ ସୁକାନ୍ତ କୁମାର ମହାନ୍ତି, ଝାରସୁଗୁଡା ହାବିଲଦାର ଆଲେକ୍‌ଜାଣ୍ଡର କୁଜୁର, ସ୍ପେଶାଲ ବ୍ରାଞ୍ଚ କନଷ୍ଟେବଳ ଅବକାଶ ଚନ୍ଦ୍ର ପଣ୍ଡା, ଗଞ୍ଜାମ କନଷ୍ଟେବଳ ସୋମନାଥ ସ୍ୱାଇଁ ଓ କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟର କନଷ୍ଟେବଳ ପବିତ୍ର ମୋହନ ପ୍ରଧାନ।

ସେହିପରି କୋରାପୁଟର ଅତିରିକ୍ତ ଏସ୍‌ପି(ଅପରେଶନ୍) ନିରଞ୍ଜନ ସାହୁ, ଚନ୍ଦକା ଏସ୍‌ଓଜିର ଏସ୍‌ଆଇ ଉମେଶ କୁମାର ସିଂ, ହାବିଲଦାର ଭକ୍ତପ୍ରିୟ ସାହୁ, କନଷ୍ଟେବଳ ଭୀଷ୍ମ କରୁନ, କୋରାପୁଟ ଓଏସ୍‌ଏପି ୩ୟ ବାଟାଲିୟନର ସୌମ୍ୟରଞ୍ଜନ ଦାଶଙ୍କ ସମେତ ୧୧ ଜଣଙ୍କୁ ସାହସିକତା ପାଇଁ ପୋଲିସ ପଦକ ଦିଆଯିବ। ଏହାବ୍ୟତୀତ ବିଶିଷ୍ଟ ସେବା ନିମନ୍ତେ ଇଓଡବ୍ଲ୍ୟୁର ଅତିରିକ୍ତ ଏସ୍‌ପି ସରୋଜ କୁମାର ରଥ, ଅତିରିକ୍ତ ଏସ୍‌ପି ଜ୍ଞାନରଞ୍ଜନ ମହାନ୍ତିଙ୍କ ସମେତ ୪ ଜଣଙ୍କୁ ଏବଂ ଉଲ୍ଲେଖନୀୟ ସେବା ପାଇଁ ଛତ୍ରପୁର ଓଏସ୍‌ଏପି କମାଣ୍ଡାଣ୍ଟ ଉଦୟ କୁମାର ରଥ, ଏସ୍‌ଆଇଡବ୍ଲ୍ୟୁ ଏସ୍‌ପି ଟଙ୍କଧର ପ୍ରଧାନ, ଡେପୁଟି କମିଶନର ଅଫ ପୋଲିସ ଟ୍ରେନିଙ୍ଗ ବିଜୟ କୁମାର ସାହୁ, କଟକ ସିଆଇଡି ଏସ୍‌ପି ରାଧାବିନୋଦ ପାଣିଗ୍ରାହୀଙ୍କ ସମେତ ୧୪ଜଣଙ୍କୁ ପୋଲିସ ପଦକ ପ୍ରଦାନ କରାଯିବ।

### ୨୯ରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

## ଗଜପତିର ଛାତ୍ର ଶୁଭାଶିଷ ମନୋନୀତ

**ପାରଳାଖେମୁଣ୍ଡି/ରାମଗିରି, ୨୫।୧(ସ୍ୱ.ପ୍ର./ଡି.ଏନ.ଏ)**



ଶୁଭାଶିଷ ଗୌଡ ।

ଆସନ୍ତା ୨୯ତାରିଖରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍'ରେ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ପାଇଁ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜବାହର ନବୋଦୟ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ଶୁଭାଶିଷ ଗୌଡ ମନୋନୀତ ହୋଇଛନ୍ତି। ଭିଡିଓ କନଫରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପ୍ରଶ୍ନର ଉତ୍ତର ଦେବେ। ଓଡ଼ିଶାରୁ ମନୋନୀତ ହୋଇଥିବା ୧୨ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଜପତି ଜିଲାରୁ ଶୁଭାଶିଷ ହେଉଛନ୍ତି ଏକମାତ୍ର ଛାତ୍ର । ଏଥିଲାଗି ତାଙ୍କୁ ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି। ଶୁଭାଶିଷଙ୍କ ଘର ଆର୍.ଉଦୟଗିରି ବ୍ଲକର ରାମଗିରି ଗ୍ରାମରେ ହୋଇଥିବାବେଳେ ତାଙ୍କ ବାପା ଅନଘା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ଜଣାପଡ଼ିଛି।

## ନିଶ୍ଚେତକ ଇଞ୍ଜେକ୍‌ଶନ ଦେବା ପରେ ଗର୍ଭବତୀ ମୃତ

ସୋନପୁର,୨୫।୧(ନି.ପ୍ର.)

- ମୃତଦେହ ବ୍ୟବଚ୍ଛେଦ କରା ଗଲାନି
- ମହାପ୍ରୟାଣ ଗାଡ଼ିରେ ଘରକୁ ପଠାଇ ଦିଆଗଲା
- ତଦନ୍ତ ପାଇଁ ନିର୍ଦ୍ଦେଶ

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଗର୍ଭବତୀ ସରସ୍ୱତୀ ମେହେର(୧୯)ଙ୍କ ଦୁଃଖଦ ମୃତ୍ୟୁ ଘଟିଛି। ନିଶ୍ଚେତକ ଇଞ୍ଜେକ୍‌ଶନ ଦେବା ପରେ ଇନାଫିଲେଟିକ୍ ରିଆକ୍ସନ୍ ଯୋଗୁ ତାଙ୍କ ମୃତ୍ୟୁ ହୋଇଥିବା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ପ୍ରକାଶ ଡନସେନା କହିଛନ୍ତି। ଅନ୍ୟପକ୍ଷେ ଡାକ୍ତରଙ୍କ ଅବହେଳା ଯୋଗୁ ସରସ୍ୱତୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଗଲାନି । ଦାୟିତ୍ୱରେ ଥିବା ଡାକ୍ତର ତରବରିଆ ଭାବେ ମୃତଦେହକୁ ମହାପ୍ରୟାଣ ଗାଡିରେ ତାଙ୍କ ଘରକୁ ପଠାଇ ଦେଇଥିଲେ । ଏହି ଘଟଣାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏପରି ଅଭିଯୋଗ ସାମ୍ନାକୁ ଆସିବା ପରେ ମୃତ୍ୟୁର କାରଣ ସମ୍ପର୍କରେ ଏକ ତିନିଜଣିଆ ଡାକ୍ତରୀ ଟିମ୍ ତଦନ୍ତ କରିବେ। ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ, ଭେଷଜ ବିଶେଷଜ୍ଞ ଓ ଜଣେ ସର୍ଜରୀ ବିଶେଷଜ୍ଞ ଏହି ଟିମ୍‌ରେ ଅଛନ୍ତି ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶୋଭା ଚନ୍ଦ୍ର ମେହେର କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ବୀରମହାରାଜପୁର ଥାନା ହନୁମାନପାଲିର ଯଦୁମଣି ମେହେରଙ୍କ ସ୍ତ୍ରୀ ସରସ୍ୱତୀଙ୍କ ଗର୍ଭଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁବାର ପୂର୍ବାହ୍ନ ୯ଟା ୨୦ରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ସିଏସ୍ କରାଯିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ଏଥିପାଇଁ ରାତି ୮ଟାରେ ଜଣେ ଡାକ୍ତର ସରସ୍ୱତୀଙ୍କୁ ନିଶ୍ଚେତକ ଇଞ୍ଜେକ୍‌ଶନ ଦେଇଥିଲେ। ଇଞ୍ଜେକ୍‌ଶନ ନେବାର ଅଳ୍ପ କିଛି ସମୟ ପରେ ଅଥାତ୍ ୮ଟା୧୦ରେ ସରସ୍ୱତୀଙ୍କ ମୃତ୍ୟୁ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଶ୍ଚେତକ ବିଶେଷଜ୍ଞ ପଦବୀ ପ୍ରଥମରୁ ଖାଲି ପଡିଛି। ସଂପୃକ୍ତ ଡାକ୍ତର ୩ ମାସିଆ ପ୍ରଶିକ୍ଷଣ ନେବା ପରେ ଏହି କାର୍ଯ୍ୟ ନିର୍ବାହ କରୁଛନ୍ତି।

# ଝାରସୁଗୁଡାରୁ ଦେଶର ୬ ସହରକୁ ଉଡ଼ିବ ବିମାନ

## ଭୁବନେଶ୍ୱର, ମୁମ୍ବାଇ, କୋଲକାତା, ହାଇଦ୍ରାବାଦ, ଦିଲ୍ଲୀ ଓ ରାୟପୁରକୁ ମିଳିବ ସେବା

**ଭୁବନେଶ୍ୱର, ୨୫।୧(ବ୍ୟୁରୋ)**

ବିମାନ ଯାତ୍ରୀଙ୍କ ପାଇଁ ଖୁସି ଖବର। ନିକଟ ଭବିଷ୍ୟତରେ ଝାରସୁଗୁଡ଼ାରୁ ଦେଶର ୬ ସହରକୁ ବିମାନ ସେବା ଆରମ୍ଭ ହେବ। କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ତୃତୀୟ ପର୍ଯ୍ୟାୟ ଉଡାନ୍ ଯୋଜନାରେ ଝାରସୁଗୁଡ଼ାରୁ ମୁମ୍ବାଇ, ଭୁବନେଶ୍ୱର, କୋଲକାତା, ହାଇଦ୍ରାବାଦ, ଦିଲ୍ଲୀ ଏବଂ ରାୟପୁରକୁ ବିମାନ ଉଡ଼ିବ। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି।

ତୃତୀୟ ପର୍ଯ୍ୟାୟ ଉଡାନ ଯୋଜନାରେ ମୋଟ ୨୩୫ଟି ରୁଟ୍ ପାଇଁ ଲାଇସେନ୍ସ ପ୍ରଦାନ କରାଯାଇଛି। ଏସବୁ ରୁଟ ପାଇଁ ଲାଇସେନ୍ସ ପାଇଥିବା ବିମାନସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ହେଲେ ସ୍ପାଇସ୍‌ଜେଟ, ଇଣ୍ଡିଗୋ, ଜେଟ ଏୟାରୱେଜ, ଏୟାର ଇଣ୍ଡିଆର ଶାଖା କମ୍ପାନୀ ଆଲାଏନ୍ସ ଏୟାର ଏବଂ ଟର୍ବୋ ଆଭିଏଶନ। ଉଭୟ ଆଲାଏନ୍ସ ଏୟାର ଏବଂ ଟର୍ବୋ ଆଭିଏଶନ ଝାରସୁଗୁଡାରୁ ଭୁବନେଶ୍ୱର ବିମାନ ସେବା ପ୍ରଦାନ କରିବେ। ଝାରସୁଗୁଡ଼ାରୁ ହାଇଦ୍ରାବାଦକୁ ସ୍ପାଇସଜେଟ୍ ବିମାନ ସେବା ପ୍ରଦାନ କରିବାକୁ ଥିବାବେଳେ ମୁମ୍ବାଇକୁ ଜେଟ୍ ଏୟାରୱେଜ୍, ଦିଲ୍ଲୀକୁ ସ୍ପାଇସଜେଟ୍, ରାୟପୁରକୁ ଆଲାଏନ୍ସ ଏୟାର ଓ ଟର୍ବୋ ଆଭିଏଶନ ସେବା ଯୋଗାଇବ। ଝାରସୁଗୁଡାରୁ ଦେଶର ୬ ପ୍ରମୁଖ ସହରକୁ ବିମାନ ସେବା ଆରମ୍ଭ ହେବା ଦ୍ୱାରା ଝାରସୁଗୁଡ଼ା ପ୍ରମୁଖ ରାଷ୍ଟ୍ରୀୟ ସହର ଭାବେ ପରିଗଣିତ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ବିମାନସେବାର ଉନ୍ନତି ପାଇଁ କେନ୍ଦ୍ର ସରକାର ୧୨୦୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏହି ଅର୍ଥରେ ରାଉରକେଲା, ଉତ୍କେଳା ଓ ଜୟପୁରଠାରେ ନୂଆ ବିମାନବନ୍ଦର ନିର୍ମାଣ ହେବ। ଏଥି ସହିତ ଭୁବନେଶ୍ୱରରେ ବର୍ତ୍ତମାନ ଟର୍ମିନାଲର ଉନ୍ନତୀକରଣ ସହ ନୂଆ ସମନ୍ୱିତ ଟର୍ମିନାଲ ପ୍ରତିଷ୍ଠା କରାଯିବ। ସେହିପରି ଓଡ଼ିଆ ଲୋକଙ୍କର ବିମାନସେବା ପାଇବା ନେଇ ରହିଥିବା ଆଶା ଆକାଂକ୍ଷା ପୂରଣ କରିବା ପାଇଁ କେନ୍ଦ୍ର ସରକାର ଭାଏବିଲିଟି ଗ୍ୟାପ୍ ଫଣ୍ଡ ବାବଦରେ ୧୦୧ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଉଡାନ୍-୩ ଯୋଜନାରେ ଏହି ନୂଆ ପଦକ୍ଷେପ ଓଡ଼ିଶାର ବିମାନ ଯୋଗାଯୋଗକୁ ସୁଦୃଢ଼ କରିବ। ଓଡ଼ିଶାର ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଜିଲାଗୁଡ଼ିକ ସହ ବିମାନବନ୍ଦରଗୁଡ଼ିକୁ ସଂଯୋଗ କରାଗଲେ ରାଜ୍ୟର ଆର୍ଥିକ ସ୍ଥିତି ଆହୁରି ସୁଦୃଢ଼ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ୨୮ରୁ ଓଡ଼ିଶା ଏମ୍‌ଏସଏମ୍‌ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

## ଦେଶ ବିଦେଶର ୪୦୦ ଷ୍ଟଲ୍ ଖୋଲିବ

**ଭୁବନେଶ୍ୱର,୨୫।୧(ବ୍ୟୁରୋ)**

ଓଡ଼ିଶା ଏମ୍‌ଏସଏମ୍‌ଇ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୧୯ ଜାନୁୟାରୀ ୨୮ରେ ଆରମ୍ଭ ହେବ। ଏହା ଫେବୃୟାରୀ ୩ ତାରିଖ ଯାଏ ଚାଲିବ। ଏଥିରେ ନବପ୍ରବର୍ତ୍ତନ, ଔଦ୍ୟୋଗିକତା ଓ ଷ୍ଟାର୍ଟ ଅପ୍ କ୍ଷେତ୍ରକୁ ଗୁରୁତ୍ୱ ଦିଆଯିବ। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନଙ୍କର ଉତ୍ପାଦ ଓ ସେବାର ବିପଣନ ନିମନ୍ତେ ଏକ ମଞ୍ଚ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ବାଣିଜ୍ୟ ମେଳା ଅନୁଷ୍ଠିତ ହେଉଛି। ଏଥିରେ ପ୍ରାୟ ୪୦୦ ଏମ୍‌ଏସଏମ୍‌ଇ ଅଂଶଗ୍ରହଣ କରିବେ। ଏଥିସହିତ ଇରାନ, ବାଂଲାଦେଶ, ଦକ୍ଷିଣ କୋରିଆ, କାମ୍ବୋଡିଆ ଓ ରୁଷିଆ ଆଦି ୫ଟି ଦେଶର ୩୨ଟି ଏମ୍‌ଏସଏମ୍‌ଇ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏମ୍‌ଏସଏମ୍‌ଇ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତା ସୂଚନା ଦେଇ କହିଛନ୍ତି ଯେ ଏହି ବାଣିଜ୍ୟ ମେଳାରେ ୫ଟି ହ୍ୟାଙ୍ଗରରେ ୪୦୦ ପ୍ରଦର୍ଶନୀ ଷ୍ଟଲ୍ ସ୍ଥାନ ପାଇବ। ପାଭିଲିୟନ କେବଳ ଷ୍ଟାର୍ଟ ଅପ୍, ନବପ୍ରବର୍ତ୍ତନ ଓ ଔଦ୍ୟୋଗିକତାମାନଙ୍କ ପାଇଁ ସଂରକ୍ଷିତ ରହିବ। ଏଥିରେ ୪୦ଟି ଷ୍ଟାର୍ଟ ଅପ୍ ଭାଗନେବେ। ହ୍ୟାଙ୍ଗର-ଏ'ରେ ୫୭ଟି ଷ୍ଟଲ୍ ଥିବା ବେଳେ ୫୦ଟି ଖାଦ୍ୟ ପ୍ରକ୍ରିୟାକରଣ ଓ ସାମୁଦ୍ରିକ ଖାଦ୍ୟ, ହ୍ୟାଙ୍ଗର- ବି'ରେ କତା ବୋର୍ଡ, ଖଦି ଓ ଗ୍ରାମୋଦ୍ୟୋଗ କମିଶନ, ଖଦି ଓ ଗ୍ରାମ୍ୟୋଦ୍ୟୋଗ ବୋର୍ଡ, ଏମ୍‌ଏସଏମ୍‌ଇଙ୍କ ସହିତ ନାଲ୍‌କୋ, ଆଇସିଏଲ, ଏମ୍‌ପିଇଡିଏ, ଏମ୍‌ସିଏଲ ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଓଏମ୍‌ସି, ଗ୍ରୀଡ୍‌କୋ ଏବଂ ଇପିକଲ ଭଳି ରାଜ୍ୟର ସାଧାରଣ ଉଦ୍ୟୋଗ ଷ୍ଟଲ୍ ଖୋଲିବେ। ଗୁପ୍ତା କହିଛନ୍ତି ଯେ ଏହି ଅବସରରେ ଉଦ୍ୟୋଗୀମାନଙ୍କର ଜ୍ଞାନ ଆହରଣ ନିମନ୍ତେ ଏମ୍‌ଏସଏମ୍‌ଇ ସମ୍ବନ୍ଧିତ ୪ଟି ଆଲୋଚନାଚକ୍ର ଆୟୋଜିତ ହେବ। ଜାନୁୟାରୀ ୨୯ରେ ଏମ୍‌ଏସଏମ୍‌ଇ ଓ ରପ୍ତାନିକାରୀମାନଙ୍କୁ ଋଣ ଓ ବିପଣନ ସଂଯୋଗ, ୩୦ରେ ଖାଦ୍ୟ ପ୍ରକ୍ରିୟାକରଣ, ପ୍ୟାକେଜିଂ ଓ ଜେଡ, ୩୧ରେ ନବ ପ୍ରବର୍ତ୍ତନ, ଔଦ୍ୟୋଗିକତା ଷ୍ଟାର୍ଟ ଅପ୍, ଫେବୃୟାରୀ ୧ରେ ଆଞ୍ଚଳିକ ଷ୍ଟାଣ୍ଡାର୍ଡ କନ୍‌କ୍ଲେଭ ଏବଂ ୨ ତାରିଖରେ ମହିଳା ଔଦ୍ୟୋଗିକତାର ବିକାଶ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ । ଏହି ଆଲୋଚନା ଚକ୍ରଗୁଡିକରେ ଭିଏତନାମ୍‌ର ରାଷ୍ଟ୍ରଦୂତ ମି.ଫାନ.ସାନ ଚାଉ, ଏମ୍‌ଏସଏମ୍‌ଇ ମନ୍ତ୍ରଣାଳୟର ଶାସନ ସଚିବ ଅରୁଣ ପଣ୍ଡା, ଏନଏସଆଇସିର ସିଏମ୍‌ଡି ସୁଧୀ ଗର୍ ପ୍ରମୁଖ ବକ୍ତବ୍ୟ ରଖିବେ।

## ୬ ଚୋରା ମଦ ବେପାରୀ ଗିରଫ

**ନୀଳଗିରି, ୨୫।୧(ଡି.ଏନ.ଏ.)–** ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ବ୍ଲକର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୬ଜଣ ଚୋରା ଦେଶୀ ମଦ ବେପାରୀଙ୍କୁ ଗିରଫ କରାଯାଇ ଶୁକ୍ରବାର ସ୍ଥାନୀୟ କୋର୍ଟରେ ହାଜର କରାଯାଇଛି। ବେପାରୀଙ୍କଠାରୁ ୫୯ ଲିଟର ମହୁଲି ମଦ ଜବତ କରାଯାଇଛି। ଏନେଇ ବିଭାଗରେ ମାମଲା(ନଂ. ୩୪/୧୯, ୩୫/୧୯, ୯୮/୧୯, ୯୯/୧୯, ୧୦୦/୧୯ ଓ ୧୦୧/୧୯ ) ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଟଇଲସାହି ଗାଁର ବନ୍ଧୁ ମହାନ୍ତି, ଶାଳବଣି ଗାଁର ବାବୁଲି ସିଂ, କୁସୁମିଆଁ ଗାଁର ଗଦାଧର ଦଳେଇ, ଡାହିସାହି ଗାଁର ଭାଗବତ ବିଶ୍ୱାଳ, କାହାଳିଆ ଗାଁର ମିତାରାଣୀ ପରିଡା ଓ ବୈଷ୍ଣବ ବନ୍ଧ ଗାଁର ସୋମନାଥ ମାଝି। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢାଉ କରାଯାଇଥିଲା।

### ଅଭିନେତ୍ରୀ ସିମ୍ରନ୍ ମୃତ୍ୟୁ ଘଟଣା

## ଧ୍ରୁବରାଜଙ୍କୁ ୫ ଦିନିଆ ରିମାଣ୍ଡରେ ନେଲା ବୁର୍ଲା ପୋଲିସ

ଝାରସୁଗୁଡ଼ା ଅଫିସ,୨୫।୧

ସମ୍ବଲପୁରୀ ଆଲବମ୍ ଅଭିନେତ୍ରୀ ତଥା ସେଲ୍‌ଫି ବେବୋ ଆଲବମ୍‌ର ନାୟିକା ସିମ୍ରନ୍ ମୌର୍ଯ୍ୟା ମୃତ୍ୟୁ ଘଟଣା ପୁଣିଥରେ ଚର୍ଚ୍ଚା ଘେରକୁ ଆସିଛି। ଗିରଫ ଅଭିଯୁକ୍ତ ତଥା ସିମ୍ରନଙ୍କ ପୁରୁଷବନ୍ଧୁ ଧ୍ରୁବରାଜ ସୁନାଙ୍କୁ ଶୁକ୍ରବାର ବୁର୍ଲା ପୋଲିସ ୫ ଦିନିଆ ରିମାଣ୍ଡରେ ନେଇଛି। ଗତ ଗୁରୁବାର ପୋଲିସ ଝାରସୁଗୁଡ଼ା ଅତିରିକ୍ତ ଜିଲା ଓ ଦୌରାଜଜଙ୍କ ନିକଟରେ ରିମାଣ୍ଡ ଆବେଦନ ମଞ୍ଜୁର କରିଥିଲା। ଆସନ୍ତା ୨୯ ତାରିଖରେ ରିମାଣ୍ଡ ଅବଧି ଶେଷ ହେବ। ସେଦିନ ପୋଲିସ ତାଙ୍କୁ କୋର୍ଟରେ ହାଜର କରାଇବ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ସୂଚନାଯୋଗ୍ୟ, ଆଲବମ୍ ଅଭିନେତ୍ରୀ ସିମ୍ରନ୍ ଜାନୁୟାରୀ ୧ ତାରିଖରେ କଳାହାଣ୍ଡି ଜିଲା କେସିଙ୍ଗାରେ ଏକ ଷ୍ଟେଜ୍ ଶୋ'ରେ ଭାଗ ନେଇଥିଲେ । ତା' ପରଦିନ ଅର୍ଥାତ୍ ୨ ତାରିଖରେ ସେ ଝାରସୁଗୁଡ଼ା ଫେରୁଥିଲେ। ହେଲେ ମଧ୍ୟରାତି ଯାଏଁ ସେ ଘରକୁ ଫେରି ନ ଥିଲେ। ଜାନୁୟାରୀ ୩ ତାରିଖରେ ବୁର୍ଲା ବ୍ରିଜ୍ ତଳୁ ସିମ୍ରନଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାକୁ ସିମ୍ରନଙ୍କ ପରିବାର ଲୋକ ହତ୍ୟାକାଣ୍ଡ ବୋଲି ଦର୍ଶାଇବା ସହ ଧ୍ରୁବରାଜଙ୍କୁ ଦୋଷୀ ବୋଲି ଦର୍ଶାଇଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଅଧିକ ଛାନ୍‌ଭିନ୍ ପାଇଁ ଧ୍ରୁବରାଜଙ୍କ ରିମାଣ୍ଡ ଆବେଦନ କରିଥିଲା ବୋଲି ସରକାରୀ ଆଇନଜୀବୀ ସତପାଲ ସିଂହ କହିଛନ୍ତି।

## ବୋହୂଙ୍କ ଜାଲ୍ ଦସ୍ତଖତ କରି ମୃତ ପୁଅଙ୍କ ଜୀବନବୀମା ଟଙ୍କା ହଡ଼ପ: ଶ୍ୱଶୁର ଗିରଫ

**ବିଞ୍ଝାରପୁର,୨୫।୧(ଡି.ଏନ.ଏ)**

ବୋହୂଙ୍କ ଜାଲ୍ ଦସ୍ତଖତ କରି ମୃତ ପୁଅର ଜୀବନ ବୀମା ବାବଦ ୧୦ ଲକ୍ଷ ଟଙ୍କା ହଡ଼ପ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି ଶ୍ୱଶୁର। ଏଭଳି ଘଟଣା ଦେଖିବାକୁ ମିଳିଛି ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଛୋଳ ପଞ୍ଚାୟତ ଧରମପୁର ଗ୍ରାମରେ। ଏହି ଗ୍ରାମର ଚିତ୍ତରଞ୍ଜନ ସାମଲଙ୍କ ପୁଅ ଚିରଞ୍ଜୀବୀ(୩୦) ବର୍ଷକ ତଳେ ସୀମାରେଖା ଜେନାଙ୍କୁ ବିବାହ କରିଥିବା ବେଳେ ସେ ଇଞ୍ଜିନିୟର ଭାବେ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଗତ ୨୭ ନଭେମ୍ବରରେ ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେବା ପରେ କମ୍ପାନୀ ପକ୍ଷରୁ ତାଙ୍କୁ ଜୀବନବୀମା ବାବଦରେ ୧୦ଲକ୍ଷ ଟଙ୍କା ମିଳିଥିଲା। ମାତ୍ର ଏହି ଟଙ୍କାକୁ ଶ୍ୱଶୁର ଚିତ୍ତରଞ୍ଜନ ବୋହୂ ସୀମାରେଖାଙ୍କ ଜାଲ ଦସ୍ତଖତ କରି ଚଞ୍ଚକତା ପୂର୍ବକ ଉଠାଇ ନେଇଥିଲେ। ଏହା ଜାଣି ସୀମାରେଖା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (୨୯୮/୧୮) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ମାସେ ପରେ ଅଭିଯୁକ୍ତ ଶ୍ୱଶୁରଙ୍କୁ ପୋଲିସ ଭୁବନେଶ୍ୱର ନିକଟସ୍ଥ ପାହାଳ ନିକଟରୁ ଶୁକ୍ରବାର ପୂର୍ବାହ୍ନରେ ଗିରଫ କରିଛି। ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।






“ ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ
  ସ୍ଥାନ- ନେଲସନ୍‌ମଣ୍ଡେଲା ଛକ
  ସମୟ- ସକାଳ ସାଢ଼େ ୮ଟା।
- ଆଶା ଓ ବିଶ୍ୱାସ ପ୍ରାର୍ଥନା ସମ୍ମିଳନୀ
  ସ୍ଥାନ- ସିନ୍ଦୂରପଙ୍କ ନିକଟସ୍ଥ କୁଦୋପାଲି
  ସମୟ- ପୂର୍ବାହ୍ନ ୯ଟା।
- ମୋ ସ୍କୁଲ ଅଭିଯାନ ଜିଲ୍ଲାସ୍ତରୀୟ ଉତ୍ସବ
  ସ୍ଥାନ- ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟ
  ସମୟ- ପୂର୍ବାହ୍ନ ୧୧ଟା।
- ସୋସିଆଲ୍ ଷ୍ଟାର କ୍ଲବର ବାର୍ଷିକୋତ୍ସବ
  ସ୍ଥାନ- ଓଡିଶା ସାଂସ୍କୃତିକ ସମାଜ ଭବନ
  ସମୟ- ସନ୍ଧ୍ୟା ୬ଟା।
- ଜିଲ୍ଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା
  ସ୍ଥାନ- ମୁଦିପଡା ବୁଲେଟ୍ ଜିମନାସିୟମ୍
  ସମୟ- ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ନିଆଁରେ ପୋଡି ଗୁରୁତର ମହିଳାଙ୍କ ମୃତ୍ୟୁ

ସମ୍ବଲପୁର,୨୫।୧(ବ୍ୟୁରୋ)
ସମ୍ବଲପୁର ଜିଲା ଯୁଯୁମୁରା ଥାନା ଚନ୍ଦନିମାଳ (ତିଲେଇବେର୍ଣ୍ଣା) ଗ୍ରାମର ସୁମିତ୍ରା ସାଏଙ୍କ ମୃତ୍ୟ ଘଟିଛି । ଗତ ଅକ୍ଟୋବର ୨୦ ତାରିଖ ସେ ନିଆଁରେ ପୋଡି ଗୁରୁତର ହୋଇଥିଲେ। ଏ ନେଇ ପୋଲିସ ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ତାଙ୍କ ଭଉଣୀ ଜ୍ୱାଇଁ ଧନୁପାଲି ଥାନା କୁରେଟୁଲାର ଦିଲୀପ କୁମାର ମୁଣ୍ଡାଙ୍କ ଅଭିଯୋଗ କ୍ରମେ ପୋଲିସ ସେତେବେଳେ ୧୨୨/୧୮ ଅନ୍ୟ ଏକ ମାମଲା ରୁଜୁ କରିଥିଲା। ପରେ ଏହି ଘଟଣାରେ ସୁମିତ୍ରାଙ୍କ ସ୍ୱାମୀ ବୁଧିଆଙ୍କୁ ଗିରଫ କରିଥିଲା । ବୁଧିଆ ଏବେ ସମ୍ବଲପୁର ମଣ୍ଡଳ କାରାଗାରରେ ବିଚାରାଧୀନ କଏଦୀ ଭାବେ ଅଛନ୍ତି ।

### ହୀରାକୁଦ କଲେଜରେ ଆଲୋଚନା ଚକ୍ର

ସମ୍ବଲପୁର/ହୀରାକୁଦ, ୨୫।୧ (ବ୍ୟୁରୋ/ଡି.ଏନ୍.ଏ.)
ହୀରାକୁଦ କଲେଜ ବାଣିଜ୍ୟ ବିଭାଗ ପକ୍ଷରୁ ଏକ ଆଲୋଚନା ଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । କଲେଜ ଅଧକ୍ଷା ଜ୍ୟୋତ୍ସ୍ନାମୟୀ ମିଶ୍ର ମୁଖ୍ୟଅତିଥି, ଯୁବ କବି ଦୁର୍ଗାପ୍ରସାଦ ପଣ୍ଡା ମୁଖ୍ୟବକ୍ତା ଓ ଡ. ଅଶ୍ୱିନୀ କୁମାର ସୁପକାର ସମ୍ମାନୀୟ ବକ୍ତା ଭାବେ ଯୋଗ ଦେଇଥିଲେ । ଅଧାପିକା ରାଜୋଲିନ ଦେବୀ, ଅଧାପକ ସଞ୍ଜୟ ଜେନା ଓ ମୃତ୍ୟୁଞ୍ଜୟ ମୋହାତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେମିନାର ସମ୍ପାଦିକା ମାଧୁରୀ ଦିଗଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ହାତୀବାରିରେ ଅଙ୍ଗନୱାଡି କର୍ମୀ, ସହାୟିକା ସଂଘର ସଭା

ସମ୍ବଲପୁର, ୨୫।୧ (ବ୍ୟୁରୋ)-
ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘର ସଭା ହାତୀବାରିଠାରେ ଅନୁଷ୍ଠିତ ହୋଇଯାଇଛି। ଯଶୋବନ୍ତୀ ବାଙ୍କଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ଆସନ୍ତା ଫେବୃୟାରୀ ୧୭ ତାରିଖ ସମ୍ବଲପୁରରେ ହେବାକୁ ଥିବା ବିଶାଳ ସମାବେଶ ବିଷୟରେ ସଭ୍ୟ ଓ କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ । ଆବାହକ ପ୍ରଶାନ୍ତ ପାଢ଼ୀ, ପ୍ରଭାସିନୀ ପାଢ଼ୀ, ପ୍ରମିଳା ସିଂ ଅତିଥି ଭାବେ ଯୋଗ ଦେଇଥିଲେ । ସଭାନେତ୍ରୀ ସଂଘମିତ୍ରା ପଟ୍ଟନାୟକ, ଉପସଭାନେତ୍ରୀ ପୁଷ୍ପାଞ୍ଜଳି ଗଉଡ ଓ ମାର୍ଥା ବାର୍ଲା, ସହସମ୍ପାଦିକା ମଞ୍ଜୁ ବାଗ, ନାମଲେନ୍ ଜୋଜୋ, କୋଷାଧକ୍ଷା ମଞ୍ଜୁଲତା ମାଝି, ସଭ୍ୟା ରାଣୀ ଗରଡିଆଙ୍କ ସହ ସଂଗଠନ ସମ୍ପାଦିକା ଝୁନି ସେଠ ପ୍ରମୁଖ ବକ୍ତବ୍ୟ ଦେଇଥିଲେ ।

# ପୋଲିସ ନ୍ୟାୟ ନ ଦେଇ ଧମକାଉଛି

- ଟିଟିଲାଗଡ ଥାନା ପୋଲିସର ଦାଦାଗିରି
- ଚିକିତ୍ସାରେ ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଘଟଣା
- ଡିଆଇଜିଙ୍କୁ ଗୁହାରି କଲେ ମୃତ ମହିଳାଙ୍କ ଭଉଣୀ
- ଦୋଷ ଚପାଇବାକୁ ପୋଲିସର ଉଦ୍ୟମ ଅଭିଯୋଗ

ସମ୍ବଲପୁର,୨୫।୧(ବ୍ୟୁରୋ)



ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ପୋଲିସ ଦାଦାଗିରି ଚଳାଇଛି। ଜଣେ ଅଭିଯୋଗକାରିଣୀଙ୍କ ଅଭିଯୋଗ ଉପରେ ତଦନ୍ତ ନ କରି ଓଲଟା ଧମକାଉଛି। ପଚାରିଲେ କିନ୍ତୁ ଧମକାଇଥିବା ପୋଲିସ ସବ୍ ଇନ୍ସପେକ୍ଟର ଫାଙ୍କି ଦେଉଛନ୍ତି। ଥାନା ଅଧିକାରୀ ମଧ୍ୟ କିଛି ଜାଣି ନ ଥିବା କହି ସବ୍ ଇନ୍ସପେକ୍ଟରଙ୍କୁ ସମର୍ଥନ କରୁଛନ୍ତି। ଫଳରେ ପୋଲିସଠାରୁ ନ୍ୟାୟ ପାଇବା ଆଶା ମଉଳି ଯାଉଛି। ପୋଲିସ ଉପରେ ଆସ୍ଥା, ବିଶ୍ୱାସ ମଧ୍ୟ ଭାଙ୍ଗି ଯାଉଛି। ଟିଟିଲାଗଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜିନା ବେହେରାଙ୍କ ଭଉଣୀ ଜୁଲି ବେହେରା ଏଭଳି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଘଟଣାକୁ ପ୍ରାୟ ୨ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ତଦନ୍ତ କରୁନାହିଁ । ଓଲଟା ଡାକ୍ତରଙ୍କୁ ପୋଲିସ ସୁରକ୍ଷା ଦେଉଛି। ଘଟଣାର ତଦନ୍ତ କେତେ ବାଟ ଗଲା ବୋଲି ଜାଣିବାକୁ ଥାନକୁ ଗଲେ ଥାନାବାବୁମାନେ ନାଲି ଆଖି ଦେଖାଉଛନ୍ତି। ଶୁକ୍ରବାର ଜୁଲି ମାମଲାର ଅଗ୍ରଗତି ସମ୍ପର୍କରେ ବୁଝିବାକୁ ଥାନାକୁ ଯାଇଥିବା ବେଳେ ପୋଲିସ ଦୁର୍ବ୍ୟବହାରର ଶିକାର ହୋଇଛନ୍ତି । ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସରୋଜ କୁମାର ରଥ ନାଲି ଆଖି ଦେଖାଇ 'ପୋଲିସ କ'ଣ ତମର ଚାକର। ପୋଲିସ ତା ହିସାବରେ କାମ କରିବ' ବୋଲି କହିଥିଲେ । ଅନ୍ୟପକ୍ଷେ ପୂର୍ବରୁ ମୃତା ଜିନାଙ୍କ ସ୍ୱାମୀ ସର୍ଗିଗୁଡା ଗ୍ରାମର ସୁଶାନ୍ତଙ୍କୁ ପୋଲିସ ଥାନାକୁ ଡାକି ଧମକ ଚମକ ଦେବା ସହ ଜେଲରେ ଭର୍ତ୍ତି କରିଦେବ ବୋଲି ଧମକ ଦେଇଥିବା ଜୁଲି ଅଭିଯୋଗ କରିଛନ୍ତି । ତେବେ ଏ ନେଇ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଘଟଣାର ତଦନ୍ତ କରାଯାଉ ବୋଲି ଜୁଲି ଗୁହାରି କରିଛନ୍ତି । ଡିଆଇଜି ଭୋଇ ତଦନ୍ତ କରି ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି । ସୂଚନାଯୋଗ୍ୟ ସମ୍ବଲପୁର ଜିଲା ସିନ୍ଦୂରପଙ୍କ ଗ୍ରାମର ଜୁଲିଙ୍କ ଭଉଣୀ ଜିନା ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଫଲସାଗୁଡା ଗ୍ରାମର ସୁଶାନ୍ତଙ୍କୁ ବିବାହ କରିଥିଲେ। ଡିସେମ୍ବର ୯ ତାରିଖ ଜିନାଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଟିଟିଲାଗଡ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ନିଶ୍ଚେତକ ଦେବା ପରେ ପାର୍ଶ୍ୱ ପ୍ରତିକ୍ରିୟା ହୋଇଥିଲା । ପ୍ରାୟ ୨ ଘଣ୍ଟା ପରେ ମେଡିକାଲକୁ ସ୍ଥାନୀୟ ପୋଲିସ କର୍ମଚାରୀ ଆସିଥିଲେ । ପୋଲିସ ଆସିବା ପରେ ଡାକ୍ତରମାନେ ଜିନାଙ୍କ ମୃତ୍ୟୁ ଘଟିଥିବା କହିଥିଲେ। ପୋଲିସ ଉପସ୍ଥିତ ଥାଇ ବି ମୃତଦେହର ବ୍ୟବଚ୍ଛେଦ କରାଗଲା ନାହିଁ । ଚିକିତ୍ସାର ଅବହେଳାରୁ ଜିନାଙ୍କ ମୃତ୍ୟୁ ଘଟିଥିବା ନେଇ ଭଉଣୀ ଜୁଲି ଅଭିଯୋଗେ କରିଥିଲେ।

# ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ଉତ୍ସବ

ସମ୍ବଲପୁର, ୨୫।୧ (ବ୍ୟୁରୋ)

ସମ୍ବଲପୁର ଜିଲାସ୍ତରୀୟ ପାଣି ପଞ୍ଚାୟତ ଉତ୍ସବ ଶୁକ୍ରବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା ଚାଷୀନେତା ରାମସାଗର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟରେ ପାଣି ପଞ୍ଚାୟତ ମାଧ୍ୟମରେ ଜଳର ସୁପରିଚାଳନା କରାଯାଇ କୃଷି କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରାଯାଇଛି ବୋଲି କହିଥିଲେ। ବୃହତ, ମଧ୍ୟମ, କ୍ଷୁଦ୍ର ଓ ଉଠାଜଳସେଚନ ଗୁଡିକରେ ପାଣି ପଞ୍ଚାୟତର କାର୍ଯ୍ୟକ୍ଷମ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କୃଷକ ସୁରକ୍ଷା ସଂଗଠନ ଉପସଭାପତି ଉମେଶ ଚନ୍ଦ୍ର ମିଶ୍ର, ଚନ୍ଦ୍ରଶେଖର ପଣ୍ଡା, ଅମ୍ବରିଶ ପୁରୋହିତ, ଡିଡିଏ ଖଗେନ୍ଦ୍ର ନାଥ ଜେନା, କାଡା କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ବେଉରା, ବୁର୍ଲା ଡିଭିଜନ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଜକିଶୋର ଘଡେଇ, ଏମଆଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ପାଣି ପଞ୍ଚାୟତ ପକ୍ଷ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ଉତ୍ସବରେ ଜିଲାର ୬୫ଟି ପାଣି ପଞ୍ଚାୟତର କର୍ମକର୍ତ୍ତା ଓ ସଭ୍ୟ ଯୋଗ ଦେଇଥିଲେ । କିନ୍ତୁ ନିର୍ବାଚିତ ଜନପ୍ରତିନିଧି ଉତ୍ସବରେ ଯୋଗଦେଇ ନଥି ଲେ । ଏହାକୁ ନେଇ ପାଣି ପଞ୍ଚାୟତ କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା ।

### ଜାତୀୟ ଯୁବ ମହୋତ୍ସବ ପ୍ରତିଯୋଗିତା

# ବୈଦିକ ଡିଗ୍ରୀ କଲେଜ ଛାତ୍ରୀ ପ୍ରଥମ

ସମ୍ବଲପୁର, ୨୫।୧ (ବ୍ୟୁରୋ)

ଜାତୀୟ ଯୁବ ସଂସଦୀୟ ମହୋତ୍ସବ ବକ୍ତୃତା ପ୍ରତିଯୋଗିତା କୁଚିଣ୍ଡା କେଶାଇବାହାଲ କଲେଜ ଠାରେ ଅନୁଷ୍ଠିତ ହୋଇଯାଇଛି । ୧୫୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ବୈଦିକ ଡିଗ୍ରୀ କଲେଜର ରାଜନୀତି ବିଭାଗର ଛାତ୍ରୀ ଜାହ୍ନବୀ ଶର୍ମା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ପ୍ରଥମେ ଡିଜିଟାଲ ମାଧ୍ୟମରେ ପ୍ରତିଯୋଗିତା ହୋଇଥିଲା। ଫେବୃୟାରୀରେ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତା ଲାଗି ସେ ମନୋନୀତ ହୋଇଛନ୍ତି । ବୈଦିକ କଲେଜ ଅଧକ୍ଷ ଆନନ୍ଦ ଅଗ୍ରୱାଲଙ୍କ ସମେତ ଅଧାପିକା, ଅଧାପକ, ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର ଜାହ୍ନବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ଜାହ୍ନବୀ ଶର୍ମା ।

### ସହରରେ ସ୍ୱେରେଜ ନିର୍ମାଣ ପ୍ରସଙ୍ଗ

# ରାସ୍ତା ପ୍ରଶସ୍ତୀକରଣ ସହ ଡ୍ରେନ୍ ନିର୍ମାଣ ଦାବି

ସମ୍ବଲପୁର, ୨୫।୧ (ବ୍ୟୁରୋ)

ସମ୍ବଲପୁରରେ ଚାଲିଥିବା ସ୍ୱେରେଜ ଓ ନର୍ଦ୍ଦମା କାମ ସହ ରାସ୍ତାର ପ୍ରଶସ୍ତୀକରଣ ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ହୀରାଖଣ୍ଡ ନାଗରିକ ପରିଷଦ ବୈଠକରେ ଦାବି କରିଛି । ପରିଷଦ ସଭାପତି ଡ. ରେଣୁ ମିଶ୍ରଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା। ବରିଷ୍ଠ ନାଗରିକମାନେ କହିଲେ ଯେ, ସ୍ୱେରେଜ ପ୍ରଣାଳୀରେ ମାଟିତଳେ ଚାରିଫୁଟ ପରିଧି ବିଶିଷ୍ଟ ଲୌହ ଓ ସିମେଣ୍ଟ ଯୁକ୍ତ ନଳା ସ୍ଥାପନ କରାଯାଉଛି। ଏହା ଦୀର୍ଘସ୍ଥାୟୀ କାର୍ଯ୍ୟ। ତେଣୁ ଏହାସହ ତାଳ ଦେଇ ସହରର ସମସ୍ତ ମୁଖ୍ୟ ରାସ୍ତା ଓ ଗଳି ରାସ୍ତାଗୁଡ଼ିକର ପ୍ରଶସ୍ତିକରଣ ନିହାତି ଆବଶ୍ୟକ। ଏଥିପାଇଁ ବିଭିନ୍ନ ରାସ୍ତା ଓ ଗଳିରେ ହୋଇଥିବା ଜବରଦଖଲ ଗୁଡ଼ିକୁ ମଧ୍ୟ ହଟାଇବା ଉଚିତ । ଏହାଫଳରେ ରାସ୍ତାକଡ଼ ନାଳଗୁଡ଼ିକ ଯଥାର୍ଥ ସ୍ଥାନରେ ସବୁଦିନ ପାଇଁ ରହିପାରିବ । ଓସାରିଆ ରାସ୍ତା ଲୋକଙ୍କର ଯାତାୟତ ନିମନ୍ତେ ସହଯୋଗୀ ହେବ । ତେଣୁ ଏହାକୁ ଅଗ୍ରାଧିକାର ଭିତ୍ତିରେ ବିଚାର କରାଯିବା ଉଚିତ । ସେମାନେ କହିଥିଲେ ଯେ, ସମ୍ବଲପୁରରେ ବର୍ତ୍ତମାନ ଚାଲିଥିବା ସ୍ୱେରେଜ କାମ ବିଷୟରେ ନାଗରିକମାନଙ୍କୁ ବିସ୍ତୃତ ବିବରଣୀ ଦିଆଯିବା ଆବଶ୍ୟକ। ନିଜ ସହରର ଯୋଜନାଗୁଡ଼ିକ ବାବଦରେ ନାଗରିକମାନଙ୍କର ଜାଣିବାର ଅଧିକାର ଅଛି । ପୁନଶ୍ଚ ସମ୍ବଲପୁର ସହରରୁ ନିର୍ଗତ ହେଉଥିବା ଆବର୍ଜନାର ପ୍ରକ୍ରିୟାକରଣ କରାଯାଇ ସେଥିରୁ ସାର ପ୍ରସ୍ତୁତ କରିବା ଉପରେ ମହାନଗର ନିଗମ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରାଯିବା ଜରୁରୀ। ପ୍ରଫୁଲ୍ଲ ମିଶ୍ର, ରାଜୀବ ଲୋଚନ ଦାଶ, ଭକ୍ତପ୍ରସାଦ ବାବୁ, ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ନନ୍ଦକିଶୋର ଦେବତା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ରାମେଶ୍ୱର ପାଢ଼ୀ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ ।

### ବୈଦେଶିକ ମନ୍ତ୍ରଣାଳୟ ସହ କଥା ହେଲେ ସିଦ୍ଧାର୍ଥଙ୍କ ବାପା

ସମ୍ବଲପୁର,୨୫।୧(ବ୍ୟୁରୋ)

ଜାହାଜରେ ନିଯୁକ୍ତ ସମ୍ବଲପୁରର ସଦ୍ଧାର୍ଥ ମେହେର (୨୫)ଙ୍କ ୫ ଦିନ ହେଲା କୌଣସି ଖବର ମିଳି ନାହିଁ। ସେ ମଝି ସମୁଦ୍ରରେ ନିଖୋଜ ହୋଇ ଯାଇଛନ୍ତି। ତେବେ ଶୁକ୍ରବାର ସିଦ୍ଧାର୍ଥଙ୍କ ବାପା ନାରାୟଣ ମେହେର ବୈଦେଶିକ ମନ୍ତ୍ରଣାଳୟ ସହ ଫୋନଯୋଗେ କଥା ହୋଇଛନ୍ତି। ଏହି ଘଟଣାକୁ ଗୁରୁତର ସହ ନେଇ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଶୁକ୍ରବାର ୪ଟି ମୃତଦେହ ଉଦ୍ଧାର ହୋଇଛି। ସମସ୍ତେ କିନ୍ତୁ ତୁର୍କିର ବୋଲି ନାରାୟଣଙ୍କୁ ମନ୍ତ୍ରଣାଳୟ ପକ୍ଷରୁ କୁହା ଯାଇଛି।

# ପଦ୍ମଶ୍ରୀ ପର୍ଶୁରାମ ମିଶ୍ର ଜୟନ୍ତୀ



ଶୁକ୍ରବାର ସମ୍ବଲପୁର ଭୁତାପଡାସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

ସମ୍ବଲପୁର, ୨୫।୧ (ବ୍ୟୁରୋ)

ପଦ୍ମଶ୍ରୀ ଡ. ପର୍ଶୁରାମ ମିଶ୍ରଙ୍କ ୧୨୫ତମ ଜୟନ୍ତୀ ଶୁକ୍ରବାର ସନ୍ଧ୍ୟାରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ଅରବିନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ ସଭା ହୋଇଥିଲା । ରାଜ୍ୟସଭା ସଦସ୍ୟ ପ୍ରସନ୍ନ କୁମାର ଆଚାର୍ଯ୍ୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ମୃତି ସମିତି ସାଧାରଣ ସମ୍ପାଦକ ଫଣିଭୂଷଣ ମିଶ୍ର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଆବାହକ ଡ. ଦୁର୍ଗାମାଧବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଓ ବିଚାରକମାନଙ୍କୁ ପୁରସ୍କୃତ କରାଯାଇଥିଲା । ସକାଳେ ଭୂତାପଡା ଛକସ୍ଥିତ ପର୍ଶୁରାମ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ସହରର ବିଭିନ୍ନ ଅନୁଷ୍ଠାନ, କର୍ମକର୍ତ୍ତା ମାଲ୍ୟାର୍ପଣ କରିଥିଲେ । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ନଗରପାଳ ଗିରିଶ ପଟେଲ, ଶିକ୍ଷାବିତ ଡ. ମୀନକେତନ ପାଠୀ, ଚାଷୀନେତା ଶଶିଭୂଷଣ ତ୍ରିପାଠୀ, ଆଇନଜୀବୀ ଅରବିନ୍ଦ ନାୟକ, ଭାଜପା ନେତା ପ୍ରଭାତ କୁମାର ପଣ୍ଡା, ସମ୍ବଲପୁରୀ ଭାଷା ସଂସ୍କୃତିକ ପରିଷଦ ସଭାପତି ନରେନ୍ଦ୍ର କୁମାର ପାଣିଗ୍ରାହୀ, ଶିକ୍ଷାବିତ ଡ. ମୂରଲୀଧର ପ୍ରେମନାଥ ନାୟକ ପ୍ରମୁଖ ସାମିଲ ଥିଲେ ।

### ରାଷ୍ଟ୍ରପତି ପଦକ ପାଇବେ ଯୁଯୁମୁରାର ସୁଶୀଲ

ସମ୍ବଲପୁର,୨୫।୧ (ବ୍ୟୁରୋ)

ସମ୍ବଲପୁର ଯୁଯୁମୁରା ଗ୍ରାମର ସୁଶୀଲ ଭୋଇ ରାଷ୍ଟ୍ରପତି ପଦକ ପାଇବା ପାଇଁ ଚୟନ ହୋଇଛନ୍ତି । ଚଳିତ ବର୍ଷ ପାଇଁ ଭାରତ ସରକାର ପକ୍ଷରୁ ତାଙ୍କୁ ଏଥିପାଇଁ ଚୟନ କରାଯାଇଛି। ସୁଶୀଲ ଉତ୍ତରପ୍ରଦେଶ ଗାଜିୟାବାଦ ୫ ବାଟାଲିୟନ୍ ସିଆଇଏଫଏସରେ କାର୍ଯ୍ୟରତ ଅଛନ୍ତି । ଏହା ପ୍ରଚାର ହେବା ପରେ ଯୁଯୁମୁରା ଅଞ୍ଚଳ ଓ ତାଙ୍କ ପରିବାର ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଉତ୍ତର ପ୍ରଦେଶ ଗାଜିଆବାଦରେ ଜଣେ ୧୪ ବର୍ଷର ଛାତ୍ରଙ୍କ ଜୀବନ ବଞ୍ଚାଇ ସେ ସେଠାରେ ବିଭିନ୍ନ ଗଣମାଧ୍ୟମରେ ସ୍ଥାନ ପାଇଥିଲେ । ଏକ ୬ ତାଲା କୋଠାରେ କିଛି ପିଲା ଖେଳୁଥିଲେ । ଏହି ସମୟରେ ମାଙ୍କଡ ଦଳ ପିଲାଙ୍କୁ ଡରାଇଥିଲେ । ପିଲାମାନେ ଦୌଡି ପଳାଇବା ସମୟରେ ୧୪ ବର୍ଷର ଜଣେ ବାଳକ ଛାତରୁ ଗଳି ପଡି ଝୁଲି ରହିଥିଲେ । ପରିବାର ଓ ପଡୋଶୀ ଆସି ଉଦ୍ଧାର କରିବା ପାଇଁ ଚିତ୍କାର କରିଥିଲେ । ସୁଶୀଲ ପହଞ୍ଚି ପାଇପ୍ ଯୋଗେ ତଳକୁ ଓହ୍ଲାଇଥିଲେ । ନିଜ ଦେହରେ ଆଣିଷକୁ ବାନ୍ଧି ସେ ଉଦ୍ଧାର କରିଥିଲେ।



# ପରିବେଶ ପ୍ରଦୂଷଣ ଉପରେ ତର୍କ, କୁଇଜ ପ୍ରତିଯୋଗିତା

ସମ୍ବଲପୁର, ୨୫।୧ (ବ୍ୟୁରୋ)

ହୀରାକୁଦ ଲାୟନ୍ସ କ୍ଲବ ଅଫ୍ ରୟାଲ୍ସ ପକ୍ଷରୁ ପରିବେଶ ପ୍ରଦୂଷଣ ଉପରେ ଏକ ତର୍କ ଓ କୁଇଜ୍ ପ୍ରତିଯୋଗିତା ଶୁକ୍ରବାର ଲାୟନ୍ସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । କ୍ଲବ ଉପସଭାପତି ଉମାଶଙ୍କର ଗୌଡଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ହୀରାକୁଦ ସହରର ବିଭିନ୍ନ ଅଞ୍ଚଳରୁ ୫୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବକ୍ତୃତାରେ ରହିତା ନାୟକ, ଅଭିଜିତ ହୋତା, ମୂରଲୀ ବାଗ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି କୁଇଜରେ ଇପସିତା ମହାନ୍ତି ପ୍ରଥମ, ସ୍ୱର୍ଣ୍ଣପ୍ରଭା ବେହେରା ଦ୍ୱିତୀୟ, ଆକାଂକ୍ଷା ଅଧିକାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସୁନିତା ନାୟକ, ଦେବରାଜ ଗୌଡ, ନମିତା ମେହେର, ବନିତା ଗୌଡ ବିଚାରକ ଥିଲେ । ବସନ୍ତ ମେକଫ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୁରେନ୍ଦ୍ର ପ୍ରଧାନ ଓ କ୍ଲବ ସଭାପତି ଏମଏସଏଚ ବେଗ ସମ୍ମାନୀତ ଅତିଥି ଥିଲେ । କାର୍ତ୍ତିକ କଲେତ, ତପନ ନାୟକ, ଟି. ବେଗ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ । ଶେଷରେ ରାଜେନ୍ଦ୍ର ବୁଦିଆ ଧନ୍ୟବାଦ ଅର୍ପଣ କରିଥିଲେ ।



ଶୁକ୍ରବାର ହୀରାକୁଦଠାରେ ଆୟୋଜିତ ତର୍କ ଓ କୁଇଜ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି ।

# ଷ୍ଟୁଡେଣ୍ଟ ପୋଲିସ କ୍ୟାଡର ଶୁଭାରମ୍ଭ

ସମ୍ବଲପୁର, ୨୫।୧ (ବ୍ୟୁରୋ)

ଜିଲା ପୋଲିସ ପକ୍ଷରୁ ଷ୍ଟୁଡେଣ୍ଟ ପୋଲିସ କ୍ୟାଡର (ଏସପିସି) ଶୁକ୍ରବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ବାଳକ ହାଇସ୍କୁଲ ପରିସରରେ ଶୁଭାରମ୍ଭ ହୋଇଛି । ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟଅତିଥି, ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇ, ସମ୍ବଲପୁର ଏସ୍‌ପି ସଞ୍ଜୀବ ଆରୋରା, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା, ଏଏସ୍‌ପି ସିଦ୍ଧାର୍ଥ କଟାରିଆ, ସ୍କୁଲ ପ୍ରଧାନ ଶିକ୍ଷକ ଗଗନ ଚୌଧୁରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବୁର୍ଲା ସରକାରୀ ହାଇସ୍କୁଲ ନବମ ଶ୍ରେଣୀର ୪୪ଜଣ ଛାତ୍ରଙ୍କୁ ଏସପିସିରେ ଚୟନ କରାଯାଇଛି । ଏସପିସି ଶୁଭାରମ୍ଭ ହେତୁ ଛାତ୍ରମାନେ ପୋଲିସର କର୍ତ୍ତବ୍ୟ, ଦାୟିତ୍ୱ, ଅପରାଧିକ କାର୍ଯ୍ୟର ଦଣ୍ଡବିଧାନ, ଆଇନ, କାନୁନ ବିଷୟରେ ଜାଣିବା ସହ ସଚେତନ ହୋଇପାରିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।



ବୁର୍ଲା ବାଳକ ହାଇସ୍କୁଲରେ ଏସପିସି ଉଦଘାଟନୀ ଉତ୍ସବରେ ମନୋନୀତ ଛାତ୍ରମାନେ ।

## ଫଟୋରେ ଖବର








ଶୁକ୍ରବାର ସମ୍ବଲପୁର ଜିଲା ସ୍କୁଲ ଛକଠାରେ ଛାତ୍ରୀମାନେ ତ୍ରିରଙ୍ଗା ପତାକା କିଣୁଛନ୍ତି (ବାମ)। ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଶୁକ୍ରବାର ସମ୍ବଲପୁର କଚେରି ଛକଠାରେ ଚାଲିଥିବା ରିଲେ ଆମରଣ ଅନଶନର ୬୮ ଦିନରେ ସାମିଲ ବ୍ୟକ୍ତିମାନେ (ମଝି)। ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ପାଣିମୁରାରୁ ଆସିଥିବା ସଦ୍‌ଭାବନା ପଦଯାତ୍ରାର ସଭ୍ୟମାନେ ବିଚାରପତିଙ୍କୁ କାର୍ଯ୍ୟରେ ଯୋଗ ନଦେବାକୁ ବାରଣ କରୁଛନ୍ତି।



କୋମଳ ଉତ୍ତର କ୍ରୋଧକୁ ଦମନ କରେ,
ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯିଶୁଖ୍ରୀଷ୍ଟ



# ‘ପିଠା’ରେ ଖୋଲାଖୋଲି ଦଳ ପାଇଁ ପ୍ରଚାର

## ■ ବିଜେଡିକୁ ଭୋଟ୍ ଦେବାକୁ ପ୍ରବର୍ତ୍ତାଇଲେ ଜିଲା ପରିଷଦ ସଦସ୍ୟା

**ବାମରା, ୨୫।୧ (ସ୍ୱ.ପ୍ର.)**

**ଭିଡିଓ ଭାଇରାଲ**

‘ପିଠା’କାର୍ଯ୍ୟକ୍ରମରେ ଖୋଲାଖୋଲି ଭାବେ ବିଜେଡିର ପ୍ରଚାର କରାଯାଉଛି। ବାମରା ବ୍ଲକ କିନାବଗା ପଞ୍ଚାୟତରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକ, କିନାବଗା ସରପଞ୍ଚ ନିଆରଜାନ ଲୁଗୁନ ଓ ରାଜକିଶୋର ସାହୁ ଯୋଗ ଦେଇଥିଲେ । ନିଜ ଭାଷଣରେ ଜିଲା ପରିଷଦ ସଦସ୍ୟା କୁମୁଦିନୀ ନାଏକ ବିଭିନ୍ନ ଯୋଜନା ବିଷୟରେ କହିବା ପରିବର୍ତ୍ତେ ଆସନ୍ତା ନିର୍ବାଚନରେ ବିଜେଡି ଦଳ ଓ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ସିଧାସଳଖ ସମସ୍ତଙ୍କୁ ପ୍ରବର୍ତ୍ତାଇ ଥିଲେ। ଏହାର ଏକ ଭିଡିଓ ଭାଇରାଲ ହେବା ପରେ ଘଟଣାଟି ଲୋକଲୋଚନକୁ ଆସିଛି । ଉକ୍ତ ଭିଡିଓରେ କୁମୁଦିନୀ ମୁଖ୍ୟମନ୍ତ୍ରୀ ଓ ସ୍ୱୟଂ ସାହାୟକ ଗୋଷ୍ଠୀଙ୍କୁ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି କହିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଭରପୁର ଗୁଣଗାନ କରିଛନ୍ତି। କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ବିଜେଡି ଦଳର ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଆହ୍ୱାନ ଦେଇଛନ୍ତି। ଓଡିଶାବାସୀ ନବୀନ ପଟ୍ଟନାୟକଙ୍କ ଲୁଣ ଖାଇ ତାଙ୍କଠାରେ ରଣି । ଏଣୁ ଆସନ୍ତା ନିର୍ବାଚନୀରେ ବିଜେଡିକୁ ଭୋଟ ଦେଇ ରଣ ସୁଝିବାର ସୁଯୋଗ ଅଛି ବୋଲି ମଧ୍ୟ ସେ କହିଛନ୍ତି। ତେବେ ସରକାରୀ ଯୋଜନାରେ ଏଭଳି ଖୋଲାଖୋଲି ଭାବେ ଦଳୀୟ ପ୍ରଚାର ସହିତ ଏକ ଦଳ ପାଇଁ ଭୋଟ ମାଗିବା ଘଟଣା ବର୍ତ୍ତମାନ ବୁଦ୍ଧିଜୀବୀ ମହଲରେ ହଟଚମଟ ସୃଷ୍ଟି କରିଛି। ବୁଦ୍ଧିଜୀବୀମାନେ ଏହାକୁ ସମାଲୋଚନା କରିଛନ୍ତି। ଅନ୍ୟ ପଟେ ସରକାରୀ ଅର୍ଥ ଖର୍ଚ୍ଚ କରିବା ସହ ପିଠା ଯୋଜନା ନାମରେ ଲୋକଙ୍କ ଭିଡ ଜମାଇବା ଓ ଏଥିରେ ଦଳୀୟ ପ୍ରଚାରକରି ଭୋଟ ମାଗିବା ଘଟଣାରେ କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକ ନିଜ ମତ ରଖି କହିଛନ୍ତି ଯେ, ରାଜ୍ୟ ସରକାର ସାଧାରଣ ଲୋକଙ୍କ କର ଟଙ୍କା ଖର୍ଚ୍ଚ କରି ଦଳୀୟ ପ୍ରଚାର ନିନ୍ଦନୀୟ। ଏହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବା କଥା । ସେହିପରି ଭାଜପା ବରିଷ୍ଠ ନେତା ତଥା ଭାଜପା କୁଚିଣ୍ଡା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସୁଶୀଲ କୁମାର କର କହିଛନ୍ତି ଯେ, ରାଜ୍ୟ ସରକାର ରାଜକୋଷରୁ ଟଙ୍କା ଖର୍ଚ୍ଚ କରି କେବଳ ରାଜ୍ୟ ସରକାରଙ୍କ ଯୋଜନା ଉପରେ କହୁଛନ୍ତି। ହେଲେ କେନ୍ଦ୍ର ସରକାରଙ୍କ ଯୋଜନା ବିଷୟରେ କିଛି ନ କହିବା ଓ ଦଳୀୟ ପ୍ରଚାର ଏକ ନିନ୍ଦନୀୟ।

## ସଂକ୍ଷେପରେ

### ମହମ୍ମଦପୁର କ୍ରିକେଟ ଟୁର୍ନାମେଣ୍ଟ : ଗଡମୁଣ୍ଡା ବିଜୟୀ

**ହୀରାକୁଦ, ୨୫।୧ (ଡି.ଏନ.ଏ)-** ମହମ୍ମଦପୁର ଖେଳ ପଡିଆରେ ପ୍ରଥମ ମହମ୍ମଦପୁର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଗଡମୁଣ୍ଡା ଓ ଦୁଆନପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଗଡମୁଣ୍ଡା ଦଳ ୨୦ ରନରେ ମ୍ୟାଚକୁ ଜିତି ମହମ୍ମଦପୁର କପ୍‌ର ବିଜୟୀ ହୋଇଥିଲା । ଏଥିରେ ନାଉରୀ ନାୟକ, ରିକନ ପଟ୍ଟନାୟକ, ବିଶ୍ୱଜିତ ବାଗ, ଲଳିତ ପାଇକରାୟ, ସଞ୍ଜୁ ପାତ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

### ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

**ଚିପିଲିମା, ୨୫।୧ (ଡି.ଏନ.ଏ.)-** ବୁର୍ଲା ଷ୍ଟେଶନପଡାରେ ମରିଆତୁଙ୍ଗୁରି ନବନିର୍ମିତ ଅଙ୍ଗନୱାଡି କେନ୍ଦ୍ରକୁ ଶୁକ୍ରବାର ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି। ଦେବାଶିଷ ନନ୍ଦ, ଆରଏ ଶିବ କୁମାର, ତରଣୀସେନ ଚାନ୍ଦ, ଗୋକୁଳି ରାଉତ, ରାମଚନ୍ଦ୍ର ସାହୁ, ଉମାଶଙ୍କର ଅଗ୍ରୱାଲ, ନିରଞ୍ଜନ ମହାପାତ୍ର, ରିଙ୍କୁ ମାଝି, ଶାନ୍ତିଲତା କର, ସୁଜାତା ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

### ଧମାରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

**ଧମା, ୨୫।୧ (ଡି.ଏନ.ଏ)-** ଧମା ଶିବ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ଏହି ଅବସରରେ ମହାନଦୀର ଦେଉଳିଘାଟଠାରୁ ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ୧୦୮ ଜଣ ମହିଳା କଳସ ନେଇ ପହଞ୍ଚି ଥିଲେ। କଳସ ସ୍ଥାପନା ପରେ ହୋମକାର୍ଯ୍ୟ ଆରମ୍ଭ କରାଯାଇଛି । ଏଥିରେ କର୍ତ୍ତାଭାବେ ଦେବାଶିଷ ପଟ୍ଟନାୟକ, ବିକାଶ ଅଗ୍ରୱାଲ, ଚୈତନ୍ୟ ଲହରିଆ ଓ ଭରତ ମେହେର ଦାୟିତ୍ୱ ତୁଲାଇଥିଲେ। ୨୯ ତାରିଖ ମଙ୍ଗଳବାର ଏହା ଶେଷ ହେବ।

### କାରରେ ନିଆଁ ଲଗାଇବା ଅଭିଯୋଗରେ ୨ ଗିରଫ

**ରେଢ଼ାଖୋଲ,୨୫।୧(ଡି.ଏନ.ଏ.)-** ଏକ କାରରେ ନିଆଁ ଲଗାଇଦେବା ଅଭିଯୋଗରେ ରେଢ଼ାଖୋଲ ପୋଲିସ ଏହି ଥାନା ଅନ୍ତର୍ଗତ ପଣ୍ଡକିମାଳ ଗ୍ରାମର ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁନା ସିଂ (୨୩) ଓ ସୁନିଲ ମୁଣ୍ଡା (୨୨)। ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି ଯେ, ଯେ ପଣ୍ଡକିମାଳ ଗ୍ରାମର ତପଧନ ବେହେରା ତାଙ୍କ ଜଣେ ସମ୍ପର୍କୀୟ ଅନୁଗୋଳ ଜିଲା ହଣ୍ଡପାର ମନୋଜ ବେହେରାଙ୍କଠାରୁ ଏକ କାର (ନଂ ଓଆର୦୨ ବିଏଚ ୬୯୫୧)କୁ ବନ୍ଧୁ ଘରକୁ ଯିବାକୁ ଗୁରୁବାର ଆଣିଥିଲେ। କାରଟିକୁ ଘର ସମ୍ମୁଖରେ ରଖିଥିବା ବେଳେ ବିଳମ୍ବିତ ରାତିରେ ଗିରଫ ଅଭିଯୁକ୍ତ ଦ୍ୱୟ କାରରେ ନିଆଁ ଲଗାଇ ଦେଇଥିଲେ। ଫଳରେ କାରର ପଛ ଦୁଇ ଚକା ପୋଡି ଯାଇଥିଲା। ଏ ନେଇ ତପଧନ ରେଢ଼ାଖୋଲ ଥାନାରେ ଶୁକ୍ରବାର ସନ୍ଧ୍ୟାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଗିରଫ କରିଛି।




ରେଢ଼ାଖୋଲ ବ୍ଲକ ରେଙ୍ଗାଲିରେ ଚାଲିଥିବା ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଅନ୍ତିମ ଲିଗ ମ୍ୟାଚରେ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

### ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ

# ଏଏଫ୍ ସିସି ବଲାଙ୍ଗୀର ସେମିରେ

**ରେଢ଼ାଖୋଲ,/ଅମରପାଲି ୨୫।୧ (ଡି.ଏନ.ଏ.)**

ରେଢ଼ାଖୋଲ ବ୍ଲକ ରେଙ୍ଗାଲିରେ ଚାଲିଥିବା ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଅନ୍ତିମ ଲିଗ ମ୍ୟାଚରେ ଏଏଫସିସି ବଲାଙ୍ଗୀର ଦଳ ରେଙ୍ଗାଲିକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ୧୫-୧୫ ଓଭର ଓ ୬-୬ ଓଭର ଫରମାଟରେ ଖେଳା ଯାଇଥିଲା। ପ୍ରଥମ ଫରମାଟରେ ବଲାଙ୍ଗୀର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୪ ଉଇକେଟ ହରାଇ ୨୦୨ ରନ ସଂଗ୍ରହ କରିଥିଲା। ଦଳର ଜିତେଶ ୬୬ ରନ ଓ ରାଜୀବ ୫୧ ରନ କରିଥିଲେ। ଜବାବରେ ରେଙ୍ଗାଲି ଦଳ ୧୫ ଓଭରରେ ୪ ଉଇକେଟ ହରାଇ ୮୫ ରନ କରିଥିଲା। ଦ୍ୱିତୀୟ ଫରମାଟରେ ବଲାଙ୍ଗୀର ୬ ଓଭରରେ ୮୪ ରନ କରିଥିବା ବେଳେ ରେଙ୍ଗାଲି ୫୪ ରନ ସଂଗ୍ରହ କରିଥିଲା। ଉଭୟ ଫରମାଟରେ ବଲାଙ୍ଗୀର ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଗୋପବନ୍ଧୁ ବିଶ୍ୱାଳ ଓ ରଞ୍ଜିତ ସେଠ ଅତିଥି ଭାବେ ଯୋଗ ଦେଇ ଜିତେଶଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ବିନୋଦ ସେଠ ଓ ସୁରେଶ ବିଶି ଖେଳ ପରିଚାଳନା କରିଲେ। ବୁବୁନ ଜେନା ସ୍କୋରିଂ ଓ ତରୁଣ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ।

# ଚ୍ୟାନେଲ ବଦଳେଇ ବଦଳେଇ ଟିପ ବିନ୍ଧିଲା

**ବାମରା, ୨୫।୧ (ସ୍ୱ.ପ୍ର.)**

ପୁରୀ ଜିଲା ମାଳତୀପାଟପୁରରେ ଶୁକ୍ରବାର କାଳିଆ ଚାଷୀ ସମାବେଶ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିରେ ଯୋଗ ଦେଇଥିଲେ। ବିଭିନ୍ନ ଟିଭି ଚ୍ୟାନେଲରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଲୋକଙ୍କୁ ଦେଖାଇବା ଲାଗି ବ୍ୟବସ୍ଥା କରିବାକୁ ପଞ୍ଚାୟତଗୁଡିକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିପାଇଁ ସରକାରୀ ଟଙ୍କାରେ ପଞ୍ଚାୟତ କାର୍ଯ୍ୟାଳୟଗୁଡକୁ ନୂଆ ଟିଭି ଓ ସେଟଟପ୍ ବକ୍ସ ମଧ୍ୟ ବଣ୍ଟନ କରାଯାଇଛି। ଶୁକ୍ରବାର ସକାଳ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଜନପ୍ରତିନିଧି ଅପେକ୍ଷା ଓ ଲୋକେ ଟିଭିପରଦାରେ ପୁରୀ କାର୍ଯ୍ୟକ୍ରମର ଲାଇଭ ଦେଖିବାକୁ ବସି ରହିଥିଲେ। ହେଲେ ଯେଉଁ ଟିଭି ଚ୍ୟାନେଲ ଦେଖିଲା ବେଳକୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମର ଅଧିକାଂଶ ଲାଇଭ ଚାଲିଛି। ଗୋଟିଏ ପରେ ଗୋଟିଏ କରି ପାଖାପାଖି ୮/୧୦ଟି ଓଡ଼ିଆ ନ୍ୟୁଜ୍ ଚ୍ୟାନଲକୁ ରିମୋର୍ଟ ଟିପି ଅଧିକାରୀମାନେ ବଦଳାଇ ଚାଲିଥାନ୍ତି। ରିମୋର୍ଟ ଟିପି ଟିପି ଟିପ ବିନ୍ଧିଥିଲା। ମୁଖ୍ୟମନ୍ତ୍ରୀଙ୍କ ପୁରୀ କାର୍ଯ୍ୟକ୍ରମର ସିଧାପ୍ରସାରଣ କାଁ ଭା ଥିଲା। ଖୋର୍ଦ୍ଧା ନିକଟ ତମାଣ୍ଡୋରେ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମର ଅଧିକାଂଶ ସମୟ ଲାଇଭ ଦେଖିବାକୁ ମିଳିଥିଲା। ଏଣୁ ସରକାରୀ ବାବୁମାନେ ନିରାଶ ହୋଇଥିଲେ। କ’ଣ କରିବେ ବୁଦ୍ଧି ଦେଖା ଯାଉ ନ ଥିଲା। କେତେକ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅଭିଯୋଗ ଯେ, ଯେହେତୁ ରାହୁଲ ଜଣେ ଜାତୀୟ ସ୍ତରର ନେତା ବା କଂଗ୍ରେସର ଅଧ୍ୟକ୍ଷ ଏଣୁ ଟିଭି ଚ୍ୟାନେଲଗୁଡିକ ତାଙ୍କ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦେଲେ।




ରେଢ଼ାଖୋଲରେ ଅନୁଷ୍ଠିତ ନାଗରିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କିତ କର୍ମଶାଳାରେ ଉପସ୍ଥିତ ବିଚାରପତି, ଡିଏସ୍‌ପି ଓ ଅନ୍ୟମାନେ।

# ନାଗରିକ ଅଧିକାର, କର୍ତ୍ତବ୍ୟ ସମ୍ପର୍କିତ କର୍ମଶାଳା

**ରେଢ଼ାଖୋଲ,୨୫।୧ (ଡି.ଏନ.ଏ.)**

ରେଢ଼ାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ସିଭିଲ କୋର୍ଟ ପରିସରରେ ଶୁକ୍ରବାର ନାଗରିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଆଇନସେବା ପ୍ରାଧିକରଣ ସମିତିର ଅଧ୍ୟକ୍ଷ ତଥା ସବ୍‌ଜଜ ବାସୁଦେବ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ଏହି ସଚେତନତା ସଭାରେ ଏସ୍‌ଡିଜେଏମ୍ ଅପୂର୍ବା ଚୌଧୁରୀ, ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ପ୍ରଧାନ, ସଜଳ କାନ୍ତ ପାଲ, ହାରୁନ ଖାଁନ, ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ନାଗରିକମାନଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଚେତନତା ଶିବିରରେ ବରିଷ୍ଠ ନାଗରିକ କମିଟିର ବିଜୟ କୁମାର ମହାନ୍ତି, ଭୁବନେଶ୍ୱର ପ୍ରଧାନ, ପ୍ରମୋଦ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ନାଗରିକ ଯୋଗ ଦେଇଥିଲେ।

### ଘରଭାଙ୍ଗି ଧାନ ଚାଉଳ ଖାଇଲା ହାତୀ

**ଉଲୁଣ୍ଡା ୨୫।୧ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ପଞ୍ଚାୟତର ଖରାପୁରା (ଗୌରଗୋଟ) ଗ୍ରାମକୁ ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ପଶି ଆସି ଗୋଟିଏ ପରିବାରର ଘର ଭାଙ୍ଗି ଦେଇଛି। ତେବେ ସମ୍ପୃକ୍ତ ପରିବାରର ସଦସ୍ୟମାନେ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଛନ୍ତି। ସୂଚନା ମତେ, ଉକ୍ତ ଗ୍ରାମର ଚମ୍ପୁରୁ ବାର୍ଲା ତାଙ୍କ ଦୁଇ ଛୋଟପିଲାଙ୍କୁ ନେଇ ରାତିରେ ଘରେ ଶୋଇଥିବା ବେଳେ ହାତୀ ଘରର ଖପର ଭାଙ୍ଗୁଥିବା ଜାଣିବାକୁ ପାଇଥିଲେ। ପରେ ଦୁଇ ଛୁଆଙ୍କୁ ନେଇ ବାହାରକୁ ଚାଲି ଆସିଥିଲେ। ତେବେ ଘର ପଛପଟ କାନ୍ଥଭାଙ୍ଗି ହାତୀ ଘର ଭିତରକୁ ପଶି ୩ ବସ୍ତା ଧାନ ଏବଂ ଚାଉଳ ଖାଇବା ସହ ଘରର ଆସବାବପତ୍ର ଭାଙ୍ଗି ଦେଇଥିଲା।

# ଦୁର୍ଘଟଣାରେ ୨ ମୃତ, ୨ ଆହତ

**ବାମରା, ୨୫।୧ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ୍ ରଙ୍ଗିଆଟିକ୍ରା ପଞ୍ଚାୟତ ତୁରିପଡା ନିବାସୀ ହରି ମଲ୍ଲିକ (୫୫)ଙ୍କ ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଘରୁ ସାଇକେଲରେ ବାହାରି ଗାଁ ବନ୍ଧକୁ ଗାଧୋଇବାକୁ ଯାଉଥିଲେ । ଗୋଟିଏ କାର୍ ତାଙ୍କୁ ଧକ୍କା ଦେଇ ଖସି ପଳାଇଥିଲା। ଗୋବିନ୍ଦପୁର ପୋଲିସ ଏକ ମାମଲା (ନଂ. ୧୩/୧୯) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଛି।

ସେହିଭଳି ୨ଦିନ ପୂର୍ବେ ସୀମାବର୍ତ୍ତି ଲଇକେରା ବ୍ଲକ ଜାମମାଲ ପଞ୍ଚାୟତ ଗଞ୍ଜୁଡିହିର ନେତ୍ର ନେଗୀ (୧୫) ନିକଟସ୍ଥ ବଡ ତୁଡୁରିଆମ୍ବ ଗାଁକୁ ତାଙ୍କ ମାମୁଁ ଘରକୁ ଯାଉଥିଲେ । ବାଇକରେ ଏକୁଟିଆ ଯାଉଥିବା ନେତ୍ର ଭାରସାମ୍ୟ ହରାଇ ରାସ୍ତା କଡ ବିଲ ଭିତରକୁ ଛିଟିକି ପଡିଥିଲେ । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

ଅନ୍ୟପକ୍ଷେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସୁନ୍ଦରଗଡ ଜିଲା ଧାରୁଆଡିହି ଥାନା ଅଲିଙ୍ଗପାଣିର ରଞ୍ଜିତ କିସାନଙ୍କ ପୁଅ ନିଳାମ୍ବର ନିଜର ଜଣେ ସାଙ୍ଗ ସହ ବାଇକରେ ବାମରା ଯାଉଥିଲେ। ନିକଟସ୍ଥ କୁଆଁରମାଲ ଫାଟକ ପାଖରେ ଏକ କୁକୁରକୁ ବଞ୍ଚାଇବାକୁ ଉଦ୍ୟମ କରି ବାଇକରୁ ପଡି ଉଭୟ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ।

# ଜମନକିରା ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ଜମନକିରା,୨୫।୧ (ଡି.ଏନ୍.ଏ.)**

ଜମନକିରା ମହାବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବସନ୍ତ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକ, ଜମନକିରା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ, କୁଚିଣ୍ଡା ଉପଜିଲାପାଳ ତଥା ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ବିଶ୍ୱରଞ୍ଜନ ନାଏକ ଏବଂ ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରୁଣ କୁମାର ପଟେଲ ମଞ୍ଚାସୀନ ଥିଲେ। ଡ. କୃପାସିନ୍ଧୁ ନାଥ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପିକା ଅରୁଣା ମିଶ୍ର, ଅର୍ଚ୍ଚନା ରାଉତ, ନିବେଦିତା ସାହୁ, ପ୍ରାଧ୍ୟାପିକା ସୁଶ୍ରୀ ସୁଷମା ପଟ୍ଟନାୟକ, ଅଧ୍ୟାପକ ପ୍ରଶାନ୍ତ ନାୟକ, ଡୋଲାମଣୀ ମେହେର, ରମେଶଚନ୍ଦ୍ର ରାଉତ, ଡ. ତୃପ୍ତି ମିଶ୍ର, ପ୍ରଦୀପ କୁମାର ପଣ୍ଡା, ଶିବାନୀ ବେହେରା, ନିବେଦିତା ସାହୁ, ଅର୍ଚ୍ଚନା ରାଉତ, କଲ୍ୟାଣୀ ସାହୁ, ଦୀପ୍ତିମୟୀ ବିଶ୍ୱାଳ, ତୃପ୍ତିମୟୀ ମଲ୍ଲିକ, ଚନ୍ଦ୍ରିକା ସାହୁ, କୁଣ୍ଡଳୀ ମହାନନ୍ଦ, ସୁପର୍ଣ୍ଣା ପଟ୍ଟନାୟକ, ସୀମରନ ସିଂଦେଓ, ଚେତନା ଗଡ଼ତିଆ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଜମନକିରା କଲେଜର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

### ଆଖୁଚାଷୀଙ୍କ ଘର ଭସ୍ମୀଭୂତ, ୬୦ହଜାର ପୋଡ଼ିଗଲା

**ଦେଓଗାଁ, ୨୫।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାବିଯୋର ଗ୍ରାମର ମାଳିସାହିଠାରେ ଥିବା ଆଖୁଚାଷୀ ସୁଦାମ ସାହୁଙ୍କ ଝୁପୁଡି ଘର ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି । ଗତ ୧୫ ଦିନ ହେଲା ତାଙ୍କ କ୍ଷେତରେ ଥିବା ଝୁପୁଡି ଘରେ ରହି ସେ ଆଖୁପେଡି ବେଶ୍ ଦୁଇପଇସା ରୋଗଜାର କରିଥିଲେ। ଗୁଡି ବିକ୍ରି କରି ସେ ରଖିଥିବା ୬୦ହଜାର ଟଙ୍କା ମଧ୍ୟ ପୋଡି ଯାଇଥିବା ଅଭିଯୋଗ କରିଛନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

# ସିଆରପିଏଫ୍‌ର ଜନସମ୍ପର୍କ ଶିବିର

**ନାକଟିଦେଉଳ,୨୫।୧(ଡି.ଏନ.ଏ.)**

ନାକଟିଦେଉଳ ସି/୧୨ ବାଟାଲିୟନ ସିଆରପିଏଫ ପକ୍ଷରୁ ଶୁକ୍ରବାର ସାହେବୀ ପଞ୍ଚାୟତ ଝାରବେଢ଼ା ଗ୍ରାମରେ ଏକ ଜନସମ୍ପର୍କ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ବିଶି ସଭାପତିତ୍ୱ କରିଥିଲେ। କମାଣ୍ଡାଣ୍ଟ ପ୍ରମୋଦ କୁମାର ସାହୁ ଯୋଗଦେଇ ଅଞ୍ଚଳର ବିକାଶ ଦିଗରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଅଞ୍ଚଳରେ ଶାନ୍ତି ସହ ଭାତୃତ୍ୱ ଭାବ ସୃଷ୍ଟି ଦିଗରେ ସିଆରପିଏଫ ସର୍ବଦା ଚେଷ୍ଟିତ ବୋଲି ପ୍ରକାଶ କରିଥିଲେ । ସାଧାରଣ ଜନତା କୌଣସି ଅସାମାଜିକ ବ୍ୟକ୍ତିଙ୍କ କଥାରେ ଭଳି ଯାଇ ଅପରାଧ ନ କରିବାକୁ ପରାମର୍ଶ ଦେବା ସହ ସରକାରଙ୍କ ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ । ଆଲୋକ ଅଗସ୍ତି, ଗଣେଶ ଡୁନ୍ଗର, ସଞ୍ଜୟ କୁମାର, ନାକଟିଦେଉଳ ତହସିଲଦାର ସମୀର କୁମାର ବିଲୁଙ୍ଗ, ଆସିଷ୍ଟାଣ୍ଟ ତହସିଲଦାର ଘନଶ୍ୟାମ ମୁଣ୍ଡା, ଆଇଆଇସି ନିର୍ମଳା ତ୍ରୀପାଠି, ଜାମୁଯୋରୀ ସରପଞ୍ଚ ଅଜିତ ପ୍ରଧାନ, ବାଟଗାଁ ସରପଞ୍ଚ ବେଦମତି କିସାନ, ସାହେବୀ ସରପଞ୍ଚ ଯଶୋବନ୍ତୀ ମାଝି, ନାକଟିଦେଉଳ ସରପଞ୍ଚ ଶଙ୍କର୍ଷଣ ବିଶି, ସରାପାଳିର ପୂର୍ବତନ ସମିତିସଭ୍ୟ ଧୀରେନ ସାହୁ, ଶିକ୍ଷକ ହଳଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଘୋଷରାମାଳ ପଞ୍ଚାୟତ ବଡ଼ମାଳ ଗ୍ରାମର ମହିଳାମାନେ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ।




ଝାରବେଢ଼ା ଗ୍ରାମରେ ଅନୁଷ୍ଠିତ ଜନସମ୍ପର୍କ ଶିବିରରେ ଅତିଥିମାନେ।

# ରାସ୍ତାକାମରେ ବାଧକ ସାଜିଛି ସଂରକ୍ଷିତ ଜଙ୍ଗଲ ଜମି

**ଜମନକିରା,୨୫।୧ (ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍‌ର ମାଓବାଦୀ ପ୍ରବଣ ଅଞ୍ଚଳ ଉଷାକୋଠୀ ଅଭୟାରଣ୍ୟରେ ଅବସ୍ଥିତ ସର୍ଡ଼ା ଏବଂ ଖଇରଡ଼ିହି ଗାଁକୁ ରାସ୍ତା ନିର୍ମାଣ ଚାଲିଛି। ହେଲେ କାମ ଆଗେଇ ପାରୁନି। ଏହି ରାସ୍ତା କାମରେ ସଂରକ୍ଷିତ ଜଙ୍ଗଲ ଜମି ବାଧକ ସାଜିଛି। ବନ ବିଭାଗ ଅନୁମତି ଦେଉ ନ ଥିବାରୁ ରାସ୍ତା କାମ କରୁଥିବା ଠିକା ସଂସ୍ଥା ମଧ୍ୟ ଦ୍ୱନ୍ଦ୍ୱରେ ପଡିଛି।

ଗତ ଅକ୍ଟୋବର ମାସରେ ୮.୫୭୫ କିଲୋମିଟରର ଏହି ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ବଲପୁରର ଶାନ୍ତି କନଷ୍ଟ୍ରକ୍ସନ କମ୍ପାନୀକୁ କାର୍ଯ୍ୟାଦେଶ ଦେଇଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଏଥିପାଇଁ ୫କୋଟି ୯୭ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି। ସାଢ଼େ ୮ କିଲୋମିଟର ରାସ୍ତା ମଧ୍ୟରେ ପ୍ରାୟ ୪ କିଲୋମିଟର ରାସ୍ତା ବନ ବିଭାଗ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହିଥିବାରୁ ଠିକା ସଂସ୍ଥାକୁ ବନ ବିଭାଗ ପକ୍ଷରୁ ଅନୁମତି ଦିଆଯାଉନି। ଅନ୍ୟପକ୍ଷେ ତୁରନ୍ତ ଏହି ରାସ୍ତା କାମ ଶେଷ କରିବାକୁ ସର୍ଡା ଗାଁ ଲୋକେ ନିକଟରେ ଜମନକିରା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ବିଭାଗୀୟ କର୍ତ୍ତୃପକ୍ଷ ଶୁକ୍ରବାର ତ୍ରିପାକ୍ଷିକ ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ। ସେହି ଅନୁସାରେ ଗାଁ ଲୋକେ ଶୁକ୍ରବାର ଏଠାରେ ପହଞ୍ଚି ଥିଲେ। ହେଲେ ବନ ବିଭାଗ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଫିସରଙ୍କ ଦେଖା ମିଳି ନ ଥିଲା। ଏଣୁ ଏହି ଆଲୋଚନା ହୋଇ ପାରିନାହିଁ। ଏ ନେଇ ବାମରା ଡିଏଫଓ ନୃସିଂହଚରଣ ମିଶ୍ର କହିଛନ୍ତି ଯେ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ବୈଠକ ନେଇ ତାଙ୍କୁ କୌଣସି ସୂଚନା ମିଳିନି। ସେହିଭଳି ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ହରିପ୍ରିୟା ପ୍ରଧାନଙ୍କୁ ଯୋଗାଯୋଗ କରିଥିଲେ ବି ସେ ଫୋନ୍ ଉଠାଇ ନ ଥିଲେ। କନିଷ୍ଠ ଯନ୍ତ୍ରୀ ଅଶୋକ ଦାଶଙ୍କ ଫୋନ୍ ବନ୍ଦ ଥିବାରୁ ପ୍ରତିକ୍ରିୟା ମିଳି ନ ଥିଲା।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍



## ସଂକ୍ଷେପରେ



ଜୁନାଗଡ ରାଜନୀତି ସରଗରମ

### ପଦ୍ମ ଛାଡ଼ି ହାତ ଧରିଲେ ଅନିଲ

**ଜୁନାଗଡ,୨୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ଗତ ୨୦୧୪ର ଭାଜପା ବିଧାୟକ ପ୍ରାର୍ଥୀ ଅନିଲ ସିଂଦେଓ ଭାଜପା ଛାଡି କଂଗ୍ରେସରେ ଯୋଗଦେଇଛନ୍ତି। ଗତ ନିର୍ବାଚନରେ ସେ ବିଜେଡି ସହିତ ପ୍ରତିଦ୍ୱନ୍ଦ୍ୱତା କରି ୪୬୪୯୮ ଭୋଟ ପାଇଥିଲେ। ଶୁକ୍ରବାର ଭୁବନେଶ୍ୱର ତମାଣ୍ଡୋ ମିନି ଷ୍ଟାଡିୟମରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ସେ କଂଗ୍ରେସରେ ଯୋଗଦେଇଛନ୍ତି। ପଦ୍ମ ଛାଡି ଅନିଲ ହାତ ଧରିଥିବାରୁ ଜୁନାଗଡ ରାଜନୀତି ସରଗରମ ହୋଇଛି। ଏ ନେଇ ଭାଜପା ଛାଡି କଂଗ୍ରେସରେ ଯୋଗଦେଇଥିବା ଅନିଲ ସିଂଦେଓଙ୍କୁ ପଚାରବାରୁ କଂଗ୍ରେସ ଦ୍ୱାରା ପ୍ରଭାବିତ ହୋଇ ଏହି ନିଷ୍ପତ୍ତି ବ୍ୟକ୍ତି ଗତ ଭାବରେ ନେଇଛି ବୋଲି କହିଥିଲେ। ସେହିପରି କଳାହାଣ୍ଡି ଭାଜପା ଜିଲା ସଭାପତି ପ୍ରଦୀପ୍ତ କୁମାର ନାଏକଙ୍କୁ ପଚାରିବାରୁ ସମସ୍ତେ ଆସିବେ ଯିବେ, ଦଳ ପ୍ରତି ଏହାର କୌଣସି ପ୍ରଭାବ ପଡିବ ନାହିଁ। ମୋଦିଜିଙ୍କ ନେତୃତ୍ୱରେ ବିକାଶକୁ ନେଇ ଭାଜପା ଲଢୁଛି ଓ ଲଢି ଚାଲିଥିବ ବୋଲି କହିଥିଲେ।

### ମଦଭାଟି ନିକଟରୁ ଅଜଣା ମୃତଦେହ ଉଦ୍ଧାର

**ନୂଆପଡା ଅଫିସ,୨୫।୧**

ନୂଆପଡ଼ା ଜିଲା ଖରିଆରରୋଡ ଜୋଙ୍କ ପୋଲିସ ସ୍ଥାନୀୟ ମଦଭାଟି ନିକଟରୁ ଏକ ଅଜଣାମୃତ ଉଦ୍ଧାର କରିଛି । ଶବ ବ୍ୟବଚ୍ଛେଦ ପରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧/୧୯) ରୁଜୁ ହୋଇଥିବା ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର ଯୋଗେନ୍ଦ୍ର ନାଏକ କହିଛନ୍ତି । ଶୁକ୍ରବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଅଧିକାରୀ ନାଏକ ପହଞ୍ଚି ମୃତଦେହକୁ ଜବତ କରିଥିଲେ । ମୃତକଙ୍କ ବୟସ ଅନ୍ୟୁନ ୫୦ ବର୍ଷ ହେବ । ସେ ଏକ ହାପ ପ୍ୟାଣ୍ଟ ପିନ୍ଧିଥିବା ପ୍ରକାଶ । ସନ୍ଧ୍ୟା ସୁଦ୍ଧା ମୃତଦେହ ଚିହ୍ନଟ ହୋଇପାରି ନାହିଁ । ମୃତଦେହକୁ ବ୍ୟବଚ୍ଛେଦ ଗୃହରେ ୭୨ ଘଣ୍ଟା ପର୍ଯ୍ୟନ୍ତ ରଖାଯିବ । ଚିହ୍ନଟ ହୋଇ ନ ପାରିଲେ ପୋତି ଦିଆଯିବ ବୋଲି କୁହାଯାଇଛି।

# ଭୋଟରର କର୍ତ୍ତବ୍ୟ ଉପରେ ସଚେତନ ହେଲେ ଛାତ୍ରୀଛାତ୍ର





ମାନେଶ୍ୱରରେ ନୂତନ ଭୋଟର (ବାମ) । ସମ୍ବଲପୁରରେ ଆୟୋଜିତ ଜାତୀୟ ଭୋଟର ଦିବସ ସଚେତନତା ରାଲିରେ କଲେଜ ଛାତ୍ରୀଛାତ୍ର ସାମିଲ ହୋଇଛନ୍ତି ।





ଶୁକ୍ରବାର ସମ୍ବଲପୁରରେ ଆୟୋଜିତ ଜାତୀୟ ଭୋଟର ଦିବସ ସଚେତନତା ରାଲିରେ ସ୍କୁଲ ଛାତ୍ର ସାମିଲ ହୋଇଛନ୍ତି (ବାମ) । ରେଢାଖୋଲରେ ଜାତୀୟ ଭୋଟର ଦିବସ ଅବସରରେ ସଚେତନତା ଶୋଭାଯାତ୍ରା ବାହାରିଛି ।





ଧମା ଝାଡେଶ୍ୱରୀ କଲେଜରେ ଅନୁଷ୍ଠିତ ସଚେତନତା ସଭାରେ ମଞ୍ଚାସୀନ ଅତିଥି (ବାମ)। ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟରେ ଭୋଟର ଦିବସ ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ସମ୍ବଲପୁର, ୨୫।୧ (ବ୍ୟୁରୋ)**

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ଭୋଟର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରୁ ସଚେତନତା ରାଲି ଓ ରଥକୁ ଅତିଥିମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ରାଲି ଜିଲା ସ୍କୁଲ ଛକ, ଭିଏସଏସ ମାର୍ଗ, ଲକ୍ଷ୍ମୀଟକିଜ ଛକ ପରିକ୍ରମା କରିଥିଲା। ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ପିଡିଡିଆରଡିଏ ସୁକାନ୍ତ କୁମାର ତ୍ରିପାଠୀ ଓ ଉପଜିଲାପାଳ ପ୍ରଦୀପ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ସମ୍ବଲପୁର ସରକାରୀ ମହିଳା କଲେଜ, ଡା. ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ, ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ସ୍କୁଲ, ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।

**ଧମା, (ଡି.ଏନ.ଏ)**–ସ୍ଥାନୀୟ ମାଁ ଝାଡେଶ୍ୱରୀ କଲେଜରେ ମଧ୍ୟ ଜାତୀୟ ମତଦାତା ଦିବସ ପାଳିତ ହୋଇଛି । ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ସଭାପତିତ୍ୱ କରିଥିଲେ। ଯେଉଁ ଛାତ୍ରୀଛାତ୍ର ପ୍ରଥମ କରି ମତଦାତା ତାଲିକାଭୁକ୍ତ ହୋଇଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧନା ଦେଇ ଭୋଟରର କର୍ତ୍ତବ୍ୟ ଓ ମତଦାନ ଆଧାର ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚନାରେ ଅଧ୍ୟାପକ ରବୀନ୍ଦ୍ର ଠାକୁର ଓ ସଞ୍ଜୟ ସାହୁ ଗଣତନ୍ତ୍ରରେ ମତଦାନ ଓ ନିର୍ବାଚନର ଗୁରୁତ୍ୱ ଉପରେ ଛାତ୍ରୀଛାତ୍ରମାନଙ୍କୁ ଦିଗଦର୍ଶନ ଦେଇଥିଲେ । ଯୁକ୍ତ ୩ ଅଧ୍ୟକ୍ଷ ଅନୀଲ ପଧାନ ନିର୍ବାଚନରେ ଗୁରୁଦାୟିତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଜ୍ୟୋତିର୍ମୟୀ ପଣ୍ଡା, ନିକିତା ପଧାନ, ରାକେଶ ଭୋଇ, ବିଷ୍ଣୁପ୍ରିୟା ପାତ୍ର, ନିହାରିକା ମିଶ୍ର, ତାନି ମେହେର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଅଧ୍ୟାପକ ପ୍ରମୋଦ ଦେହେରୀ ଓ ସଂସାର ପଧାନ ସଂଯୋଜନା କରିଥିଲେ। ଅଧ୍ୟାପିକା ମୀନତି ଦାଶ, ସୁଦୀପ୍ତା ଦାଶ, ସୁଶ୍ରିତ ଷଡଙ୍ଗୀ, ରତନ ଲୁହୁରା, ଚୈତନ୍ୟ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

## ଜାତୀୟ ଭୋଟର ଦିବସ

**ରେଙ୍ଗାଲି, (ଡି.ଏନ.ଏ.)**ରେଙ୍ଗାଲି ସୁରଜମଲ ମହାବିଦ୍ୟାଳୟରେ ନିର୍ବାଚନ ସାକ୍ଷରତା କ୍ଲବ ପକ୍ଷରୁ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ସୁଜିତ କୁମାର ସେନ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଡ. ଅଭିମନ୍ୟୁ ବେହେରା, ପ୍ରାଧ୍ୟାପିକା ଡ. ମିନତୀ ଶତପଥୀ ଭୋଟରମାନଙ୍କର ଦାୟିତ୍ୱ, କର୍ତ୍ତବ୍ୟ ଓ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ମନୋଜ କୁମାର ପଣ୍ଡା ଏକ ଆଦର୍ଶ ସଚେତନ ନାଗରିକ ହେବା ପାଇଁ ଆହ୍ୱାନ ଦେଇଥିଲେ । ଭୋଟଦାନ ପଦ୍ଧତିର ବିସ୍ତୃତ ବିବରଣୀ ସହ ଗଣତନ୍ତ୍ରର ମୂଲ୍ୟବୋଧ ଉପରେ ରାଜନୀତି ବିଜ୍ଞାନର ବିଭାଗୀୟ ମୁଖ୍ୟ ଚିନ୍ତାମଣି ପଶାୟତ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପରିଶେଷରେ ଇଂରାଜୀ ବିଭାଗର ଅଧ୍ୟାପିକା ଲୋପାମୁଦ୍ରା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

**ରେଢ଼ାଖୋଲ,(ଡି.ଏନ.ଏ.)**–ରେଢ଼ାଖୋଲରେ ଜାତୀୟ ଭୋଟର ଦିବସ ଅବସରରେ ଭୀମ ଭୋଇ କଲେଜ ଓ ମହିଳା କଲେଜର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରି ଭୋଟ ଦାନ ଅଧିକାର ସମ୍ପର୍କରେ ସଚେତନ କରିଛନ୍ତି। ଏହି ଅବସରରେ ବ୍ଲକ୍ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ବିଶିକେସନ ଦେହୁରୀ ଏଥିରେ ସଭାପତିତ୍ୱ କରିଥିଲେ। ତହସିଲଦାର ରୁବି ବେହେରା, ବିଡିଓ ପରିକ୍ଷିତ ସାହୁ , ଭୀମ ଭୋଇ କଲେଜର ଅଧ୍ୟକ୍ଷ ଡ. ହରପ୍ରସାଦ ମିଶ୍ର, ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଯୋଗାଣ ଅଧିକାରୀ ବିଘ୍ନରାଜ ମହାପାତ୍ର ସଭା ପରିଚାଳାନା କରିଥିଲେ। ମହାବିଦ୍ୟାଳୟସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ମେଗା ରକ୍ତଦାନ ଶିବିର, ୧୦୬ ୟୁନିଟ ସଂଗ୍ରହ

**ଦେବଗଡ,୨୫।୧(ସ୍ୱ.ପ୍ର)**

ନିର୍ମାଣକାରୀ ସଂସ୍ଥା ଏଲ ଏଣ୍ଡ ଟି କନଷ୍ଟ୍ରକସନ ବାରକୋଟ ପକ୍ଷରୁ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ଆଇ.ଆର୍ ମ୍ୟାନେଜର ପ୍ରଭାକର ବରାଳଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ଶିବିରରେ ମୁଖ୍ୟଅତିଥି ଭାବେ ବାରକୋଟ ଥାନା ଅଧିକାରୀ ଚିତ୍ତରଂଜନ ବେହେରା ଯୋଗଦେଇ ଶିବିରରକୁ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀଙ୍କ ଠାରୁ ମୋଟ ୧୦୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଡା. ଅମିତ୍ ମହାପାତ୍ର, ବଂପରଡା ଆୟୁଷ ମେଡିକାଲ ଅଫିସର ଡ. ସମ୍ମିତ ପ୍ରଧାନ, ଷ୍ଟାଫନର୍ସ ଅମ୍ବିକା ଦାଶ, ଗୋପାଳକୃଷ୍ଣ ସାହୁ, ପିଆରଓ ମଳୟ ବେହେରା, ଆଲୋକ ମହାପାତ୍ର, ମିନାକ୍ଷୀ ପ୍ରଧାନ, ରଞ୍ଜନ ହେହେରା, ରୁଲୁ ପ୍ରଧାନ, ଶ୍ରୀକାନ୍ତ ଆଚାର୍ଯ୍ୟ, ହୃଦାନନ୍ଦ ପ୍ରଧାନଙ୍କ ସମେତ ସଂସ୍ଥାର ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂସ୍ଥାର ବିନୋଦ ବିହାରୀ ଗରିଆ,ତରୁଣ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।



ବାରକୋଟ ଥାନା ଅଧିକାରୀ ଚିତ୍ତରଞ୍ଜନ ବେହେରା ଶିବିରରକୁ ଉଦ୍‌ଘାଟନ କରୁଛନ୍ତି।

# ବୌଦ୍ଧରେ ଖୋଲିଲା ପରିବାର ଅଦାଲତ

**ବୌଦ୍ଧ,୨୫।୧(ସ୍ୱ.ପ୍ର)**

ବୌଦ୍ଧରେ ନୂତନ କୋର୍ଟ ବିଲିଡିଙ୍ଗରେ ଶୁକ୍ରବାର ପରିବାର ଅଦାଲତ ଉଦ୍‌ଘାଟିତ ହୋଇଛି । ପୂର୍ବାହ୍ନ ୧୧ଟା ସମୟରେ ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାଶ ଏହି ଅଦାଲତକୁ ଉଦ୍‌ଘାଟନ କରିଥିଲେ। ଏହି ଅଦାଲତ ଖୋଲିବା ଦ୍ୱାରା ପରିବାର ସମ୍ପର୍କିତ ମାମଲା ଗୁଡିକର ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବା ସହ ତୁରନ୍ତ ନ୍ୟାୟ ମିଳିପାିବ ବୋଲି ବିଚାରପତି ଦାଶ କହିଥିଲେ । ପରିବାର ଅଦାଲତର ପ୍ରଥମ ବିଚାରପତି ଭାବେ ଶୀତିକଣ୍ଠ ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାର ଅନ୍ୟ କୋର୍ଟ ଗୁଡିକରେ ବିଚାରାଧୀନ ୧୪୬ଟି ପରିବାର ମାମଲାକୁ ନୂତନ କୋର୍ଟ ଦ୍ୱାରା ବିଚାର କରାଯିବ । ଅଦାଲତ ଉଦଘାଟନ ପୂର୍ବରୁ ଜିଲା ଓକିଲ ସଂଘରେ ଆୟୋଜିତ ଏକ ସ୍ୱାଗତ ଉତ୍ସବରେ ମୁଖ୍ୟଅତିଥି ବିଚାରପତି ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହା ପରେ ଜିଲାରେ କାର୍ଯ୍ୟରତ ଓକିଲମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଚାରପତି ଦାଶ ବୌଦ୍ଧ ଓ ସୋନପୁର ଠାରେ ସ୍ଥାୟୀ ଲୋକ ଅଦାଲତ କାର୍ଯ୍ୟ କରିବାକୁ ତୁରନ୍ତ ପଦକ୍ଷେପ ନେବା ପାଇଁ କହିବା ସହ ବୌଦ୍ଧରେ ଭିଜିଲାନ୍ସ ମାମଲା ପରିଚାଳନା କ୍ୟାମ୍ପ କୋର୍ଟ ଜରିଆରେ କରିବାକୁ ମଧ୍ୟ ପଦକ୍ଷେପ ନେବାକୁ କହିଥିଲେ । ଏଥି ସହିତ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହେଉଥିବା ମାମଲାର ଫଇସଲା ପାଇଁ ସ୍ୱତନ୍ତ୍ର ଭାବେ ଜଣେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଯୋଗାଇ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଦୌରାଜଜ ଅରବିନ୍ଦ ଗୁରୁ, ଅତିରିକ୍ତ ଜିଲାଜଜ୍ ଗୌରିମାଳି ମହାରଣା, ସିଜେଏମ ପ୍ରଦୀପ୍ତ କୁମାର ସାହୁ, ରେଜିଷ୍ଟ୍ରାର ଦେବାଶିଷ ମହାନ୍ତି, ଏସଡିଜେଏମ ସୂର୍ଯ୍ୟ ଦାସ, ଜିଲାପାଳ ସୀତାଂଶୁ କୁମାର ରାଉତ, ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ବରିଷ୍ଠ ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ର, ନବ କୁମାର ମିଶ୍ର, ଧୁରୁଣୀ ଦେହୁରୀ, ସଚ୍ଚିଦାନନ୍ଦ ଦଲାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବକଙ୍କ ମୃତ୍ୟୁ ଘଟଣାରେ ରାସ୍ତା ଅବରୋଧ

**କୋକସରା,୨୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପେଟ୍ରୋଲ ପମ୍ପ ନିକଟରେ ଗତ ୨୦ ତାରିଖରେ ଏକ ବାଇକ୍ ଧକ୍କାରେ ଆହତ ହୋଇଥିବା ସ୍ଥାନୀୟ ଶାନ୍ତିନଗର ପଡାର ଧନସିଂ ଶବର (୪୦)ଙ୍କ ଗୁରୁବାର ମୃତ୍ୟୁ ଘଟିଛି । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା । ସମ୍ପର୍କୀୟ ଏବଂ ଗ୍ରାମବାସୀ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କୁ ଗିରଫ ଏବଂ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ୨୬କୁ ମୋଟେର ଛକଠାରେ ଶୁକ୍ରବାର ୧୧ଟାରୁ ଅବରୋଧ କରିଥିଲେ । ଖବର ପାଇ କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଓ କୋକସରା ତହସିଲଦାର ମୌସୁମୀ ନାୟକ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର, ଜାତୀୟ ପରିବାର ମଙ୍ଗଳ ଯୋଜନାରୁ ୨୦ ହଜାର, ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର, ଘରଡିହ, ଆବାସ ଯୋଜନାରେ ଘର ଯୋଗଇ ଦେବା ସହ ନାବାଳକ ପୁଅଝିଅମାନଙ୍କୁ ଆବାସିକ ବିଦ୍ୟାଳୟରେ ପାଠ ପଢାଇବା ଏବଂ ରହିବା ବ୍ୟବସ୍ଥା ପାଇଁ ଲିଖିତ ପ୍ରତିଶ୍ରୁତି ପରେ ମଧ୍ୟାହ୍ନ ୧୨ଟାରେ ରାସ୍ତା ଅବରୋଧ ହଟିଥିଲା । ଘଟଣାସ୍ଥଳରେ ରେଡକ୍ରସ ଓ ହରିଶ୍ଚନ୍ଦ୍ର ଯୋଜନର ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ୧ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଭାବାନୀପାଟଣା, ଜୟପୁର ମୁଖିଗୁଡା ମଧ୍ୟରେ ଶହଶହ ଗାଡିମୋଟର ଅଟକି ରହିଥିଲା ।

# ଜାତୀୟ ଭୋଟର ଦିବସରେ ଶୋଭାଯାତ୍ରା

**ଦେବଗଡ, ୨୫।୧ (ସ୍ୱ.ପ୍ର.)**

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ମତଦାତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଧରମ ହାଁସଦା ନିର୍ବାଚନ ପ୍ରକ୍ରିୟାରେ ମତଦାତାମାନଙ୍କର ସକ୍ରିୟ ଅଂଶଗ୍ରହଣ ଏବଂ ବିଶେଷକରି ନିଜର ମତାଧିକାର ସାବ୍ୟସ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣତନ୍ତ୍ରରେ ମତଦାତାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଭିନ୍ନ ସମୟରେ ସେମାନଙ୍କୁ ଅଧିକାର ସମ୍ପର୍କରେ ସଚେତନ କରାଯାଉଛି ବୋଲି କହିଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ ନାୟକ, ଡେପୁଟି କଲେକ୍ଟର ଦିବ୍ୟଶଙ୍କର ଜୟପୁରିଆ, ବିକ୍ରାନି କିସପଟା, ଜରୁରୀ କାଳୀନ ଅଧିକାରୀ ସୁଶାନ୍ତ ନାୟକ ଯୋଗଦେଇ ନିର୍ବାଚନ ସମ୍ବନ୍ଧୀୟ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ସକାଳେ ଏକ ସଚେତନତା ରାଲି ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନଗର ପରିକ୍ରମା କରିଥିଲା । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥଲେ । କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ପରିଚାଳନା କରିଥିଲେ ।




ଦେବଗଡ଼ରେ ସଚେତନତା ଶୋଭାଯାତ୍ରା ବାହାରିଛି ।

# ପୁରୀରେ କାଳିଆ ଯୋଜନାର ଶୁଭାରମ୍ଭ




ପୁରୀରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଯୋଜନା ଶୁଭାରମ୍ଭ କରୁଛନ୍ତି ।



ଚାଷୀ ସମାବେଶରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀଙ୍କୁ କାଳିଆ ସହାୟତା ମାନପତ୍ର ପ୍ରଦାନ କରୁଛନ୍ତି ।



ପୁରୀ ରାହାଙ୍ଗରିଆଠାରେ ଶୁକ୍ରବାର ଅନୁଷ୍ଠିତ ଚାଷୀ ସମାବେଶରେ ଯୋଗଦେଇଥିବା ଚାଷୀ ଓ ଅନ୍ୟମାନେ ।

# ପରିବର୍ତ୍ତନ ସଂକଳ୍ପ ସମାବେଶର ଝଲକ



ଭୁବନେଶ୍ୱର ତମାଣ୍ଡୋ ମିନି ଷ୍ଟାଡିୟମରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ ରାଜ୍ୟ ନେତୃବୃନ୍ଦଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ।



ସମାବେଶ ସ୍ଥଳରେ ଉପସ୍ଥିତ କଂଗ୍ରେସ କର୍ମୀ, ସମର୍ଥକ ଓ ଜନସାଧାରଣ ।



ରାହୁଲ ଗାନ୍ଧୀଙ୍କୁ ପାରମ୍ପରିକ ବାଦ୍ୟନୃତ୍ୟ ଦ୍ୱାରା ସ୍ୱାଗତ କରିବା ପାଇଁ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ହୋଇଥିବା ବ୍ୟବସ୍ଥା ।



“ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଇନ ପ୍ରବର୍ତ୍ତନ ସଂସ୍ଥା ମାଧମରେ ତାଙ୍କ ରାଜନୈତିକ ଲଢ଼େଇ ଲଢୁଛନ୍ତି।
-ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ୧୪୯ଜଣଙ୍କୁ ସାହସିକତା ପଦକ

**ନୂଆଦିଲ୍ଲୀ,୨୫।୧(ପି.ଟି.):** ନିଷ୍ଠା ଓ ସଚ୍ଚୋଟତାର ସହ ଦାୟିତ୍ୱ ନିର୍ବାହ କରିଥିବା ୮୫୫ ପୋଲିସ ଏବଂ ଅର୍ଦ୍ଧସାମରିକ ବଳର ଯବାନଙ୍କୁ ପୋଲିସ ପଦକରେ ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରୁ ଜମ୍ମୁ-କଶ୍ମୀର, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସୁରକ୍ଷାରେ ନିୟୋଜିତ ୧୪୯ ଯବାନଙ୍କୁ ସାହସିକତା ପଦକ ପ୍ରଦାନ କରାଯାଇଛି। ସିଆରପିଏଫ୍‌କୁ ସର୍ବାଧିକ ୪୪, ଓଡ଼ିଶା ପୋଲିସକୁ ୨୬, ଜମ୍ମୁ-କଶ୍ମୀର ପୋଲିସକୁ ୨୫ ଏବଂ ଛତିଶଗଡ଼କୁ ୧୪ ପଦକ ମିଳିଛି। ସେହିପରି ଅନ୍ୟର ଜୀବନ ରକ୍ଷା କରିଥିବା ୪୮ଜଣଙ୍କ ମଧ୍ୟରୁ ୮ଙ୍କୁ ସର୍ବୋତ୍ତମ, ୧୫ଙ୍କୁ ଉତ୍ତମ ଏବଂ ୨୫ଙ୍କୁ ଜୀବନ ରକ୍ଷା ପଦକ ଦିଆଯିବାକୁ ଘୋଷଣା ହୋଇଛି।

### ୧୯ ସେନା ଅଧିକାରୀଙ୍କୁ ସର୍ବଶ୍ରେଷ୍ଠ ସାମରିକ ପଦକ

**ନୂଆଦିଲ୍ଲୀ,୨୫।୧(ପି.ଟି.):** ସେନା ମୁଖ୍ୟ ଜେନରାଲ୍ ବିପିନ ରାଓ୍ୱତଙ୍କ ସମେତ ୧୯ ବରିଷ୍ଠ ସେନା ଅଧିକାରୀଙ୍କୁ ସର୍ବଶ୍ରେଷ୍ଠ ସାମରିକ ପରମ ବିଶିଷ୍ଟ ସେବା ପଦକ (ପିଭିଏସ୍‌ଏମ୍) ଏବଂ ଜାଟ୍ ରେଜିମେଣ୍ଟର ମେଜର ତୁଷାର ଗୌବା ଓ ୨୨ ରାଷ୍ଟ୍ରୀୟ ରାଇଫଲ୍ସର ସୋଓ୍ୱର ବିଜୟ କୁମାରଙ୍କୁ କୀର୍ତ୍ତି ଚକ୍ର, ୯ ସେନା ଯବାନଙ୍କୁ ଶୌର ଚକ୍ର ପୁରସ୍କାର ଘୋଷଣା କରାଯାଇଛି।

### ଅଯୋଧ୍ୟା ମାମଲା
### ୫ଜଣିଆ ବେଞ୍ଚ୍ ଗଠିତ

**ନୂଆଦିଲ୍ଲୀ,୨୫।୧:** ଅଯୋଧ୍ୟା ରାମମନ୍ଦିର ବିବାଦୀୟ ସ୍ଥଳ ମାମଲାର ଶୁଣାଣି ନେଇ ସୁପ୍ରିମ୍‌କୋର୍ଟ ଶୁକ୍ରବାର ୫ ବିଚାରପତିଙ୍କ ଏକ ନୂଆ ବେଞ୍ଚ୍ ଗଠିତ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.ଏ.ବୋବ୍‌ଡେ, ଜଷ୍ଟିସ୍ ଡି.ଓ୍ୱାଇ.ଚନ୍ଦ୍ରଚୁଡ, ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଜଷ୍ଟିସ୍ ଏସ୍.ଅବଦୁଲ ନଜିରଙ୍କୁ ନେଇ ଗଠିତ ଏହି ବେଞ୍ଚ୍ ୨୦୧୦ରେ ମାମଲା ଉପରେ ଆଲ୍ଲାହାବାଦ୍ ହାଇକୋର୍ଟ ଦେଇଥିବା ରାୟ ଉପରେ ଶୁଣାଣି କରିବେ। ଏ ନେଇ ପୂର୍ବରୁ ଗଠିତ ବେଞ୍ଚ୍‌ରୁ ଜଷ୍ଟିସ୍ ଉଦୟ ଉମେଶ ଲଲିତ୍ ଓହରିଯିବା ପରେ ଏହି ନୂଆ ବେଞ୍ଚ୍ ଗଠନ କରାଯାଇଛି।

### ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିପାକ୍ଷିକ ଆଲୋଚନା

**ନୂଆଦିଲ୍ଲୀ,୨୫।୧(ପି.ଟି.):** ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା ଶୁକ୍ରବାର ଦୁଇଦିନିଆ ଭାରତ ଗସ୍ତରେ ଆସିଥିବାବେଳେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜଭୁତ କରିବା ନେଇ ଆଲୋଚନା ହୋଇଛି। ଶନିବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି ଦ୍ୱିପାକ୍ଷିକ ଆଲୋଚନାଚକ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାମାଫୋସା ଉଭୟ ଦେଶ ମଧ୍ୟରେ ପ୍ରତିରକ୍ଷା, ସୁରକ୍ଷା, ବାଣିଜ୍ୟ ସମ୍ପର୍କକୁ ନୂଆ ଦିଗ ଦେବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଭାରତ, ଦକ୍ଷିଣ ଆଫ୍ରିକାର ପ୍ରମୁଖ ସହଯୋଗୀ ଦେଶ ବୋଲି ରାଷ୍ଟ୍ରପତି ରାମାଫୋସା କହିଥିଲେ। ମୋଦି ଭାରତ-ଦକ୍ଷିଣ ଆଫ୍ରିକା ବାଣିଜ୍ୟିକ ପ୍ରତିନିଧି ଦଳଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ଭାରତ ବିଶ୍ୱର ୫ମ ଆର୍ଥିକ ପ୍ରଗତିଶୀଳ ଦେଶ ହେବାକୁ ଯାଉଛି।

[ଇତିହାସର ଆଇନାରେ]

### ଜାନୁୟାରୀ ୨୬ର ପ୍ରମୁଖ ଘଟଣା

୧୯୬୫ ଜାନୁୟାରୀ ୨୬ରେ ହିନ୍ଦୀ ଭାରତର ସରକାରୀ ଭାଷା ହେଲା। ହିନ୍ଦୀକୁ ଦେବନାଗରୀ ଲିପିରେ ଲେଖାଯାଏ। ଏହା ଭାରତର ସରକାରୀ ଭାଷା ମଧ୍ୟରୁ ଅନ୍ୟତମ। ରିପବ୍ଲିକ ଅଫ୍ ଇଣ୍ଡିଆର ୨୨ଟି ଅନୁସୂଚିତ ଭାଷା ମଧ୍ୟରୁ ଏହା ଅନ୍ୟତମ। କିନ୍ତୁ ଏହା ଭାରତର ଜାତୀୟ ଭାଷା ନୁହେଁ। କାରଣ ଭାରତୀୟ ସମ୍ବିଧାନରେ କୌଣସି ଭାଷାକୁ ଏପରି ମାନ୍ୟତା ଦିଆଯାଇ ନାହିଁ।

୧୯୫୦ ଜାନୁୟାରୀ ୨୬ରେ ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେଲା। ରାଜେନ୍ଦ୍ର ପ୍ରସାଦ ଭାରତର ପ୍ରଥମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲେ। ୨୬ ଜାନୁୟାରୀକୁ ସାଧାରଣତନ୍ତ୍ର ଦିବସ ଭାବରେ ପାଳନ କରିବାର କାରଣ ହେଉଛି ୧୯୩୦ ଏହି ଦିବସରେ ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ (ପୂର୍ଣ୍ଣ ସ୍ୱରାଜ) ଘୋଷଣା କରାଯାଇଥିଲା।

# ହୁଡ଼ାଙ୍କ ଘରେ ସିବିଆଇ ଚଢ଼ାଉ

■ ଏକସଙ୍ଗେ ୩୦ଟି ସ୍ଥାନରେ ଛାନ୍‌ଭିନ
■ କଂଗ୍ରେସ କହିଲା ଷଡ଼ଯନ୍ତ୍ର
■ ତଦନ୍ତକାରୀ ଅଧିକାରୀଙ୍କୁ ଚେତାବନୀ


ଭୂପିନ୍ଦର ସିଂ ହୁଡ଼ା

**ନୂଆଦିଲ୍ଲୀ,୨୫।୧(ପି.ଟି.)**

ଗୁରୁଗ୍ରାମ ଜମି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଶୁକ୍ରବାର ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ଼ାଙ୍କ ଘର ଉପରେ ଚଢ଼ାଉ କରିଛି। ଏହା ସରକାରଙ୍କ ଷଡ଼ଯନ୍ତ୍ର ବୋଲି କଂଗ୍ରେସ ଅଭିଯୋଗ କରିଛି। ସିବିଆଇ ପକ୍ଷରୁ ଏକସଙ୍ଗେ ଦିଲ୍ଲୀ ଏବଂ ଆଖପାଖ ଅଞ୍ଚଳର ୩୦ଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏଭଳି କାର୍ଯ୍ୟାନୁଷ୍ଠାନ କରି ସେମାନେ ତାଙ୍କୁ ଚୁପ୍ କରିଦେଇ ପାରିବେ ନାହିଁ ବୋଲି ହୁଡା କହିଛନ୍ତି। ଏହା ତାଙ୍କ ବାପାଙ୍କ ବିରୋଧରେ ଏକ ରାଜନୈତିକ ଷଡଯନ୍ତ୍ର ବୋଲି ଭୂପିନ୍ଦରଙ୍କ ପୁଅ ଦୀପେନ୍ଦ୍ର ହୁଡ଼ା କହିଛନ୍ତି।

ଗୁରୁଗ୍ରାମର ୧୪୦୭ ଏକର ଜମି ଅଧିଗ୍ରହଣ ଏବଂ ଏହାର ୯୫ ଭାଗ ଜମିକୁ ଘରୋଇ ବିଲ୍ଡରଙ୍କୁ ଦିଆଯିବା ଘଟଣାରେ ଅନିୟମିତତା ଅଭିଯୋଗ ହୋଇଥିଲା। ୨୦୧୭ ନଭେମ୍ବର ୧ରେ ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ।

୨୦୦୫ରେ ନ୍ୟାଶନାଲ ହେରାଲ୍ଡର ପ୍ରକାଶନ ସଂସ୍ଥା ଆସୋସିଏଟେଡ ଜର୍ନାଲ୍ସ ଲିଃ (ଏଜେଏଲ୍)କୁ ବେଆଇନ ଭାବେ ଜମି ପୁନଃ ଆବଣ୍ଟନ ମାମଲାରେ କିଛି ସପ୍ତାହ ପୂର୍ବରୁ ହୁଡାଙ୍କୁ ପଞ୍ଚକୁଲା ସିବିଆଇ କୋର୍ଟ ଜାମିନ ମଞ୍ଜୁର କରିବା ପରେ ଗୁରୁଗ୍ରାମ ଜମି ଦୁର୍ନୀତି ମାମଲାରେ ଏହି ଚଢ଼ଉ କରାଯାଇଛି। ଆସନ୍ତା ୨୮ ତାରିଖରେ ଜିନ୍ଦ୍ ଉପନିର୍ବାଚନ ଲାଗି ହୁଡା କଂଗ୍ରେସ ପ୍ରାର୍ଥୀ ରଣଦୀପ୍ ସୁର୍ଜେଓ୍ୱାଲାଙ୍କ ପ୍ରଚାର କରୁଥିଲେ।

ତେବେ ରାଜନୈତିକ ବିରୋଧୀଙ୍କୁ ଟାର୍ଗେଟ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂସ୍ଥାର ଅଧିକାରୀ ଏଥିପାଇଁ ଉତ୍ତରଦାୟୀ ରହିବାକୁ ପ୍ରସ୍ତୁତ ହୁଅନ୍ତୁ ବୋଲି କଂଗ୍ରେସ ଚେତାବନୀ ଦେଇଛି। ତଦନ୍ତକାରୀ ସଂସ୍ଥାର ଏଭଳି କାର୍ଯ୍ୟ ଦେଶର ଗଣତନ୍ତ୍ର ଲାଗି ବିପଦ ବୋଲି କଂଗ୍ରେସ ମୁଖପାତ୍ର ଆନନ୍ଦ ଶର୍ମା କହିଛନ୍ତି। ବିରୋଧୀ ଦଳର ବରିଷ୍ଠ ନେତାମାନଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଇଙ୍ଗିତରେ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଚଢ଼ାଉ କରାଯାଉଛି। ହୁଡାଙ୍କ ମର୍ଯ୍ୟାଦା ହାନି ଉଦ୍ଦେଶ୍ୟରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଥିବା ଶର୍ମା ଅଭିଯୋଗ କରିଛନ୍ତି। ସାଧାରଣ ନର୍ବାଚନ ଆଉ ଅଳ୍ପଦିନ ଥିବାବେଳେ ଏଭଳି ଚଢ଼ାଉ ପଛରେ ପ୍ରଧାନମନ୍ତ୍ରୀ ଏବଂ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ କଳୁଷିତ ମନୋବୃତ୍ତି ସ୍ପଷ୍ଟ ବୋଲି ସେ କହିଛନ୍ତି। ସେମାନେ ଭାରତକୁ ଏକ ପୋଲିସ ରାଷ୍ଟ୍ରରେ ପରିଣତ କରିଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ରାଜସ୍ଥାନ ଏବଂ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସିବିଆଇକୁ ବ୍ୟବହାର କରିଥିଲେ ବାଲି କଂଗ୍ରେସ ମୁଖପାତ୍ର କହିଛନ୍ତି। ଆଇନର ଊର୍ଦ୍ଧ୍ୱକୁ ଯାଇ କାର୍ଯ୍ୟ ନ କରିବାକୁ କଂଗ୍ରେସ ସମ୍ପୃକ୍ତ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନଙ୍କୁ ଚେତାବନୀ ଦେଇଛି। କାରଣ କୌଣସି ସରକାର ଚିରସ୍ଥାୟୀ ନୁହେଁ। ସରକାର ବଦଳିବ। ଏଥିସହିତ ଉକ୍ତ ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ଉତ୍ତରଦାୟୀ ରହିବାକୁ ହେବ ବୋଲି ଶର୍ମା କହିଛନ୍ତି।


ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ଓ ପତ୍ନୀ ଶେପୋ ମୋଟସେପେଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଅଭିନନ୍ଦନ ଜଣାଉଛନ୍ତି। ପାଖରେ ଫାଷ୍ଟ ଲେଡି ସବିତା କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ଅଛନ୍ତି। ରାମାଫୋସା ୭୦ତମ ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ହୋଇଛନ୍ତି।

■ ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତିଙ୍କ ବାର୍ତ୍ତା

# ବହୁଳବାଦ ଦେଶର ବଡ଼ ଶକ୍ତି

**ନୂଆଦିଲ୍ଲୀ,୨୫।୧(ପି.ଟି.)**

ଭାରତର ୭୦ତମ ସାଧାରଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଆଗାମୀ ଲୋକ ସଭା ନିର୍ବାଚନରେ ସମସ୍ତେ ମତଦାନ ଭଳି ପବିତ୍ର କାର୍ଯ୍ୟ ସମ୍ପାଦନ କରିବାକୁ ଆହ୍ୱାନ ଦେଇଛନ୍ତି। ଦେଶ ଏବେ ଘଡ଼ିସନ୍ଧି ମୁହୂର୍ତ୍ତରେ। ଆଜିର ନିଷ୍ପତ୍ତି ଓ କାର୍ଯ୍ୟ ଏକବିଂଶ ଶତାବ୍ଦୀର ଅବଶିଷ୍ଟ ଦିନ ପାଇଁ ଭାରତକୁ ନୂଆ ରୂପ ଦେଇପାରିବ ବୋଲି ରାଷ୍ଟ୍ରପତି କହିଛନ୍ତି।

ଭାରତ ସବୁ ଧର୍ମ, ବର୍ଗ ଓ ସମ୍ପ୍ରଦାୟର। ବହୁଳବାଦ ଏହାର ସବୁଠୁ ବଡ଼ ଶକ୍ତି ଏବଂ ବିଶ୍ୱ ପାଇଁ ଉଦାହରଣ ବୋଲି ରାଷ୍ଟ୍ରପତି କହିଛନ୍ତି। ଭାରତୀୟ ମଡେଲ ବିବିଧତା, ଗଣତନ୍ତ୍ର ଏବଂ ବିକାଶର ତ୍ରିପଦୀ ଉପରେ ଅବସ୍ଥାପିତ। ଏହି ତିନୋଟିରୁ କୌଣସି ଗୋଟିଏକୁ ପ୍ରାଧାନ୍ୟ ଦେଲେ ଚଳିବ ନାହିଁ। ସମସ୍ତଙ୍କୁ ସମାନ ଗୁରୁତ୍ୱ ଦେବାକୁ ହେବ। ସାଧାରଣ ବର୍ଗର ମେଧାବୀ ତଥା ଆର୍ଥିକ ଦୁର୍ବଳ ପିଲାମାନଙ୍କ ଲାଗି ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ସରକାର ୧୦ % ସ୍ଥାନ ସଂରକ୍ଷଣ ଲାଗି ସମ୍ବିଧାନ ସଂଶୋଧନ କରିଛନ୍ତି। ଏହା ମହାତ୍ମା ଗାନ୍ଧୀଙ୍କର ତଥା ଆମ ସ୍ୱପ୍ନର ଭାରତ ଲାଗି ଆଉ ଏକ ବଡ଼ ପଦକ୍ଷେପ ବୋଲି ରାଷ୍ଟ୍ରପତି କହିଛନ୍ତି। ସମସ୍ତଙ୍କ ବିକାଶ ବିନା ଦେଶର ବିକାଶ ସମ୍ପୂର୍ଣ୍ଣ ନୁହେଁ ବୋଲି ସେ କହିଛନ୍ତି। ବିକଶିତ ଭାରତ ଗଢ଼ିବା ଏବଂ ଦେଶବାସୀଙ୍କ ଆକାଂକ୍ଷା ପୂରଣ କରିବା ଯାତ୍ରାରେ ନିର୍ବାଚନ ଏକ ମାଇଲଖୁଣ୍ଟ। ଭାରତ ଇତିମଧ୍ୟରେ ଦୀର୍ଘପଥ ଅତିକ୍ରମ କରିଛି। ତଥାପି ଆହୁରି ଅନେକ ବାଟ ଯିବାକୁ ଅଛି ଏବଂ ଅନେକଙ୍କ ଆଖିରୁ ଲୁହ ପୋଛିବାର ଅଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଏହାକୁ ପ୍ରଥମ ଥର ମନରେ ରଖିବାକୁ ହେବ ଯେ, ଭାରତ ଏବେ ଦାରିଦ୍ର୍ୟ ଦୂରୀକରଣର ଦ୍ୱାରଦେଶରେ। ଅଧିକରୁ ଅଧିକ ଲୋକଙ୍କ ପାଖରେ ଔଷଧ ଏବଂ ମେଡିକାଲ ଉପକରଣ ସହଜଲଭ୍ୟ ହୋଇପାରିଛି। ବହୁସଂଖ୍ୟାରେ ଭାରତୀୟଙ୍କ ପାଖରେ ଏବେ ଆଧୁନିକ ପରିମଳ ଏବଂ ବିଦ୍ୟୁତ ସୁବିଧା ଥିବା ଉପଯୁକ୍ତ ଘର ରହିଛି। ଭିତ୍ତିଭୂମିର ଯଥେଷ୍ଟ ବିକାଶ ହୋଇଛି। ସରକାର ଅସୁବିଧାକୁ କ୍ରମାଗତ ଭାବେ ସୁବିଧାରେ ପରିବର୍ତ୍ତନ ଜାରି ରଖିଛନ୍ତି। ସମାଜରେ ଲିଙ୍ଗଗତ ସମାନତା ସୃଷ୍ଟି ହୋଇଛି ବୋଲି ରାଷ୍ଟ୍ରପତି କହିଛନ୍ତି।

■ ସାଧାରଣ ବର୍ଗ ଗରିବଙ୍କୁ ୧୦% କୋଟା

# ସ୍ଥଗିତାଦେଶକୁ ସୁପ୍ରିମକୋର୍ଟଙ୍କ ନା

**ନୂଆଦିଲ୍ଲୀ,୨୫।୧(ପି.ଟି.)**



ସାଧାରଣ ବର୍ଗର ଆର୍ଥିକ ଦୁର୍ବଳ ଶ୍ରେଣୀଙ୍କ ଲାଗି ସରକାରୀ ନିଯୁକ୍ତି ଏବଂ ଶିକ୍ଷାକ୍ଷେତ୍ରରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି କେନ୍ଦ୍ରର ଏନଡିଏ ସରକାର ନେଇଥିବା ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ଜାରି କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ତେବେ ଏହି କୋଟା ପାଇଁ ସରକାର ସମ୍ବିଧାନରେ କରିଥିବା ସଂଶୋଧନର ବୈଧତାକୁ ଯାଞ୍ଚ କରିବା ଲାଗି ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ସାଧାରଣ ବର୍ଗ ଗରିବଙ୍କୁ ନିଯୁକ୍ତି ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦେବା ଲାଗି ସମ୍ବିଧାନ (୧୦୩ତମ ସଂଶୋଧନ) ଅଧିନିୟମ, ୨୦୧୯ର ବୈଧତାକୁ ଚାଲେଞ୍ଜ କରି ସୁପ୍ରିମକୋର୍ଟରେ କେତେଗୁଡ଼ିଏ ପିଟିଶନ୍ ଦାଏର ହୋଇଥିଲା। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଏବଂ ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ଉକ୍ତ ପିଟିଶନ୍ ଉପରେ ସରକାରଙ୍କୁ ନୋଟିସ୍ ଜାରି କରି ୩ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟ୍ଟା କୋର୍ଟରେ ହଜାର ହୋଇ ପିଟିଶନ୍ ଶୁଣାଣିଯୋଗ୍ୟ ନୁହେଁ ବୋଲି କହିବା ସହିତ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ଲାଗିବା ଉଚିତ ନୁହେଁ ବୋଲି ଯୁକ୍ତି ବାଢ଼ିଥିଲେ। ଜନହିତ ଅଭିଯାନ ଏବଂ ୟୁଥ୍ ଫର୍ ଇକ୍ୱାଲିଟି ଭଳି ସଂଗଠନ ପକ୍ଷରୁ ସରକାରଙ୍କ ସ୍ଥାନ ସଂରକ୍ଷଣ ନିଷ୍ପତ୍ତିକୁ ଚାଲେଞ୍ଜ କରାଯାଇଥିଲା। ନିର୍ବାଚନ ବର୍ଷରେ ସାଧାରଣ ବର୍ଗର ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ସରକାର କୋଟା ବ୍ୟବସ୍ଥା କରିଛନ୍ତି।

## ଫୁର୍‌ସତ

### ‘ଜୟ ହୋ’ ର ଦଶବର୍ଷ ପୂର୍ତ୍ତି

#### ରହମନ୍‌ଙ୍କୁ ଶ୍ରେୟ ଦେଲେ ଗୁଲ୍‌ଜାର

**ଜୟପୁର:** ବିଶିଷ୍ଟ ସଂଗୀତଜ୍ଞ ଏ.ଆର. ରହମନ୍‌ଙ୍କ ଅବଦାନ ବିନା ଲୋକପ୍ରିୟ ଗୀତ ‘ଜୟ ହୋ’ ସମ୍ମାନଜନକ ଓସ୍କାର ପୁରସ୍କାର ପାଇ ନ ଥାନ୍ତା ବୋଲି ବିଶିଷ୍ଟ କବି-ଗୀତିକାର ଗୁଲଜାର ଶୁକ୍ରବାର ପ୍ରକାଶ କରିଛନ୍ତି। ୨୦୦୯ ଜାନୁୟାରୀ ୨୨ରେ ଭାରତରେ ଏହା ରିଲିଜ ହୋଇଥିବା ବେଳେ ଏହା ୧୦ବର୍ଷ ପୂରଣ କରିଛି। ‘ସ୍ଲମ୍‌ଡଗ୍ ମିଲିୟନେୟାର’ ପାଇଁ ରହମନ ‘ଜୟ ହୋ’ ଗୀତର ସଂଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ଏହା ହେଉଛି ପ୍ରଥମ ହିନ୍ଦୀ ଗୀତ ଯାହା ବେଷ୍ଟ ଅରିଜିନାଲ ସ୍କୋର ଏବଂ ବେଷ୍ଟ ଅରିଜିନାଲ ସଙ୍ଗ୍ କ୍ୟାଟିଗୋରିଜ୍‌ରେ ଏକାଡେମୀ ଆଓ୍ୱାର୍ଡ ପାଇପାରିଛି। ଗୁଲଜାରଙ୍କ ରଚିତ ଗୀତକୁ କଣ୍ଠରେ ସଜାଇଥିଲେ ସୁଖୱିନ୍ଦର ସିଂ। ଏ.ଆର. ରହମନ୍‌ଙ୍କ ବଳିଷ୍ଠ ସଂଗୀତ ନିର୍ଦ୍ଦେଶନା ଗୀତକୁ ମନୋମୁଗ୍ଧକର କରିଥିଲା ଏବଂ ଏହା ପୁରସ୍କାର ଜିଣିପାରିଥିଲା। ଗୀତ ଲେଖିବା ଅପେକ୍ଷା ଏହାକୁ ସଂଗୀତ ରୂପ ଦେବା କଷ୍ଟକର।

### ଚନ୍ଦ୍ରରେ ପୃଥିବୀର ପୁରାତନ ଶିଳା

**ସିଡ୍‌ନୀ:** ଆପୋଲୋ ୧୪ ମିଶନ୍ ଦ୍ୱାରା ସଂଗୃହୀତ ଚନ୍ଦ୍ର ନମୁନାକୁ ବିଶ୍ଳେଷଣ କରାଯିବା ପରେ ସେଠାରେ ପୃଥିବୀର ଖଣ୍ଡେ ଶିଳା ମିଳିଥିବା ବୈଜ୍ଞାନିକମାନେ କହିଛନ୍ତି। ପୃଥିବୀରେ ଉଲ୍‌କାପାତ କିମ୍ବା ଧୂମକେତୁ ମାଡ଼ ଯୋଗୁ ଖଣ୍ଡେ ପଥର ଚନ୍ଦ୍ରପୃଷ୍ଠକୁ ଛିଟିକି ପଡିଥିବା ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ୪ଶହ କୋଟି ବର୍ଷ ପୂର୍ବେ ପୃଥିବୀର ଖଣ୍ଡେ ଶିଳା ଚନ୍ଦ୍ରପୃଷ୍ଠରେ ପଡିରହିଥିବା ଅନୁମାନ କରାଯାଉଛି। ‘ନାସା’ସ୍ ସେଣ୍ଟର ଫର୍ ଲୁନାର ସାଇନ୍ସ ଆଣ୍ଡ ଏକ୍ସପ୍ଲୋରେଶନ୍ (ସିଏଲ୍‌ଏସ୍‌ଇ) ନେତୃତ୍ୱାଧୀନ ଏକ ଅନ୍ତର୍ଜାତୀୟ ବୈଜ୍ଞାନିକ ଟିମ୍ ଗବେଷଣା କରି ଜାଣିପାରିଛନ୍ତି ପାଖାପାଖି ୪ଶହ କୋଟି ବର୍ଷ ତଳେ



Office of the Superintending Engineer, Northern Circle, Rural Works, Angul
e-Procurement Notice for Bridge work in Odisha
Bid Identification No. Bridge Online AGL- 12/2018-19
No. 105 Dt. 23.01.2019

| | | | |
|---|---|---|---|
| 1. | Name of the work | : | Bridge work |
| 2. | Total No.of work | : | 2 Nos. |
| 3. | Estimated cost | : | Rs.166.05 Lakhs to Rs.276.75Lakhs |
| 4. | Class of Contractor | : | 'B' & 'A' Class |
| 5 | Period of completion | : | 11 (Eleven) Calendar Months |
| 6. | Other details. | | |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Northern Circle, Rural Works, Angul | Bridge Online AGL- 12 / 2018-19 | 29.01.2019 at 10.00 A.M | 12.02.2019 up to 5.00 P.M | 08.02.2019 up to 1.00 P.M | 13.02.2019 at 11.00 A.M | 18.02.2019 at 11.00 A.M |

(1) For detailed Notice inviting Tenders,Please visit to the website www.tendersorissa.gov.in.
25049/11/0015/1819 Sd./- Superintending Engineer, N.C, Rural Works, Angul



ODISHA HYDRO POWER CORPORATION LTD.
(A Government of Odisha Undertaking)
OFFICE OF THE SENIOR GENERAL MANAGER (ELE.)
UPPER KOLAB H. E. PROJECT,
AT/P.O. : BARINIPUT; DIST. : KORAPUT(ODISHA) -764006
Telephone: 06854 – 242 001 Fax: 06854 – 242 038
Email ID: sgmel_ukhep@ohpcltd.com
TENDER CALL NOTICE NO.OHPC: SGM (EL): UKHEP: 36/2018-19, Dated: 24.01.2019.
No. CAD-1324: Sealed Tenders in duplicate are invited from the Registered Travel Agencies/Vehicle Owners for the works mentioned below.

| Sl. No. | Description / Type of Vehicle | Cost of Tender Paper (in Rs.) | EMD (in Rs.) |
|---|---|---|---|
| 1 | Hiring of 01 No. of Diesel Run Renault Duster 110PS RxL Light Vehicle or equivalent for deployment on General Duty of Unit Head, Upper Kolab Hydro Electric Project, Bariniput. | Rs.4720/- | 01% of Quoted Value |

The sale of Tender Paper will be from :-01.02.2019 to 13:00 Hrs. of 15.02.2019.
The last date & time of receipt of tender :-Up to 16:00 Hrs. of 15.02.2019.
The date and time of opening of tender :-16:30 Hrs. of 15.02.2019.
For details of tender documents and Terms & Conditions downloading please visit our website www.ohpcltd.com.
Unit Head, Upper Kolab HEP, OHPC Limited,Bariniput
04002/11/0089/1819



ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ସମ୍ପର୍କୀତ ସୂଚନା

୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ଜନସାଧାରଣଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ପାଇଁ ସାରା ରାଜ୍ୟରେ ସ୍ଲୋଗାନ ପ୍ରତିଯୋଗିତା କରାଯିବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଇଚ୍ଛୁକ ଜନସାଧାରଣ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ଅଞ୍ଚଳର ଆଞ୍ଚଳିକ ପରିବହନ ଅଧିକାରୀ (RTO)ଙ୍କ ପାଖକୁ ଉଭୟ ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ ସଡ଼କ ସୁରକ୍ଷା ସମ୍ପର୍କୀତ ସ୍ଲୋଗାନ ମାନ ପଠାଇ ପାରିବେ। ସ୍ଲୋଗାନ ୪୦ଟି ଶବ୍ଦରେ ସୀମିତ ହେବା ଆବଶ୍ୟକ। ପୂର୍ବବର୍ଷ ଗୁଡ଼ିକରେ ଆସିଥିବା ସ୍ଲୋଗାନ ଗ୍ରହଣୀୟ ହେବନାହିଁ। ଛାତ୍ରଛାତ୍ରୀ ମାନଙ୍କ ଠାରୁ ଆସିଥିବା ସ୍ଲୋଗାନ ଗୁଡ଼ିକ ସେମାନଙ୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀ କିମ୍ବା ମହାବିଦ୍ୟାଳୟର ଅଧକ୍ଷ / ଅଧକ୍ଷା ଙ୍କ ମାଧ୍ୟମରେ ଆସିବା ଆବଶ୍ୟକ।

**ଉକ୍ତ ସ୍ଲୋଗାନ ଗୁଡ଼ିକ ତା.୦୫.୦୨.୨୦୧୯ ସୁଦ୍ଧା RTOଙ୍କ ପାଖରେ ପହଞ୍ଚିବା ଆବଶ୍ୟକ।** ପ୍ରତି ବର୍ଗରୁ ସର୍ବୋତ୍ତମ ୩ଟି ସ୍ଲୋଗାନକୁ ବଛାଯାଇ ଜିଲ୍ଲା ସ୍ତରରେ ପୁରସ୍କୃତ କରାଯିବ। ସମସ୍ତ ଜିଲ୍ଲା ସ୍ତରରୁ ବଛାଯାଇଥିବା ସ୍ଲୋଗାନ ମଧ୍ୟରୁ ରାଜ୍ୟ ସ୍ତରରେ ପ୍ରତି ବର୍ଗରୁ ୩ଟି ସ୍ଲୋଗାନ ବଛା ଯାଇ **ତା.୧୦.୦୨.୨୦୧୯** ରେ ରାଜ୍ୟସ୍ତରୀୟ ଉତ୍ସବରେ ସମ୍ମାନୀତ କରାଯିବ। ପ୍ରତିଯୋଗିତାର ବର୍ଗ ନିମ୍ନରେ ପ୍ରଦାନ କରାଗଲା :

| ବର୍ଗ | ଶ୍ରେଣୀ ସୀମା / ବୟସ ସୀମା |
|---|---|
| କନିଷ୍ଠ ବର୍ଗ | ଚତୁର୍ଥ ରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ |
| ବରିଷ୍ଠ ବର୍ଗ | ଅଷ୍ଟମ ରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ |
| ଜନସାଧାରଣ | କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ନାହିଁ |

ପରିବହନ କମିଶନର, ଓଡ଼ିଶା



DISTRICT OFFICE, PURI
(Social Welfare Section)
Phone No.06752-223350/ 223351, E-mail ID: dswopuri@nic.in
TENDER CALL NOTICE
No. 124 /SW Date : 21.01.19

No.66-g : Sealed tenders are invited from intending agencies/ firms/ printing press for printing of 25000 nos.Arunima Abhyasa Pustika- I & II (approximately) and delivery of the same at .12 ICDS Project (Block) points of the district. The tender documents should reach in the office of the District Social Welfare Officer, Puri by Registered post or Speed Post by 5.00 PM on 11.02.2019 and the tender will be opened at 11.00 AM on 12.02.2019 in the office chamber of the undersigned in presence of Tender Committee constituted for the purpose and the tenderer or their authorized representative. The tender papers received after due date and time will not be entertained. The undersigned will not be responsible for postal delay.
The details regarding sample, colour/ specification of the Arunima Abhyasa Pustika - I & II should be of exact specifications as per the samples available in www.wcdorissa.gov.in. The selected agency has to supply the printed materials to all the 12 ICDS Project offices of the District at his own cost. The agency has to supply the samples of Arunima Abhyasa Pustika I &II as per specification detailed in terms and conditions on 12.02.2019 in tender meeting. The detail tender papers and terms and conditions can be downloaded from the district website http://www.puri.nic.in or can be seen in the tender notice displayed in the notice board of DSWO, Puri. In no case these registers should be redesigned or modified.
The firms/ agencies/ printing press can download the tender paper from website . The firms/ agencies/ printing press submitting tender paper by downloading have to enclose a non-refundable Bank Draft amounting Rs.3,000 /- (Rupees three thousand) only as non-refundable cost of Tender Paper in favour of DSWO, Puri payable at SBI Main Branch, Puri failing which the tender paper will be rejected. The tenderers must pay an amount of Rs.I lakh (Rupees one lakh ) only, as EMD in favour of DSWO, Puri payable at SBI Main Branch (under pledged to DSWO, Puri). The same will be refunded to unsuccessful tenderer after finalization of tender and this can be converted as Security Deposit in case of successful tenderer.
The decision of the tender committee regarding acceptance / rejection of tender without assigning any reason thereon is binding.
26022/11/0001/1819 Sd./- Collector, Puri



"ଡେଲ୍ ଷ୍ଟେଇନ୍ ହେଉଛନ୍ତି ମୋ ରୋଲ୍ ମଡେଲ। ମୁଁ ତାଙ୍କ ଭଳି ଜଣେ ଅଣପାରମ୍ପରିକ ପେସ୍ ବୋଲର ହେବାକୁ ଚାହେଁ।

– ଝେ ରିଚାର୍ଡସନ, ଅଷ୍ଟ୍ରେଲିଆନ କ୍ରିକେଟର



"ଆସନ୍ତା ବିଶ୍ୱକପ୍ ଲାଗି ଭାରତୀୟ କ୍ରିକେଟ ଦଳରେ ମିଡ୍ଲ ଅର୍ଡରରେ ସ୍ଥାନ ପାଇଁ ଖେଳାଳିଙ୍କୁ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବାକୁ ପଡ଼ିବ।

– ଶିଖର ଧାୱନ, ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ରାଜ୍ୟ କାୟାକିଂ, କାନୋଇଂ ଦଳ ଘୋଷିତ

କଟକ ଅଫିସ,୨୫।୧- ଭୋପାଳଠାରେ ଆସନ୍ତା ୩୧ରୁ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଜୁନିୟର ଓ ସବ୍‌ଜୁନିୟର ଜାତୀୟ କାୟାକିଂ ଓ କାନୋଇଂ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ରାଜ୍ୟ କାୟାକିଂ କାନୋଇଂ ଆସୋସିଏଶନ ପକ୍ଷରୁ ଶୁକ୍ରବାର ୨୫ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଦଳରେ ବାଳକ ବର୍ଗରେ ୧୪ ଓ ବାଳିକା ବର୍ଗରେ ୧୧ଜଣ ଖେଳାଳି ସ୍ଥାନ ପାଇଛନ୍ତି। କୋଚ୍ ଭାବେ ଜନସନ ସିଂ ଓ ପୃଥ୍ୱୀରାଜ ସିନ୍ଧେ ଦଳ ସହ ଯାତ୍ରା କରିବେ। ୨୮ ତାରିଖରେ ଦଳ ଭୋପାଳ ଅଭିମୁଖେ ଯାତ୍ରା କରିବ ବୋଲି ରାଜ୍ୟ ଆସୋସିଏଶନ ସମ୍ପାଦକ ବିପିନ ଦାଶ ସୂଚନା ଦେଇଛନ୍ତି।

### ଦିବାରାତ୍ର ଟେଷ୍ଟ ଅଷ୍ଟ୍ରେଲିଆ ସ୍ଥିତି ସୁଦୃଢ଼

ବ୍ରିସ୍‌ବେନ, ୨୫।୧ (ଏଏଫ୍‌ପି)-ଟ୍ରାଭିସ୍ ହେଡ୍ ଓ ମାର୍କସ ଲାବୁସ୍କେନଙ୍କ ଆକର୍ଷଣୀୟ ଅର୍ଦ୍ଧଶତକ ଯୋଗୁ ଗାବାଠାରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ (ଦିବାରାତ୍ର) ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି। ହେଡ୍ ୮୪ ଏବଂ ଲବୁସ୍କାନେ ୮୧ ରନ କରିଥିଲେ। ଅଷ୍ଟ୍ରେଲିଆ ୩୨୩ ରନ କରିବା ସହ ପ୍ରଥମ ଇନିଂସରେ ୧୭୯ ରନ ଅଗ୍ରଣୀ ହାସଲ କରିଛି। ଜବାବରେ ଶ୍ରୀଲଙ୍କା ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧ ଉଇକେଟ ବିନିମୟରେ ୧୭ ରନ କରିଛି। ଦିମୁଥ କରୁଣାରତ୍ନେ ମାତ୍ର ୩ ରନ କରିଥିବା ବେଳେ ପ୍ୟାଟ୍ କୁମିନ୍ସଙ୍କ ବଲ୍‌ରେ ଟିମ୍ ପେନ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ଫ୍ଲଡ୍ ଲାଇଟ୍‌ରେ ଦ୍ୱିତୀୟ ଦିବସ ଖେଳର ଶେଷ ୬ଓଭର ପିଙ୍କ୍ ବଲ୍ ବୋଲିଂର ସାମ୍ନା କରିବା ଭ୍ରମଣକାରୀ ଦଳଙ୍କ ପାଇଁ କଷ୍ଟକର ପରିଲକ୍ଷିତ ହୋଇଥିଲା। ଆଉ ୩ ଦିନ ଖେଳ ବାକି ରହିଥିବା ବେଳେ ବର୍ତ୍ତମାନ ମୋଟ ଉପରେ ୧୬୨ ରନରେ ପଛୁଆ ରହିଥିବା ଶ୍ରୀଲଙ୍କା ପରାଜୟ ଏଡାଇବାକୁ ସଂଘର୍ଷ ଚଳାଇଛି। ସଂକ୍ଷିପ୍ତ ସ୍କୋର:ଶ୍ରୀଲଙ୍କା ପ୍ରଥମ ଇନିଂସ: ୧୪୪। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୨୩ (ଟ୍ରାଭିସ୍ ହେଡ୍-୮୪, ମାର୍ନସ ଲାବୁସ୍କେନ୍-୮୧,ମାର୍କସ ହାରିସ-୪୪, ସୁରଙ୍ଗ ଲକମଲ-୫/୭୫, ଦିଲରୁୱାନ ପେରେରା-୨/୮୪)। ଶ୍ରୀଲଙ୍କା ଦ୍ୱିତୀୟ ଇନିସ: ୧୭/୧।

### ସମସ୍ତ ଦୋଷ ସ୍ୱୀକାର କଲେ ଶର୍ଜିଲ

କରାଚୀ,୨୫।୧(ପି.ଟି.)- ଅନ୍ତର୍ଜାତୀୟ କ୍ରିକେଟରୁ ବାସନ୍ଦ ଥିବା ପାକିସ୍ତାନ ଟେଷ୍ଟ ବ୍ୟାଟ୍ସମ୍ୟାନ ଶର୍ଜିଲ ଖାଁ ପିସିବିର ଆଣ୍ଟି କରପଶନ ଟ୍ରିବ୍ୟୁନାଲ ପକ୍ଷରୁ କରାଯାଇଥିବା ସମସ୍ତ ୫ ଅଭିଯୋଗକୁ ସ୍ୱୀକାର କରିଛନ୍ତି। ଘରୋଇ କ୍ରିକେଟକୁ ଶୀଘ୍ର ଫେରିବା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୨୦୧୭ ଫେବୃୟାରୀରେ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ)ରେ ସ୍ପଟ ଫିକ୍ସିଂ ଲାଗି ଖାଁଙ୍କୁ ୫ ବର୍ଷ ଲାଗି ବାସନ୍ଦ କରାଯାଇଥିଲା। ଏଥିମଧ୍ୟରୁ ଅଢ଼େଇ ବର୍ଷ କାଟ୍ କରାଯାଇଛି। ତାଙ୍କ ଓକିଲ ଶାଇଘାନ ଇଜାଜ ସ୍ପଷ୍ଟ କରିଛନ୍ତି ଯେ, ବାସନ୍ଦାଦେଶ ଶେଷ ହେବା ପୂର୍ବରୁ ଶର୍ଜିଲଙ୍କୁ ଘରୋଇ କ୍ରିକେଟରେ ଖେଳିବାକୁ ଅନୁମତି ଦିଆଯାଉ ବୋଲି ସେ ପିସିବି ଅଧକ୍ଷଙ୍କ ନିକଟରେ ଆବେଦନ କରିଛନ୍ତି। ଆବେଦନ ପତ୍ର ମାଧ୍ୟମରେ ନିଜ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ସେ ସ୍ୱୀକାର କରିଛନ୍ତି।

# ଜୋକୋଭିଚ-ନାଡାଲ ଟାଇଟଲ ଟକ୍କର

**ଅଷ୍ଟ୍ରେଲିଆନ ଓପନ ଟେନିସ**

ମେଲବୋର୍ନ, ୨୫।୧(ଏଏଫପି)

ସର୍ବିୟାର ନୋଭାକ ଜୋକୋଭିଚ୍ ରେକର୍ଡ ୭ମ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ଦ୍ୱାରରେ ପହଞ୍ଚି ଯାଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ସେ ୨୮ତମ ସିଡ୍ ଫ୍ରାନ୍ସର ଲୁକାସ ପୋଉଲିଙ୍କୁ ୬-୦, ୬-୨, ୬-୨ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଫାଇନାଲରେ ରାଫାଲ ନାଡାଲଙ୍କ ସହ ଜୋକୋଭିଚ୍‌ଙ୍କର ମୁକାବିଲା ହେବ। ସମ୍ପ୍ରତି ବିଶ୍ୱର ନମ୍ବରୱାନ ସ୍ଥାନରେ ଥିବା ଜୋକୋଭିଚ୍ ୨୦୧୬ ପରେ ଏଠାରେ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ୨୦୧୮ ଅଷ୍ଟ୍ରେଲିଆନ ଓପନର ୪ର୍ଥ ରାଉଣ୍ଡରୁ ବିଦାୟ ନେଇଥିଲେ ଏହି ସର୍ବିୟ ଖେଳାଳି। ଦୃଢ଼ ଆତ୍ମବିଶ୍ୱାସ ଯୋଗୁ ସଫଳ ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇ ପାରିଛି ବୋଲି କହିଛନ୍ତି ଜୋକୋଭିଚ୍। କ୍ୟାରିୟରରେ ୧୪ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ସାରିଥିବା ଜୋକୋଭିଚ୍ ୨୦୦୮, ୨୦୧୧, ୨୦୧୨, ୨୦୧୩, ୨୦୧୫ ଓ ୨୦୧୬ରେ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ହୋଇଥିଲେ। ଗ୍ରାଣ୍ଡସ୍ଲାମ ଟେନିସ ଫାଇନାଲରେ ଜୋକୋଭିଚ୍‌ଙ୍କ ବିପକ୍ଷରେ ନାଡାଲ ୪-୩ ବିଜୟ ରେକର୍ଡ ରଖିଛନ୍ତି। ନାଡାଲ ଯଦି ଏଥର ଚାମ୍ପିୟନ ହୁଅନ୍ତି ତେବେ ଓପନ ଯୁଗରେ ପ୍ରଥମ ଖେଳାଳିଭାବେ ୪ଟି ଯାକ ଗ୍ରାଣ୍ଡସ୍ଲାମ ଅତିକମ୍‌ରେ ୨ ଥର ଜିତିବାର ରେକର୍ଡ ବହନ କରିବେ। ଯଦି ଜୋକୋଭିଚ୍ ଟାଇଟଲ ଜିତିବେ ତେବେ ମେଲବୋର୍ନରେ ୬ ଥର ଲେଖାଏ ଟାଇଟଲ ଜିତିଥିବା ରୋଜର ଫେଡରର ଓ ରୟ ଏମରସନଙ୍କୁ ପଛରେ ପକାଇ ଦେବେ।

**ଷ୍ଟୋସୁର-ଝାଙ୍ଗ୍‌ଙ୍କୁ ମହିଳା ଡବଲ୍ସ ଟାଇଟଲ**



ମହିଳା ଡବଲ୍ସ ଟ୍ରଫି ସହ ସାମନ୍ଥା ଷ୍ଟୋସୁର ଓ ଶୁଆଇ ଝାଙ୍ଗ୍।

#### ମହିଳା ଡବଲ୍ସ

ଅଣସିଡେଡ୍ ସାମନ୍ଥା ଷ୍ଟୋସୁର ଓ ଶୁଆଇ ଝାଙ୍ଗ୍ ଯୋଡ଼ି ଚଳିତ ଅଷ୍ଟ୍ରେଲିଆନ ଓପନ ମହିଳା ଡବଲ୍ସ ଟାଇଟଲ ଜିତିଛନ୍ତି। ଏହି ଅଷ୍ଟ୍ରେଲିଆନ-ଚାଇନିଜ ଯୋଡ଼ି ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ହଙ୍ଗେରୀର ଟିମିଆ ବାବୋସ ଓ ଫ୍ରାନ୍ସର କ୍ରିଷ୍ଟିନା ମ୍ଲାଡେନୋଭିଚ୍‌ଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଷ୍ଟୋସୁର-ଝାଙ୍ଗ ଯୋଡ଼ିଙ୍କର ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ଷ୍ଟୋସୁର ପୂର୍ବରୁ ଲିସା ରେମଣ୍ଡଙ୍କ ସହ ମିଶି ୨୦୦୫ ୟୁଏସ ଓପନ ଓ ୨୦୦୬ ଫ୍ରେଞ୍ଚ ଓପନ ଜିତିଥିଲେ।

ଚେକ୍ ରିପବ୍ଲିକର ଜୋନାସ ଫୋରେଜେକ୍ ଓ ଡାଲିବର ସ୍ଭିନା ଏବଂ ଜାପାନର ନାତ୍ସୁମି କାୱାଗୁଚି ଓ ହଙ୍ଗେରୀର ଆଡ୍ରିଏନ୍ ନାଗି ଯଥାକ୍ରମେ ଚଳିତ ବର୍ଷର ବାଳକ ଡବଲ୍ସ ଓ ବାଳିକା ଡବଲ୍ସ ଟାଇଟଲ ଜିତିଛନ୍ତି।

# କ୍ୱିଟୋଭା- ଓସାକା ଫାଇନାଲ ଆଜି

ମେଲବୋର୍ନ,୨୫।୧(ଏଏଫପି)

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍‌ର ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍ ଶନିବାର ଖେଳାଯିବ। ଟାଇଟଲ ପାଇଁ ଚେକ ଗଣରାଜ୍ୟର ପେଟ୍ରା କ୍ୱିଟୋଭା ଓ ଜାପାନର ନାଓମି ଓସାକା ପରସ୍ପରକୁ ଭେଟିବେ। ଫାଇନାଲ ମ୍ୟାଚ୍‌ରେ ଦୁଇ ହାର୍ଡ ହିଟରଙ୍କ ମଧ୍ୟରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିବ। ଅଷ୍ଟ୍ରେଲିଆନ୍ ଓପନ ଟାଇଟଲ ସହ ଏହି ଦୁଇ ଖେଳାଳି ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ ଲକ୍ଷ୍ୟରେ ରହିଛନ୍ତି। ଦୁଇଟି ୱିମ୍ବଲଡ଼ନ ଟାଇଟଲ ହାସଲ କରିଥିବା ୨୮ ବର୍ଷୀୟ କ୍ୱିଟୋଭା କ୍ରମାଗତ ୧୧ଟି ମ୍ୟାଚ୍ ଜିତି ଜବରଦସ୍ତ ଫର୍ମରେ ରହିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ସେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ବି ସେଟ୍ ଡ୍ରପ୍ କରିନାହାନ୍ତି। ଏପରିକି ଟାଇ ବ୍ରେକ୍ ପର୍ଯ୍ୟନ୍ତ କଥା ମଧ୍ୟ ଯାଇନାହିଁ। ୨୦୧୬ରେ କ୍ୱିଟୋଭାଙ୍କ ଉପରେ ଜଣେ ଦୁର୍ବୃତ୍ତ ଛୁରିରେ ତାଙ୍କ ବାସଭବନରେ ଆକ୍ରମଣ କରିଥିଲା ଓ ତାଙ୍କ ହାତରେ ଗୁରୁତର ଆଘାତ ଲାଗିଥିଲା। ଏହି ଘଟଣା ପରଠାରୁ କ୍ୱିଟୋଭା ପ୍ରଥମଥର ପାଇଁ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ବିଜୟୀ ହେବା ନେଇ ସେ ବେଶ ଆଶାବାଦୀ ଅଛନ୍ତି। ଅଷ୍ଟମ ସିଡ ମାନ୍ୟତା ପାଇଥିବା କ୍ୱିଟୋଭଙ୍କୁ ଏଥିପାଇଁ ୨୧ ବର୍ଷୀୟା ଓସାକାଙ୍କୁ ହରାଇବାକୁ ପଡିବ।

ଅପରପକ୍ଷରେ ଓସାକା ମଧ୍ୟ ଭଲ ଫର୍ମରେ ରହିଛନ୍ତି। ସେ ମଧ୍ୟ ଜଣେ ଆକ୍ରମଣାତ୍ମକ ଖେଳାଳି ବୋଲି କ୍ୱିଟୋଭା କହିଛନ୍ତି। ଉଭୟ ଦ୍ରୁତ ଖେଳିଥାନ୍ତି। ଉଭୟଙ୍କ ମଧ୍ୟରେ କିଛି ସମାନତା ରହିଛି। ଓସାକା ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍ ଚତୁର୍ଥ ସ୍ଥାନରେ ରହିଛନ୍ତି। ସଫଳ ହେଲେ ଓସାକା କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଜିତି ରେକର୍ଡ କରିବେ। ଏହା ପୂର୍ବରୁ ସେ ଗତବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ଟାଇଟଲ ଜିତିଥିଲେ। ଏହାପୂର୍ବରୁ ଓସାକା ସେମିଫାଇନାଲରେ ସପ୍ତମ ସିଡ ଚେକ ଗଣରାଜ୍ୟର କାରୋଲିନା ପ୍ଲିସ୍କୋଭାଙ୍କୁ ହରାଇଥିଲେ। ସେହିପରି ସେ କ୍ୱାର୍ଟରରେ ଷଷ୍ଠ ସିଡ ୟୁକ୍ରେନ୍‌ର ଏଲିନା ଭିଟୋଲିନା, ଚତୁର୍ଥ ରାଉଣ୍ଡରେ ୧୩ତମ ସିଡ ଲାଟଭିଆର ଆନାଷ୍ଟାସିଜା ସେଭାଶୋଭାଙ୍କୁ ହରାଇଥିଲେ। ଅନ୍ୟପଟେ କ୍ୱିଟୋଭା ସେମିରେ ଆମେରିକାର ଡାନିଏଲେ କଲିନ୍ସ, କ୍ୱାର୍ଟରରେ ୧୫ତମ ସିଡ ଅଷ୍ଟ୍ରେଲିଆର ଆସଲେ ବାର୍ଟି ଓ ଚତୁର୍ଥ ରାଉଣ୍ଡରେ ଆମେରିକାର ଅମଣ୍ଡା ଆନିସିମୋଭାଙ୍କୁ ହରାଇଥିଲେ।

**ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ**

# କିସ୍-ବିଜେଇଏମ ଫାଇନାଲ

ଭୁବନେଶ୍ୱର, ୨୫।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଭେଟେରାନ୍ସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୧୭ତମ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ କିସ୍ ଓ ବିଜେଇଏମ ସ୍କୁଲ ମଧ୍ୟରେ ଫାଇନାଲ ମୁକାବିଲା ହେବ। ରବିବାର ଫାଇନାଲ ମ୍ୟାଚ ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ବିଜେଇଏମ୍ ୧୧୮ ରନରେ ଖଣ୍ଡଗିରିର ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିଜେଇଏମ୍ ୨୫ ଓଭରରେ ୭ ଉଇକେଟ ହରାଇ ୨୧୭ ରନ କରିଥିଲା। ଦଳ ପକ୍ଷରୁ ବିଭାଂଶୁ ଶେଖର ରାୟ ସର୍ବାଧିକ ୬୧ ରନ କରିଥିଲେ। ଜବାବରେ ସେଣ୍ଟ ଜାଭିୟର୍ସ ୨୫ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୯୯ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ବିରାଜକାନ୍ତ ବେହେରା ୫ ଓଭରରେ ୧୧ ରନ ଦେଇ ୩ଟି ଉଇକେଟ ନେଇଥିଲେ। ବିଭାଂଶୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ସେମିଫାଇନାଲରେ କିସ୍ ୩ ଉଇକେଟରେ ସେଣ୍ଟ ଯୋସେଫ(କନ୍‌ଭେଣ୍ଟ)କୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ସେଣ୍ଟ ଯୋସେଫ ୨୩.୫ ଓଭରରେ ୧୩୨ ରନ କରି ଅଲଆଉଟ ହୋଇ ଯାଇଥିଲା। ଜବାବରେ କିସ୍ ୨୩.୨ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ୩୧ ରନ କରିବା ସହ ଗୋଟିଏ ଉଇକେଟ ନେଇଥିବା କିସ୍‌ର ମହେନ୍ଦ୍ର ମାଡ଼ି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁନୀଲ ବେହେରା, ବିନୋଦ ଦାସ, ସୁନୀଲ ସାହୁ ଅମ୍ପାୟରିଂ କରିଥିଲେ। ସ୍କୋରର ଥିଲେ ବିକାଶ ମାନସିଂ।

# ଜୁନ୍ ୧୪ରୁ କୋପା ଆମେରିକା

ରିଓ ଡି ଜେନିରୋ,୨୫।୧

ଏଠାରେ ଆସନ୍ତା ଜୁନ୍ ୧୪ରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ୨୦୦୭ରୁ ଏହି ଟାଇଟଲ ଜିତି ନ ଥିବା ଆୟୋଜକ ବ୍ରାଜିଲ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ବଲିଭିଆକୁ ଭେଟିବ। ଦେଶର ୫ଟି ସହରରେ ଏହି ଟୁର୍ନାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବ। ଫାଇନାଲ ରିଓ ଡି ଜେନିରୋସ୍ଥିତ ମାରାକାନା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଘରୋଇ ପରିବେଶରେ ଖେଳିବାକୁ ଥିବାରୁ ଦଳ ଚାପର ସମ୍ମୁଖୀନ ହେବା ନିଶ୍ଚିତ। ଆୟୋଜକ ଦଳ ପରବର୍ତ୍ତୀ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭେନେଜୁଏଲା ଓ ପେରୁ ସହ ମୁକାବିଲା କରିବ। ଗୁରୁବାର ପ୍ରକାଶ ପାଇଥିବା ଟୁର୍ନାମେଣ୍ଟର କାର୍ଯ୍ୟସୂଚୀ ଅନୁଯାୟୀ ଆର୍ଜେଣ୍ଟିନା ଦଳ ଗ୍ରୁପ୍ ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ କଲମ୍ବିଆ, ପାରାଗୁଏ ଓ କାତାର ଭଳି ଦଳ ରହିଛନ୍ତି।

# ଜାତୀୟ ସିନିୟର କବାଡ଼ି ପାଇଁ ଓଡ଼ିଶା ଦଳ



ଜାତୀୟ ସିନିୟର କବାଡ଼ି ପାଇଁ ମନୋନୀତ ଓଡ଼ିଶା ଦଳ।

କଟକ ଅଫିସ,୨୫।୧

ଆସନ୍ତା ୨୮ରୁ ୩୧ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ରୋହାରାଇଗଡ଼ଠାରେ ୬୬ତମ ସିନିୟର ଜାତୀୟ କବାଡ଼ି ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏ ନେଇ ଶୁକ୍ରବାର ଓଡ଼ିଶା କବାଡ଼ି ଆସୋସିଏଶନ ପକ୍ଷରୁ ରାଜ୍ୟ ପୁରୁଷ ଦଳ ଘୋଷଣା କରାଯାଇଛି। ଦଳର ଅଧିନାୟକ ରହିଛନ୍ତି ନିରଞ୍ଜନ ବାରିକ। ବିପ୍ର ଟୁଡୁ, ଅରବିନ୍ଦ ଖୁଣ୍ଟିଆ, ସତ୍ୟପ୍ରକାଶ ଦାଶ, ମଣୀନ୍ଦ୍ର ନାୟକ, ରାଜେଶ କୁମାର ଭୋଳ, ଅଭୟ ରଞ୍ଜନ ମାଝୀ, ସ୍ୱାଧୀନ ମେହେର, ବିନୋଦ କୁମାର ସତନାମୀ, ସନ୍ତୋଷ ସେଠୀ, ପ୍ରଣୟ ବେହେରା, ଏମ ଶ୍ରୀନିବାସ ଡୋରା ଦଳରେ ରହିଛନ୍ତି। ବାପି ବେହେରା ମ୍ୟାନେଜର, ରାମକୃଷ୍ଣ ହାତୀ କୋଚ୍ ଓ ସସ୍ମିତା ଦାସ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିବେ।



ଉତ୍ତମ ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ନେଉଛନ୍ତି।

**ଜଗବନ୍ଧୁ ମେମୋରିଆଲ କ୍ରିକେଟ**

# ଫ୍ରେଣ୍ଡ୍ସ, ସିଦ୍ଧେଶ୍ୱର ଫାଇନାଲରେ

ପୁରୁଣା ଭୁବନେଶ୍ୱର, ୨୫।୧(ଡି.ଏନ୍.ଏ.)

ସ୍ଥାନୀୟ ବାଙ୍କୁଆଳ ଖେଳ ପଡ଼ିଆରେ ଚାଲିଥିବା ଜଗବନ୍ଧୁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ପର୍ଯ୍ୟାୟ ଶେଷ ହୋଇଛି। ଶନିବାର ଫ୍ରେଣ୍ଡ୍ସ କ୍ରିକେଟ କ୍ଲବ ଓ ସିଦ୍ଧେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲରେ କଟକର ଫ୍ରେଣ୍ଡ୍ସ କ୍ଲବ ଖୋର୍ଦ୍ଧାର ଭାଲିଆଭାଡ଼ି ଟିମ୍‌କୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଫ୍ରେଣ୍ଡ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୮ ରନ କରିଥିଲା। ଜବାବରେ ଭାଲିଆଭାଡ଼ି ୬ ଉଇକେଟ ହରାଇ ୧୬୩ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଉତ୍ତମ ମହାନ୍ତିଙ୍କୁ ଅତିଥି ସଞ୍ଜୟ ସାହାଣୀ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦୀପକ ପାଢ଼ୀ ଓ ଆଲୋକ ସାମନ୍ତରାୟ ମ୍ୟାଚ ପରିଚାଳନା କରିଥିଲେ।

**ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

# ସେମିଫାଇନାଲରେ ଏମ୍‌ସିସି

ଭଣ୍ଡାରିପୋଖରୀ, ୨୫।୧ (ଡି.ଏନ.ଏ.)



ଆଜାର ଅଲ୍ଲୀ ଖାଁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡସ୍ଥିତ ଡାକ୍ତରଖାନା ଖେଳପଡ଼ିଆରେ ମହାବୀର ୟୁଥ କ୍ଲବ ଆନୁକୂଲ୍ୟରେ ୨୫ତମ ଆନ୍ତଃ ଜିଲା ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ସ୍ୱାନ ସ୍ପୋର୍ଟିଂକୁ ହରାଇ ଯାଜପୁର ଏମ୍‌ସିସି ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଏମ୍‌ସିସି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ ହରାଇ ୧୮୫ ରନ୍ କରିଥିଲା। ଦଳ ପକ୍ଷରୁ ଆଜାର ଅଲ୍ଲୀ ୪ ଛକା, ୨ ଚୌକା ସହାୟତାରେ ୪୪, ଅମନ ଇକବାଲ ଖାଁ ୪ ଛକା, ୧ ଚୌକା ସହ ୩୨ ରନ୍ କରିଥିଲେ। ପ୍ରତିପକ୍ଷର ସତ୍ୟଜିତ ସାବତ ୫ ଓଭର ବୋଲିଂ କରି ୩ ଉଇକେଟ, ସନ୍ଦୀପ ଭଞ୍ଜଦେଓ ୫ ଓଭରରେ ୩ ଉଇକେଟ ନେଇଥିଲେ। ସ୍ୱାନ ସ୍ପୋର୍ଟିଂ ୨୫ ଓଭରରେ ୮ ଉଇକେଟ ହରାଇ ୧୩୯ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ରଶ୍ମି ରାଉତ ୨୮ ଓ ଆଲୋକ ସେଠୀ ୨୭ ରନ୍ କରିଥିଲେ। ପ୍ରତିପକ୍ଷର ମୁଜାଖିର ଅଲ୍ଲୀ ଖାଁ ୪ ଓଭର ବୋଲିଂ କରି ୪ ଉଇକେଟ ପାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଆଜାର ଅଲ୍ଲୀ ଖାଁଙ୍କୁ ପୁରସ୍କୃତ କରାଯାଇଥିଲା। କାଳନ୍ଦୀ ଚରଣ ପଣ୍ଡା, ଶରତ ଜେନା ଅମ୍ପାୟର ଓ ଚିନ୍ମୟ କୁମାର ସେନାପତି ରେଫରି ଦାୟିତ୍ୱ ତୁଲାଇଥିଲେ। ସୂର୍ଯ୍ୟଦୀପ୍ତ ସ୍ୱାଇଁ ଓ ବୁବୁନ ସାହୁ ସ୍କୋରର ଥିବାବେଳେ ନରେନ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ନାୟକ କ୍ରୀଡ଼ା ପତାକା ଉତ୍ତୋଳନ କରିଥିବା ବେଳେ ନାଆଁମୀ ମହାବିଦ୍ୟାଳୟର ଅଧ୍ୟାପକ ତରଣୀସେନ ସାହୁ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସଦାଶିବ ସାହୁ, ଜଗନ୍ନାଥ ଜେନା, ଜିଲା ପରିଷଦ ସଦସ୍ୟ ଦୀପ୍ତିସୂର୍ଯ୍ୟ ଭରତେନ୍ଦୁ ବିଶ୍ୱାଳ, ଡ.ଶଶଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଯାଜପୁର ଇଲେଭେନଷ୍ଟାର ଓ ଭଦ୍ରକ ୟୁନିକ ଏକାଡେମୀ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ




Terms and conditions apply. Features and accessories shown may not be part of standard fitment. Images used are for illustration purposes only.

**AUTHORISED DEALERS: BHUBANESWAR: Jyote Motors (Lewis road)** 0674-2436829/31, **Jyote Motors (Nayapalli)** 7064470000 **Narayani Motors (Rasulgarh)** 0674- 2588474/475, **Sky Automobiles (Acharya vihar)** 9776645711. **CUTTACK: Sky Automobiles (cuttack road)** 9776677771. **ANGUL: Odyssey Motors** 8895650152/9937739493 **BALASORE: Jyote Motors** 06782-302200/302202, 8338033991. **BERHAMPUR: Sky Automobiles** 7381261000. **ROURKELA: Orbit Motors** 9437041155, 9040404333 **Sambalpur Odyssey Motors** 7381015933 **JEYPORE: Legend Cars** 7894442915/7752029391. **RAIPUR: Sparsh Automobiles (Pachpedi Naka)** 4222222, 9926430000, **Sky Automobiles (Mahoba Bazar)** 9584433191 **(Avanti Vihar)** 9584433160, **Hdn Motors** 7909800003, 7909800012, **Vishwabharti Automobiles** 7714911111. **BHILLAI: Chouhan Automobiles** 7222910011, **Sparsh Automobiles** 9826440009. **DURG: Sparsh Automobiles (Mini Mata Chowk)** 9926009634. **JAGDALPUR: Sky Automobiles** 9584433110. **BILASPUR: Satya Automobiles** 7089888881. **KORBA: Satya Automobiles** 7089888882. **RAIGARH Satya Automobiles** 7089888883. **AMBIKAPUR: Mahamaya Auto Cars** 07774-231852. **E OUTLET: Sky Automobiles (Dhenkanal)** 9776900005, **(Jajpur)** 9776900777, **Jyote Motors (Baripada)** 8338033991, **(Bhadrak)** 8338033991, **(Keonjhar)** 8599019851, **(Nayagarh)** 7381028515, **Narayani Motors (Puri)** 9583022035, **(Paradeep)** 9583022034, **Odyssey Motors (Bolangir)** 9438068327, **(Bargarh)** 9938407977, **(Nuapada)** 9668743440 **(Sonepur)** 8598099824 **(Jharsuguda)** 9439892153, **Orbit Motors (Sundargarh)** 9437049161 **(Deogarh)** 9040088111, **Legend Cars (Bhawanipatna)** 7894442907, **Sky Automobiles (Kanker)** 9893307423 **(Dhamtari)** 9893307417 **(Baloda Bazar)** 9584465279, 07727222606 **(Moudapara)** 9584465276 **(Kasdol)** 9584433135 **(Kharora)** 8889998634 **(Saraipali)** 9584433874 **(Abhanpur)** 9584465308, **Sparsh Automobiles (Rajim)** 9926104449 **(Mahasamund)** 9009990399 **(Bhatapara)** 8435049922 **(Rajnandgaon)** 9977039992, **Satya Automobiles (Mungeli)** 9981266665, 9981266667 **(Janjgir)** 7694821111 **(Sarangarh)** 9174041111, **Mahamaya Autocars (Manendragarh)** 7771243923.

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୬ ଜାନୁଆରୀ, ୨୦୧୯



କୌଣସି ମନୁଷ୍ୟର ବର୍ତ୍ତମାନର ଅବସ୍ଥା ଦେଖି ତାହାର ଭବିଷ୍ୟତକୁ ଉପହାସ କରିବା ଠିକ୍ ନୁହେଁ କାହିଁକି ନା! ଭବିଷ୍ୟତର ଏପରି ଶକ୍ତି ରହିଛି, ସେ ଗୋଟିଏ କୋଇଲାକୁ ମଧ ସୁନାରେ ପରିଣତ କରିପାରିବ - **ଚାଣକ୍ୟ**



## ସଂକ୍ଷେପରେ

### ବଜାରରେ ଯାହାକୁ ଯେତେ ଖୁଚ୍ରା

**ବରପାଲି, ୨୫।୧ (ଡି.ଏନ.ଏ):** ଦିନ୍‌ଥିଲା ବରପାଲି ସହରରେ ଖୁଚ୍ରା ପଏସାର ବଡ଼ଭାରି ଅଭାବ ଥିଲା। ହେଲେ ଏହେଦେ ସମିଆ ବଦଲିଛେ। ବଜାରରେ ୧,୨ ଆର ୫ ଟଁକିଆ ଖୁଚ୍ରା ପଏସା ଯାହାକୁ ଯେତେ ମିଲୁଛେ। ଏନ୍‌ତାଥି ଦୁକାନୀ ଆର ଗରାଖ କେହି ଖୁଚରା ପଏସା ନେବାକେ ନାଇଁ ମଂଗବାର। ଯେନ୍‌ଥିରଲାଗି ଘିନାବିକାରେ ବଡ଼ଭାରି ଅସବିଧା ହେଉଛେ। ଇ ଖୁଚରା ପଏସା ଦିଆନିଆକେ ନେଇ ହାଟ୍ ହଟଲି, ଦୁକାନ ବଜାରମାନକେ କାଁଭାଁ ଲୁକ୍‌କର ଭିତରେ ଗାଲିଝଗଡ଼, କଥା କଟାକଟି ହେଉଥିବାର ଦେଖିବାକେ ମିଲୁଛେ। ଏନ୍‌ତା କି ଭିଖାରୀମାନକୁ ଖୁଚରା ପଏସା ଦେଲେ ସିଧା ମନା କରୁଥିବାର ଜନାପଡ଼ିଛେ ।

### ବାସନ୍ତିକ ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଭେଡ଼େନ,୨୫।୧(ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ସୁନାଲରମ୍ଭା ଚାରପାଲି ଦୁଇମୁହାନି ଠାରେ ବାସନ୍ତିକ ଦୁର୍ଗା ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି । ଏଥିସକାଶେ ଗୁରୁବାର ସ୍ତମ୍ଭ ପୂଜନ, ମଣ୍ଡପ ଦେବତା ଆବାହନ, ଯୂପ ସ୍ନାନ, ଅଗ୍ନି ସ୍ଥାପନ, ଧାନ୍ୟାଦିବାସ ହୋଇଥିଲା । ଏହାସହ ଶୁକ୍ରବାର ମଣ୍ଡପ ଦେବତା ପୂଜନ, ବିଷ୍ଣୁ ସହସ୍ରନାମ ଜପ, ଗଣେଶାଦି ହୋମ, ଅନ୍ନାଧିବାସ, ମନ୍ଦିର ନ୍ୟାସ ଆଦି ପୂଜାକର୍ମ ସମ୍ପାଦନ ହୋଇଛି। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଜୟଦେବ ପଣ୍ଡା, ସରୋଜ ଦାଶ, ଫକୀର ମୋହନ ଦାଶ, ରମେଶ ଦାଶ, ପ୍ରଦୀପ ପଣ୍ଡା, ଅମିତ ମିଶ୍ର ପ୍ରମୁଖ ହୋମଯଜ୍ଞ କରୁଛନ୍ତି। ଶନିବାର ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇ ରବିବାର ମନ୍ଦରର ପ୍ରତିଷ୍ଠା କର୍ମର ପୂର୍ଣ୍ଣାହୂତି ହେବାର କାର୍ଯ୍ୟକ୍ରମ ରହିଛି ।

### ମାସିକ କୃତ୍ରିମ ପ୍ରଜନନକାରୀଙ୍କ ବୈଠକ

**ଅତାବିରା, ୨୫।୧ (ଡି.ଏନ.ଏ):** ଓମଫେଡ ପରିଚାଳିତ ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ସଂଘ ଅଧୀନ ବିଭିନ୍ନ ଦୁଗ୍ଧ ସମିତି ଗୁଡିକରେ କର୍ତ୍ତବ୍ୟରତ କୃତ୍ରିମ ପ୍ରଜନନକାରୀଙ୍କ ମାସିକ ବୈଠକ ଚିପିଲିମା ୟୁନିଟ ଗୋଶାଳା ତାଲିମ ପ୍ରଶିକ୍ଷଣ କେନ୍ଦ୍ରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓମଫେଡ ତାଲିମ ଅଧିକାରୀ ଡ. ସଞ୍ଜୀବ କୁମାର ଶତପଥି ଯୋଗ ଦେଇଥିଲେ। ଏଥିରେ କୃତ୍ରିମ ପ୍ରଜନନ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । କେଜିଆର ଡୋରା, ସଂଯୁକ୍ତା ନାୟକ, କୁଳମଣି ଥପା, କୃତ୍ରିମ ପ୍ରଜନନକାରୀ ରମେଶ କର୍ଣ୍ଣ, ହୃଷିକେଶ ଖମାରୀ, ମାନଭଞ୍ଜନ ଦନ୍ତା, ପ୍ରେମାନନ୍ଦ ଦେହୁରୀ, ଉଦ୍ଧବ କର୍ଣ୍ଣ, ଅଶ୍ୱିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । କ୍ଷେତ୍ର ପରିଦର୍ଶିକା ଆରତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



### ଜାତୀୟ ଭୋଟର ଦିବସ ପାଳିତ

**ଜାମଟିକ୍ରା, ୨୫।୧ (ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ବ୍ଲକ ପତ୍ରାପାଲି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ବୁଥ ନମ୍ବର ୧୧୬ ଓ ୧୧୭ର ଭୋଟରଦାତା, ବିଏଲଓ ନନ୍ଦିଘୋଷ ଭୁଏ ଓ ମଥୁରା ପଧାନଙ୍କ ଉପସ୍ଥିତିରେ ଶୁକ୍ରବାର ଜାତୀୟ ଭୋଟର ଦିବସ ପାଳିତ ହୋଇଥିଲା । ଏଥିରେ ୧ ତାରିଖ ସୁଦ୍ଧା ଯେଉଁ ବ୍ୟକ୍ତିମାନଙ୍କୁ ୧୮ ବର୍ଷ ହୋଇଥିବ ସେମାନଙ୍କ ଠାରୁ ଆବେଦନ ଫର୍ମ ଗ୍ରହଣ କରାଯାଇଥିଲା। ଏହାସହିତ ସଂଶୋଧନ କାର୍ଯ୍ୟ ମଧ ହୋଇଥିଲା । ଗ୍ରାମର ଆର୍ଯ୍ୟଭଟ୍ଟ ବିଶି, ଭୋଳାନାଥ ସେଠ, ଚନ୍ଦ୍ରକାନ୍ତ ବୁଡେକ, ରବିକା କର୍ଣ୍ଣ, ସଲୋନୀ ଅଗ୍ରୱାଲ, ବିଶିକେଶନ ଝାଙ୍କର, କାନ୍ତ ବୁଡେକ ପ୍ରମୁଖ ନୂତନ ଭୋଟର ତାଲିକାରେ ନାମ ସଂଯୋଗ ପାଇଁ ଆବେଦନ କରିଥିଲେ ।

# ବୁଣାକାରଙ୍କ ସମସ୍ୟା ପ୍ରତି ସରକାର ଉଦାସୀନ

**ବରଗଡ଼ ଅଫିସ/ସୋହେଲା,୨୫।୧**

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡାରେ ଶୁକ୍ରବାର ବୁଣାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ହସ୍ତତନ୍ତ ଓ ହସ୍ତକଳା ସଂଘ ସଭାପତି ମୋହନ ରାଓ ଯୋଗଦେଇ ବୁଣାକାରଙ୍କ ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା କରିଥିଲେ । ବୁଣାକାରଙ୍କ ସମସ୍ୟା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହି ଅନ୍ତଃରାଷ୍ଟ୍ରୀୟ ବସ୍ତ୍ର ବ୍ୟବସାୟୀଙ୍କ ହିତରେ ନୀତି ପ୍ରଣୟନ କରାଯାଉଥିବାରୁ ବୁଣାକାରଙ୍କ ସ୍ଥିତି ଦିନକୁ ଦିନ ବିପନ୍ନ ହୋଇ ପଡୁଛି ବୋଲି ସେ କହିଥିଲେ । ଯେଉଁଠାରେ ଅଣସଙ୍ଗଠିତ ବୁଣାକାରମାନେ ପ୍ରତିବାଦ କରିବା ପାଇଁ ଶକ୍ତି ଏକାଠି କରି ପାରୁନାହାନ୍ତି, ସେଠାରେ ବୁଣାକାରଙ୍କ ସମସ୍ୟା ଅଧିକ ରହିଛି। ଅନ୍ୟପଟେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଭଳି ରାଜ୍ୟରେ ବୁଣାକାରମାନେ ସଙ୍ଗଠିତ ହୋଇ ଆନ୍ଦୋଳନ କରିବା ଦ୍ୱାରା ସେଠାକାର ସରକାର ଚାପରେ ପଡ଼ି କିଛି ନୀତି ପ୍ରଣୟନ କରିବାକୁ ବାଧ୍ୟ ହୋଇଥିବା ସେ କହିଥିଲେ ।

**ସମାବେଶରେ ମତପ୍ରକାଶ**



ବୁଣାକାର ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ ।

- ଅନ୍ତଃରାଷ୍ଟ୍ରୀୟ ବସ୍ତ୍ର ବ୍ୟବସାୟୀଙ୍କ ହିତରେ ନୀତି ପ୍ରଣୟନ କରାଯାଉଛି
- ଯନ୍ତ୍ରଚାଳିତ ତନ୍ତ ଯୋଗୁ ବାନ୍ଧକଳା ପ୍ରଭାବିତ ହୋଇଛି
- ପାରମ୍ପରିକ ବୁଣାକାରଙ୍କ ଜୀବିକା ବିପନ୍ନ ହୋଇପଡ଼ିଛି
- ହସ୍ତତନ୍ତ ସଂରକ୍ଷଣ ନିୟମକୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ସମ୍ପୂର୍ଣ୍ଣ ବିଫଳ
- ବୁଣାକାରଙ୍କୁ ପେନସନ ଦାବି

ସେ ଆହୁରି କହିଥିଲେ, ବରଗଡ଼ ଅଞ୍ଚଳର ବୁଣାକାରଙ୍କ ବାନ୍ଧକଳାର ବିବିଧତା ଓ ଉତ୍କର୍ଷତା ଓଡ଼ିଶାର ବୁଣାକାରମାନଙ୍କୁ ଦେଶର ଶୀର୍ଷସ୍ଥାନରେ ପହଞ୍ଚାଇ ପାରିଛି। କିନ୍ତୁ ଏବେ ସେମାନଙ୍କର ଏହି କଳା ଓ ଦକ୍ଷତା ଉପରେ ଆଧାରିତ ଜୀବିକା ପାୱାର ଲୁମ ଅର୍ଥାତ୍ ଯନ୍ତ୍ରଚାଳିତ ତନ୍ତ ଯୋଗୁ ପ୍ରଭାବିତ ହୋଇଛି । ଆଗାମୀ ଦିନରେ ଏହା ପାରମ୍ପରିକ ବାନ୍ଧକଳାକୁ ସମ୍ପୂର୍ଣ୍ଣ ପ୍ରଭାବିତ କରିବ ଏବଂ ଏହାଦ୍ୱାରା ବୁଣାକାରମାନେ କ୍ଷତିଗ୍ରସ୍ତ ହେବେ । ସେହିପରି ସ୍କ୍ରିନ ପ୍ରିଣ୍ଟିଂ ପ୍ରଯୁକ୍ତି ବିଦ୍ୟା ଯୋଗୁ ପାରମ୍ପରିକ ସମ୍ବଲପୁରୀ ଶାଢ଼ିକୁ ବର୍ତ୍ତମାନ ମୂଲ୍ୟର ଦଶଭାଗରୁ ଗୋଟିଏ ଭାଗ ମୂଲ୍ୟରେ ଉତ୍ପାଦନ କରାଯାଉଛି । ଏହାଦ୍ୱାରା ମଧ୍ୟ ପାରମ୍ପରିକ ବୁଣାକାର ବିପନ୍ନ ଅବସ୍ଥାକୁ ଆସି ଯାଉଛି । ପାରମ୍ପରିକ ବାନ୍ଧଶାଢ଼ିକୁ ସୁରକ୍ଷା ଦେଉଥିବା ହସ୍ତତନ୍ତ ସଂରକ୍ଷଣ ନିୟମକୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ସମ୍ପୂର୍ଣ୍ଣ ବିଫଳ ହେଉଥିବାରୁ ସେଭଳି ପରିସ୍ଥିତି ଉପୁଜିଥିବା ସେ କହିଥିଲେ ।

ବୁଣାକାରଙ୍କ ଏଭଳି ସମସ୍ୟାର ସମାଧାନ ପାଇଁ ରାଓ ୫ଦଫା ଦାବି ଉପସ୍ଥାପନ କରିଥିଲେ । ସୂତା ଯୋଗାଣରେ କେନ୍ଦ୍ର ସରକାର ୧୦ପ୍ରତିଶତ ରିହାତି ଦେବାବେଳେ ରାଜ୍ୟ ସରକାର ୩୦ପ୍ରତିଶତ ରିହାତି ଦେବା କଥା ବୋଲି ସେ କହିଥିଲେ । ସେହିପରି ବୁଣାକାର ସଂଖ୍ୟା ଯେଉଁଠାରେ ଅଧିକ ଅଛନ୍ତି, ସେହି ଅଞ୍ଚଳରେ ସୂତା ଯୋଗାଣ ଡିପୋ ସ୍ଥାପନ, ବୁଣାକାରଙ୍କ ପରିଚୟ ପତ୍ର ଓ ସୂତା ପାସବୁକ୍ ପ୍ରଦାନ, ୫୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବୁଣାକାରଙ୍କୁ ମାସିକ ୨ହଜାର ଟଙ୍କା ଲେଖାଏଁ ପେନସନ, ସୂତା ବ୍ୟାଙ୍କ ପ୍ରତିଷ୍ଠା ପାଇଁ ସେ ଦାବି କରିଥିଲେ । ଏହି ଦାବି ସମୂହ ନେଇ ସଙ୍ଗଠିତ ହେବାକୁ ସେ ଆହ୍ୱାନ କରିଥିଲେ । ଉକ୍ତ ସମାବେଶରେ ସୁବାସ ମେହେର ଅଧ୍ୟକ୍ଷତା କରିଥିବାବେଳେ ଉମେଶ ବିଶ୍ୱାଳ ସଭା ସଂଯୋଜନା କରିଥିଲେ । ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ସୁଧିର ପଟ୍ଟନାୟକ, ଘନଶ୍ୟାମ ମେହେର, ଅଧ୍ୟାପିକା ଜୟଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ବୁଣାକାରଙ୍କ ବିଭିନ୍ନ ସମସ୍ୟା ଉପରେ ନିଜ ମତ ରଖିଥିଲେ । ଅଜିତ ପାଣିଗ୍ରାହୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସୁବାସ ମେହେର, ଆଲୋକ ମେହେର, ଅଶ୍ୱିନୀ ମେହେର, ଶ୍ରୀଫଳ ମେହେର, ଯୋଗେଶ୍ୱର ମେହେର, ଗୌରାଙ୍ଗ ମେହେର, ବିଶ୍ୱ ସା ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବହୁସଂଖ୍ୟକ ବୁଣାକାର ଯୋଗ ଦେଇଥିଲେ ।

### ତାଲପାଲି ବୋଡାସମ୍ବର ଧନୁଯାତ୍ରା ଉଦ୍‌ଘାଟିତ

**ଗାଇସିଲାଟ,୨୫।୧(ଡି.ଏନ୍.ଏ)**

ଗାଇସିଲାଟ ବ୍ଲକ ତାଲପାଲିଠାରେ ୩୫ତମ ବୋଡାସମ୍ବର ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ବିଡିଓ ମଧୁଛନ୍ଦା ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି । ଏହି ଉପଲକ୍ଷେ ଏକ କଳସ ଶୋଭାଯାତ୍ରା ହୋଇଥିଲା। ଗ୍ରାମର ଗୌନ୍ତିଆ ମନୋରଞ୍ଜନ ସାହୁ ଓ ଝାଙ୍କର ହୃଷି ଭୁଏ ପୂଜାର୍ଚ୍ଚନା କରିଥିଲେ। ଶୋଭାଯାତ୍ରା ରାଜଦରବାରରେ ପହଞ୍ଚିବା ପରେ ନାଟ୍ୟାଭିନୟ ଆରମ୍ଭ ହୋଇଥିଲା। କଂସର ଉଦ୍ଧତ ପଣିଆ ରାଜା ଉଗ୍ରସେନଙ୍କୁ ଚିନ୍ତିତ କରିଛି । ପରେ ଉଗ୍ରସେନ ବସୁଦେବଙ୍କ ସହିତ ନିଜ କନ୍ୟା ଦେବକୀଙ୍କ ବିବାହ ସମ୍ପନ୍ନ କରାଇଛନ୍ତି। ଏହି ସମୟରେ ମୃଗୟା ଯାଇଥିବା କଂସ ଗୋମତ ଋଷିଙ୍କୁ ପଦାଘାତ କରି ଅଭିଶପ୍ତ ହୋଇ ଫେରିଛି। ଅଭିଶାପ ଜର୍ଜରିତ କଂସ ଦେବକୀ ବସୁଦେବଙ୍କ ବିବାହ ସମ୍ପନ୍ନ ଦେଖି ବିସ୍ମିତ ହୋଇପଡିଛି। ପିତାଙ୍କ ଆଦେଶରେ କଂସ ଦେବକୀ ଓ ବସୁଦେବଙ୍କୁ ନେଇଯାଉଥିବା ବେଳେ ଶୂନ୍ୟବାଣୀ ଶୁଣି ଭୀତତ୍ରସ୍ତ ହୋଇପଡିଛନ୍ତି । ଏହାପରେ ସେ ଉଭୟଙ୍କୁ କାରାଗାରରେ ବନ୍ଦୀ କରିବା ସହ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ନିଜେ ରାଜା ଭାବେ ଅଭିଷିକ୍ତ ହୋଇଛନ୍ତି ।

### ଜାତୀୟ ଭୋଟର ଦିବସ

# ଶୋଭାଯାତ୍ରାରେ ବାହାରିଲେ ଛାତ୍ରୀଛାତ୍ର




ବରଗଡ଼ ଜିଲାପାଳ ଶାଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି ।

**ବରଗଡ଼ ଅଫିସ୍,୨୫।୧**

ବରଗଡ଼ରେ ଶୁକ୍ରବାର ଜାତୀୟ ଭୋଟର ଦିବସ ପାଳନ କରାଯାଇଛି । ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ମତଦାନ ଉପରେ ସଚେତନତା ସୃଷ୍ଟି କରିଥିଲା। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଶୋଭାଯାତ୍ରାର ଶୁଭାରମ୍ଭ କରିଥିବାବେଳେ ସ୍କୁଲ, କଲେଜର ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ । ପରେ ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲାପାଳ ତ୍ରିପାଠୀ, ଅତିରିକ୍ତ ଜିଲାପାଳ ତପିରାମ ମାଝି, ଉପଜିଲାପାଳ ଦେବେନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ରହି ଜାତୀୟ ଭୋଟର ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଜର୍ଜ ହାଇସ୍କୁଲର ଶିକ୍ଷକ ଡଃ ଡୋଲାମଣି ଶତପଥୀ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଶୋଭାଯାତ୍ରା ହୋଇଥିବାବେଳେ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ଜାଗା ମିଶନ

# ୪୮ ଭୂମିହୀନ ପରିବାର ତହସିଲଦାରଙ୍କୁ ଭେଟିଲେ

**ବରଗଡ଼ ଅଫିସ୍,୨୫।୧**

ବର୍ତ୍ତମାନ ସରକାରଙ୍କ ଜାଗା ମିଶନରେ ଭୂମିହୀନଙ୍କୁ ଜମି ଯୋଗାଇ ଦିଆଯାଉଛି। ଏହି କ୍ରମରେ ବରଗଡ଼ ତହସିଲ ଅଧୀନ ନୂଆ ସରସରା ଗାଁର ୪୮ ଭୂମିହୀନ ପରିବାର ସଦସ୍ୟ ଶୁକ୍ରବାର ତହସିଲ ଅଫିସକୁ ଆସି ଜାଗା ପାଇଁ ଆବେଦନ କରିଛନ୍ତି । ବରଗଡ଼ ତହସିଲଦାର ସବ୍ୟସାଚୀ ପଣ୍ଡା ଆବେଦନ ଫର୍ମକୁ ଗ୍ରହଣ କରିଥିଲେ । ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ସର୍ଭେ କରାଯିବା ସହିତ ଜମିର କିସମ ଦେଖି ନିଷ୍ପତ୍ତି ନିଆଯିବ ବୋଲି ତହସିଲଦାର ପଣ୍ଡା କହିଥିଲେ । ଉଲ୍ଲେଖନୀୟ, ଗତବର୍ଷ ଫେବୃୟାରୀ ମାସରେ ୮ହଜାର ମହିଳା ଭୂମି ଅଧିକାର ପାଇଁ ଆବେଦନ କରିଥିଲେ। ତେବେ ସରକାରଙ୍କ ଭୂ-ବନ୍ଦୋବସ୍ତ ଆଇନ ପାଳନ କରିବା ସହିତ ଜମି ଯୋଗାଇ ଦେବା ପାଇଁ ଦାବି ହୋଇଛି। ଜୟ କୋଶଳ ଭୂମିହୀନ ସଂଗ୍ରାମ ସମିତିର ଆବାହକ ରମେଶ ମହାପାତ୍ର, ଭବାନୀ ସାହୁ, ଅମିତାଭ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ଫେବୃୟାରୀ ମାସରେ ଏ ନେଇ ଏକ କାର୍ଯ୍ୟକ୍ରମ କରାଯିବ ବୋଲି ସେମାନେ ସୂଚନା ଦେଇଥିଲେ ।

# କଲ୍ୟାଣ ମଣ୍ଡପ ଉଦ୍‌ଘାଟିତ

**ଭେଡ଼େନ,୨୫।୧ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ କୁବେଡ଼େଗା ପଁଚେତ୍‌ର ଖଗସିପାଲି ଗାଁରେ ଗର୍ଜନପାଟ କଲ୍ୟାଣ ମଣ୍ଡପ ଶୁକୁରବାର ଉଦ୍‌ଘାଟିତ ହେଇଯାଇଛେ। କେନ୍ଦ୍ର ଅର୍ଥ କମିଶନର୍‌କଁର ୧୨ ଲାଖ୍ ଟଁକାରେ ତିଆର ହେଇଛେ ଗର୍ଜନପାଟ କଲ୍ୟାଣ ମଣ୍ଡପ। ଥାନୀୟ ସରପଁଚ ବିଷ୍ଣୁପ୍ରୀୟା ଭୋଇକଁର ସଭାପତିତ୍ୱନେ ହେଇଥିବାର ଇ କାୟ୍‌କରମରେ ଲୋକ କବିରତ୍ନ ପଦ୍ମଶ୍ରୀ ହଲଧର ନାଗ ମୁଖିଆ କୁନୁଆଁ ହିସାବେ ଯୋଗଦେଇଥିଲେ। ମୁଖିଆ କୁନୁଆଁ ଇ ନୂତନ କଲ୍ୟାଣ ମଣ୍ଡପର ଫିତା କାଟବାର ସଂଗେ ନଡ଼ିଆ ଫଟେଇ ଉଦ୍‌ଘାଟନ କରିଥିଲେ। ଇ ଉଧେ ସାହିତିକ୍ ଉପ୍ନ ଭୋଇକଁର ପରିଚାଳନାରେ ହେଇଥିବାର ସାଧାରନ ସଭା ଆର କବିତା ପାଠ୍ ଉଛବ୍‌ନେ ଲୋକକବି ହଲଧର ନାଗ, କବି ଦେବେନ୍ଦ୍ର ସାହୁ, କବି ହରିଲାଲ ସାହୁ କବିତା ପାଠ୍ କରି ଶୁରୁତାକଁର ମନ୍‌ମୁହିଥିଲେ। ଇ ସଭାନେ ଅଧାପକ ଧ୍ରୁବଚରଣ ପଧାନ, ଖଗସପାଲି ଗାଁର ଗଅଁତିଆ ଅଧିକାରୀ ମେହେର, ୱାର୍ଡ ମେମର ସନ୍ତୋଷିନୀ ସାହୁ, ମହାଦେଇ ବିଶି ଆର ପଁଚେତର ନିର୍ବାହୀ ଅଧିକାରୀ ରବି ମେହେର ମାଏନ୍‌ତା କୁନୁଆଁ ହିସାବେ ଯୋଗ ଦେଇଥିଲେ। ଇତାର ବାହାରେ ମଣ୍ଡପ ତିଆର କରିଥିବାର ରାଜ ମିସ୍ତ୍ରୀ ଭରତକୁଁ ସନାମନା କରାଯାଇଥିଲା। ସଭାର ଆଘ୍‌ଲାନୁ ମାଏନ୍‌ତା କୁନୁଆଁମାନକୁ ବଜାଗଜା ବଜେଇ ଶୋଭାଯାତ୍‌ରାରେ ଗାଁର ଭାଡଁରେ ବୁଲେଇ ସଭାଠାନ୍‌କେ ନିଆଯାଇଥିଲା। ଇତାର ସଂଗେ ଗାଁବାସୀକର ମୁଖିଆ ଦାବି କଲ୍ୟାଣ ମଣ୍ଡପ ଆର ସୋଲାର ସିଷ୍ଟମ ପାଏନଟାଁକି କାମ୍ ପୂରା ହେଇଛେ।



ଗର୍ଜନପାଟ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ ସଭାନେ ମାଏନ୍‌ତା କୁନୁଆଁମାନେ।

# ଛାତ୍ର-ପୋଲିସ କ୍ୟାଡ଼େଟ୍ ଶୁଭାରମ୍ଭ




ବିଧାୟକ ଓ ଏସପି ଛାତ୍ର-ପୋଲିସ କ୍ୟାଡ଼େଟ୍‌ର ଶୁଭାରମ୍ଭ କରୁଛନ୍ତି ।

**ବରଗଡ଼ ଅଫିସ୍,୨୫।୧**

ବରଗଡ଼ ଜିଲାରେ ଶୁକ୍ରବାର ଛାତ୍ର-ପୋଲିସ କ୍ୟାଡ଼େଟ୍‌ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବରଗଡ଼ ନୋଡ଼ାଲ ଟାଉନ ହାଇସ୍କୁଲରେ ଅନୁଷ୍ଠିତ ଏକ ସମାରୋହରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ଏସ୍‌ପି ମୁକେଶ କୁମାର ଭାମୁ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଏଥିରେ ଉକ୍ତ ସ୍କୁଲର ୪୦ଛାତ୍ର ସାମିଲ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଯଶୋବନ୍ତ ସେନାପତି, ଏସ୍‌ଡ଼ିପିଓ ସୁରେଶ କୁମାର ନାଏକ, ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ, ଟାଉନ ଥାନା ଆଇଆଇସି ବିଭୂତି ଭୂଷଣ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# କୃଷକ-କର୍ମଚାରୀଙ୍କ ରିଲେ ଅନଶନ ଜାରି

**ବରଗଡ଼ ଅଫିସ୍,୨୫।୧**

ବରଗଡ଼ ଜିଲାପାଳ ଅଫିସ ଆଗରେ ସ୍ଥାନୀୟ ସମବାୟ ଚିନିକଳ କର୍ମଚାରୀ ଓ କୃଷକଙ୍କ ରିଲେ ଅନଶନ ଓ ଧାରଣା ଜାରି ରହିଛି । ତେବେ ଧାରଣା, ରିଲେ ଅନଶନ ଜାରି ରହିଥିଲେ ସୁଦ୍ଧା ସେମାନଙ୍କ ପାଖକୁ କୌଣସି ସରକାରୀ ଆଲୋଚନା ପାଇଁ ସୁଦ୍ଧା ଆସୁ ନ ଥିବାରୁ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ସମବାୟ ଚିନିକଳର ପୁନରୁଦ୍ଧାର, କର୍ମଚାରୀଙ୍କୁ ୨୨ମାସର ବକେୟା ଦରମା ପ୍ରଦାନ, ଆଖୁଚାଷକୁ ପ୍ରାଥମିକତା ପୂର୍ବକ ଅତିକମରେ ୮କୋଟି ଟଙ୍କା ମଞ୍ଜୁର, ମିଲର ମରାମତି କାର୍ଯ୍ୟ ତଥା ଆଧୁନିକୀକରଣ, ପରିଚାଳନା ପରିଷଦକୁ ତୁରନ୍ତ ଉଚ୍ଛେଦ କରି ପୂର୍ବପରି ଜିଲାପାଳଙ୍କୁ ଏହାର ଦାୟିତ୍ୱ ହସ୍ତାନ୍ତର କରିବା ଆଦି ଦାବି ନେଇ ଏହି ଆନ୍ଦୋଳନ ଚାଲିଛି। ଧାରଣା ଓ ରିଲେ ଅନଶନରେ ବହୁସଂଖ୍ୟକ ଚିନିକଳ କର୍ମଚାରୀ, ଆଖୁଚାଷୀ ସାମିଲ ହୋଇଛନ୍ତି ।

# ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ

**ବିଜେପୁର, ୨୫।୧ (ଡି.ଏନ.ଏ)**

ଜାତୀୟ ଭୋଟର ଦିବସ ସମାରୋହରେ ବିଜେପୁର ଡିଗ୍ରୀ କଲେଜରେ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଯୁବ ଓ କ୍ରୀଡା ବ୍ୟାପାର ମନ୍ତ୍ରଣାଳୟ ପ୍ରାୟୋଜିତ ଏହି ଉତ୍ସବକୁ ବରଗଡ ଜିଲା ନେହେରୁ ଯୁବ କେନ୍ଦ୍ର ସଂଯୋଜକ ତ୍ରିଲୋଚନ ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ସୁରେଶରାମ ମେହେର ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଭାରତରେ ଆତଙ୍କବାଦ, ଅର୍ଥନୈତିକ ସଙ୍କଟ, ଖେଲୋ ଇଣ୍ଡିଆ ଶୀର୍ଷକ ଉପରେ ତର୍କ ପ୍ରତିଯୋଗିତା ହୋଇଥିଲା । ଏଥିରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ୩୯ଜଣ ଯୁବ ଶିକ୍ଷାର୍ଥୀ ସାମିଲ ହୋଇଥିଲେ । ଦୀକ୍ଷା ମାଝିଜା ପ୍ରଥମ, ଅପର୍ଣ୍ଣା ପ୍ରିୟଦର୍ଶନୀ ମହାନ୍ତି ଦ୍ୱିତୀୟ, ସୋହେଲ ଖାଁ ତୃତୀୟ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ଯୁବ ସଂସଦରେ ଜିଲାସ୍ତରରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି । ପାଣ୍ଡବ ପଧାନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର, ସୁରେଶରାମ ମେହେର ବିଚାରକ ଦାୟିତ୍ୱ ସମ୍ପାଦନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ପ୍ରଧାପକ ଡ. ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ସୋହେଲା କଲେଜର ଅଧାପକ ଟେକଚାନ୍ଦ ଦୁଆନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଉଭୟ ସମାରୋହରେ କଲେଜ ଅଧକ୍ଷ ପ୍ରଦୀପ କୁମାର ମିଶ୍ର ଅଧକ୍ଷତା କରିଥିଲେ । ନୋଡାଲ ଅଫିସର ଡ. ସୁବ୍ରତାରାଣୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧାପିକା ଅଧାପକଗଣ ସହଯୋଗ କରିଥିଲେ । ଅଧାପକ ଗୁରୁଦାସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



ଜିଲାସ୍ତରୀୟ ଯୁବ ସଂସଦର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ଖଣ୍ଡିକନପାରେ ବିଜେଡ଼ି କର୍ମୀ ସମ୍ମିଳନୀ

**ମନମୁଣ୍ଡା, ୨୫।୧ (ଡି.ଏନ.ଏ):** ବୌଦ୍ଧ ଜିଲା ଶଗଡା ପଞ୍ଚାୟତ ଖଣ୍ଡିକନପାଠାରେ ଜୋନ ନଂ. ୪ ଏବଂ ୫କୁ ନେଇ ବିଜେଡିର ଏକ କର୍ମୀ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଣ୍ଟାମାଳ ବିଧାୟକ ମହିଧର ରଣା, ଏସ୍‌ସି ସେଲ ସଭାପତି ଦେଜୀ ନାଏକ, ବ୍ଲକ ସଭାପତି ବିପିନ ଭୋଇ, କୃଷକ ସେଲ ସଭାପତି ଶାନ୍ତନୁ ଥାଟି, ବ୍ଲକ ଯୁବ ବାହିନୀ ସଭାପତି ଶମ୍ଭୁ ସାହୁ, ଜିଲା ଯୁବ ସାଧାରଣ ସମ୍ପାଦକ ସରୋଜ ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ସସ୍ମିତା ଥାଟୀ, କୁଇ ସମାଜ ପୂର୍ବତନ ସଭାପତି କଳିଆ କହଁର, କୁଇ ସମାଜ ସଭାପତି ବିଘ୍ନେଶ୍ୱର କହଁର, ବିଜେଡି ନେତା ବିଜୟ ବାରିକ, ଘୁମୁଡୁ ଦନ୍ତା, ବିପିନ ପ୍ରଧାନ, ଲିଙ୍ଗରାଜ ମଲିକ, ଦୁଷ୍ମନ୍ତ ନାଏକ, ମିଡିଆ ସେଲ ସଂଯୋଜକ ପ୍ରଶାନ୍ତ ରଣା, ସରପଞ୍ଚ ବାସନ୍ତୀ ଦନ୍ତା, ସମିତି ସଭ୍ୟା ଛାୟାସ୍ମିସ୍ମା ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ରଣା ବିଜେଡି ସରକାରର ବିଭିନ୍ନ ଉନ୍ନୟନ ମୂଳକ କାମର ସମୀକ୍ଷା କରିବା ସହ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି ଓ ସୁଶାସନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।

### ମତଦାତାଙ୍କ ସଂକଳ୍ପ ପାଇଁ ସଚେତନତା

**ମନମୁଣ୍ଡା, ୨୫।୧ (ଡି.ଏନ.ଏ):** ମତଦାନ ନେଇ ମତଦାତାଙ୍କ ସଂକଳ୍ପ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ମନମୁଣ୍ଡା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସହକାରୀ ଶିକ୍ଷକ ସତ୍ୟପାଲ ମିଶ୍ର, ସସ୍ମିତ ମିଶ୍ର, ମାନସ ମହାପାତ୍ର, ଜୟକୃଷ୍ଣ ପ୍ରଧାନ, ଚଣ୍ଡି ବେହେରା ଓ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବାସୁଦେବପାଲି ମାଁ ମାଉଳି ପୀଠରୁ ମନମୁଣ୍ଡା ଡାକ୍ତରଖାନା, ଦୈନିକ ବଜାର, ସୁବର୍ଣ୍ଣପାଲି, ଦେଇଦେଉଳି ପର୍ଯ୍ୟନ୍ତ ସଚେତନତା ରାଲି କରିଥିଲେ। ଗଣତନ୍ତ୍ରରେ ଦୃଢ଼ ଆସ୍ଥା ସ୍ଥାପନ, ଗଣତାନ୍ତ୍ରିକ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା, ମୁକ୍ତ, ଅବାଧ, ଶାନ୍ତିପୂର୍ଣ୍ଣ ନିର୍ବାଚନର ମର୍ଯ୍ୟାଦା ରକ୍ଷା କରିବା, ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା କିମ୍ବା କୌଣସି ପ୍ରରୋଚନାରେ ପ୍ରଭାବିତ ନ ହୋଇ ମତାଧିକାର ସାବ୍ୟସ୍ତ କରିବା ପାଇଁ ସଂକଳ୍ପ ନେବାକୁ ଛାତ୍ରୀଛାତ୍ରମାନେ ଦେଶର ନାଗରିକଙ୍କୁ ଅନୁରୋଧ କରିଥିଲେ ।

# ମଣ୍ଡିରେ ପଡିରହିଛି ଚାଷୀଙ୍କ ଧାନ

**କଣ୍ଟାମାଳ, ୨୫।୧(ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ସିମିଳିପଦର ପ୍ୟାକ୍ସରେ ଚାଷୀମାନଙ୍କ ଧାନକୁ ଉଠାଯାଉ ନ ଥିବା ବେଳେ ପ୍ୟାକ୍ସ ସମ୍ପାଦକଙ୍କ ବାଡିପଟରୁ ଧାନ ଉଠୁଥିବା ନେଇ ଅଭିଯୋଗ ହୋଇଛି। ବର୍ତ୍ତମାନ ମଧ୍ୟ ସିମିଳିପଦର ପ୍ୟାକ୍ସ ପରିସରରେ ପ୍ରାୟ ୧୨ଜଣ ଚାଷୀଙ୍କ ୧୫ଶହରୁ ଊର୍ଦ୍ଧ୍ୱ ବସ୍ତା ଧାନ ପଡି ରହିଛି। ଶୁକ୍ରବାର ଏହି ମଣ୍ଡିରୁ ଗୋଟିଏ ଟ୍ରକରେ ଧାନ ବୋଝେଇ ହୋଇ ଉଠାଣ ହୋଇଛି। ସେହିପରି ସପ୍ତାହେ ହେଲା ଘିକୁଣ୍ଡି ପଞ୍ଚାୟତର ୧୦ରୁ ଊର୍ଦ୍ଧ୍ୱ ଚାଷୀ ମଣ୍ଡିରେ ନିଜ ଧାନକୁ ଜଗି ରହିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପ୍ୟାକ୍ସ ସମ୍ପାଦକଙ୍କ ବାଡିପଟରେ ଏକ ଟ୍ରକରେ ଧାନ ଲୋଡ ହେଉଥିବା ବେଳେ ଘଟଣାସ୍ଥଳରେ କିଛି ଚାଷୀ ପହଞ୍ଚି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଏ ନେଇ କୃଷକ ସଙ୍ଗଠକ ଆଦିତ୍ୟ ପ୍ରଧାନ କୁହନ୍ତି, ସିମିଳିପଦରଠାରୁ ପଲଶାଗୋରା ଯାଏଁ ପ୍ରାୟ ମଣ୍ଡିରେ ସମାନ ଅବସ୍ଥା । ପ୍ୟାକ୍ସ ସମ୍ପାଦକମାନେଧାନ ବେପାର କରୁଛନ୍ତି । ଅନେକ ମଣ୍ଡିରେ ଫଲ୍ସ ଏଣ୍ଟ୍ରି ଚାଲିଛି । ଏ ନେଇ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଏହି ଅଭିଯୋଗକୁ ପ୍ୟାକ୍ସ ସମ୍ପାଦକ ଅମ୍ବରୀଶ ବାଘ ସ୍ୱୀକାର କରି କହିଛନ୍ତି, ମୁଁ ବି ଜଣେ ଚାଷୀ । ଚଳିତ ସପ୍ତାହରେ ଆମ ପଞ୍ଚାୟତରେ ଧାନ କ୍ରୟ ହୋଇ ପାରି ନ ଥିବାରୁ ମଣ୍ଡିକୁ ଆଣିବାକୁ ଧାନ ଲୋଡ ହେଉଛି । ଏ ନେଇ ଏଆରସିଏସ ପାଣ୍ଡୁ ଚରଣ ସାହୁ କହିଛନ୍ତି, ଚାଷୀଙ୍କ ଅଭିଯୋଗ ପାଇଛି । ତଦନ୍ତ କରି ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

**କଣ୍ଟାମାଳ ବ୍ଲକ**
- ଶିମିଳିପଦର ମଣ୍ଡିରେ ଅଚଳାବସ୍ଥା
- ପ୍ୟାକ୍ସ ସମ୍ପାଦକଙ୍କ ଧାନ ଉଠୁଥିବା ଅଭିଯୋଗ



ଶିମିଳିପଦର ରାସ୍ତାରେ ଚାଷୀଙ୍କ ଧାନ ଗଦା ହୋଇଛି ।

# ବିବେକାନନ୍ଦ ବାଣୀ ପ୍ରଚାର ରଥକୁ ସ୍ୱାଗତ

**ବୌଦ୍ଧ,୨୫।୧(ସ୍ୱ.ପ୍ର)**

ସ୍ୱାମୀ ବିବେକାନନ୍ଦ ଚିକାଗୋ ଧର୍ମ ମହାସଭା ଅଭିଭାଷଣର ୧୨୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଶ୍ରୀରାମକୃଷ୍ଣ ଆଶ୍ରମ ମ. ରାମପୁର କଳାହାଣ୍ଡି ପକ୍ଷରୁ ଜାନୁୟାରୀ ୧୨ରୁ ବାହାରିଥିବା ରଥକୁ ବୌଦ୍ଧ ସହରର ରାମେଶ୍ୱର ମନ୍ଦିର ନିକଟରେ ସ୍ୱାଗତ କରାଯାଇଛି। ଏହାପରେ ରଥ ସହର ପରିକ୍ରମା କରିଥିଲା । ଗାନ୍ଧୀଛକ ଠାରେ ଆୟୋଜିତ ସଭାରେ ସ୍ୱାମୀ ପ୍ରିୟ ବ୍ରତାନନ୍ଦ, ସ୍ୱାମୀ ବିରେଷାନନ୍ଦ, ସ୍ୱାମୀ ପ୍ରଜ୍ଞାନନ୍ଦ, ଅନ୍ନଦା ପଟ୍ଟନାୟକ, ବଟ କିଶୋର ପ୍ରଧାନ ରଥଯାତ୍ରାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହିବା ସହିତ ସ୍ୱାମିଜୀଙ୍କ ଆଧ୍ୟାତ୍ମିକ ବାଣୀ ପ୍ରକାଶ କରିଥିଲେ। ଦେବାଶିଷ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ବିଶ୍ୱଜିତ ମିଶ୍ର, ରଘୁନାଥ ଷଡଙ୍ଗୀ, ଶମ୍ଭୁପ୍ରସାଦ ପ୍ରଧାନ, ସୂର୍ଯ୍ୟକାନ୍ତ ଦଳବେହେରା, ପ୍ରଦୋଷ କୁମାର ମିଶ୍ର, ବିଜୟ କୁମାର ସାହୁ ଏବଂ ଭଗବତ କମିଟି କେଉଟସାହିର ସଦସ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୨୭ ତାରିଖରେ ସ୍ୱାମିଜୀଙ୍କ ଜନ୍ମ ତିଥିରେ ମ.ରାମପୁର ଠାରେ ରଥଯାତ୍ରା ସମାପ୍ତ ହେବା ପରେ ପରବର୍ତ୍ତୀ ସମୟରେ ସମଗ୍ର ଭାରତବର୍ଷ ପରିଭ୍ରମଣ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା ମୁଖ୍ୟ ପରିଚାଳକ ପଟ୍ଟନାୟକ ଜଣାଇଛନ୍ତି ।

## ବୌଦ୍ଧରେ ଜାତୀୟ ମତଦାତା ଦିବସ ପାଳିତ

# ମତଦାନ କରିବା ନାଗରିକର ମୌଳିକ ଅଧିକାର

**ବୌଦ୍ଧ,୨୫।୧(ସ୍ୱ.ପ୍ର)**

ବୌଦ୍ଧରେ ଜାତୀୟ ମତଦାତା ଦିବସ ସ୍ଥାନୀୟ ଟାଉନହଲରେ ଶୁକ୍ରବାର ପାଳିତ ହୋଇଯାଇଛି । ସହକାରୀ ଜିଲାପାଳ ସତ୍ୟଜିତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଜିଲାପାଳ ସୀତାଂଶୁ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମତଦାନ କରିବା ଜଣେ ନାଗରିକର ମୌଳିକ ଅଧିକାର ଓ ଶତ ପ୍ରତିଶତ ମତଦାନ ଦ୍ୱାରା ଏକ ସ୍ୱଚ୍ଛ ସରକାର ଓ ସମୃଦ୍ଧ ଗଣତନ୍ତ୍ର ପ୍ରତିଷ୍ଠା ହୋଇଥାଏ ବୋଲି ମୁଖ୍ୟଅତିଥି ମତପ୍ରକାଶ କରିଥିଲେ । ଆଉ କେତେ ମାସ ପରେ ସାଧାରଣ ନିର୍ବାଚନ ଆସୁଥିବାରୁ ସମସ୍ତ ଜିଲାବାସୀ ନିଜର ମତାଧିକାର ସାବ୍ୟସ୍ତ କରିବା ସଚେତନତା କାର୍ଯ୍ୟକ୍ରମକୁ ସଭାରେ ଗୁରୁତ୍ୱ ଦିଆଯାଇଥିଲା । ଏହା ସହିତ ଏକ ସ୍ୱଚ୍ଛ ଓ ଶୃଙ୍ଖଳିତ ନିର୍ବାଚନ ପାଇଁ ସମସ୍ତେ ସହଯୋଗ କରିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା । ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ଅନ୍ୟତମ ଅତିଥି ଓ ସାମାଜିକ କର୍ମୀ ସୀତାକାନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ମତଦାତା ଦିବସ ପାଳନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ପ୍ରଥମଥର ପାଇଁ ମତାଧିକାର ସାବ୍ୟସ୍ତ କରିବାକୁ ଯାଉଥିବା ମିଲେନିୟମ ଭୋଟରଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ମତଦାତା ଦିବସ ସମ୍ପର୍କିତ ସଚେତନତା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳେ ମତଦାତା ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ବୌଦ୍ଧରେ ଖୋଲିଲା ପରିବାର ଅଦାଲତ

**ବୌଦ୍ଧ,୨୫।୧(ସ୍ୱ.ପ୍ର)**

ବୌଦ୍ଧରେ ନୂତନ କୋର୍ଟ ବିଲ୍ଡିଙ୍ଗରେ ଶୁକ୍ରବାର ପରିବାର ଅଦାଲତ ଉଦ୍‌ଘାଟିତ ହୋଇଛି । ପୂର୍ବାହ୍ନ ୧୧ଟା ସମୟରେ ହାଇକୋର୍ଟର ବିଚାରପତି ଚିତ୍ତରଞ୍ଜନ ଦାଶ ଏହି ଅଦାଲତକୁ ଉଦ୍‌ଘାଟନ କରିଥିଲେ। ଏହି ଅଦାଲତ ଖୋଲିବା ଦ୍ୱାରା ପରିବାର ସମ୍ପର୍କିତ ମାମଲା ଗୁଡିକର ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବା ସହ ତୁରନ୍ତ ନ୍ୟାୟ ମିଳିପାରିବ ବୋଲି ବିଚାରପତି ଦାଶ କହିଥିଲେ । ପରିବାର ଅଦାଲତର ପ୍ରଥମ ବିଚାରପତି ଭାବେ ଶୀତିକଣ୍ଠ ସାମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାର ଅନ୍ୟ କୋର୍ଟ ଗୁଡିକରେ ବିଚାରାଧୀନ ୧୪୬ଟି ପରିବାର ମାମଲାକୁ ନୂତନ କୋର୍ଟ ଦ୍ୱାରା ବିଚାର କରାଯିବ । ଅଦାଲତ ଉଦଘାଟନ ପୂର୍ବରୁ ଜିଲା ଓକିଲ ସଂଘରେ ଆୟୋଜିତ ଏକ ସ୍ୱାଗତ ଉତ୍ସବରେ ମୁଖ୍ୟଅତିଥି ବିଚାରପତି ଦାଶଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହା ପରେ ଜିଲାରେ କାର୍ଯ୍ୟରତ ଓକିଲମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଏହି ଅବସରରେ ବିଚାରପତି ଦାଶ ବୌଦ୍ଧ ଓ ସୋନପୁର ଠାରେ ସ୍ଥାୟୀ ଲୋକ ଅଦାଲତ କାର୍ଯ୍ୟ କରିବାକୁ ତୁରନ୍ତ ପଦକ୍ଷେପ ନେବା ପାଇଁ କହିବା ସହ ବୌଦ୍ଧରେ ଭିଜିଲାନ୍ସ ମାମଲା ପରିଚାଳନା କ୍ୟାମ୍ପ କୋର୍ଟ ଜରିଆରେ କରିବାକୁ ମଧ୍ୟ ପଦକ୍ଷେପ ନେବାକୁ କହିଥିଲେ । ଏଥି ସହିତ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହେଉଥିବା ମାମଲାର ଫଇସଲା ପାଇଁ ସ୍ୱତନ୍ତ୍ର ଭାବେ ଜଣେ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ଯୋଗାଇ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଦୌରାଜଜ ଅରବିନ୍ଦ ଗୁରୁ, ଅତିରିକ୍ତ ଜିଲାଜଜ୍ ଗୌରିମାଳି ମହାରଣା, ସିଜେଏମ ପ୍ରଦୀପ୍ତ କୁମାର ସାହୁ, ରେଜିଷ୍ଟ୍ରାର ଦେବାଶିଷ ମହାନ୍ତି, ଏସଡିଜେଏମ ସୂର୍ଯ୍ୟ ଦାସ, ଜିଲାପାଳ ସୀତାଂଶୁ କୁମାର ରାଉତ, ଏସ୍‌ପି ସୁଧାଂଶୁ ଶେଖର ମିଶ୍ର, ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ବରିଷ୍ଠ ଆଇନଜୀବୀ ଅଚ୍ୟୁତାନନ୍ଦ ମିଶ୍ର, ନବ କୁମାର ମିଶ୍ର, ଧ୍ରୁବଣୀ ଦେହୁରୀ, ସଚ୍ଚିଦାନନ୍ଦ ଦଲାଲ ପ୍ରମୁଖ ଉପସ୍ଥିତ ଥିଲେ ।



ବିଚାରପତି ଚିତ୍ତରଞ୍ଜନ ଦାଶ ପରିବାର ଅଦାଲତକୁ ଉଦ୍‌ଘାଟନ କରୁଛନ୍ତି ।

# ପରିବେଶକେ ସାଫ୍‌ସୁତର ରଖ୍‌ବାର ପରତିଗିଆଁ

**ପାଇକମାଳ, ୨୫।୧(ଡି.ଏନ.ଏ.)**

ପାଇକମାଳ ଅଂଚଲର ଭିନେ ଭିନେ ଗାଁକେ ଯାଇ ଝନେ ଯୁବକ ରାସ୍‌ତାର ମଏଲା ଜଗଡ଼ା ନିଜର ହାତେ ସଫାକରି ଗାଁମୁଡ଼େ ପୁଡ଼େଇ ଦେଉଥିବାର ଦେଖ୍‌ବାକେ ମିଳିଛେ। ଇ ଯୁବକ ଝନ୍‌କ ହେଉଛନ୍ ସୀତାକାନ୍ତ ଶଗର(୨୮), ଝାରବନ୍ଧ ଥାନା ବିଜାଢ଼ୋଲ ଗାଁର ଥାୟୀ ବାସିନ୍‌ଦା। ସେ ପିଲାଦିନୁ ରାସ୍‌ତାଘାଟ, ବଁଧିଖଁଡ଼ି ଆଦି ସଫାସୁତର କରବାରେ ମନ ବଲେଇଥିଲେ। ତାକର କହେବାର ହେଲା ରାସ୍‌ତାଘାଟ ସଫାସୁତର ନାଇଁ ହେବାର ଲାଗି ଲୋକ୍ ନାନା ରୋଗ୍‌ରେ ପଡ଼ି ମରୁଛନ୍। ସେଥିରଲାଗି ସେ ଗାଁ ଗାଁ ବୁଲି ରାସ୍‌ତାଘାଟ ସଫାକରବାର ପରତିଗିଆଁ କରିଛନ୍। ଗଲା ୫ ଦିନ୍ ହେଲା ସେ ପାଇକମାଳ ଡାକ୍‌ତରଖାନା, ବଜାର ପରିସର, ବ୍ୟାଙ୍କ, ବସଷ୍ଟାଣ୍ଡ ପରିସରରେ ପଡ଼ିଥିବାର ମଏଲା ଜଗଡ଼ାକେ ସଫା କରିଥିବାର ଦେଖ୍‌ବାକେ ମିଳିଛେ। ଏନ୍‌ତା କି ଯାହା ପାଉଛନ୍ ବାଛବିଚାର ନାଇଁକରି ଖାଉଛନ୍, ରାତି ଯେନ୍‌ଠାନେ ପାରଲେ ଶୁଇପଡୁଛନ୍। ସେ ମଏଲା ଜଗଡ଼ା ସଫା କଲା ସମିଆରେ ବହୁତ ଜାଗାରେ ଗାଲିମାଡ଼ ବି ଖାଇଛନ୍। ହେଲେ କାହାକେ କିଛି ନାଇଁ କହିକରି ନିଜର କାମ୍ ନିଜେ କରିଚାଲିଛନ୍। ଭଗବାନ ତାକର ସାହା ଭରସା ବଲି ସୀତାକାନ୍ତ କହିଛନ୍।

**ଯୁବକ୍‌କଁର ଅଜବ୍ ନିଶା**



ପାଇକମାଳରେ ସୀତାକାନ୍ତ ସଫେଇ କରୁଛନ୍ ।

## ନାଗରିକ ଅଧିକାର, କର୍ତ୍ତବ୍ୟ କର୍ମଶାଳା

**ରେଢ଼ାଖୋଲ,୨୫।୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ସିଭିଲ କୋର୍ଟ ପରିସରରେ ଶୁକ୍ରବାର ନାଗରିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଆଇନସେବା ପ୍ରାଧିକରଣ ସମିତିର ଅଧ୍ୟକ୍ଷ ତଥା ସବ୍‌ଜଜ ବାସୁଦେବ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ଏହି ସଚେତନତା ସଭାରେ ଏସ୍‌ଡିଜେଏମ୍ ଅପୂର୍ବା ଚୌଧୁରୀ, ବରିଷ୍ଠ ଆଇନଜୀବୀ ଶିବ ପ୍ରସାଦ ପ୍ରଧାନ, ସଜଳ କାନ୍ତ ପାଲ, ହାରୁନ ଖାଁନ, ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ନାଗରିକମାନଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଚେତନତା ଶିବିରରେ ବରିଷ୍ଠ ନାଗରିକ କମିଟିର ବିଜୟ କୁମାର ମହାନ୍ତି, ଭୁବନେଶ୍ୱର ପ୍ରଧାନ, ପ୍ରମୋଦ ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ନାଗରିକ ଯୋଗ ଦେଇଥିଲେ।

# ମତଦାତା ସହାୟତା କେନ୍ଦ୍ର ଉଦ୍‌ଘାଟିତ




ମତଦାତା ସହାୟତା କେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ ।

**ବୌଦ୍ଧ,୨୫।୧(ସ୍ୱ.ପ୍ର)**

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୌଦ୍ଧ ଜିଲା ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି । ଗୁରୁବାର ଜନସାଧାରଣଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ ଅବସରରେ ଏକ ମତଦାତା ସହାୟତା କେନ୍ଦ୍ର ଓ ଟୋଲ ଫ୍ରି ନଂ ୦୬୮୪୧-୧୯୫୦ ଶୁଭାରମ୍ଭ ହୋଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଂକ୍ଷିପ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୀତାଂଶୁ କୁମାର ରାଉତ ଯୋଗଦେଇ ମତଦାତା ସହାୟତା କେନ୍ଦ୍ର ଓ ଟୋଲ ଫ୍ରି ନଂର ଶୁଭାରମ୍ଭ କରିଥିଲେ । ଏହାଦ୍ୱାରା ଜିଲାର ମତଦାତାମାନେ ନିର୍ବାଚନ ଓ ଭୋଟର କାର୍ଡ ସମ୍ପର୍କିତ ସମସ୍ତ ସହାୟତା ପାଇପାରିବେ । ବିଶେଷ କରି ଭୋଟର ତାଲିକାରେ ନିଜର ନାମ ସଂଯୁକ୍ତ ହୋଇଛି କି ନାହିଁ, ଆବଶ୍ୟକୀୟ ସଂଶୋଧନ ପ୍ରକ୍ରିୟା, ନିଜ ନିର୍ବାଚନ ମଣ୍ଡଳୀ ଓ ବୁଥ ସମ୍ପର୍କରେ ମଧ୍ୟ ସମସ୍ତ ସୂଚନା ପାଇପାରିବେ । ବର୍ତ୍ତମାନ ଏହି ସୂଚନା କେନ୍ଦ୍ର କେବଳ କାର୍ଯ୍ୟାଳୟ ଖୋଲାଥିବା ସମୟ ମଧ୍ୟରେ କାର୍ଯ୍ୟକ୍ଷମ ରଖାଯାଇଥିବାବେଳେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆବଶ୍ୟକତା ଅନୁଯାୟୀ ଏହାର ସମୟ ବୃଦ୍ଧି କରାଯିବ ବୋଲି ଜିଲାପାଳ ରାଉତ ପ୍ରକାଶ କରିଛନ୍ତି । ଏହି ଅବସରରେ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ସହକାରୀ ଜିଲାପାଳ ସତ୍ୟଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବୌଦ୍ଧ: ୭୯୬୦ ନୂଆ ଭୋଟର

**ବୌଦ୍ଧ, ୨୫।୧(ସ୍ୱ.ପ୍ର)**

ବୌଦ୍ଧ ଜିଲାରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେଇଛି। ଜିଲାରେ ନୂତନ ଭୋଟର ସଂଖ୍ୟା ୭୯୬୦ ବୃଦ୍ଧି ହୋଇଛି । ଜିଲା ନିର୍ବାଚନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ଗତ ତା୧।୯।୨୦୧୮ ରିଖ ସୁଦ୍ଧା ୧୫୫୬୧୦ ଜଣ ଭୋଟର ଥିଲେ । ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୭୯୩୩୬, ମହିଳା ଭୋଟର ୭୬୨୭୩ ଓ ଜଣେ ତୃତୀୟ ଲିଙ୍ଗ ଭୋଟର ରହିଥିଲେ । ନୂତନ ଭୋଟର ତାଲିକା ଅନୁଯାୟୀ ତା୧।୧।୨୦୧୯ ରିଖ ସୁଦ୍ଧା କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୧୫୯୫୭୫ ଭୋଟର ହୋଇଥିବାବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୮୧୩୪୩ ଓ ମହିଳା ଭୋଟର ସଂଖ୍ୟା ୭୮୨୩୨ ବୋଲି ଜଣାପଡିଛି । ଭୋଟର ତାଲିକା ସଂଶୋଧନ ପରେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୩୯୬୫ ନୂତନ ଭୋଟରଙ୍କ ନାମ ସଂଯୁକ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୨୦୦୭ ଓ ମହିଳା ଭୋଟରଙ୍କ ସଂଖ୍ୟା ୧୯୫୯ ବୋଲି ଜଣାପଡିଛି । ସେହିପରି ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ଗତ ତା୧।୯।୨୦୧୮ରିଖରେ ୧୫୨୦୩୮ ଜଣ ଭୋଟର ଥିଲେ । ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୭୮୨୯୮, ମହିଳା ୭୩୭୩୭ ଓ ତୃତୀୟ ଲିଙ୍ଗ ଭୋଟର ୩ ଥିଲା । ତା୧।୧।୨୦୧୯ରିଖ ସୁଦ୍ଧା ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୧୫୬୦୩୩ ଭୋଟର ହୋଇଥିବାବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୮୦୧୫୦, ମହିଳା ଭୋଟର ସଂଖ୍ୟା ୭୫୮୭୮ ଓ ତୃତୀୟ ଲିଙ୍ଗ ଭୋଟର ୫ ଜଣ ଥିବା ଜଣାପଡିଛି । ଭୋଟର ତାଲିକା ସଂଶୋଧନ ପରେ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୩୯୯୫ ନୂତନ ଭୋଟରଙ୍କ ନାମ ସଂଯୁକ୍ତ ହୋଇଛି । ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧୮୫୨, ମହିଳା ଭୋଟରଙ୍କ ସଂଖ୍ୟା ୨୧୪୧ ଓ ତୃତୀୟ ଲିଙ୍ଗ ଭୋଟର ୨ ଟି ବୋଲି ଜଣାପଡିଛି। ପ୍ରକାଶ ପାଇଥିବା ନୂତନ ଭୋଟର ତାଲିକା ଅନୁଯାୟୀ ଜିଲାରେ ନୂତନ ଭୋଟରଙ୍କ ସଂଖ୍ୟା ୭୯୬୦ ହୋଇଥିବା ବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ୩୮୫୯ ଓ ମହିଳା ୪୧୦୦ ଓ ତୃତୀୟ ଲିଙ୍ଗ ଭୋଟରଙ୍କ ସଂଖ୍ୟା ୧ଟି ବୃଦ୍ଧି ପାଇଛି। ଏହି ନୂତନ ଭୋଟର ତାଲିକା ପ୍ରକାଶନ ସମୟରେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୀତାଂଶୁ କୁମାର ରାଉତ, ନିର୍ବାଚନ ନୋଡାଲ ଅଧିକାରୀ ତଥା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବକଙ୍କ ମୃତ୍ୟୁ ଘଟଣାରେ ରାସ୍ତା ଅବରୋଧ

**କୋକସରା,୨୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପେଟ୍ରୋଲ ପମ୍ପ ନିକଟରେ ଗତ ୨୦ ତାରିଖରେ ଏକ ବାଇକ୍ ଧକ୍କାରେ ଆହତ ହୋଇଥିବା ସ୍ଥାନୀୟ ଶାନ୍ତିନଗର ପଡାର ଧନସିଂ ଶବର (୪୦)ଙ୍କ ଗୁରୁବାର ମୃତ୍ୟୁ ଘଟିଛି । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା । ସମ୍ପର୍କୀୟ ଏବଂ ଗ୍ରାମବାସୀ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କୁ ଗିରଫ ଏବଂ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ୨୬କୁ ମୋଟେର ଛକଠାରେ ଶୁକ୍ରବାର ୧୧ଟାରୁ ଅବରୋଧ କରିଥିଲେ । ଖବର ପାଇ କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଓ କୋକସରା ତହସିଲଦାର ମୌସୁମୀ ନାୟକ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର, ଜାତୀୟ ପରିବାର ମଙ୍ଗଳ ଯୋଜନାରୁ ୨୦ ହଜାର, ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର, ଘରଡିହ, ଆବାସ ଯୋଜନାରେ ଘର ଯୋଗଇ ଦେବା ସହ ନାବାଳକ ପୁଅଝିଅମାନଙ୍କୁ ଆବାସିକ ବିଦ୍ୟାଳୟରେ ପାଠ ପଢାଇବା ଏବଂ ରହିବା ବ୍ୟବସ୍ଥା ପାଇଁ ଲିଖିତ ପ୍ରତିଶ୍ରୁତି ପରେ ମଧ୍ୟାହ୍ନ ୧୨ଟାରେ ରାସ୍ତା ଅବରୋଧ ହଟିଥିଲା । ଘଟଣାସ୍ଥଳରେ ରେଡକ୍ରସ ଓ ହରିଶ୍ଚନ୍ଦ୍ର ଯୋଜନର ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ୧ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଭାବାନୀପାଟଣା, ଜୟପୁର ମୁଖିଗୁଡା ମଧରେ ଶହଶହ ଗାଡିମୋଟର ଅଟକି ରହିଥିଲା ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ



### ଘରଭାଙ୍ଗି ଧାନ ଚାଉଳ ଖାଇଲା ହାତୀ

**ଉଲୁଣ୍ଡା ୨୫।୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଜଉଁରାଭଉଁରା ପଞ୍ଚାୟତର ଖରାପୁରା(ଗୌରଗୋଟ) ଗ୍ରାମକୁ ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ପଶି ଆସି ଗୋଟିଏ ପରିବାରର ଘର ଭାଙ୍ଗି ଦେଇଛି। ତେବେ ସମ୍ପୃକ୍ତ ପରିବାରର ସଦସ୍ୟମାନେ ନିଶ୍ଚିତ ବିପଦରୁ ବର୍ତ୍ତି ଯାଇଛନ୍ତି। ସୂଚନା ମତେ, ଉକ୍ତ ଗ୍ରାମର ଚମ୍ପୁରୁ ବାର୍ଲା ତାଙ୍କ ଦୁଇ ଛୋଟପିଲାଙ୍କୁ ନେଇ ରାତିରେ ଘରେ ଶୋଇଥିବା ବେଳେ ହାତୀ ଘରର ଖପର ଭାଙ୍ଗୁଥିବା ଜାଣିବାକୁ ପାଇଥିଲେ। ପରେ ଦୁଇ ଛୁଆଙ୍କୁ ନେଇ ବାହାରକୁ ଚାଲି ଆସିଥିଲେ। ତେବେ ଘର ପଛପଟ କାନ୍ଥଭାଙ୍ଗି ହାତୀ ଘର ଭିତରକୁ ପଶି ୩ ବସ୍ତା ଧାନ ଏବଂ ଚାଉଳ ଖାଇବା ସହ ଘରର ଆସବାବପତ୍ର ଭାଙ୍ଗି ଦେଇଥିଲା। ଗତବର୍ଷ ମଧ ହାତୀ ଉପଦ୍ରବରେ ଉକ୍ତ ପରିବାରର ଘର ଭାଙ୍ଗିଥିଲା। ଚମ୍ପୁରୁଙ୍କ ପରିବାରକୁ ବନବିଭାଗ ତରଫରୁ ତୁରନ୍ତ ସାହାଯ୍ୟ ଯୋଗାଇ ଦେବାପାଇଁ ଦାବି ହେଉଛି। ଏ ନେଇ ଉଲୁଣ୍ଡା ରେଞ୍ଜର ଶିବ ପ୍ରସାଦ ନାଏକଙ୍କୁ ପଚରାଯିବାରୁ ଘଟଣାସ୍ଥଳକୁ ଅଧିକାରୀଙ୍କୁ ପଠାଯାଇଛି। ତଦନ୍ତ ପରେ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।



### ନିର୍ମାଣର ଅଢେଇବର୍ଷ ବିତିଲା: କାର୍ଯ୍ୟକ୍ଷମ ହେଲାନି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର

**ଡୁଙ୍ଗୁରିପାଲି, ୨୫।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରୁ ୨କିମି ଦୂର ଅଗ୍ନିଶମ କାର୍ଯ୍ୟାଳୟ ପଛପଟେ ନିର୍ମାଣାଧୀନ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ନିର୍ମାଣର ଅଢେଇ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୁଇ ମହଲା ବିଶିଷ୍ଟ ଏକ କୋଠା ନିର୍ମାଣ କାର୍ଯ୍ୟ ସରିଛି। ହେଲେ ଆଜି ପର୍ଯ୍ୟନ୍ତ ଏହା ଉଦ୍‌ଘାଟନ ହୋଇ ନାହିଁ। ଫଳରେ ଏହାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଚାଷୀମାନେ କୃଷି ସମ୍ବନ୍ଧୀୟ ସୂଚନା ଓ ପରାମର୍ଶ ପାଇବାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ଜିଲା କୃଷି ଅଧିକାରୀ ଶ୍ରୀନିବାସ ମଲ୍ଲିକଙ୍କୁ ପଚାରିବାରୁ ଉକ୍ତ କୋଠାରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ତାହା ଉଦ୍‌ଘାଟନ ହୋଇପାରିନାହିଁ। ଆମେ ନିର୍ଦ୍ଦେଶକଙ୍କୁ ଜଣାଇଛୁ। ଅନୁଦାନ ଆସିଲେ ବିଦ୍ୟୁ୍ତ ସଂଯୋଗ କରି କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି।

ସୁବର୍ଣ୍ଣପୁରରେ ଜାତୀୟ ମତଦାତା ଦିବସ

# ନୂତନ ମତଦାତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟ

**ସୋନପୁର,୨୫।୧(ନି.ପ୍ର.)**

ସୁବର୍ଣ୍ଣପୁରରେ ଜାତୀୟ ମତଦାତା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସହରର କୁଞ୍ଜ ଛକଠାରୁ ଏକ ସଚେତନତା ସଭା ବାହାରି ଜିଲାପାଳଙ୍କ କାଯର୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଚେତନତା ସଭାରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ। ନୂତନ ମତଦାତାଙ୍କ ମଧ୍ୟରେ ଭୋଟଦାନ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ନିର୍ବାଚନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ, ଡିଆଇପିଆରଓ ଅଶୋକ କୁମାର ମିଶ୍ର ଓ ପ୍ରାଧ୍ୟାପକ ଡ. ଜ୍ୟୋତିରଞ୍ଜନ ବହିଦାର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପୂର୍ବରୁ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ସୃଷ୍ଟି ଅନନ୍ୟା ସାହୁ ପ୍ରଥମ, ରୋହନ ସୁନା ଦ୍ୱିତୀୟ, ସୌମ୍ୟଦର୍ଶିନୀ ମିଶ୍ର ତୃତୀୟ, କୁଇଜ୍ ପ୍ରତିଯୋଗିତାରେ ସାହିଲ ପୂଜାହାରୀ ପ୍ରଥମ, ମହମ୍ମଦ ମୁଜିବ ଦ୍ୱିତୀୟ, ରାକେଶ କୁମାର ମିଶ୍ର ତୃତୀୟ, ସ୍ଲୋଗାନ ଲିଖନରେ ଦୁଷ୍ମନ୍ତ ଭୋଇ ପ୍ରଥମ, ସାଲୋନି ମିଶ୍ର ଦ୍ୱିତୀୟ ଓ ସୁମିତ ମେହେର ତୃତୀୟ, ପୋଷ୍ଟର ପ୍ରସ୍ତୁତିରେ ନରୋତ୍ତମ ମାହାନା ପ୍ରଥମ, ପିଙ୍କୁ ଚୌହାନ ଦ୍ୱିତୀୟ ଓ ପ୍ରଜ୍ଞାପ୍ରିୟ ଦର୍ଶିନୀ ଘିବିଲା ତୃତୀୟ ଏବଂ ଶାଶ୍ୱତୀ ମାହାନା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗି ମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ସମସ୍ତ କୃତି ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ।



ଦିବସ ପାଳନ ଅବସରରେ ଅତିଥି ବୃନ୍ଦ।

### ପଦୋନ୍ନତି ସହ ଦୁଇ ବିଚାରପତିଙ୍କ ବଦଳି

**ବୀରମହାରାଜପୁର, ୨୫।୧(ଡି.ଏନ୍.ଏ.)**

ବର୍ଷକ ତଳେ ବୀରମହାରାଜପୁରରେ ଯୋଗ ଦେଇଥିବା ଦୁଇ ବିଚାର ବିଭାଗୀୟ ଅଧିକାରୀଙ୍କ ପଦୋନ୍ନତି ସହ ବଦଳି ହୋଇଛି। ଓଡିଶା ହାଇକୋର୍ଟଙ୍କ ପକ୍ଷରୁ ଗୁରୁବାର ପ୍ରକାଶିତ ଅଧିସୂଚନା ମତେ ସ୍ଥାନୀୟ ବରିଷ୍ଠ ଦେୱାନି ତଥା ସହାକାରୀ ଦୈରା ଜଜ୍ ମାନସ ରଞ୍ଜନ ରଥଙ୍କର ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ (ସିଜେଏମ) ଭାବେ ସୋନପୁର ଜିଲା ସଦର ମହକୁମାକୁ ବଦଳି ହୋଇଛି। ତାଙ୍କ ସ୍ଥାନରେ ବୀରମହାରାଜପୁର ଏସ୍‌ଡିଜେଏମ୍ ଅବକଶ ଚୌଧୁରୀଙ୍କୁ ଅବସ୍ଥାପିତ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ବିଚାରପତି ରଥ ବୀରମହାରାଜପୁରର ପ୍ରଥମ ବରିଷ୍ଠ ଦେୱାନି ଜଜ୍ ଭାବେ ଗତ ତା୨।୧୨।୨୦୧୭ ରିଖରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହାର ଠିକ୍ ପରେ ପରେ ବିଚାରପତି ଚୌଧୁରୀ ଏଠାକାର ସବ୍‌ଡିଭିଜନାଲ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ।

# ମତଦାନର ମର୍ଯ୍ୟାଦା ରଖିବାକୁ ଶପଥ

**ବୀରମହାରାଜପୁର, ୨୫।୧ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା। ୬୪-ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ ଅଧିନ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୯ମ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥର ସତ୍ୟବାଦୀ ଜୁନିୟର କଲେଜ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ କଲେଜର ଅଧକ୍ଷ ଶ୍ରୀକାନ୍ତ ପଧାନ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାର ଗଠନ ଏବଂ ଏଥିପାଇଁ ଅନୁଷ୍ଠିତ ହେଉଥିବା ନିର୍ବାଚନରେ ପ୍ରତିଟି ଭୋଟ ମୂଲ୍ୟବାନ। ତେଣୁ ଭୋଟର ତାଲିକାରେ ଯେପରି ୧୮ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହେବେ ସେଥିପ୍ରତି ସଚେତନ ରହିବାକୁ ଆହ୍ୱାନ ଦିଆଯାଇଥିଲା। ଉପସ୍ଥିତ ଛାତ୍ରୀଛାତ୍ର ନିର୍ଭିକ, ନିରପେକ୍ଷ ଓ ସ୍ୱଚ୍ଛ ତଥା ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଶପଥ ନେଇଥିଲେ। ଅଧାପକ କିଶୋର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅଧାପିକା ପ୍ରତିମା ବାରିକ, ଦେବଯାନି ମେସୁଆ ଓ ଶଶାଙ୍କ ଶେଖର ସୁଆର ଉକ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସୂଚନାଯୋଗ୍ୟ ଯେ ବୀରମହାରାଜପୁର ବିଧାନସଭା କ୍ଷେତ୍ରର ସମୁଦାୟ ଭୋଟର ସଂଖ୍ୟା ୨୦୧୪ ନିର୍ବାଚନ ସମୟରେ ୧ ଲକ୍ଷ ୮୧ ହଜାର ୫୩୭ ଥିବାବେଳେ ସଦ୍ୟ ପ୍ରକାଶିତ ଚୂଡାନ୍ତ ଭୋଟର ଲିଷ୍ଟ ଅନୁଯାଇ ମତଦାତାଙ୍କ ସଂଖ୍ୟା ୨ ଲକ୍ଷ ୪ ହଜାର ୭୮୪ରେ ପହଞ୍ଚିଛି। ଏଥର ସର୍ବମୋଟ ୧୮୯୦ ଯୁବ ଭୋଟର ସାମିଲ ହୋଇଛନ୍ତି।



ସତ୍ୟବାଦୀ ଜୁନିୟର କଲେଜର ନୂତନ ଯୁବ ଭୋଟର ଶପଥ ଗ୍ରହଣ କରୁଛନ୍ତି।

### ନବୋଦୟ ବିଦ୍ୟାଳୟରେ ଷ୍ଟୁଡେଣ୍ଟ, ପୋଲିସ କ୍ୟାଡର ଗଠିତ

**ତରଭା, ୨୫।୧(ଡି.ଏନ.ଏ.)**

ତରଭା ଜବାହାର ନବୋଦୟ ବିଦ୍ୟାଳୟରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡର ଗଠିତ ହୋଇଛି। ନବୋଦୟ ବିଦ୍ୟାଳୟ ଅଧକ୍ଷ ଟି.ରାମଲିଙ୍ଗମଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସପି ଦେବୀ ପ୍ରସାଦ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏଚଆରପିସିଡିଏସପି ଆନନ୍ଦବର୍ଦ୍ଧନ ଗୁରୁ, ଏସଡିପିଓ ମିହିର ପଣ୍ଡା, ଏଡିଏମ ଶରତ ଚନ୍ଦ୍ର ପଣ୍ଡା, ବିଡିଓ ନିହାର ରଞ୍ଜନ କହଁର, ଆଇଆଇସି ଡୋଲାମଣି ଭୋଇ ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ ମଞ୍ଚାସୀନ ଥିଲେ। ରାଧାକାନ୍ତ ମେଣ୍ଡଳି ମଞ୍ଚ ପରିଚାଳନା କରିଥିଲେ। ଏଥିରେ ନବୋଦୟ ବିଦ୍ୟାଳୟର ଅଷ୍ଟମ ଓ ନବମ ଶ୍ରେଣୀର ୨୨ଜଣ ଛାତ୍ରୀ ଓ ୨୨ ଛାତ୍ର ଅଂଶଗ୍ରହଣ କରିଥିଲେ। ପରେ ସେମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ଓ ଦେଶପ୍ରେମର ଭାବନା ଜାଗ୍ରତ ଏବଂ ଅପରାଧ ପାଇଁ ଦଣ୍ଡ ବିଧାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦିଆଯିବ। ସପ୍ତାହରେ ଦୁଇଥର ଇଣ୍ଡୋର ଓ ଆଉଟଡୋର୍ ପାଠ୍ୟକ୍ରମର ବ୍ୟବସ୍ଥା ରହିଥିବାରୁ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେବା ସହ ଆଇନ ପ୍ରତି ସମ୍ମାନ ରହିବ ବୋଲି ଏସପି ଦାସ ପ୍ରକାଶ କରିଥିଲେ। ଏହା ପୂର୍ବରୁ ଅତିଥିମାନେ ଏସପିସିର ପୁସ୍ତକ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ରିଜର୍ଭ ଇନ୍‌ସପେକ୍ଟର ବିଶ୍ୱନାଥ ଜେନା, ସରଜେଣ୍ଟ ନିରଞ୍ଜନ ନାଏକ, ଏଏସଆଇ ଚିତ୍ତ ରଞ୍ଜନ ମହାନନ୍ଦିଆ ପ୍ରମୁଖ ଥିଲେ।

# ଶପଥ ପାଠ କରାଇଲେ ବୁଥସ୍ତରୀୟ ଅଧିକାରୀ



ଭୋଟର ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ମତଦାତା।

**ଉଲୁଣ୍ଡା, ୨୫।୧(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ସଦର ଗଣ୍ଡାବାହାଲ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବୁଥସ୍ତରୀୟ ଜାତୀୟ ମତଦାନ ଦିବସ ପାଳିତ ହୋଇଯାଇଛି। ଚିତ୍ତରଞ୍ଜନ ପୁଝାରିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ପ୍ରଗତି ସହାୟିକା ସୁନିତା ବେହେରା ଯୋଗଦେଇଥିଲେ। ବୁଥସ୍ତରୀୟ ଅଧିକାରୀ ମତଦାତାମାନଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ୧୧୪ଜଣ ଭୋଟର ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ହରିଚରଣ ପାଲ ଉପସ୍ଥିତ ଥିଲେ। ଏହି ଅବସରରେ ତା୧।୧।୨୦୧୯ରିଖକୁ ଯୋଗ୍ୟତା ତାରିଖ ଅନୁଯାଇ ଦରଖାସ୍ତ କରି ନ ଥିବା ୧୮ବର୍ଷ ପୁରୁଷ ଓ ମହିଳାଙ୍କୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଦରଖାସ୍ତ ଦେବାକୁ ସୂଚନା ପ୍ରଦାନ କରାଯାଇଥିଲା। ଶେଷରେ ୱାର୍ଡସଭ୍ୟ କୀର୍ତ୍ତନ ମୁନା ଧନ୍ୟବାଦ ଅର୍ପଣ କରିଥିଲେ।

ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

# ସଚେତନତା ଦ୍ୱାରା କନ୍ୟା ଶିଶୁ ସୁରକ୍ଷା ସମ୍ଭବ

**ସୋନପୁର,୨୫।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜାତୀୟ କନ୍ୟା ସନ୍ତାନ ଦିବସ ବୁଧବାର ପାଳିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କନ୍ୟା ଶିଶୁ ରତ୍ନ ସହିତ ସମାନ ବୋଲି କହିଥିଲେ। ଜଣେ ନାରୀ ପାଖରେ ଯେଉଁ ଶକ୍ତି ଓ ସାମର୍ଥ୍ୟ ଅଛି ତାହା ପୁରୁଷ ନିକଟରେ ନାହିଁ। ତେଣୁ ସମାଜରେ ନାରୀର ବିକଳ୍ପ ନାହିଁ। କେବଳ ସଚେତନତା ଦ୍ୱାରା କନ୍ୟା ଶିଶୁ ସୁରକ୍ଷା ସମ୍ଭବ ବୋଲି ବୋଲି ଜିଲାପାଳ ମିଶ୍ର ମତପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦାନ କରି ନାରୀ ଶିକ୍ଷା ହାର ବୃଦ୍ଧି ସହିତ ଜନସଚେତନତା ସୃଷ୍ଟି କରା ଯାଇ ପାରିଲେ କନ୍ୟା ଶିଶୁ ସୁରକ୍ଷା ସମ୍ଭବ ହୋଇ ପାରିବ ବୋଲି କହିଥିଲେ। ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ଲିଙ୍ଗ ଅନୁପାତ ହ୍ରାସ ଆମ ଦେଶରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ସୁବର୍ଣ୍ଣପୁର ଜିଲାରେ ସେ ସମସ୍ୟା ନାହିଁ ବୋଲି କହିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ସୁନିତା ପଟ୍ଟନାୟକ ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ଅତ୍ୟାଚାର ଓ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ନେଇ ବକ୍ତବ୍ୟ ରଖିଥିଲେ। ଏନଏଚଏମ ଡିପିଏମ ମୌସୁମୀ ମିଶ୍ର, ଜିଲା ନିୟୋଜନ ଅଧିକାରିଣୀ ଶର୍ମିଷ୍ଠା ଧଳ, ଡିପିସି ବେଣୁଧର ବେହେରା ପ୍ରମୁଖ କନ୍ୟା ଭ୍ରୁଣ ହତ୍ୟା ବିରୋଧରେ ବକ୍ତବ୍ୟ ରଖିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରି ସୁବର୍ଣ୍ଣପୁର ଜିଲାରେ ୨୦୧୫-୧୬ର ତଥ୍ୟ ଅନୁଯାୟୀ ଜିଲାର ପ୍ରତି ୧୦୦୦ ପୁରୁଷରେ ୧୦୩୭ ମହିଳା ଅଛନ୍ତି ବୋଲି ସୂଚନା ଦେଇଥିଲେ। ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଦାଶ ଆଲୋଚନା କରିଥିଲେ। ଏହି ଅବସରରେ ମୁଁ ବି ପଢିବି, ମୁଁ ବି କିଛି କରିବି ବାର୍ତ୍ତା ଦିଆ ଯାଇଥିଲା। କନ୍ୟା ସନ୍ତାନ ଦିବସ ପରିପ୍ରେକ୍ଷିରେ କୁନି କଣ୍ଠଶିଳ୍ପୀ ମୁସ୍କାନ ମଲ୍ଲିକ, କିକ୍ ବକ୍ସିଂରେ ପ୍ରାଚୀ ପରମିତା ସାହୁ, ଛାତ୍ରୀ ବର୍ଷା ତିୱାରୀ, ଆତ୍ମ ସୁରକ୍ଷା ପ୍ରଶିକ୍ଷିକା ଅଙ୍କିତା କୁଅଁର ଓ ରାଜେଶ୍ୱରୀ କଲେତଙ୍କୁ ସମ୍ମାନିତ କରା ଯାଇଥିଲା। କୌତୁକ ପୋଷାକ ପ୍ରତିଯୋଗିତାରେ ସରକାରୀ ବାଳିକା ବିଦ୍ୟାଳୟର କ୍ଷିରବ୍ଧି ତନୟା ସେଠୀ ପ୍ରଥମ ଓ ସୁହାନି ବେଗମ ଦ୍ୱିତୀୟ ହୋଇଥିଲେ। ଏକକ ଅଭିନୟରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ନିଗ୍ଧା ପୁରୋହିତ ପ୍ରଥମ ଓ ସାଲୋନି ପଟ୍ଟନାୟକ ଦ୍ୱିତୀୟ ହୋଇଥିଲେ। ବିଜୟ ବିଶ୍ୱାଳ, କେଶବ ମେହେର, ରୁଦ୍ର ପ୍ରସନ୍ନ ମିଶ୍ର, ପ୍ରଶାନ୍ତ ମହାକୁଡ, ଶୁଭଶ୍ରୀ ପତି ଓ ବିଶେଶ୍ୱର ହୋତା ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ମଦବିକ୍ରି ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ

**ଉଲୁଣ୍ଡା ୨୫।୧ (ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଅଞ୍ଚଳରେ ଦିନକୁ ଦିନ ମଦ ବିକ୍ରି ବୃଦ୍ଧି ପାଇବାରେ ଲାଗିଛି। ନିଶାସେବନ ଯୋଗୁ ପାରିବାରିକ କଳହ ତଥା ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେଉଛି। ଏପରି ସ୍ଥିତିରେ ବେଆଇନ ମଦବିକ୍ରି ବନ୍ଦ ପାଇଁ କାଦୋଦର ଗ୍ରାମର ମା'ଉମାଦେବୀ ଯୁବକ ସଂଘ ତତ୍ତ୍ୱାବଧାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସମେତ ଗ୍ରାମର ମହିଳାମାନେ ଅଣ୍ଟା ଭିଡିଛନ୍ତି। ଏ ନେଇ ଗ୍ରାମ ମନ୍ଦିର ସମ୍ମୁଖରେ ପୋଲିସ, ଅବକାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଗ୍ରାମରେ ବେଆଇନ ଭାବରେ ବିକ୍ରି କରୁଥିବା ସମସ୍ତ ଦୋକାନୀଙ୍କୁ ମଦବିକ୍ରି ବନ୍ଦପାଇଁ ତାଗିଦ୍ କରାଯାଇଥିଲା। ସମ୍ପୃକ୍ତ ଦୋକାନୀମାନେ ଗ୍ରାମବାସୀଙ୍କ ସମ୍ମୁଖରେ ମଦବିକ୍ରି ନ କରିବା ପାଇଁ ପୋଲିସ ପାଖରେ ଲିଖିତ ଭାବରେ ଦେଇଥିଲେ। ଏସଆଇ ସରୋଜ କୁମାର ପାଣିଗ୍ରାହୀ, ଏଏସଆଇ ମଘା ବାରିକ, ଏସ.ଏନ. ଦେହୁରି ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ।

ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ

# ଏଏଫସିସି ବଲାଙ୍ଗୀର ସେମିରେ

**ଅମରପାଲି/ରେଢ଼ାଖୋଲ, ୨୫।୧ (ଡି. ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ ରେଙ୍ଗାଲିଠାରେ ଚାଲିଥିବା ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଖେଳାଯାଇଥିବା ଅନ୍ତିମ ଲିଗ ମ୍ୟାଚରେ ଏଏଫସିସି ବଲାଙ୍ଗୀର ରେଙ୍ଗାଲିକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ୧୫-୧୫ ଏବଂ ୬-୬ ଓଭର ଫର୍ମାଟରେ ଖେଳାଯାଇଥିଲା। ପ୍ରଥମ ଫର୍ମାଟରେ ବଲାଙ୍ଗୀର ପ୍ରଥମେ ବ୍ୟାଟିଂ କରି ନର୍ଦ୍ଧାରିତ ୧୫ଓଭରରେ ୪ଉଇକେଟ ହରାଇ ୨୦୨ ରନ କରିଥିଲା। ଦଳର ଜୀତେଶ ୬୬ ଓ ରାଜୀବ ୫୧ରନ କରିଥିଲେ। ଯବାବରେ ରେଙ୍ଗାଲି ଦଳ ୧୫ଓଭରରେ ୪ଉଇକେଟ ହରାଇ ୮୫ରନ କରିଥିଲା। ପରେ ଖେଳାଯାଇଥିବା ଦିତୀୟ ଫର୍ମାଟରେ ବଲାଙ୍ଗୀର ୬ଓଭରରେ ୮୪ରନ କରିଥିବା ବେଳେ ରେଙ୍ଗାଲି ୫୪ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇ ବଲାଙ୍ଗୀର ମ୍ୟାଚକୁ ଜିଣି ନେଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଗୋପବନ୍ଧୁ ବିଶ୍ୱାଳ ଓ ରଞ୍ଜିତ ସେଠ ଅତିଥିଭାବେ ଯୋଗଦେଇ ଜୀତେଶଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଖେଳକୁ ସୁରେଶ ବିଶି ଓ ବିନୋଦ ସେଠ ପରିଚାଳନା କରିଥିଲେ। ବୁବୁନ ଜେନା ସ୍କୋରିଂ ଏବଂ ତରୁଣ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ।




ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ଟ୍ରଫି ଉନ୍ମୋଚିତ

**ସୋନପୁର, ୨୫।୧(ନି.ପ୍ର.)**

ସମ୍ମାନଜନକ କ୍ରିକେଟ୍ ଟୁର୍ନାମେଣ୍ଟ ଭାବେ ଖ୍ୟାତି ଅର୍ଜନ କରିଥିବା ସୁବର୍ଣ୍ଣପୁରର ଲାଲମନି କ୍ରିକେଟ୍ ଟୁର୍ନାମେଣ୍ଟ ସମାରୋହ ଶୁକ୍ରବାର ସନ୍ଧ୍ୟାରେ ଏକ ରଙ୍ଗାରଙ୍ଗ ପରିବେଶ ମଧ୍ୟରେ ଗାନ୍ଧୀ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଜିଲାପଳ ଶରତ ଚନ୍ଦ୍ର ପଣ୍ଡା, ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ଲିପ୍‌ସା ଓ ସାମାଜିକ କର୍ମୀ ଶ୍ରୀବସ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନରେ ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ପୀଠରୁ କ୍ରୀଡାବିତ୍, କ୍ରିକେଟ୍ ପ୍ରେମୀ, ଆୟୋଜକ, ବୁଦ୍ଧିଜୀବୀ ଓ ପ୍ରଯୋଜକମାନେ ଏକ ଶୋଭାଯାତ୍ରାରେ



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଉଦ୍‌ଘାଟନୀ ମ୍ୟାଚ ଆଜି

ବାହାରି ସହର ପରିକ୍ରମା କରିଥିଲା। ଲାଲମନି ସ୍ମାରକୀର ଚଳିତ ୩୩ତମ ସଂସ୍କରଣରେ ରାଜ୍ୟ ଓ ରାଜ୍ୟ ବାହାରର ୧୦ଟି ଦଳ ଅଂଶଗ୍ରହଣ କରିବେ। ଏହି ଅବସରରେ ମୁଖ୍ୟ ଅତିଥି ଜିଲାପାଳ ମିଶ୍ର ପ୍ରଯୋଜକ ସଂସ୍ଥା ଉପସ୍ଥିତିରେ ଚାମ୍ପିୟନ ଟ୍ରଫିକୁ ଉନ୍ମୋଚନ କରିଥିଲେ। କ୍ରିକେଟ୍ ସଂଘର ସଭାପତି ପଠାନ ପଣ୍ଡା ଉତ୍ସବରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ ସଭାକୁ ସଂଯୋଜନା କରିଥିଲେ। ୨୬ରୁ ଫେବୃୟାରୀ ୩ତାରିଖ ପର୍ଯ୍ୟନ୍ତ ଟୁର୍ନାମେଣ୍ଟ ଚାଲିବ। ଶନିବାର ଉଦ୍‌ଘାଟନୀ ମ୍ୟାଚ୍ ସୁବର୍ଣ୍ଣପୁର ଡିଷ୍ଟ୍ରିକ୍ଟ କ୍ରିକେଟ୍ ଆସୋସିଏଶନ ଏକାଦଶ ଓ ବ୍ଲୁ ଡାଇମଣ୍ଡ ବରଗଡ ମଧ୍ୟରେ ଅନୁଷ୍ଠିତ ହେବ। କ୍ରିକେଟ୍ ଫେଷ୍ଟ ଅବସରରେ ମ୍ୟାଚ୍ ପରେ ପ୍ରତ୍ୟହ ସନ୍ଧ୍ୟାରେ ସଙ୍ଗୀତ, ମେଲୋଡି, ଲୋକନୃତ୍ୟ, ବ୍ୟଙ୍ଗ କବିତା ଆସର ଓ ଗ୍ରୁପଡ୍ୟାନ୍ସ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ମ୍ୟାଚ୍‌ଗୁଡିକ ଟି-୨୦, ଟି-୧୦ ଓ ସୁପର ୨ ଓଭର ପଦ୍ଧତିରେ ଖେଳାଯିବ ବୋଲି ଆୟୋଜକ ଜିଲା କ୍ରିକେଟ ସଂଘ ପକ୍ଷରୁ କୁହାଯାଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୬ ଜାନୁୟାରୀ, ୨୦୧୯



ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି,
ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ନିର୍ବାଚନୀ କାମରେ ଅବହେଳା
## ବ୍ରାହ୍ମଣୀ ସ୍କୁଲ ପ୍ରଧାନଶିକ୍ଷକ ନିଲମ୍ବିତ

ନୂଆପଡା ଅଫିସ,୨୫।୧
ବର୍ତ୍ତମାନ ଚାଲିଥିବା ଭିଭିପାଟ ସଚେତନତା କାର୍ଯ୍ୟକ୍ରମବେଳେ ବିଦ୍ୟାଳୟକୁ ବନ୍ଦ କରିଥିବା ଚମ୍ପଟ ମାରିଥିବା ପ୍ରଧାନଶିକ୍ଷକ ସାଧୁରାମ ଶବରଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନୂଆପଡା ବ୍ଲକ ଶିକ୍ଷାଧିକାରୀ ନିଲମ୍ବିତ କରିଛନ୍ତି । ପ୍ରକାଶ ଯେ, ଗତ ଗୁରୁବାର ଭିଭିପାଟ ସଚେତନତା କରୁଥିବା ସ୍ୱାଇପ ରଥ ବ୍ରାହ୍ମଣୀ (ବୁଥ ନମ୍ବର ୧୨୪) ଗାଁରେ ପହଞ୍ଚିଥିଲା । ହେଲେ ଦିନ ୧୦ଟା ସମୟରେ ସ୍କୁଲରେ ତାଲା ପଡିଥିଲା । ବହୁ ସମୟ ଧରି ଏହି କର୍ମଚାରୀମାନେ ଅଟକି ରହିବା ପରେ ଫେରି ଆସିଥିଲେ । ଏହା ଉପରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ଅବଗତି ହେବା ପରେ ତାଙ୍କ ନିର୍ଦ୍ଦେଶକ୍ରମେ ପତ୍ରାଙ୍କ ସଂଖ୍ୟା ୨୫୧/୧୯ରେ ନିଲମ୍ବିତ କରାଯାଇଛି ।

### କାମ ନାଇଁଦେବାର ୭୦ ପରତିଶତ ଭିନ୍ନକ୍ଷମ ପରମାନପତର
## ଭତା ପାଏବାରୁ ବଁଚିତ ଶୁବେନ୍ଦ୍ର

ବଲାଙ୍ଗୀର ଅଫିସ/ଲୋଇସିଂହା, ୨୫।୧(ଡି.ଏନ.ଏ):
ବଲାଙ୍ଗୀର ଜିଲା ଲୋଇସିଂହା ନିରବାଚନ ମଂଡ଼ଲିର ପୁଇଁତଲା ବ୍ଲକ ସଉନ୍ତପୁର ଗାଁର ଶୁବେନ୍ଦ୍ର ସାହୁ(୪୪)। ୮ ବଛର ହେଲା ତାକରନେ ୭୦ ପରତିଶତ ଭିନ୍ନକ୍ଷମ ପରମାନପତର ରହିଛେ। ପରମାନପତରକେ ଆଧାର କରି ଶୁବେନ୍ଦ୍ର ପଁଚେତରେ ଭିନ୍ନକ୍ଷମ ଭତାର ଲାଗି ଆବେଦନ କରି ଆସୁଛନ୍। ହେଲେ ପଁଚେତ୍ କତୃରପକ୍ଷକଁର ଆଁତରିକତା ଅଭାବୁ ସେ ଭତା ପାଏବାରୁ ବଁଚିତ ହେଇଥିବାର ଅଭିଯୋଗ କରିଛନ୍। ଅଭିଯୋଗ ଅନ୍‌ସାରେ, ପୁଇଁତଲା ବ୍ଲକ ସଉନ୍ତପୁର ପଁଚେତ ସଦର ଗାଁର ଶୁବେନ୍ଦ୍ର ସାହୁ। ସ୍ୱର୍ଗତ ମା' ଫୁଲ ସାହୁ ଆର ବାପା ଅନାଦି ସାହୁକଁର ୩ ପୁଓ ଭିତରୁ ଶୁବେନ୍ଦ୍ର ମଝିଆଁ। ସେ ଜନମ୍‌ରୁ ଠିକ୍ ହିସାବେ କଥା କହି ନାଇଁ ପାରବାର। ଗଲା ବଛରକେତେ ଆଗରୁ ଦୁରଘଟନାରେ ତାକର ଡେବ୍‌ରି ଗୋଡ୍ ଅକାମୀ ହେଇଯାଇଛେ। ଗଲା ୩ ନଭେମ୍ବର ୨୦୧୧ରେ ବ୍ଲକରେ ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ସୁଆସତିଅ ପରୀକ୍ଷାରେ ସେ ୭୦ ପରତିଶତ ଭିନ୍ନକ୍ଷମ ଥିବାର ପରମାନପତର ପାଇଛନ୍। ହେଲେ ସେ ଭିନ୍ନକ୍ଷମ ପରମାନପତର ଦାଖଲ କରି ଭତାର ଲାଗି ଆବେଦନ କରିଆସୁଥିଲେ ବି ତାହାକୁ କନଠେସା କରାଯାଉଥିବାର ସେ କହିଛନ୍। ଇ ବାବ୍‌ଦେ ଥାନୀୟ ସରପଁଚ୍ ମୁକେଶ ନାଏକକୁଁ କହେଲେ ବି କିଛି ଲାଭ ନାଇଁ ହେବାର ବଲି ସେ କହିଛନ୍। ଇ ଦିଗେ ଜିଲାପାଳ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ସେ ଗୁହାରି କରିଛନ୍।

## କ୍ରିକେଟ ଟୁର୍ନାମେଣ୍ଟ : ଗଡମୁଣ୍ଡା ବିଜୟୀ

ହୀରାକୁଦ, ୨୫।୧ (ଡି.ଏନ.ଏ)
ମହମ୍ମଦପୁର ଖେଳ ପଡିଆରେ ପ୍ରଥମ ମହମ୍ମଦପୁର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଗଡମୁଣ୍ଡା ଓ ଦୁଆନପାଲି ମଧରେ ଅନୁଷ୍ଠିତ ହୋଇଥିଲା । ଗଡମୁଣ୍ଡା ଦଳ ୨୦ ରନରେ ମ୍ୟାଚକୁ ଜିତି ମହମ୍ମଦପୁର କପ୍‌ର ବିଜୟୀ ହୋଇଥିଲା ।

### ବୁଢ଼ିପାଲି ମଣ୍ଡିରେ ପଡିଛି ୧୪ ହଜାର ବସ୍ତା ଧାନ
# ୮ ଦିନ ହେଲା ଶୀତରେ ଜଗିଛନ୍ତି ଚାଷୀ

ନୂଆପଡା ଅଫିସ,୨୫।୧

ସରକାର ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଠିକ ସମୟରେ ଦିଆଯାଉଥିବା ନେଇ କହୁଥିବା ବେଳେ ପ୍ରକୃତପକ୍ଷେ ଚାଷୀମାନେ ଧାନ ବୁଣାଠାରୁ ଆରମ୍ଭ କରି ଧାନକୁ ମଣ୍ଡିରେ ବିକ୍ରି କରିବା ଯାଏଁ ବହୁ ହଇରାଣ ହେଉଥିବା ଦେଖିବାକୁ ମିଳିଥାଏ । ଜିଲାର ବିଭିନ୍ନ ମଣ୍ଡିରେ କଟନି ଛଟନି ହେଉକି ଧାନକିଣା ଟାର୍ଗେଟର ବାହାନାରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନୂଆପଡ଼ା ଜିଲା ସଦର ବ୍ଲକର ବୁଢ଼ୀପାଲି ମଣ୍ଡିରେ ପ୍ରଶାସନ ଧାନ କିଣା ଟାର୍ଗେଟ ଶେଷ ହୋଇଯାଇଥିବା କହି ଧାନ ଉଠାଉ ନ ଥିବାରୁ ଆଜକୁ ୮ ଦିନ ହେବ ୧୪ ହଜାର ବସ୍ତା ପଡିରହିଛି । ଚାଷୀମାନେ ବାଧ୍ୟ ହୋଇ ଦିନରାତି ଏଠାରେ ଜଗି ରହିଛନ୍ତି । ଶେଷରେ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଶୁକ୍ରବାର କିଛି ଧାନ ଉଠିଛି । ଏଭଳି ସ୍ଥିତି ଯୋଗୁ ଚାଷୀମାନେ ପ୍ରଶାସନିକ ବ୍ୟବସ୍ଥାକୁ ଦୃଢ ନିନ୍ଦା କରିଛନ୍ତି ।

ଓଡିଶା-ଛତିଶଗଡ ସୀମାନ୍ତରେ ଥିବା ନୂଆପଡା ବ୍ଲକର ବୁଢ଼ୀପାଲି ଗ୍ରାମପଞ୍ଚାୟତ ଅଞ୍ଚଳରେ ଲୋକେ ଧାନ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି । ମୁଣ୍ଡର ଝାଳ ତୁଣ୍ଡରେ ପକାଇ ଧାନ ଚାଷ ଟିକକ କରିଥାନ୍ତି। ହେଲେ ଧାନବିକ୍ରି ସମୟରେ ପ୍ରଶାସନର ଅବହେଳା ଯୋଗୁ ଚାଷୀମାନେ ଧାନ ବିକ୍ରି କରିବାରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ପରକୋଡ ପ୍ୟାକ୍ସ ଅଧୀନରେ ବୁଢ଼ିପାଲି (ଜଙ୍ଗୁଲା) ଗାଁରେ ମଣ୍ଡି ଚାଲିଛି । ବୁଢ଼ୀପାଲି ସମେତ ଜଙ୍ଗୁଲା, ଅମଲିଦାଦର, ପଲସାଭଦର, ଜେଞ୍ଜରା, ବେହେରାଡିହି ଗାଁର ଚାଷୀମାନେ ଧାନ ଆଣି ବିକ୍ରି କରିଥାନ୍ତି । ଏହିକ୍ରମରେ ଗତ ୧୭/୧୮ ତାରିଖଠାରୁ ଚାଷୀମାନେ ଧାନ ଆଣିଥିଲେ । ସେହିଦିନଠାରୁ ଧାନକିଣା ଟାର୍ଗେଟ ସରିଯାଇଥିବା ଦର୍ଶାଇ ମିଲର୍ସମାନେ ଆଉ ଆସିଲେ ନାହିଁ । ଏହାକୁ ନେଇ ଚାଷୀମାନେ ବାରମ୍ବାର ଏଆରସିଏସ ଏବଂ ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଦୌଡିଥିଲେ ମଧ୍ୟ କେହି ଶୁଣି ନ ଥିଲେ । ଦିନ ପରେ ଦିନ ଗଡି ଚାଲିଲା । ଆଜକୁ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କର ୭ ହଜାର କୁଇଣ୍ଟାଲ ଅର୍ଥାତ ୧୪ ହଜାର ବସ୍ତା ଧାନ ପଡି ରହିଛି । ଗୋଟିଏପଟେ ପ୍ରଚଣ୍ଡ ଶୀତ ଏବଂ ଅନ୍ୟପଟେ ଲଘୁଚାପ ବର୍ଷା ଭୟରେ ଚାଷୀ ଦିନ ଗଣୁଛନ୍ତି । ଏଭଳି ସ୍ଥିତିରେ ଅଭିଯୋଗ ପାଇବା ପରେ ସ୍ଥାନୀୟ ବିଧାୟକ ବସନ୍ତ କୁମାର ପଣ୍ଡା ମଣ୍ଡିରେ ପହଞ୍ଚି ପ୍ରକୃତ ସ୍ଥିତି ଦେଖିଥିଲେ । ଚାଷୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ବିଧାୟକଙ୍କୁ ଗୁହାରି କରିଥିଲେ । ତୁରନ୍ତ ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ଦାସଙ୍କୁ ଯୋଗାଯୋଗ କରି ସ୍ଥିତି ସମ୍ପର୍କରେ କହିଥିଲେ। ସେ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ। ନିୟୋଜିତ ମିଲର୍ସମାନଙ୍କୁ ତୁରନ୍ତ ମଣ୍ଡିକୁ ଯାଇ ଧାନ ଉଠାଣ କରିବାକୁ ନିର୍ଦ୍ଦେଶ କରିଥିଲେ । ଏହା ଉପରେ ସମବାୟ ସମିତି ସମ୍ପାଦକ ବାବୁଲାଲ ରାଉତଙ୍କୁ ପଚାରିବାରୁ ପରକୋଡ, ବୁଢ଼ିପାଲି ଏବଂ ଭର୍ଁଷାଟାଲ ମଣ୍ଡିକୁ ପ୍ରଥମେ ୫୭ ହଜାର କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଦିଆଯାଇଥିଲା । ହେଲେ ଏସବୁ ମଣ୍ଡିରୁ ୬୯ ହଜାର କୁଇଣ୍ଟାଲ ଧାନକିଣା ସରିଥିଲା । ଏଥିପାଇଁ ଧାନ ଉଠିପାରୁ ନ ଥିଲା । ବର୍ତ୍ତମାନ ଜିଲା ଯୋଗାଣ ବିଭାଗ ତରଫରୁ ଟାର୍ଗେଟ ବୃଦ୍ଧି କରାଯାଇଛି । ଏସବୁ ମଣ୍ଡିରୁ ୧ ଲକ୍ଷ ୩୦ ହଜାର କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଣିକି କୌଣସି ସମସ୍ୟା ହେବନାହିଁ ବୋଲି। ଶୁକ୍ରବାର ୧୨୪୯.୭୧ କୁଇଣ୍ଟାଲ ଧାନ କିଣାଯାଇଛି । ଦୁଇ ଦିନ ଭିତରେ ସବୁଧାନ ସରିଯିବ ବୋଲି କହିଛନ୍ତି । ସେ ଯାହେଉ ମିଲର୍ସ ଏବଂ ଅଧିକାରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ମଣ୍ଡିରେ ଚାଷୀଙ୍କୁ ବିଭିନ୍ନ ସମୟରେ ହଇରାଣ ହେବାକୁ ପଡୁଛି । ଏହା ଉପରେ ଜିଲାପାଳ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀ ମହଲରେ ଦାବି ହୋଇଛି ।



ବୁଢ଼ୀପାଲି ମଣ୍ଡିରେ ଚାଷୀଙ୍କ ସମସ୍ୟା ବୁଝୁଛନ୍ତି ନୂଆପଡା ବିଧାୟକ ।

**ବେଆଇନ ମଦ କାରବାର**

- ବିଧାୟକଙ୍କ ହସ୍ତକ୍ଷେପ ପରେ ଧାନ ଉଠୁଛି
- ଯୋଗାଣ ବିଭାଗ କହିଲା ପ୍ୟାକ୍ସ ଦାୟୀ

### ରଣ୍ଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଲାଙ୍ଗୀର ଅଫିସ, ୨୫।୧

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ରଣ୍ଡା ଉନ୍ନୀତ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ଶିକ୍ଷୟିତ୍ରୀ ଦୀପାଞ୍ଜଳି ଯୋଷୀଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରଣ୍ଡା ପଞ୍ଚାୟତ ସରପଞ୍ଚ ବୀରଭଦ୍ର ସିଂ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଗଭୀର ଆତ୍ମବିଶ୍ୱାସ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଛାତ୍ରୀଛାତ୍ରମାନେ ଅସମ୍ଭବକୁ ସମ୍ଭବ କରିପାରିବେ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ରଣ୍ଡା ପଞ୍ଚାୟତ ସମିତି ସଭ୍ୟା କୌଶଲ୍ୟା ସାହୁ, ମଲମଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ମୁକୁନ୍ଦ ପଟେଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭରତ ସେଠ ମଞ୍ଚାସୀନ ଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଗୁରୁ ଘାସିରାମ ମିଶ୍ର ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ପୁଇଁତଲା ବ୍ଲକ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ ଏବଂ ମୁଖ୍ୟବକ୍ତା ଭାବେ ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର ମଞ୍ଚାସୀନ ଥିଲେ। ସ୍କୁଲ ଛାତ୍ରୀଛାତ୍ର ମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସ୍କୁଲ ପ୍ରଧାନଶିକ୍ଷକ ବଂଶୀଧର ସା ସଭାପତିତ୍ୱ କରିଥିବାବେଳେ ବୀରକିଶୋର ସାହୁ ସଭା ସଂଯୋଜନା କରିଥିଲେ।

# ନୂଆପଡାରେ ଜାତୀୟ ମତଦାତା ଦିବସ

ନୂଆପଡା ଅଫିସ,୨୫।୧

ସ୍ଥାନୀୟ ଜିଲାପାଳଙ୍କ ସଭାବନା ସଭାଗୃହରେ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି । ଜିଲାପାଳ ଡା. ପୋମା ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ, ଉପଜିଲାପାଳ ତରଣୀ ସେନ ନାଏକ, ଡେପୁଟି କଲେକ୍ଟର ଜୟଲାଲ ବେଶ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଏହି ଉପଲକ୍ଷେ ପୂର୍ବାହ୍ନ ୯ଟାରେ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଏକ ସଚେତନତା ରାଲି ବାହାରିଥିଲା । ଏହାକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ସ୍ଥାନୀୟ ଜିଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ କେନ୍ଦ୍ରର ଛାତ୍ରୀଛାତ୍ରମାନେ ସାମିଲ ରହି ସଚେତନତା ସୃଷ୍ଟି କରିଥିଲେ । କାର୍ଯ୍ୟକ୍ରମକୁ ଅଶୋକ କୁମାର ମିଶ୍ର ପରିଚାଳନା କରିଥିଲେ ।




ଜିଲାପାଳ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

## ଗୁରୁକୁଳରେ ହେବ ଚତୁର୍ବେଦ ପାରାୟଣ ମହାଯଜ୍ଞ

ନୂଆପଡା ଅଫିସ,୨୫।୧

ସ୍ଥାନୀୟ ହିରିପୁରସ୍ଥିତ ଗୁରୁକୁଳ ଆଶ୍ରମରେ ବାର୍ଷିକ ଉତ୍ସବ ଅବସରରେ ନବମ ଚର୍ତୁବେଦ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହେବ। ଏହା ୨୮ତାରିଖ ଯାଏଁ ତିନିଦିନ ଧରି ଚାଲିବ । ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ମହର୍ଷି ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ନଗର ଉନ୍ନୟନ ତଥା ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବାକୁ ଥିବା ସୂଚନା ମିଳିଛି ।

## ମଦଭାଟି ନିକଟରୁ ଅଜଣା ମୃତଦେହ ଉଦ୍ଧାର

ନୂଆପଡା ଅଫିସ,୨୫।୧

ନୂଆପଡ଼ା ଜିଲା ଖରିଆରରୋଡ ଜୋଙ୍କ ପୋଲିସ ସ୍ଥାନୀୟ ମଦଭାଟି ନିକଟରୁ ଏକ ଅଜଣାମୃତ ଉଦ୍ଧାର କରିଛି । ଶବ ବ୍ୟବଚ୍ଛେଦ ପରେ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧/୧୯) ରୁଜୁ ହୋଇଥିବା ଆସିଷ୍ଟାଣ୍ଟ ସବଇନ୍ସପେକ୍ଟର ଯୋଗେନ୍ଦ୍ର ନାଏକ କହିଛନ୍ତି । ଶୁକ୍ରବାର ସକାଳେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ଅଧିକାରୀ ନାଏକ ପହଞ୍ଚି ମୃତଦେହକୁ ଜବତ କରିଥିଲେ । ମୃତକଙ୍କ ବୟସ ଅନ୍ୟୁନ ୫୦ ବର୍ଷ ହେବ । ସେ ଏକ ହାପ ପ୍ୟାଣ୍ଟ ପିନ୍ଧିଥିବା ପ୍ରକାଶ । ସନ୍ଧ୍ୟା ସୁଦ୍ଧା ମୃତଦେହ ଚିହ୍ନଟ ହୋଇପାରି ନାହିଁ । ମୃତଦେହକୁ ବ୍ୟବଚ୍ଛେଦ ଗୃହରେ ୭୨ ଘଣ୍ଟା ପର୍ଯ୍ୟନ୍ତ ରଖାଯିବ । ଚିହ୍ନଟ ହୋଇ ନ ପାରିଲେ ପୋତି ଦିଆଯିବ ବୋଲି କୁହାଯାଇଛି।

### ଅଜନା ରୋଗ୍‌ରେ ପୀଡ଼ିତ ପଦ୍ମା
# ଚିକିତ୍ସା ଲାଗି ଗାଁରେ ପୁହୁଁଚିଲେ ଡାକ୍‌ତରି ଦଲ

ଲଡୁଗାଁ,୨୫।୧(ଡି.ଏନ.ଏ.)

କଲାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଭିରକାପଡ଼ାର ଚନ୍ଦ୍ରକଲା ଧଙ୍ଗଡାମାଝୀ(୧୭)। ବାପର ମୁର୍‌ତୁ ଉତାରୁ ନିଜର ପାଠ୍‌ପଢ଼ା ବଁଦ୍ କରି ଅଜନା ରୋଗ୍‌ରେ ପୀଡ଼ିତ ମା' ପଦ୍ମା ଆର ଦୁଇ ବହେନ୍ ସୁନୀତା(୧୧) ଆର ରିନା(୬)କଁର ସାହାରା ପାଲଟିଛନ୍। ଇ ବାବ୍‌ଦେ ଗଲା ବୁଧୁବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ପରିବାରକେ ଆହାର ଯୁଗଉଛନ୍ ନାବାଲିକା ଚନ୍ଦ୍ରକଲା' ଶୀର୍‌ଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲା ଉତାରୁ ପରଶାସନର ଚେତା ପସିଥିଲା। ଅଜନା ରୋଗ୍‌ରେ ଖଟେ ପଡ଼ିଥିବାର ପଦ୍ମାକଁର ଚିକିତ୍ସା ଲାଗି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ସୁଶିଲ କୁମାର ସାହୁକଁର ମଂଗୁଆଲତିରେ ଗୁଟେ ଡାକ୍‌ତରି ଦଲ ଗାଁରେ ପୁହୁଁଚିଥିଲା। ଗାଁରେ ତାକର ଦିହିପା ପରୀକ୍ଷା କଲା ଉତାରୁ ଅଧିକା ଚିକିତ୍ସା ଲାଗି ଆମ୍ବୁଲାନ୍ସରେ ପଦ୍ମାକୁଁ କୋକସରା ଡାକ୍‌ତରଖାନା ନିଆଯାଇଥିଲା। ସେଠାନେ ଡାକ୍‌ତର ଚନ୍ଦ୍ର ଶେଖର ପାଣିଗ୍ରାହୀକଁର ଦେଖ୍‌ରେଖରେ ତାକର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଯଦି ଅଧିକା ଚିକିତ୍ସା ଦରକାର ପଡ଼ବା ତାହାକୁ ଆଗକେ ପଠାଯିବା ବଲି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ କହିଛନ୍। ଚିକିତ୍ସା ସମିଆରେ ପଦ୍ମାକଁର ସଂଗେ ଚନ୍ଦ୍ରକଲା ଆର ସାନ ଝିଁ' ରୀନା ଥିଲେ। ସେନ୍‌ତା ମେଡିକାଲ ଟିମର ଚିତାନନ୍ଦ ପଣ୍ଡା, ସୁଧିର କୁମାର ନିଆଲ, ମଳୟ ଠାକୁର, ରାଜ ଶେଖର ରାଜ ପରମୁଖ ଉପସ୍ଥିତ ଥିଲେ।



ପଦ୍ମାକୁଁ କୋକସରା ଡାକ୍‌ତରଖାନାରେ ଚିକିତ୍ସା କରାଯାଉଛେ।

# ଅଙ୍ଗନୱାଡି କର୍ମୀ, ସହାୟିକା ସଂଘର ସଭା

ସମ୍ବଲପୁର, ୨୫।୧ (ବ୍ୟୁରୋ)

ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘର ସଭା ହାତୀବାରିଠାରେ ଅନୁଷ୍ଠିତ ହୋଇଯାଇଛି । ଯଶୋବନ୍ତୀ ବାଙ୍କଙ୍କ ସଭାପତିତ୍ୱରେ ସଭା ହୋଇଥିଲା । ଆସନ୍ତା ଫେବୃୟାରୀ ୧୭ରେ ସମ୍ବଲପୁରରେ ହେବାକୁ ଥିବା ବିଶାଳ ସମାବେଶ ବିଷୟରେ ଆଲୋଚନା କରିଥିଲେ । ଆବାହକ ପ୍ରଶାନ୍ତ ପାଢ଼ୀ, ପ୍ରଭାସିନୀ ପାଢ଼ୀ, ପ୍ରମିଳା ସିଂ ଅତିଥି ଭାବେ ଯୋଗ ଦେଇଥିଲେ । ସଭାନେତ୍ରୀ ସଂଘମିତ୍ରା ପଟ୍ଟନାୟକ, ଉପସଭାନେତ୍ରୀ ପୁଷ୍ପାଞ୍ଜଳି ଗଉଡ ଓ ମାର୍ଥା ବାର୍ଲା, ସହସମ୍ପାଦିକା ମଞ୍ଜୁ ବାଗ, ନାମଲେନ୍ ଜୋଜୋ, କୋଷାଧକ୍ଷା ମଞ୍ଜୁଲତା ମାଝି, ସଭ୍ୟା ରାଣୀ ଗରଡିଆଙ୍କ ସହ ସଙ୍ଗଠନ ସମ୍ପାଦିକା ଝୁନିସେଠ ପ୍ରମୁଖ ବକ୍ତବ୍ୟ ଦେଇଥିଲେ ।

### ଶୀତ ଦିନରେ ଜଳକଷ୍ଟ ଘଟଣା
# ନଳକୂପ ମରାମତି କରାଗଲା

ଲଡୁଗାଁ,୨୫।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ କଛାରପଡାରେ ଶୀତ ଦିନରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏ ନେଇ ଧରୀତ୍ରିରେ ଗତ ୨୧ ତାରିଖରେ ଖବର ପ୍ରସାରଣ ହୋଇଥିଲା । ପରେ କୋକସରା ବିଡିଓ ବସନ୍ତ କୁମାର ସେଠୀ ଘଟଣାକୁ ଗମ୍ଭରତା ସହିତ ନେଇ ତୁରନ୍ତ ନଳକୂପ ମରାମତି ପାଇଁ ନିର୍ଦ୍ଦେଷ ଦେବା ସହିତ ଅବଶ୍ୟକ ସ୍ଥଳେ ନୂତନ ନଳକୂପ ମଧ କରାଯିବ ବୋଲି କହିଥିଲେ।
ସୂଚନାଯୋଗ୍ୟ ଯେ, ଆମପାଣି ଗ୍ରାମର କଛାରପଡାରେ ପ୍ରାୟ ୧ ଶହରୁ ଊର୍ଦ୍ଧ୍ୱ ଲୋକେ ବାସ କରୁଥିବା ବେଳେ ପଡାରେ ଗୋଟିଏ ମାତ୍ର ନଳକୂପ ରହିଛି। ଏହି ନଳକୂପରେ ଘଣ୍ଟା ଘଣ୍ଟା ଧରି ମାରିବା ପରେ ମଧ ଅଳ୍ପ ପାଣି ବାହାରୁଛି। ଫଳରେ ପଡାବାସୀ ବାଧ ହୋଇ ପାଖରେ ଥିବା ନଦୀ କୂଳରୁ ବାଲିରେ ଚୁଆଁ କରି ପାଣି ସଂଗ୍ରହ କରି ବ୍ୟବହାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଦୀର୍ଘ ଦିନ ହେବ ନଳକୂପ ଖରାପ ଥିବା ବେଳେ ଗ୍ରାମବାସୀ ଏ ନେଇ କୋକସରା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଅବଗତ କରିଛନ୍ତି। କିନ୍ତୁ ଆଦି ସୁଦ୍ଧା କୌଣସି ଦୃଷ୍ଟି ଦେଉ ନ ଥିବା ବେଳେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଲୋକେ ବାଧ ହୋଇ ପାଖରେ ଥିବା ନଦୀ ନାଳର ଦୂଷିତ ପାଣି ବ୍ୟବହାର କରୁଛନ୍ତି ।



ଖବର ପ୍ରସାରଣ ପରେ ନଳକୂଅ ସଜାଡ଼ାଯାଉଛି ।

# ପୋଲିସ ନ୍ୟାୟ୍ ନ ଦେଇ ଧମକାଉଛି

- ଟିଟିଲାଗଡ ଥାନା ପୋଲିସର ଦାଦାଗିରି
- ଚିକିତ୍ସାରେ ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଘଟଣା
- ଡିଆଇଜିଙ୍କୁ ଗୁହାରି କଲେ ମୃତ ମହିଳାଙ୍କ ଭଉଣୀ
- ଦୋଷ ଚପାଇବାକୁ ପୋଲିସର ଉଦ୍ୟମ ଅଭିଯୋଗ

ସମ୍ବଲପୁର,୨୫।୧(ବ୍ୟୁରୋ)

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ପୋଲିସ ଦାଦାଗିରି ଚଳାଇଛି। ଜଣେ ଅଭିଯୋଗକାରିଣୀଙ୍କ ଅଭିଯୋଗ ଉପରେ ତଦନ୍ତ ନ କରି ଓଲଟା ଧମକାଉଛି। ପଚାରିଲେ କିନ୍ତୁ ଧମକାଇଥିବା ପୋଲିସ ସବ୍ ଇନ୍ସପେକ୍ଟର ଫାଙ୍କି ଦେଉଛନ୍ତି। ଥାନା ଅଧିକାରୀ ମଧ କିଛି ଜାଣି ନ ଥିବା କହି ସବ୍ ଇନ୍ସପେକ୍ଟରଙ୍କୁ ସମର୍ଥନ କରୁଛନ୍ତି। ଫଳରେ ପୋଲିସଠାରୁ ନ୍ୟାୟ ପାଇବା ଆଶା ମଉଳି ଯାଉଛି। ପୋଲିସ ଉପରେ ଆସ୍ଥା, ବିଶ୍ୱାସ ମଧ ଭାଙ୍ଗି ଯାଉଛି। ଟିଟିଲାଗଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜିନା ବେହେରାଙ୍କ ଭଉଣୀ ଜୁଲି ବେହେରା ଏଭଳି ଅଭିଯୋଗ କରିଛନ୍ତି ।

ସେ କହିଛନ୍ତି ଯେ, ଘଟଣାକୁ ପ୍ରାୟ ୨ ମାସ ବିତିଯାଇଥିଲେ ମଧ ପୋଲିସ ତଦନ୍ତ କରୁନାହିଁ । ଓଲଟା ଡାକ୍ତରଙ୍କୁ ପୋଲିସ ସୁରକ୍ଷା ଦେଉଛି। ଘଟଣାର ତଦନ୍ତ କେତେ ବାଟ ଗଲା ବୋଲି ଜାଣିବାକୁ ଥାନକୁ ଗଲେ ଥାନାବାବୁମାନେ ନାଲି ଆଖି ଦେଖାଉଛନ୍ତି। ଶୁକ୍ରବାର ଜୁଲି ମାମଲାର ଅଗ୍ରଗତି ସମ୍ପର୍କରେ ବୁଝିବାକୁ ଥାନାକୁ ଯାଇଥିବା ବେଳେ ପୋଲିସ ଦୁର୍ବ୍ୟବହାରର ଶିକାର ହୋଇଛନ୍ତି । ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସରୋଜ କୁମାର ରଥ ନାଲି ଆଖି ଦେଖାଇ 'ପୋଲିସ କ'ଣ ତମର ଚାକର। ପୋଲିସ ତା ହିସାବରେ କାମ କରିବ' ବୋଲି କହିଥିଲେ । ଅନ୍ୟପକ୍ଷେ ପୂର୍ବରୁ ମୃତା ଜିନାଙ୍କ ସ୍ୱାମୀ ସର୍ଗିଗୁଡା ଗ୍ରାମର ସୁଶାନ୍ତଙ୍କୁ ପୋଲିସ ଥାନାକୁ ଡାକି ଧମକ ଚମକ ଦେବା ସହ ଜେଲରେ ଭର୍ତ୍ତି କରିଦେବ ବୋଲି ଧମକ ଦେଇଥିବା ଜୁଲି ଅଭିଯୋଗ କରିଛନ୍ତି । ତେବେ ଏ ନେଇ ଉତ୍ତରାଞ୍ଚଳ ପୋଲିସ ଡିଆଇଜି ସତ୍ୟବ୍ରତ ଭୋଇଙ୍କୁ ଘଟଣାର ତଦନ୍ତ କରାଯାଉ ବୋଲି ଜୁଲି ଗୁହାରି କରିଛନ୍ତି । ଡିଆଇଜି ଭୋଇ ତଦନ୍ତ କରି ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି ।

ସୂଚନାଯୋଗ୍ୟ ସମ୍ବଲପୁର ଜିଲା ସିନ୍ଦୂରପଙ୍କ ଗ୍ରାମର ଜୁଲିଙ୍କ ଭଉଣୀ ଜିନା ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଫଲସାଗୁଡା ଗ୍ରାମର ସୁଶାନ୍ତଙ୍କୁ ବିବାହ କରିଥିଲେ। ଡିସେମ୍ବର ୯ ତାରିଖ ଜିନାଙ୍କ ଗର୍ଭ ଯନ୍ତ୍ରଣା ହେବାରୁ ଟିଟିଲାଗଡ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ନିଶ୍ଚେତକ ଦେବା ପରେ ପାର୍ଶ୍ୱ ପ୍ରତିକ୍ରିୟା ହୋଇଥିଲା । ପ୍ରାୟ ୨ ଘଣ୍ଟା ପରେ ମେଡିକାଲକୁ ସ୍ଥାନୀୟ ପୋଲିସ କର୍ମଚାରୀ ଆସିଥିଲେ । ପୋଲିସ ଆସିବା ପରେ ଡାକ୍ତରମାନେ ଜିନାଙ୍କ ମୃତ୍ୟୁ ଘଟିଥିବା କହିଥିଲେ। ପୋଲିସ ଉପସ୍ଥିତ ଥାଇ ବି ମୃତଦେହର ବ୍ୟବଚ୍ଛେଦ କରାଗଲା ନାହିଁ । ଚିକିତ୍ସାର ଅବହେଳାରୁ ଜିନାଙ୍କ ମୃତ୍ୟୁ ଘଟିଥିବା ନେଇ ଭଉଣୀ ଜୁଲି ଅଭିଯୋଗେ କରିଥିଲେ।





ଯଦି ନୀଚ ଲୋକଠାରେ ଦିବ୍ୟ ଗୁଣ ଥାଏ, ତାକୁ ଦରକାର ହେଲେ ଗ୍ରହଣ କରିବା ଉଚିତ।
-ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଆଜିଠାରୁ ଆଞ୍ଚଳିକ ଲୋକ ମହୋତ୍ସବ

**ରିଷିଡା,୨୫।୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ରିଷିଡା, ପୌରକେଲା ଓ ଗଜବାହାଲ ପଞ୍ଚାୟତ ମିଳିତ ଉଦ୍ୟମରେ ପ୍ରଥମ ଥର ପାଇଁ ରିଷିଡାରେ ଆଞ୍ଚଳିକ ଲୋକ ମହୋତ୍ସବ ଶନିବାରରୁ ଆରମ୍ଭ ହେବ । ଏହି ମହୋତ୍ସବ ୨ଦିନ ବ୍ୟାପି ଚାଲିବ । ଏଥିରେ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଜିଲାର ଲୋକନୃତ୍ୟଗୁଡିକ ଅଂଶ ଗ୍ରହଣ କରିବେ । ଶନିବାର ୧୯ ଖଣ୍ଡ ଗ୍ରାମକୁ ମଶାଲ ଯାତ୍ରା ଅନୁଷ୍ଠିତ ହେବ ।

#### ଧବଳେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ

### ସଇଁତଳାକୁ ହରାଇ ଟିଟିଲାଗଡ଼ ବିଜୟୀ

**ମୋହନଗିରି,୨୫।୧(ଡି.ଏନ.ଏ.)**
କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ଧବଳେଶ୍ୱର କ୍ରିଡା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚରେ ସଇଁତଳାକୁ ହରାଇ ଟିଟିଲାଗଡ଼ ବିଜୟୀ ହୋଇଛି ।
ଟିଟିଲାଗଡ ଓ ସଇଁତଳା ମଧରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ ଜିଣି ସଇଁତଳା ଦଳ ଫିଲ୍‌ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଟିଟିଲାଗଡ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୨୮୪ ରନ ସଂଗ୍ରହ କରିଥିଲା । ଜବାବରେ ସଇଁତଳା ଦଳ ୧୦.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୦୯ ରନ କରି ପରାଜିତ ହୋଇଥିଲା । ବ୍ୟକ୍ତିଗତ ଭାବେ ୩୬ ରନ ଓ ୨ ଉଇକେଟ ନେଇଥିବା ଟିଟିଲାଗଡ ଦଳର ବାବୁ ରଣାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରାଯାଇଥିଲା। ମ୍ୟାଚରେ ଅମ୍ପାୟାର ଭାବେ ସତ୍ୟ ମାହାପାତ୍ର ଓ ସୁଦାମ ସେଟ ଖେଳ ପରିଚାଳନା କରିଥିଲେ । ଧାରାବିବରଣୀ ସ୍ୱପ୍ନେଶ୍ୱର କର୍ମୀ ଓ କ୍ଷୀରୋଦ ଚନ୍ଦ୍ର ସାହୁ କରିଥିବା ବେଳେ ସ୍କୋରବୋର୍ଡରେ ଶୁନିଲ କୁମାର ଭୋଇ ଦାୟିତ୍ୱ ତୁଲାଇଥିଲେ।

### ଧମାରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ

**ଧମା, ୨୫।୧ (ଡି.ଏନ.ଏ)**
ସମ୍ବଲପୁର ଜିଲା ଧମା ଶିବ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି । ଏହି ଅବସରରେ ମହାନଦୀର ଦେଉଳିଘାଟଠାରୁ ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ୧୦୮ ଜଣ ମହିଳା କଳସ ନେଇ ପହଞ୍ଚି ଥିଲେ। କଳସ ସ୍ଥାପନା ପରେ ହୋମକାର୍ଯ୍ୟ ଆରମ୍ଭ କରାଯାଇଛି । ଏଥିରେ କର୍ତ୍ତାଭାବେ ଦେବାଶିଷ ପଟ୍ଟନାୟକ, ବିକାଶ ଅଗ୍ରୱାଲ, ଚୈତନ୍ୟ ଲହରିଆ ଓ ଭରତ ମେହେର ଦାୟିତ୍ୱ ତୁଲାଇଥିଲେ। ୨୯ ତାରିଖ ମଙ୍ଗଳବାର ଏହା ଶେଷ ହେବ।

#### ଅସ୍ଥାୟୀ ଅନୁମତିରେ ଚାଲିଛି ବାଲିଘାଟ

# ଧାର୍ଯ୍ୟଠାରୁ ଅଧିକ ବାଲି ଉଠାଣ

**ଜୁନାଗଡ,୨୫।୧(ଡି.ଏନ.ଏ.)**



ଜେସିବି ସାହାଯ୍ୟରେ ହାଇୱାରେ ବାଲି ଚାଲାଣ କରାଯାଉଛି।

**ଜୁନାଗଡ ତହସିଲ**
- ଟେଣ୍ଡର ହେଉନି, ବ୍ୟବସାୟୀ ମାଲାମାଲ
- ପ୍ରଶାସନ ନିଦାବିଷ୍ଟ, ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱହାନି
- ୯ଟିରୁ ମାତ୍ର ୩ଟିକୁ ୩ ମାସ ଲେଖାଏଁ ଅସ୍ଥାୟୀ ଅନୁମତି ମିଳିଛି

କଳାହାଣ୍ଡି ଜିଲା ଜୁନାଗଡ ସହର ଓ ଗ୍ରାମାଞ୍ଚଳରେ ବାଲି ମାଫିଆଙ୍କ ରାଜୁତି ଦେଖିବାକୁ ମିଳୁଛି। ଜୁନାଗଡ ତହସିଲ ଅଧୀନରେ ଥିବା ବାଲିଘାଟଗୁଡିକୁ ଟେଣ୍ଡର କରା ନ ଯାଇ ଅସ୍ଥାୟୀ ଅନୁମତି (ଟେମ୍ପରାରୀ ପରମିଟ୍) ଭାବେ ଦିଆଯାଉଥିବାରୁ ବାଲି ବ୍ୟବସାୟୀମାନେ ଦିନକୁ ଦିନ ଧାର୍ଯ୍ୟଠାରୁ ଅଧିକ ବାଲି ଚାଲାଣ କରୁଛନ୍ତି। ଫଳରେ ବାଲି ବ୍ୟବସାୟୀମାନେ ମାଲାମାଲ ହେଉଥିବାବେଳେ ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି। ଏଥିପ୍ରତି ପ୍ରଶାସନ ନିଦାବିଷ୍ଟ ସାଜିଥିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ ତହସିଲରେ ପାଣିଗାଁ, ଟିଙ୍ଗୁଡିସର, କରଚଲା, ଚିଲକପୁର, ହାବସପୁର, ଆଟିଗାଁ, ଟିଟୈଗୁଡା ଭତରାଗୁଡା, ଦାସିଗାଁ ଆଦି ୯ଟି ବାଲିଘାଟ ରହିଛି । ସେଥିମଧ୍ୟରୁ ମାତ୍ର ୩ଟିକୁ ୩ ମାସ ଲେଖାଏଁ ଜୁନାଗଡ ତହସିଲ ପକ୍ଷରୁ ବାଲି ଉଠାଣ ପାଇଁ ଅସ୍ଥାୟୀ ଅନୁମତି ଦିଆଯାଇଛି। ଏଥିରେ ପାଣିଗାଁ ବାଲିଘାଟକୁ ୫୬ ହଜାର ଟଙ୍କାରେ ଅକ୍ଷୟ କୁମାର ପଣ୍ଡା, ଆଟିଗାଁ ବାଲିଘାଟକୁ ୫୦ ହଜାର ଟଙ୍କାରେ ଦଧିଚି ନାଏକ ଓ ବୁଡିପଦର ବାଲିଘାଟକୁ ୯୫ ହଜାର ଟଙ୍କାରେ ପ୍ରଫୁଲ୍ଲ ବେହେରାଙ୍କୁ ପ୍ରଦାନ କରାଯାଇଥିବା ତହସିଲ ସୂତ୍ରରୁ ଜଣାପଡିଛି। ତହସିଲ ପକ୍ଷରୁ ଯେତିକି ପରିମାଣରେ ସେମାନଙ୍କୁ ବାଲି ଉଠାଣ ପାଇଁ ଅନୁମତି ଦିଆଯାଇଛି ତାହାଠାରୁ ଢେର ଅଧିକ ଉଠୁଥିବା ଅଭିଯୋଗ ହେଉଛି। ଏପରିକି ଜେସିବି ଲଗାଇ ବଡବଡ ହାଇୱା ସାହାଯ୍ୟରେ ପ୍ରତିଦିନ ମନଇଚ୍ଛା ବାଲି ଉଠୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ରାଜସ୍ୱ ବିଭାଗ ପକ୍ଷରୁ ଠିକ ତଦାରଖ କରାଯାଉ ନ ଥିବାରୁ ସରକାରଙ୍କ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେଉଛି। ସେହିପରି ଟ୍ରାକ୍ଟର ପିଛା ବାଲି ଶହେ କିମ୍ବା ଦେଢଶହ ଟଙ୍କା ଓ ହାଇୱା ପିଛା ୧୫ ଶହ ଟଙ୍କା ନିଆଯାଉଥିବା ଅଭିଯୋଗ ହୋଇଛି। ଶ୍ରମିକ ଯୋଗେ ଟ୍ରାକ୍ଟର ମାଧ୍ୟମରେ ବାଲି ଉଠାଣ ନା ଜେସିବି ମାଧ୍ୟମରେ ହାଇୱାରେ ଟ୍ରିପ ଟ୍ରିପ ବାଲି ଉଠାଣ ପାଇଁ ଅନୁମତି ଦିଆଯାଇଛି ତାହା ତଦନ୍ତ ସାପେକ୍ଷ। ବାଲିଘାଟ ଟେଣ୍ଡର ହେଉ ନ ଥିବାରୁ ବାଲି ବ୍ୟବସାୟୀମାନେ ତହସିଲ କର୍ମଚାରୀଙ୍କୁ ହାତବାରସି କରି କମ ଟଙ୍କାରେ ଅସ୍ଥାୟୀ ଅନୁମତି ନେଇଁ ମାଲାମାଲ ହେଉଛନ୍ତି। ଏପରି କି ନିର୍ଦ୍ଦିଷ୍ଟ କିଛି ଲୋକ ଓ ତାଙ୍କ ସମ୍ପର୍କୀୟ ବାଲିଘାଟ ଗୁଡିକରୁ ବାଲି ଉଠାଣ ପାଇଁ ପ୍ରାୟ ସବୁବେଳେ ଅସ୍ଥାୟୀ ଅନୁମତି ପାଉଥିବା ମଧ ଅଭିଯୋଗ ହୋଇଛି। ବର୍ତ୍ତମାନ ଉକ୍ତ ବାଲି ଘାଟଗୁଡିକର ଅସ୍ଥାୟୀ ଅନୁମତି ସରିବାକୁ ଆଉ କିଛି ଦିନ ରହିଥିବା ବେଳେ ଏବେଠାରୁ ପୁଣିଥରେ କେମିତି ବାଲିଘାଟଗୁଡିକୁ ଅକ୍ତିଆର କରିବେ ସେ ନେଇ ପ୍ରୟାସ କରୁଥିବା ଜଣାପଡିଛି। ଜିଲା ପ୍ରଶାସନ ଅସ୍ଥାୟୀ ଅନୁମତି ପାଇଥିବା ବାଲିଘାଟ ଓ ଅସ୍ଥାୟୀ ଅନୁମତି ପାଇ ନ ଥିବା ବାଲିଘାଟକୁ ଅତର୍କିତ ଚଢାଉ କଲେ ଚୋରାଚାଲଣ ହେଉଥିବା ବାଲି ରୋକାଯାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ଏ ନେଇ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ ବାଲିଘାଟଗୁଡିକୁ ଟେଣ୍ଡର କରିବା ପାଇଁ ଚୂଡାନ୍ତ ନିଷ୍ପତ୍ତି ସରିଛି। ଖୁବଶୀଘ୍ର ଜିଲା ପ୍ରଶାସନକୁ ଏ ସମ୍ପର୍କରେ ଜଣାଇ ପଦକ୍ଷେପ ନିଆଯିବ । ସେହିପରି ବାଲି ଚୋରାଚାଲଣ କରୁଥିବା ମାଫିଆଙ୍କ ଉପରେ ଅତର୍କିତ ଚଢାଉ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

ରିପୋର୍ଟ-ଉତ୍ତମ କୁମାର ଦାଶ ।



କଳାହାଣ୍ଡି ସାଓଲିନ୍ କୁଙ୍ଗ-ଫୁର ଦୁଇ ସଫଳ ପ୍ରତିଯୋଗୀ ।

## ଅନ୍ତର୍ଜାତୀୟ ବିଚ୍ କମ୍ବେଟ୍ ଗେମ୍‌ରେ ସାଓଲିନ୍ କୁଙ୍ଗ-ଫୁ କଳାହାଣ୍ଡିର ସଫଳତା

**ଭବାନୀପାଟଣା,୨୫।୧(ଡି.ଏନ.ଏ.)**

ସାଓଲିନ୍ କୁଙ୍ଗ-ଫୁ କଳାହାଣ୍ଡିର ଏକ ପ୍ରତିନିଧି ଦଳ ଗୋଆର ପାଞ୍ଜିମ୍‌ଠାରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ବିଚ୍ କମ୍ବେଟ୍ ଗେମ୍‌ରେ ଭାଗ ନେଇ ସଫଳତାର ସହିତ ପ୍ରତ୍ୟାବର୍ତ୍ତନ କରିଛନ୍ତି । କୋଚ ଛବିଲାଲ ନିଆଲଙ୍କ ନେତୃତ୍ୱରେ ଯାଇଥିବା ଏହ ଦଳରେ ବିଶ୍ୱଜିତ୍ ନାଏକ, ଉଭୟ ସ୍ପେରିଙ୍ଗ ଓ କାଟା ବିଭାଗରେ ଗୋଟିଏ ଏହି ଲେଖାଏଁ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପ୍ରମୋଦ ବାଗ କାଟା ବିଭାଗରେ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ଭାରତୀୟ ବିଚଗେମ୍ ଫେଡେରେଶନ୍ ଓ ଆନ୍ତର୍ଜାତୀୟ ବିଚ୍ ଗେମେ ଫେଡେରେଶନ୍‌ର ମିଳିତ ଉଦ୍ୟମରେ ଗତ ୧୭ ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ମାଲେସିଆ, ଜାପାନ, କୋରିଆ, ଥାଇଲାଣ୍ଡ, ମିଆଁମାର ଓ ନେପାଳ ଭଳି ଦେଶର ଅନେକ ମାର୍ସିଆଲ୍ ଆର୍ଟିଷ୍ଟ ଏହି ପ୍ରତିଯୋଗିତାରେ ଯୋଗଦେଇ ନିଜର କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ। କଳାହାଣ୍ଡି ସାଓଲିନ୍ କୁଙ୍ଗ-ଫୁ ର ଦୁଇଜଣ ପ୍ରତିଯୋଗୀ ପଦକ ହାସଲ ପାଇଁ ସକ୍ଷମ ହୋଇଥିବା ସବୁମହଲରୁ ସେମାନଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଦିଆଯାଇଥଲା। ପ୍ରୋତ୍ସହନ ମିଳିଲେ କଳାହାଣ୍ଡି କୁଙ୍ଗ-ଫୁର ଛାତ୍ରମାନେ ଅନେକ ପ୍ରତିଯୋଗିତାରେ ଭାଗ ନେଇ ଜିଲା ତଥା ରାଜ୍ୟର ଗୌରବ ବଢାଇବେ ବୋଲି ଅଲ୍ ଓଡିଶା ସହକାରୀ ମୁଖ୍ୟ ପ୍ରଶିକ୍ଷକ ଛବିଲାଲ ନିଆଲ ମତ ପୋଷଣ କରିଛନ୍ତି ।

#### ଜୁନାଗଡ ରାଜନୀତି ସରଗରମ

## ପଦ୍ମ ଛାଡ଼ି ହାତ ଧରିଲେ ଅନିଲ

**ଜୁନାଗଡ,୨୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ଗତ ୨୦୧୪ର ଭାଜପା ବିଧାୟକ ପ୍ରାର୍ଥୀ ଅନିଲ ସିଂଦେଓ ଭାଜପା ଛାଡି କଂଗ୍ରେସରେ ଯୋଗଦେଇଛନ୍ତି। ଗତ ନିର୍ବାଚନରେ ସେ ବିଜେଡି ସହିତ ପ୍ରତିଦ୍ୱନ୍ଦତା କରି ୪୬୪୯୮ ଭୋଟ ପାଇଥିଲେ। ଶୁକ୍ରବାର ଭୁବନେଶ୍ୱର ତମାଣ୍ଡୋ ମିନି ଷ୍ଟାଡିୟମରେ ଆୟୋଜିତ ପରିବର୍ତ୍ତନ ସଂକଳ୍ପ ସମାବେଶରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ସେ କଂଗ୍ରେସରେ ଯୋଗଦେଇଛନ୍ତି। ପଦ୍ମ ଛାଡି ଅନିଲ ହାତ ଧରିଥିବାରୁ ଜୁନାଗଡ ରାଜନୀତି ସରଗରମ ହୋଇଛି। ଏ ନେଇ ଭାଜପା ଛାଡି କଂଗ୍ରେସରେ ଯୋଗଦେଇଥିବା ଅନିଲ ସିଂଦେଓଙ୍କୁ ପଚାରବାରୁ କଂଗ୍ରେସ ଦ୍ୱାରା ପ୍ରଭାବିତ ହୋଇ ଏହି ନିଷ୍ପତ୍ତି ବ୍ୟକ୍ତି ଗତ ଭାବରେ ନେଇଛି ବୋଲି କହିଥିଲେ। ସେହିପରି କଳାହାଣ୍ଡି ଭାଜପା ଜିଲା ସଭାପତି ପ୍ରଦୀପ୍ତ କୁମାର ନାଏକଙ୍କୁ ପଚାରିବାରୁ ସମସ୍ତେ ଆସିବେ ଯିବେ, ଦଳ ପ୍ରତି ଏହାର କୌଣସି ପ୍ରଭାବ ପଡିବ ନାହିଁ। ମୋଦିଜିଙ୍କ ନେତୃତ୍ୱରେ ବିକାଶକୁ ନେଇ ଭାଜପା ଲଢୁଛି ଓ ଲଢି ଚାଲିଥିବ ବୋଲି କହିଥିଲେ।



ଅନିଲ ସିଂଦେଓ ।

### ଭୋଟର ଦିବସରେ ସଚେତନତା ଶୋଭାଯାତ୍ରା

**ରେଢ଼ାଖୋଲ,୨୫।୧(ଡି.ଏନ.ଏ.)**

ରେଢ଼ାଖୋଲରେ ଜାତୀୟ ଭୋଟର ଦିବସ ଅବସରରେ ଭୀମ ଭୋଇ କଲେଜ ଓ ମହିଳା କଲେଜର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରି ଭୋଟ ଦାନ ଅଧିକାର ସମ୍ପର୍କରେ ସଚେତନ କରିଛନ୍ତି। ଏହି ଅବସରରେ ବ୍ଲକ୍ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ବିଶିକେସନ ଦେହୁରୀ ଏଥିରେ ସଭାପତିତ୍ୱ କରିଥିଲେ। ତହସିଲଦାର ରୁବି ବେହେରା, ବିଡିଓ ପରିକ୍ଷିତ ସାହୁ , ଭୀମ ଭୋଇ କଲେଜର ଅଧକ୍ଷ ଡ. ହରପ୍ରସାଦ ମିଶ୍ର, ଅଧାପକ ଅଞ୍ଜନ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଯୋଗାଣ ଅଧିକାରୀ ବିଘ୍ନରାଜ ମହାପାତ୍ର ସଭା ପରିଚାଳାନା କରିଥିଲେ। ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ପୋରାଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ



ପୋରାଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

**ଜୁନାଗଡ,୨୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ପୋରାଗାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଷଷ୍ଠତମ ବାର୍ଷିକୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁନ୍ଦରମଣି ରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଭଇଁରୀଗୁଡା ସରପଞ୍ଚଲକ୍ଷ୍ମୀଧର ପାତ୍ର, ମୁଖ୍ୟବକ୍ତା ଜୁନାଗଡ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ବାଳା ଦେବୀ, ସମ୍ମାନିତ ଅତିଥି ଭାବେ ଏବିଇଓ ନବକିଶୋର ପାଢି, ସିଆରସିସି ଜଗମୋହନ ଧଙ୍ଗଡାମାଝି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠପଢି ଗୋଟିଏ ଭଲ ମଣିଷ ହେବା ପାଇଁ ଦିଗଦର୍ଶନ ଦେଇଥିଲେ। ଚଳିତବର୍ଷ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ସଭାକୁ ବିଦ୍ୟାଳୟ ସହକାରୀ ଶିକ୍ଷକ ଉମାଚରଣ ବେହେରା, ଅକ୍ଷୟ ମିଶ୍ର ଓ ଶିକ୍ଷୟିତ୍ରୀ ସଂଯୁକ୍ତା ଦାଶ ପମୁଖ ପରିଚାଳନା କରିଥିଲେ। ସେହିପରି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜଗଦିଶ ଚନ୍ଦ୍ର ମୁଣ୍ଡ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହାକାରୀ ଶିକ୍ଷକ କର୍ନ୍ଦପ ଦାଶ ଓ ଅଜିତ ପାଢୀ ମଞ୍ଚ ପରିଚାଳନା କରିଥିଲେ। ଏହା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାହାକି ବେଶ୍ ଚିତାକର୍ଷକ ହୋଇଥିଲା। ବରିଷ୍ଠ ଶିକ୍ଷକ ଅବିନ୍ନ ଚନ୍ଦ୍ର ପରିଡା ଧନ୍ୟବାଦ ଦେଇଥିଲେ।

## ଜାତୀୟ ଭୋଟର ଦିବସରେ ସଚେତନତା ରାଲି




ଜାତୀୟ ଭୋଟର ଦିବସ ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରା ।

**କୋକସରା/ରିଷିଡା, ୨୫।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ସରକାରୀ ଜବାହର ଉଚ୍ଚ ବିଦ୍ୟାପୀଠ ଓ ଲଢୁଗାଁ ଯୁକ୍ତ ଦୁଇ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସର ମିଳିତ ଆନୁକୁଲ୍ୟରେ ଶୁକ୍ରବାର ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଜଣେ ନାଗରିକ ହିସାବରେ ଗଣତନ୍ତ୍ର ରାଷ୍ଟ୍ରରେ ଭୋଟ ଦେଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବାର ବର୍ତ୍ତାକୁ ନେଇ ଜାତୀୟ ଭୋଟର ଦିବସ ଅବସରରେ ଏକ ସଚେତନତା ରାଲିର ଆୟୋଜିତ ହୋଇଥିଲା । ଜବାହର ଉଚ୍ଚ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ସାକ୍ଷୀ ଗୋପାଲ ବେହେରା, ବିଜ୍ଞାନ ଶିକ୍ଷକ ଖଗେଶ୍ୱର ମାଝି, ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି, ମଧୁସ୍ମିତା ନାୟକ, ସିମାରଣୀ ସିଂ, ବନିତାରାଣୀ ଦତ୍ତ ଓ ଛାତ୍ରୀଛାତ୍ରମାନେ ଏକ ସଚେତନତା ରାଲିରେ ବାହାରି ସହର ପରିକ୍ରମା କରିବା ସହ ଭୋଟର ଦିବସର ମହତ୍ୱ ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ସେହିପରି ଲଢୁଗାଁଠାରେ ଯୁକ୍ତଦୁଇ ମହାବିଦ୍ୟାଳୟ ଅଧକ୍ଷ ଡ. ନିହାରକାନ୍ତ ପଣ୍ଡା ପତକା ଦେଖାଇ ଉଦଘାଟନ କରିଥିଲେ । ଯୁବ ରେଡକ୍ରେସ ପ୍ରଶିକ୍ଷକ ତଥା ଅଧାପକ ସୟ କୁମାର ପୁରୋହିତ, ଏନଏସଏସ ପୋଗ୍ରାମ ଅଫିସର ଅଧାପକ ପ୍ରେମାନନ୍ଦ ସାହା, ଖେଳ ଶିକ୍ଷକ ବିରେନ୍ଦ୍ର ନାରୟଣ ଦାସ, ଭାରତ ଭୁଷଣ ଠାକୁର, ଭାଗବତ କଟା, ହେମନ୍ତ ସେନାପତି, ଭାନୁମତି ମାଝି, ତୁଳସି ବାଗ, ବିଭୁରନ ସାହୁଙ୍କ ନେତୃତ୍ୱରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ । ସେହିପରି କର୍ଲାମୁଣ୍ଡା ବ୍ଲକରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭୋଟରଙ୍କୁ ସଚେତନ କରାଇଥିଲେ ।

#### ବାଇକ୍ ଧକ୍କାରେ ଆହତ ଯୁବକଙ୍କ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**କୋକସରା,୨୫।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପେଟ୍ରୋଲ ପମ୍ପ ନିକଟରେ ଗତ ୨୦ ତାରିଖରେ ଏକ ବାଇକ୍ ଧକ୍କାରେ ଆହତ ହୋଇଥିବା ସ୍ଥାନୀୟ ଶାନ୍ତିନଗର ପଡାର ଧନସିଂ ଶବର (୪୦)ଙ୍କ ଗୁରୁବାର ମୃତ୍ୟୁ ଘଟିଛି । ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା । ସମ୍ପର୍କୀୟ ଏବଂ ଗ୍ରାମବାସୀ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କୁ ଗିରଫ ଏବଂ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ୨୬କୁ ମୋଟେର ଛକଠାରେ ଶୁକ୍ରବାର ୧୧ଟାରୁ ଅବରୋଧ କରିଥିଲେ । ଖବର ପାଇ କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଓ କୋକସରା ତହସିଲଦାର ମୌସୁମୀ ନାୟକ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର, ଜାତୀୟ ପରିବାର ମଙ୍ଗଳ ଯୋଜନାରୁ ୨୦ ହଜାର, ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର, ଘରଡିହ, ଆବାସ ଯୋଜନାରେ ଘର ଯୋଗାଇ ଦେବା ସହ ନାବାଳକ ପୁଅଝିଅମାନଙ୍କୁ ଆବାସିକ ବିଦ୍ୟାଳୟରେ ପାଠ ପଢାଇବା ଏବଂ ରହିବା ବ୍ୟବସ୍ଥା ପାଇଁ ଲିଖିତ ପ୍ରତିଶ୍ରୁତି ପରେ ମଧ୍ୟାହ୍ନ ୧୨ଟାରେ ରାସ୍ତା ଅବରୋଧ ହଟିଥିଲା । ଘଟଣାସ୍ଥଳରେ ରେଡକ୍ରସ ଓ ହରିଶ୍ଚନ୍ଦ୍ର ଯୋଜନର ୧୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ୧ ଘଣ୍ଟା ଧରି ରାସ୍ତା ଅବରୋଧ ଯୋଗୁ ଭାବାନୀପାଟଣା, ଜୟପୁର ମୁଖିଗୁଡା ମଧରେ ଶହଶହ ଗାଡିମୋଟର ଅଟକି ରହିଥିଲା । ମୋଟେର ସରପଞ୍ଚ ଇଂ ସୁଶିଲ କୁମାର ଶବର, ମୋଟେର ଫାଣ୍ଡି ଅଧିକାରୀ ଶେଖର କୁମାର ଜେନାଙ୍କ ସମେତ ପୋଲିସ କର୍ମଚାରୀମାନେ ସୁରକ୍ଷା ଦୃଷ୍ଟିରୁ ଉପସ୍ଥିତ ଥିଲେ।
ଶାନ୍ତିନଗର ପଡାର ଧନସିଂ ଗତ ୨୦ ତାରିଖରେ ଘରକୁ ଚାଲି ଫେରୁଥିବା ବେଳେ ଏକ ବାଇକ୍ ମୋଟେର ପେଟ୍ରୋଲ ପମ୍ପ ନିକଟରେ ସାମନାପଟରୁ ଧକ୍କା ଦେଇଥିଲା । ସେ ଗୁରୁତର ହୋଇ ଆହତ ଭାବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ । ତାଙ୍କ ଅବସ୍ଥା ଗୁରୁତର ହେବାରୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । କିନ୍ତୁ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ପରିବାର ଲୋକେ ତାଙ୍କୁ ଘରକୁ ଫେରାଇ ଆଣିଥିଲେ। ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ଏ ନେଇ ପରିବାର ଥାନାରେ ଅଭିଯୋଗ କରି ନ ଥିଲେ । କିନ୍ତୁ ସମ୍ପୃକ୍ତ ବାଇକ୍ ଚାଳକ ତାଙ୍କର ଚିକିତ୍ସା ପାଇଁ ସାହାଯ୍ୟ କରିବି ବୋଲି ପ୍ରତିଶ୍ରୁତି ଦେଇ ପରେ ସେଥିରୁ ଓହରି ଯାଇଥିଲେ । ଏପଟେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଧନସିଂ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରି ନିଜ ପରିବାର ଚଳାଉଥିଲେ। ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାରବର୍ଗ ଭାଙ୍ଗି ପଡିଛନ୍ତି । ଧନସିଂଙ୍କ ସ୍ତ୍ରୀ ଭିନ୍ନକ୍ଷମ (ମୂକ) ଥିବା ବେଳେ ତାଙ୍କ ଦୁଇ ନାବାଳକ ଯାଆଁଳା ପୁଅ (୧୨) ଏବଂ ଜଣେ ନାବାଳିକା ଝିଅ (୧୪) ଏବେ ବେସାହାର ହୋଇ ପଡିଛନ୍ତି। ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା କିମ୍ବା ଅନ୍ୟ କୌଣସି ଯୋଜନାରୁ ବଞ୍ଚିତ ଥିବା ବେଳେ ପିଲା ଛୁଆଙ୍କ ଭବିଷ୍ୟତ ନେଇ ପରିବାରବର୍ଗ ଚିନ୍ତାରେ ପଡ଼ିଛନ୍ତି ।



ଧାରଣାକାରୀଙ୍କୁ ତହସିଲଦାର ବୁଝାଶୁଝା କରୁଛନ୍ତି ।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍



## ସଂକ୍ଷେପରେ

### ଆଖୁଚାଷୀଙ୍କ ଘର ଭସ୍ମୀଭୂତ, ୬୦ହଜାର ପୋଡ଼ିଗଲା

**ଦେଓଗାଁ, ୨୫।୧ (ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାବିଯୋର ଗ୍ରାମର ମାଲିସାହିଠାରେ ଥିବା ଆଖୁଚାଷୀ ସୁଦାମ ସାହୁଙ୍କ ଝୁପୁଡି ଘର ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି । ଗତ ୧୫ ଦିନ ହେଲା ତାଙ୍କ କ୍ଷେତରେ ଥିବା ଝୁପୁଡି ଘରେ ରହି ସେ ଆଖୁପେଡି ବେଶ୍ ଦୁଇପଇସା ରୋଗଜାର କରିଥିଲେ । ଗୁଡିବିକ୍ରି କରି ସେ ରଖିଥିବା ୬୦ହଜାର ଟଙ୍କା ମଧ ପୋଡି ଯାଇଥିବା ଅଭିଯୋଗ କରିଛନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

### ଟିକ୍ରାପଡ଼ା କପ ଫୁଟବଲ: ବଲାଙ୍ଗୀର, ଖଜୁରପଡ଼ା ଫାଇନାଲ ମୁକାବିଲା

**ଟିକ୍ରାପଡା, ୨୫।୧(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଟିକ୍ରାପଡା ହାଇସ୍କୁଲ ପଡିଆରେ କଳା ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ପ୍ରଥମ ତ୍ରିଦିବସୀୟ ଟିକ୍ରାପଡା କପ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ଦ୍ୱିତୀୟ ଦିବସ । ପାଟଣାଗଡ ଓ ଖଜୁରପଡା ଦଳ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ପାଟଣାଗଡ ଦଳକୁ ୩-୦ ଗୋଲରେ ହରାଇ ଖଜୁରପଡା ଫାଇନାଲରେ ପ୍ରବେଶ କରିଥିଲା । ଚିତରଞ୍ଜନ ପାଣ୍ଡେ, ସୁଜିତ ରାଜହଂସ, ଦେବେନ୍ଦ୍ର ଥନାପତି. ଦୀପକ ରାଜହଂସ ଖେଳ ପରିଚାଳନା କରିଥିଲେ। ଶ୍ରୀନିବାସ ସାହୁ, ମନ୍ଧର ଦୀପ, ପ୍ରକାଶ ଚନ୍ଦନ ଧାରା ବିବରଣୀ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ହିସଜୁଲ ରହମନ, ସମିତି ସଭ୍ୟ ସନ୍ତୋଷ ପାତ୍ର, ଝିଙ୍କିଡୁଙ୍ଗୁରି ସମିତି ସଭ୍ୟ ଅନନ୍ତ କାଲସାଏ, ଜୁରାବନ୍ଧ ସମିତି ସଭ୍ୟ ଗଙ୍ଗାଧର ବାରିକ, ପିଇଓ ଜନାର୍ଦ୍ଦନ ଯୋଶୀ, ଆଇନଜୀବୀ ଗୌରଚନ୍ଦ୍ର ରାଜପଲିଆ ଅତିଥିଭାବେ ଯୋଗ ଦେଇଥିଲେ ।

### ଆଞ୍ଚଳିକ ଡିଗ୍ରୀ କଲେଜରେ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ

**ଲୋଇସିଂହା,୨୫।୧(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୁଶଙ୍ଗ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଜେଡି ରାଜ୍ୟ ଯୁବ ସମ୍ପାଦକ ନିହାର ରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନେ ସବୁ କ୍ଷେତ୍ରରେ ନିଜ ଦକ୍ଷତାର ପରିଚୟ ଦେଇ ରାଷ୍ଟ୍ର ପାଇ ଉତ୍ସର୍ଗୀକୃତ ହେବାକୁ ଆହ୍ୱାନ ଦେଇଥିଲେ । ଅଧ୍ୟକ୍ଷ ବିଜୟ କଲେତଙ୍କ ଅଧ୍ୟକ୍ଷତା ଓ ନୋଡାଲ ଅଫିସର ଡା ଅଜିତ କୁମାର ଭୋଇ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଶ୍ରୀକର ମିଶ୍ର, ଡା ସଞ୍ଜୟ କୁମାର ମିଶ୍ର, ଗୋଲକ ବିହାରୀ ପଟେଲ, କ୍ଷୀରୋଦ୍ରଚନ୍ଦ୍ର ମହାରଣା, ଯଦୁମଣୀ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ଦେଢ଼ଶହଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ।। ଅଧ୍ୟାପକ ଡକ୍ଟର ଲକ୍ଷଣ ମେହେର, ଅଧ୍ୟକ୍ଷ କଲେତଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତଅଧ୍ୟାପକ ଓ କର୍ମଚାରୀ ପରିଚାଳନା କରିଥିଲେ ।

### ଏନ୍‌ଏସ୍‌ସି ମାନ୍ୟତା ଦାବି: ୨୮ରେ ଲୋଇସିଂହା ବନ୍ଦ

**ଲୋଇସିଂହା,୨୫।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାକୁ ଏନ୍‌ଏସସି ମାନ୍ୟତା ନେଇ ଦୀର୍ଘବର୍ଷ ହେଲା ଦାବି ହୋଇ ଆସୁଛି । ନିକଟରେ ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ତାଲିକାରେ ମଧ ଏହାର ନାମ ରହିଛି । ହେଲେ ଏନ୍‌ଏସସି ମାନ୍ୟତା ପ୍ରଦାନରେ ବିଳମ୍ବ ହେଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ୨୮ ତାରିଖରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଲୋଇସିଂହାରେ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି । ଦୀର୍ଘ ଦିନରୁ ଲୋଇସିଂହାକୁ ଏନ୍‌ଏସସି ମାନ୍ୟତା ଦେବାକୁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ମାସ କେଇଟା ପରେ ୨୦୧୯ ସାଧାରଣ ନିର୍ବାଚନ। ତେଣୁ ଏନଏସସି ମାନ୍ୟତା ପ୍ରସଙ୍ଗକୁ ନେଇ ସରକାରଙ୍କ ପଦକ୍ଷେପକୁ ନେଇ ସାଧାରଣରେ ଦ୍ୱନ୍ଦ୍ୱ ପ୍ରକାଶ ପାଉଛି । ସ୍ଥାନୀୟ ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟ ନୟୁ ଖାନ, ମୋହିତ ମିଶ୍ର, ଲାଲମନ ନାଗ, ସରୋଜ ବିଶ୍ୱାଳ, ଶିବ କୁମାର ଅଗ୍ରୱାଲ, ନିତ୍ୟାନନ୍ଦ ଜୁଏଡ ପ୍ରମୁଖ ଏକ ବୈଠକ କରି ଆସନ୍ତା ୨୮ତାରିଖରେ ଲୋଇସିଂହା ବନ୍ଦ କରିବାକୁ ସିଦ୍ଧାନ୍ତ ନେଇଥିବା ସୂଚନା ଦେଇଛନ୍ତି।

ଜେଲରୁ ଚମ୍ପଟ୍ ମାରିବାକୁ କଏଦୀଙ୍କ ଉଦ୍ୟମ ଘଟଣା

# ତଦନ୍ତ ଚାଲିଛି, ଘଟଣାରୁ ପର୍ଦ୍ଦା ହଟୁନାହିଁ

**ବଲାଙ୍ଗୀର ଅଫିସ/ପାଟଣାଗଡ, ୨୫।୧ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଉପକାରାଗାରରୁ କଏଦୀ ଚମ୍ପଟ୍ ଉଦ୍ୟମ କରିବା ଘଟଣା ଗୁରୁବାର ଅନ୍ୟତମ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଜେଲରେ ବିଚାରାଧୀନ କଏଦୀ ଭାବେ ଥିବା ବହୁଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ ମାମଲାର ମାଷ୍ଟରମାଇଣ୍ଡ ପୁଞ୍ଜିଲାଲ ମେହେର ରହିଛନ୍ତି । ଗୁରୁବାର ସକାଳେ ପୁଞ୍ଜିଲାଲ ଓ ଅନ୍ୟ ୬ ଅନ୍ତେବାସୀ ଜେଲରୁ ଫେରାର ମାରିବାକୁ ଉଦ୍ୟମ କରୁଥିବା ଖବର ମିଳିଥିଲା । ଗଣମାଧ୍ୟମରେ ଏଭଳି ଖବର ପରିବେଷଣ ହେବା ପରେ ପୁଣି ଥରେ ପାଟଣାଗଡ ଜେଲ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା । ତେବେ ଏଭଳି ଏକ ଚର୍ଚ୍ଚାର ଗୋଟିଏ ଦିନ ପରେ ବାସ୍ତବରେ ଜେଲରେ କ'ଣ ସବୁ ଘଟଣା ଘଟିଥିଲା ତାହା ଜଣାପଡିନାହିଁ । ବିଭିନ୍ନ ଗଣମାଧ୍ୟମରେ ଭିନ୍ନ ଭିନ୍ନ ଖବର ପରିବେଷଣ ହୋଇଥିବାରୁ ଘଟଣାକୁ ନେଇ ସାଧାରଣରେ ବିଭ୍ରାନ୍ତି ପ୍ରକାଶ ପାଇଛି। ପ୍ରକୃତରେ ଜେଲରୁ କଏଦୀମାନେ ଚମ୍ପଟ ମାରିବାକୁ ଯୋଜନା କରିଥିଲେ ଏବଂ ଏହି ଘଟଣାରେ ପୁଞ୍ଜିଲାଲଙ୍କ କ'ଣ ଭୂମିକା ରହିଥିଲା ତାହା ସ୍ପଷ୍ଟ ହୋଇନାହିଁ । ଏ ସମ୍ପର୍କରେ ପାଟଣାଗଡ ଜେଲ ଅଧିକ୍ଷକ ପ୍ରଦୀପ୍ତ କୁମାର ମହାଲିକ୍‌ଙ୍କୁ ପଚରାଯିବାରୁ ସେ କିଛି ବି ତଥ୍ୟ ଦେବାକୁ ମନା କରିଦେଇଛନ୍ତି । ସମ୍ବଲପୁର ମଣ୍ଡଳ କାରାଗାର ଅଧିକ୍ଷକ ଅମୀୟ ପଟ୍ଟନାୟକ ଘଟଣାର ତଦନ୍ତ କରୁଥିବାରୁ ଏନେଇ କୌଣସି ତଥ୍ୟ ଦେବା ଠିକ୍ ହେବନାହିଁ ବୋଲି ସେ କହିଛନ୍ତି ।

ଜେଲର କିଛି ୱାର୍ଡନଙ୍କଠାରୁ ମିଳିଥିବା ସୂଚନା ମୁତାବକ ଜେଲରେ ପୁଞ୍ଜିଲାଲ କଏଦୀମାନଙ୍କ ନେତୃତ୍ୱ ନେଉଥିଲେ। ଗୁରୁବାର କଏଦୀମାନଙ୍କୁ ଅନଶନ କରିବାକୁ ସେ ଉସକାଇଥିଲେ। ଜେଲରେ କଏଦୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିବା ଏବଂ ଭଲ ଖାଇବାକୁ ଦିଆଯାଉ ନ ଥିବା ପ୍ରତିବାଦରେ ଏଭଳି ଅନଶନ କରିଥିବା କୁହାଯାଉଛି । ଅନ୍ୟପକ୍ଷେ ଜେଲ ଭିତର ସେଲରୁ କିଛି କଏଦୀ ବିନା ଅନୁମତିରେ ଗେଟ୍ ପାଖକୁ ଚାଲିଆସିଥିବାରୁ ସେମାନେ ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବା ସନ୍ଦେହ କରି ଜେଲ ସାଇରନ୍ ବଜାଯାଇ ପାଟଣାଗଡ ପୋଲିସକୁ ଖବର ଦିଆଯାଇଥିବା ଜଣାପଡିଥିଲା । ତେବେ ଏହି ଜେଲରେ ପୁଞ୍ଜିଲାଲଙ୍କ ଭଳି ଅଭିଯୁକ୍ତ ରହୁଥିଲେ ସୁଦ୍ଧା କିଭଳି ଭାବେ ସୁରକ୍ଷା ବ୍ୟବସ୍ଥା ଢ଼ିଲା ହେଲା ଯେ କିଛି କଏଦୀ ସେଲରୁ ଗେଟ୍ ପାଖକୁ ଚାଲିଆସିବାରେ ସକ୍ଷମ ହେଲେ ସେନେଇ କିଛି ତଥ୍ୟ ଦିଆଯାଇନାହିଁ। ବାସ୍ତବରେ ପାଟଣାଗଡ ଜେଲରେ ଗୁରୁବାର କ'ଣ ଘଟଣା ଘଟିଥିଲା ସେନେଇ ଜେଲ କର୍ତ୍ତୃପକ୍ଷ ଗଣମାଧ୍ୟମ ସମ୍ମୁଖରେ ତଥ୍ୟ ରଖିନାହାନ୍ତି। ପୁନଶ୍ଚ କିଭଳି ପରିସ୍ଥିତିରେ ଜେଲରେ କଏଦୀ ଓ ସୁରକ୍ଷା କର୍ମୀ ଧସ୍ତାଧସ୍ତି ହେଲେ ଓ ପରେ କାହିଁକି ୬୪ ଜଣ ଅନ୍ତୋବାସୀ ଅନଶନରେ ବସି ମଧ୍ୟାହ୍ନ ଭୋଜନ ଖାଇଲେ ନାହିଁ ତାହା ସ୍ପଷ୍ଟ ହୋଇନାହିଁ। କିଛିଦିନ ପୂର୍ବରୁ ପୁଞ୍ଜିଲାଲ କୁଆଡେ ଜେଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରି ତାକୁ ଅନ୍ୟତ୍ର ସ୍ଥାନାନ୍ତରଣ କରିବାକୁ ଅନୁରୋଧ କରିଥିଲେ । ତେବେ କିଭଳି ପରିସ୍ଥିତିରେ ଓ କାହିଁକି ସେ ଏଭଳି ଅନୁରୋଧ କଲେ ତାହା ମଧ ଜଣାପଡିନାହିଁ । ବାସ୍ତବରେ ପୁଞ୍ଜିଲାଲ ପାଟଣାଗଡ ଜେଲ ଭିତରେ ନେତାଗିରି କରୁଛନ୍ତି ନା ଜେଲ କର୍ତ୍ତୃପକ୍ଷ ତାଙ୍କ ଦୋଷ ଦୁର୍ବଳତା ଢ଼ାଙ୍କିବାକୁ ଯୋଜନା କରୁଛି ତାହା ମଧ ଲୋକେ ଜାଣିପାରୁ ନ ଥିବାରୁ ସାଧାରଣରେ ନାନା ଚର୍ଚ୍ଚା ଜୋର ଧରିଛି । ଏନେଇ ତଦନ୍ତ ଚାଲିଥିବା କୁହାଯାଇଥିଲେ ମଧ ଶୁକ୍ରବାର ପାଟଣାଗଡ ଜେଲ ସ୍ୱାଭାବିକ ରହିଥିବା ଜେଲ ଅଧିକ୍ଷକ ମହାଲିକ୍ କହିଛନ୍ତି ।




ଅଭିଯୁକ୍ତ ପୁଞ୍ଜିଲାଲ ମେହେର ବନ୍ଦୀଥିବା ପାଟଣାଗଡ ଉପକାରାଗାର ।




ଜାତୀୟ ଭୋଟର ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

# ଭୋଟର ସଚେତନତା ଉପରେ ଗୁରୁତ୍ୱ

**ଖପ୍ରାଖୋଲ, ୨୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତୀୟ ଭୋଟର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷୀରୋଦିନି ଭୋଇ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନା, ସମ୍ମାନିତ ଅତିଥିଭାବେ ଜିପିଇଓ ସୁଶାନ୍ତ କୁମାର ପାଣି, କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ହୋତା ପ୍ରମୁଖ ଯୋଗଦେଇ ଜାତୀୟ ଭୋଟର ଦିବସ ଉପରେ ଆଲୋକପାତ କରିଥିଲେ । ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଭୋଟଦାନ ଅଧିକାର ସାବାଳକମାନଙ୍କର ରହିଥିବାବେଳେ ଭୋଟ ମାଧ୍ୟମରେ ନିଜ ପସନ୍ଦର ପ୍ରାର୍ଥୀ ନିର୍ବାଚିତ କରି ସୁସ୍ଥ ସମୃଦ୍ଧ ଭାରତ ଗଠନ ପାଇଁ ସଚେତନ ହେବାକୁ କହିଥିଲେ । ପ୍ରତି ନିର୍ବାଚନରେ ସମସ୍ତ ଭୋଟର ନିଜ ବହୁମୂଲ୍ୟ ଭୋଟ କିଭଳି ଦେବେ ସେ ନେଇ କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ନମିତା ମଣ୍ଡଳ, ମନୋରମା ନାଏକ, ତୁଳାରାମ ସୁନା, ଅଙ୍ଗନଓାଡି କର୍ମୀ କୁନି ବେହେରା, ଭଗବତୀ ଦଣ୍ଡସେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୫୪ ଦିନରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୨୫।୧**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃସ୍ଥାପନ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ଶୁକ୍ରବାର ୫୪ ଦିନରେ ପହଞ୍ଚିଛି। ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧାରଣାରେ ଶୁକ୍ରବାର କଂଗ୍ରେସ ଦଳର ଯୁବନେତା ଅଜୟ ବାଲି, ହୀରା ଜିଟିଡି ୱାର୍କରସ୍ ଆସୋସିଏଶନର ପ୍ରସନ୍ନ ସେଠ୍, କୋସଲବାଦୀ ନେତା ମନୋରଞ୍ଜନ ସାହୁ, ଜିଲା କୀର୍ତ୍ତନ୍ୟ ମହାସଂଘ ସଦସ୍ୟ, ପଶ୍ଚିମ ଓଡ଼ିଶା ପୁରାଣ ପଣ୍ଡା ଗାୟକ ମହାସଂଘ କର୍ମକର୍ତ୍ତାଙ୍କ ସହ ଜିଲା ଓକିଲ ସଂଘ ସଭ୍ୟ ଅଶୋକ ରାଉତ, ଗୋପାଳ ହୋତା, ଭବାନୀ ଶତପଥୀ ସାମିଲ ହୋଇଥିଲେ। ଆନ୍ଦୋଳନ ଜାରି ରହିଥିଲେ ମଧ ସରକାର ଏ ଦିଗରେ କୌଣସି ପ୍ରତିକ୍ରିୟା ପ୍ରକାଶ କରୁ ନ ଥିବାରୁ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା। ଜିଲା ଓକିଲ ସଂଘ କାର୍ଯ୍ୟକାରୀ କମିଟି ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲ୍‌ଠାରେ ଜରୁରୀ ବୈଠକ ଡାକି ଆନ୍ଦୋଳନ ଉପରେ ସମୀକ୍ଷା କରିଥିଲେ । ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓକିଲ ସଂଘ ପ୍ରତିନିଧି ମଣ୍ଡଳୀ ଭେଟି ଦାବିପତ୍ର ଦେବା ଅବସରରେ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତିକୁ ସ୍ୱାଗତ କରାଯାଇଥିଲା । ବଲାଙ୍ଗୀର ଜିଲା ଆଖପାଖ ସମସ୍ତ ଓକିଲ ସଂଘର କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୃହତ୍ତର ବୈଠକ କରାଯାଇ ଆନ୍ଦୋଳନର ଚୁଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଓକିଲ ସଂଘ ସଭାପତି ମହାନ୍ତି କହିଥିଲେ । ବୈଠକରେ ଓକିଲ ସଂଘ ସମ୍ପାଦକ ଅମନ ନାଗ, ଯୁଗ୍ମ ସମ୍ପାଦକ ଜଗଦୀଶ ପ୍ରଧାନ, କାର୍ଯ୍ୟକାରୀ କମିଟି ସଭ୍ୟ ଜୟରାମ ମିଶ୍ର, ବୀରେନ୍ଦ୍ର ମିଶ୍ର, ରାଧାକାନ୍ତ ମହାକୁଡ, ସୁବାସ ବେହେରା, ଦେବାଶିଷ ବିଶ୍ୱାଳ, ରଘୁନନ୍ଦନ ସିଂ, ଅଧିକାରୀ ଦନ୍ତା, ମହେନ୍ଦ୍ର ବାଗ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ସେମଫୋର୍ଡ ସ୍କୁଲରେ ଅଭିଭାବକ, ଶିକ୍ଷକ ପ୍ରଶିକ୍ଷଣ ଶିବିର

**ବଲାଙ୍ଗୀର ଅଫିସ, ୨୫।୧**



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଶିକ୍ଷକ ଓ ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷ ।

ବଲାଙ୍ଗୀର ଖର୍ଲ୍ଲକାନିସ୍ଥିତ ସେମଫୋର୍ଡ ଫ୍ୟୁଚରିଷ୍ଟିକ୍ ସ୍କୁଲ ଓ ପ୍ରାଥମିକ ଶାଖାର ଅଭିଭାବକ ଏବଂ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଦିଲ୍ଲୀ ସେମଫୋର୍ଡ ଫ୍ୟୁଚରିଷ୍ଟିକ ସ୍କୁଲର ବରିଷ୍ଠ ପ୍ରଶିକ୍ଷକ ଅଞ୍ଜୁ ରାମପାଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗୀର ସ୍କୁଲ ନିର୍ଦ୍ଦେଶକ ସଞ୍ଜୀବ କୁମାର ରଥ, ଆଶିଷ କୁମାର ରଥ, ନୀଲମ ରଥ, ଅଧକ୍ଷ ଅଭିଷେକ ପ୍ରକାଶ ଝା, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିରେଖା ଦାଶ, ଉଭୟ ଶାଖାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକ ଉପସ୍ଥିତ ଥିଲେ । ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରିବା ପରେ ସରସ୍ୱତୀ ବନ୍ଦନା ଗାନ କରାଯାଇଥିଲା । ବରିଷ୍ଠ ପ୍ରଶିକ୍ଷକ ରଞ୍ଜୁ ରାମପାଲ ପିତାମାତା ଓ ଅଭିଭାବକମାନଙ୍କ ବିଭିନ୍ନ ପ୍ରକାର ପ୍ରଶ୍ନାବଳୀର ସଠିକ୍ ଏବଂ ସନ୍ତୋଷଜନକ ଉତ୍ତର ଦେଇଥିଲେ । ଗତ ୨୧ ଓ ୨୨ ତାରିଖ ଦୁଇଦିନ ଧରି ରାଜ୍ୟସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ମଧ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟରେ ଥିବା ସେମ୍‌ଫୋର୍ଡ ଫ୍ୟୁଚରିଷ୍ଟିକ୍ ସ୍କୁଲର ବରଗଡ, ପୁରୀ, ଢେଙ୍କାନାଳ ଶାଖାର ଶିକ୍ଷକ, ଶିକ୍ଷୟତ୍ରୀମାନେ ଯୋଗଦେଇଥିଲେ । ବିଶିଷ୍ଟ ପ୍ରଶିକ୍ଷକ ରାମପାଲ ଶିକ୍ଷା ପ୍ରଣାଳୀ ଏବଂ ବିଭିନ୍ନ ଉପାୟରେ ଏହାର ଉନ୍ନତି ବିଷୟରେ ଶିକ୍ଷକ, ଶିକ୍ଷୟତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।

### ଶ୍ରମିକ ସଙ୍ଗଠନର କାର୍ଯ୍ୟବନ୍ଦ ଆନ୍ଦୋଳନ

**ସଇଁତଲା, ୨୫।୧(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ସଇଁତଲା ବଡମାଲସ୍ଥିତ ଗୋଳାବାରୁଦ କାରଖାନା ସମ୍ମୁଖରେ ମିଳିତ ସଂଘର୍ଷ ସମିତି ଆହ୍ୱାନ କ୍ରମେ ଚାଲିଥିବା ଧର୍ମଘଟ ଶନିବାର ଯୋରଦାର ହୋଇଥିଲା। ଏଥିଯୋଗୁ କାରଖାନା ବନ୍ଦ ରହିଥିଲା। ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟକାଳୀନ ଧର୍ମଘଟରେ ଯିବା ପାଇଁ ଶ୍ରମିକ ନେତାମାନେ ଚେତାବନୀ ଦେଇଛନ୍ତି। ଗୋଳାବାରୁଦ କାରଖାନା ସଂଯୁକ୍ତ ସଂଘର୍ଷ ସମିତି ଅଧ୍ୟକ୍ଷ ରବିନ୍ଦ୍ର କୁମାର ମିଶ୍ର, ଉପାଧ୍ୟକ୍ଷ ସଞ୍ଜୀବ ବର୍ଗର୍ତ୍ତୀ, ସମ୍ପାଦକ ମନୋଜ ଗୌଡ଼ା, ସହସମ୍ପାଦକ ସୁଧିର ଦୀପ, କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ନରେନ୍ଦ୍ର ପ୍ରଧାନ, ସତ୍ୟପ୍ରେମ ମାଝୀ, ପଞ୍ଚୁ ପୁଟେଲଙ୍କ ଶହ କର୍ମଚାରୀ ଧର୍ମଘଟରେ ଭାଗ ନେଇଥିଲେ ।

ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା

# ଅଭିଯୋଗ ପରେ ବି ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ୍

**ଲାଠୋର, ୨୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲାଠୋର ଥାନା ଅଧୀନ କଲୋନୀପଡାର ଜଣେ ଯୁବକଙ୍କ ଗତ ୬ତାରିଖରେ ବେଲପଡା ଥାନା ସରମୁହାଣ ନିକଟରେ ଏକ ଟ୍ରାକ୍ଟର ଧକ୍କାରେ ମୃତ୍ୟୁ ଘଟିଥିଲା। ମୃତକ ହେଲେ ଲାଠୋର ଥାନା କଲୋନିପଡାର କୁନୁ ବେହେରା। ଏ ନେଇ କୁନୁଙ୍କ ସ୍ତ୍ରୀ ପୂର୍ଣ୍ଣମୀ ବେହେରା ବେଲପଡା ଥାନାରେ ଅଭିଯୋଗ କରିଥିଲେ । ହେଲେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଧରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ସ୍ୱାମୀଙ୍କ ମୃତ୍ୟୁ ପରେ ଅସହାୟ ହୋଇ ପଡିଥିବା ପୂର୍ଣ୍ଣମୀ ନ୍ୟାୟ ପାଇଁ ଏସ୍‌ପିଙ୍କ ନିକଟରେ ନିବେଦନ କରିଛନ୍ତି।

ପୂର୍ଣ୍ଣମୀଙ୍କ ଅଭିଯୋଗ ଅନୁଯାୟୀ ସ୍ୱାମୀ କୁନୁ ତାଙ୍କ ପଡାର ଏକାଦଶିଆ ମାଝିଙ୍କ ସହ ସେଦିନ ବାଇକ (ନଂ ଓଡି୦୩ଏଲ୨୪୮୫)ରେ ବେଲପଡା ଥାନା ସରମୁହାଣରୁ ଫେରୁଥିଲେ। ଗାଁ ପାଖରେ ତାଙ୍କୁ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ବେଲପଡା ହସ୍‌ପିଟାଲକୁ ନିଆଯାଇଥିଲା । ହେଲେ ସେଠାରେ କୁନୁଙ୍କୁ ମୃତ ଘୋଷଣା କରାଯାଇଥିଲା। ଏକାଦଶିଆଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିଲା। କୁନୁଙ୍କ ପରିବାର ଲୋକେ ବେଲପଡ଼ାରେ ପହଞ୍ଚିବା ପରେ ବ୍ୟବଚ୍ଛେଦ କରାଇ ପୋଲିସ ମୃତଦେହ ହସ୍ତାନ୍ତର କରିଥିଲା। ପରେ ଧକ୍କା ଦେଇଥିବା ଟ୍ରାକ୍ଟର ସମ୍ପର୍କରେ ଜାଣି ପୂର୍ଣ୍ଣମୀ ବେଲପଡା ଥାନାରେ ଏତଲା ଦେଇଥିଲେ। ହେଲେ ତାଙ୍କ ଏତଲାକୁ ପୋଲିସ ଗ୍ରହଣ କରି ନ ଥିଲା। ଡାକ୍ତରଙ୍କ ରିପୋର୍ଟ ଉପରେ ଆମେ ମାମଲା ରୁଜୁ କରିଛୁ ବୋଲି ପୋଲିସ କହି ଏତଲାକୁ ଫେରାଇ ଦେଇଥିଲା। ଡାକ୍ତରଙ୍କ ରିପୋର୍ଟ ଉପରେ ବେଲପଡା ଥାନାରେ ଜଣେ ଅଜଣା ବ୍ୟକ୍ତିଙ୍କ ନାମରେ ମାମଲା(ନଂ. ୬/୧୯) ରୁଜୁ ହୋଇଥିଲା। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଡ୍ରାଇଭରଙ୍କ ନାମରେ ଏତଲା ନ ଦେଇ ତୁମ ବାଇକ ନେଇଯାଅ ବୋଲି ପୋଲିସ କହୁଥିବା ସେ ଅଭିଯୋଗ କରିଛନ୍ତି। ଘଟଣାର ୨୦ଦିନ ପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏ ନେଇ ବେଲପଡା ଥାନା ଏଏସ୍‌ଆଇ ଆର.ଏନ. ପୁରୋହିତଙ୍କୁ ପଚାରିବାରୁ ଆମେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛୁ ବୋଲି କହିଛନ୍ତି।




ବୁର୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲୋଇସିଂହା, ୨୫।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜ୍ୟୋତିରଞ୍ଜନ ସାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ପରିଚାଳନା ସମିତି ସଭାପତି ବିଜୟ କୁମାର ରଣା, ଅବସରପ୍ରାପ୍ତ ଶିକ୍ଷକ ଇନ୍ଦ୍ରମଣୀ ବାରିକ, ଟଙ୍କଧର ସାହୁ, ସିଆରସିସି ଅମ୍ବୁଜ କୁମାର ହୋତ ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ତାଙ୍କ ବାର୍ଷିକ ବିବରଣୀ ଉତ୍ସବରେ ତୃତୀୟ ଶ୍ରେଣୀ ବୃତ୍ତି ପାଇଥିବା କ୍ରିଷ୍ଣାଜିତ ହରପାଲ, ଜାତୀୟ ମେଧାବୃତ୍ତି ଅଷ୍ଟମ ଶ୍ରେଣୀ ଛାତ୍ରୀ ଶୀତଳ ବାଗ, ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ନୀତୁ କୁଶଲ ଏବଂ ୨୦୧୭ରେ ପାଇଥିବା ପଠାଣୀ ସାମାନ୍ତ ମେଧାବୃତ୍ତି ଶୀତଳ ବାଗ ଏବଂ ଦୀପସା ରଣା ସ୍କୁଲକୁ ଗୌରବ ଆଣିଥିବା ପ୍ରକାଶ କରିଥିଲେ । ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଏବିଓ ନିମାଇଁ ଚରଣ ମେହେର ଓ ବ୍ୟାସଦେବ ରାଏ ଅତିଥିଭାବେ ଯୋଗଦେଇ ବାର୍ଷିକ କ୍ରୀଡା ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ବାର୍ଷିକ ଉତ୍ସବ ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ନରେନ୍ଦ୍ର ରଣା ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ସାହୁ, ମୌନାବତୀ ଛତ୍ରିଆ, ରାଶେଶ୍ୱରୀ ସାହୁ, ସଂଯୁକ୍ତା ପାତ୍ର, ଅଙ୍କିତା ପ୍ରିୟଦର୍ଶନୀ ରଥ, ସନ୍ତୋଷ ପରୁଆ ପ୍ରମୁଖ ସହଯୋଗ କରିଥିଲେ । ଖେଳ ଶିକ୍ଷକ ବବଲୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ମାଛ୍ ଚାଷ୍‌ରେ ବାଇ ପଁଚେତ୍ ପରଶାସନ

# ଅରାଅଏଁଛା ହେଇ ପଡ଼ିଛେ ଅଇତିହାସିକ୍ ରଜାକଟା

**ଲାଠୋର, ୨୫।୧ (ଡି.ଏନ.ଏ)**




**ଲାଠୋର ପଁଚେତ୍**
- ୧୯୨୮ରେ ରଜା ପୃଥୀରାଜ ସିଂଦେଓ କୁଡ଼େଇଥିଲେ
- ୮ ଏକର ଜମିରେ ଚହଲିକରି ଅଛେ ରଜାକଟା ବଁଧ
- ୨୦୦୧-୦୨ରେ ଥରେ ପଁକ୍ ଉଧାର କାଯ୍ ହେଇଥିଲା

୧୯୨୮ ସାଲେ ପାଟଣା ରାଜ୍ୟର ଚୌହାନ ବଂଶୀୟ ରାଜା ପୃଥୀରାଜ ସିଂଦେଓ ଲାଠୋର ଗାଁରେ ଗୁଟେ ବଁଧ୍ କୁଡ଼େଇଥିଲେ। ଗାଁର ସ୍ୱର୍ଗତ ରାଜମନ ବାଗ ଦାନ ହିସାବେ ଦେଇଥିବାର ୮ ଏକର ଜାଗାରେ ରାଜା ଇ ବଁଧ୍ କୁଡ଼େଇଥିଲେ। ସେ ହିସାବେ ବଁଧର ନାଁ ଦିଆଯାଇଥିଲା ରଜାକଟା। ଇ ବଁଧର ପାଏନ୍‌କେ ଆସର ପାସର ଗାଁର ଲୋକ୍‌ମାନେ ଖାଏବା ପିଇବାର ଲାଗି ବେଭାର କରୁଥିଲେ। ରାଜାଡ଼ି ଅମଲରେ କୁଡ଼ାଯାଇଥିବାର ଇ ବଁଧ୍ ୧୯୭୦ ବେଲକେ ଲୋଠୋର ଗାଁବାସୀକର ଜୀବନ୍‌ରେଖା ପାଲଟିଥିଲା। ପଛେ ବଁଧର ଦଖଲ ପଁଚେତ୍ ହାତେ ରହିଲା। ହେଲେ ପଁଚେତ୍ ବଁଧ୍‌ର ଉନ୍‌ନତି କରବାର ଜାଗାରେ ଫିବଛର ମାଛ୍ ଚାଷ୍ କରି ଟଁକା ରୁଜଗାର କଲା। ଯେନ୍‌ଥିରଲାଗି ବଁଧ୍‌ଟା ଦିନୁଦିନ୍‌କେ ତାର ପୂରବର ସତା ହରେଇ ବସ୍‌ଲା। ଗଲା ୨୦୦୧-୦୨ରେ ସରପଁଚ୍ ପୂର୍ଣ୍ଣମୀ ମେହେରକଁର ଅମଲରେ ଥରେ ବଁଧର ପଁକ୍ ଉଧାର କାଯ୍ ହେଇଥିଲା। ପଁଚେତ୍ କି ବ୍ଲକ୍ ପରଶାସନ ଫିବଛର ଟଁକା ମଂଜୁର କରି କାଁଭାଁ ପାଉଚ ତିଆର କରୁଥିଲେ ବି ବଁଧ୍ ସଜ୍‌ଡାବାର ଦିଗେ ଧିଆନ୍ ନାଇଁ ଦେବାର। ଏହେଦ୍‌କା ବଁଧର ଚାରିଆଡ଼େ ମଏଲା ଜଗଡ଼ା ଭରତି ହେଇଗଲାନ। ପାଏନ୍‌ରେ ହାତ୍ ମାଏଲେ କି ଭରଭରେଇ ଫେପାଲ ବାହାରି ପାଏନ୍ ଗୁଳିଆ ହେଇଯାଉଛେ। ଦିନ୍‌ଥିଲା ଯେନ୍ ବଁଧର ପାଏନ୍‌କେ ଆସର ପାସର ଗାଁର ହଜାର ହଜାର ଲୋକ୍ ଖିଆ ପିଆରେ ବେଭାର କରୁଥିଲେ ଏହେଦେ ସେ ପାଏନ୍ ଗଧାବୁଡ଼ା କରବାର ଅବସ୍ତାରେ ବି ନାଇଁନ। ଥାନୀୟ ପଁଚେତ୍ ପରଶାସନ ବଁଧର ଉନ୍‌ନତି ସାଧନ କରବାର ଜାଗାରେ ଟଁକା ରୁଜଗାର କରବାର ଲାଗି ମାଛ୍ ଚାଷ୍‌ରେ ବାଇ ହେଇଛେ। ଗାଁର କେତେ ଲୋକ୍ ବିରୋଧ କଲାରୁ ଏହେଦେ ମାଛ୍‌ମରା ବି ବଁଦ୍ ରହିଛେ। ଇ ବାବ୍‌ଦେ ଲାଠୋର ସରପଁଚ୍ ପ୍ରବୀଣ କୁମାର ଅଗ୍ରୱାଲଙ୍କୁ ଯୋଗାଯୋଗ କଲାରୁ ବଁଧର ମରାମତି ଲାଗି ଖପ୍ରାଖୋଲ ପଞ୍ଚାୟତ ସମିତି ବଇଠକ୍‌ରେ ଅନୁଦାନ ମଂଜୁର କରବାର ଲାଗି ଦାବି କରିଛେଁ। ଇ ଦିଗେ ବ୍ଲକ୍ ପରଶାସନ ଦୁରୁଷ୍ଟି ଦେଇ ଯେତେ ଜଲ୍‌ଦି ହେବା ବଁଧର ମରାମତି କରବାକେ ଗାଁବାସୀ ଦାବି କରିଛନ୍।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୬ ଜାନୁୟାରୀ, ୨୦୧୯



ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।
-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ



## ସଂକ୍ଷେପରେ



### ସରକାରୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ବାଲିଶଙ୍କରା, ୨୫।୧ (ଡି.ଏନ.ଏ):** ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ବନ୍ଧବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପଶ୍ଚିମ ଓଡିଶା ବିକାଶ ପରିଷଦର ମେମ୍ବର ବିନୟ କୁମାର ଟପ୍ପୋ ମୁଖ୍ୟଅତିଥି ଭାବରେ ଯୋଗଦେଇ ଅନ୍ତର୍ନିହିତ ପ୍ରତିଭାର ଚିହ୍ନଟ ଏବଂ ବିକାଶ ଦ୍ୱାରା ହିଁ ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ପରିପ୍ରକାଶ ହୋଇପାରିବ। ଯାହା ଶିକ୍ଷା ଦ୍ୱାରା ହିଁ ସମ୍ଭବ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ବନ୍ଧବାହାଲ କ୍ଲଷ୍ଟରର ସିଆରସିସି କାଳିନ୍ଦୀଚରଣ ଭିତ୍ରିଆ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ସେ ପ୍ରଚଳିତ ଶିକ୍ଷା ପଦ୍ଧତିରେ ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତରଣୀସେନ ଦଣ୍ଡସେନା ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁନିତା ଲାକ୍ରା ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ସଭାପତି ଭାବରେ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରଭାତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ରାମ, ଶିକ୍ଷୟିତ୍ରୀ ନମିତା ଶର୍ମାଙ୍କର ପରିଚାଳନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେମାନଙ୍କୁ ସରୋଜିନୀ ପଟେଲ, ମନୋଜ କୁମାର ତନ୍ତି, କାଟି ଲାକ୍ରା ସାହାର୍ଯ୍ୟ କରିଥିଲେ।

### ଜନରାଜ୍ୟ ଦିବସ ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡାକଡି

**ସୁନ୍ଦରଗଡ଼, ୨୫।୧ (ଡି.ଏନ୍.ଏ):** ସ୍ଥାନୀୟ ଭବାନୀ ଭବନ ଷ୍ଟାଡିୟମ ଠାରେ ଜିଲା ସଦର ମହକୁମା ସୁନ୍ଦରଗଡରେ ଜିଲା ପ୍ରଶାସନ ଆନୁକୂଲ୍ୟରେ ଜିଲାସ୍ତରୀୟ ଜନରାଜ୍ୟ ଦିବସ ପାଳନ ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡାକଡି ହୋଇଛି। ଆୟୋଜିତ ଜିଲାସ୍ତରୀୟ ସମାରୋହରେ ରାଜ୍ୟ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ରାଷ୍ଟ୍ରମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସକାଳ ୮ଟା ୩୦ମିନିଟରେ ଜାତୀୟ ପତାକା ଉତ୍ତୋଳନ କରିବେ। ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପ୍ରତ୍ୟୁଷ୪. ୩୦ ମିରେ ରାମଧୂନ୍ ପ୍ରଚାର କରାଯିବ। ସକାଳ ୭ଟା ୩୦ମିରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକାଉତ୍ତୋଳନ ପରେ ସୁନ୍ଦରଗଡ ଷ୍ଟାଡିୟମଠାରେ ସକାଳ ୮ଟା ୩୦ରେ ଜିଲାସ୍ତରୀୟ ସମାରୋହ ଅନୁଷ୍ଠିତ ହେବ। ଏହା ପରେ ସ୍ଥାନୀୟ ମୁଖ୍ୟ ଚିକିତ୍ସାଳୟ, ଜିଲା କାରାଗାର, ଭିନ୍ନକ୍ଷମ ବିଦ୍ୟାଳୟ, ସାର୍ଥକ ବନ୍ଧପାଲିରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ। ପୂର୍ବାହ୍ନ ୧୨ ଘଟିକା ସମୟରେ ସ୍ଥାନୀୟ ଷ୍ଟାଡିୟମଠାରେ ସାମ୍ବାଦିକ ଏକାଦଶ ବନାମ ଜିଲା ଓକିଲ ଏକାଦଶଙ୍କ ମଧ୍ୟରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଆୟୋଜିତ ହେବ।

ଶ୍ରମିକ, କର୍ମଚାରୀମାନଙ୍କୁ ୭ ମାସର ବକେୟା ଦରମା ଦେବାକୁ ଦାବି

# ଆଧୁନିକ ମେଟାଲିକ୍ସ କାରଖାନାରେ ଆନ୍ଦୋଳନ

**କୁଆଁରମୁଣ୍ଡା, ୨୫।୧(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚାର୍ଡିହରିହରପୁରସ୍ଥିତ ଆଧୁନିକ ମେଟାଲିକ୍ସ କାରଖାନାରେ ଶୁକ୍ରବାର ଶ୍ରମିକମାନେ ଆନ୍ଦୋଳନ କରିଥିଲେ। ୭ମାସର ବକେୟା ଦରମା ଦେବାକୁ ଦାବିକରି କାରଖାନା ସମ୍ମୁଖରେ ବିକ୍ଷୋଭ କରିବା ସହ ଧାରଣା ଦେଇଥିଲେ। ଅପରାହ୍ନରେ ଧାରଣାରୁ ଉଠିଥିଲେ। ଦାବିପୂରଣ ନ ହେଲେ ଧାରଣା ପୁଣି ଆରମ୍ଭ କରାଯାଇ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲିବ ବୋଲି ଶ୍ରମିକମାନେ କଡ଼ା ଚେତାବନୀ ଦେଇଛନ୍ତି।

ଆଧୁନିକ ମେଟାଲିକ୍ସ କାରଖାନା ଅଚଳ ହୋଇପଡ଼ିଥିବାରୁ ଏହାର ଶ୍ରମିକ, କର୍ମଚାରୀମାନଙ୍କ ଭବିଷ୍ୟତ ଘୋର ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି। ଏହା ସହ ଉକ୍ତ କାରଖାନା ବ୍ୟାଙ୍କରୁ ବହୁ କୋଟି ଋଣ କରି ପରିଶୋଧ କରୁ ନ ଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ ଉକ୍ତ କାରଖାନାକୁ ନିଜ ଅଧିନରେ ରଖିଛନ୍ତି।




ଆଧୁନିକ ମେଟାଲିକ୍ସ କାରଖାନାରେ ଶ୍ରମିକ, କର୍ମଚାରୀ ଆନ୍ଦୋଳନ ଚଳାଇଛନ୍ତି।

ଏପରି ପରିସ୍ଥିତିରେ କାରଖାନାର ଶ୍ରମିକ, କର୍ମଚାରୀ ପରିବାର ଦୀର୍ଘ ୭ ମାସରୁ ଊର୍ଦ୍ଧ୍ୱ ହେଲା ଦରମା ନ ପାଇ ଦୁଃଖରେ କାଳାତିପାତ କରୁଛନ୍ତି। କାରଖାନା ପରିଚାଳନା କର୍ତ୍ତୃପକ୍ଷ ଦରମା ପ୍ରଦାନ ନେଇ ଆଜିକାଲି ଗଡାଉ ଚାଲିଛନ୍ତି। କର୍ମଚାରୀମାନେ ନିଜ ପରିବାରର ଗୁଜୁରାଣ ପୂରଣ କରିବା ପାଇଁ ବାରଦୁଆର ଶୁଙ୍ଘିପିଣ୍ଡା ହେଉଛନ୍ତି। ଏପରିସ୍ଥଳେ ଶୁକ୍ରବାର ବୀରମିତ୍ରପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ନେତା ରାଜେଶ କେର୍କେଟା ଶ୍ରମିକ, କର୍ମଚାରୀମାନଙ୍କ ସମସ୍ତ ଅସୁବିଧା ସମ୍ପର୍କରେ ଶୁଣିଥିଲେ। କୁଆଁରମୁଣ୍ଡାର ଯୁବ ସାମାଜିକ କର୍ମୀ ଶୈଳେଶ ତିୱାରୀ, ଏମଡି ନଦୀମ ପ୍ରମୁଖ ଶ୍ରମିକମାନଙ୍କ ଦାବିକୁ ସମର୍ଥନ କରିଛନ୍ତି। ଶୁକ୍ରବାର ଶ୍ରମିକ, କର୍ମଚାରୀଙ୍କ ସହିତ ସେମାନେ ମଧ୍ୟ କାରଖାନା ସମ୍ମୁଖରେ ଧାରଣାରେ ବସି ସମର୍ଥନ କରିଥିଲେ। ସେମାନଙ୍କର ବକେୟା ଓ ଅନ୍ୟାନ୍ୟ ସୁବିଧାସୁଯୋଗ ନ ମିଳିଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କୁହାଯାଇଛି। ଏପରିକି ନିକଟସ୍ଥ ୧୪୩ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିବା ପାଇଁ ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ବେଳ ଥାଉଁଥାଉଁ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଘଟଣାର ସମାଧାନ କରିବା ପାଇଁ ଯୁବ କଂଗ୍ରେସ ନେତା ରାଜେଶ କେର୍କେଟା ଦାବି କରିଛନ୍ତି।

## କନିକାରେ ଜୁଆ, ନିଶାକାରବାର ବୃଦ୍ଧି

**ହେମଗିର, ୨୫।୧ (ଡି.ଏନ.ଏ)**

ହେମଗିର ବ୍ଲକର ଏକ ପ୍ରମୁଖ ସ୍ଥାନ ଭାବେ କନିକା ଗ୍ରାମ ପରିଚିତ। ଓଡିଶା ଓ ଛତିଶଗଡର ସୀମାନ୍ତବର୍ତ୍ତି ଅଞ୍ଚଳ ହୋଇଥିବା ବେଳେ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର ସୀମାରେଖାରେ ଏହା ଅବସ୍ଥିତ। ରାଜା ରାଜୁଡା ଅମଳରୁ ଏଠି ଏକ ରେଳଷ୍ଟେସନ ମଧ୍ୟ ରହିଛି। ବର୍ତ୍ତମାନ କନିକାର ଜନସଂଖ୍ୟା ୪ହଜାରରୁ ଊର୍ଦ୍ଧ୍ୱ ଥିବାବେଳେ ଏଠାରେ ପଞ୍ଚାୟତ, ସ୍ୱାସ୍ଥ୍ୟ କେନ୍ଦ୍ର, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଳ, ବ୍ୟାଙ୍କ, ଫରେଷ୍ଟ ଅଫିସ ରହିଛି। ଏହା ସହ ଅନ୍ୟ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି। ଏପରି ସ୍ଥଳେ ଦିନକୁ ଦିନ ଏଠାରେ ଅବାଧ ଭାବରେ ଜୁଆ, ସଟ୍ଟା କାରବାର ଚାଲିଛି। ଗଞ୍ଜେଇ, ଦେଶୀ ବିଦେଶୀ ମଦ ଭଳି ନିଶାଦ୍ରବ୍ୟର ଖୁଲମଖୁଲା ବଜାର ଚାଲିଛି। ଅନେକ ସମୟରେ ଦୋକାନ, ଠେଲାରେ ଚୋରି ହେବା ଯୋଗୁଁ ଗରିବ ଦୋକାନୀମାନେ ସର୍ବଶାନ୍ତ ହୋଇପଡୁଛନ୍ତି। ଯଦିଓ ଏଠାରେ ଏକ ପୋଲିସ ବିଟ ହାଉସ ରହିଛି। ତଥାପି ଉପଯୁକ୍ତ ପରିମାଣର ଷ୍ଟାଫ ନାହାନ୍ତି। ଜୁଆ ଓ ନିଶା କାରବାର ପ୍ରତି ଅଂକୁଶ ନ ଲଗାଇଲେ ଲୋକେ ସର୍ବଶାନ୍ତ ହେବା ସହ କନିକା ଦୁର୍ବୃତ୍ତ ଓ ଅସାମାଜିକ ତତ୍ତ୍ୱଙ୍କ ଚରାଭୂଇଁ ପାଲଟିବ।

## ହେଲଥ୍ ମେଡିକନ୍ ପକ୍ଷରୁ ଡାକ୍ତର ସମ୍ମାନିତ

**ସୁନ୍ଦରଗଡ, ୨୫।୧ (ଡି.ଏନ୍.ଏ)**

ଭୁବନେଶ୍ୱର ଓୟୁଏଟି ଓ ଇଣ୍ଡିୟାନ ପ୍ରକ୍ଟୋଲୋଜି ସୋସାଇଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆନ୍ତର୍ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ହେଲଥ ମେଡିକନ୍-୨୦୧୯ ତରଫରୁ ସୁନ୍ଦରଗଡର ଜଣାଶୁଣା ଆୟୁର୍ବେଦ ବିଶେଷଜ୍ଞ ଡା ଅନନ୍ତ କୁମାର ଆଚାର୍ଯ୍ୟଙ୍କୁ ସମ୍ମାନଜନକ ଫେଲୋଶିପ୍ ଉପାଧି ପ୍ରଦାନ କରାଯାଇଛି। ଓୟୁଏଟି ଭେଟନାରୀ କଲେଜ ପ୍ରେକ୍ଷାଳୟରେ ଜାନୁୟାରୀ ୨୧, ୨୨ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ସମ୍ମିଳନୀରେ ଔଷଧ, ପ୍ରଯୁକ୍ତି ଓ ସ୍ୱାସ୍ଥ୍ୟ ସମ୍ପର୍କୀତ ସର୍ବାଧୁନିକ ବ୍ୟବସ୍ଥା ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଡା. ଆଚାର୍ଯ୍ୟ ବିଜ୍ଞାନ ଅଧିବେଶନରେ ମନୋନୀତ ହୋଇଥିବା ସନ୍ଦର୍ଭ ଏମାର୍ଜିଙ୍ଗ ଟ୍ରେଣ୍ଡସ୍ ଆଣ୍ଡ ଚ୍ୟାଲେଞ୍ଜସ୍ ଇନ ଫୁଡ ହାବିଟସ୍ ଇନ ଅର୍ବାନ ଏରିଆକୁ ପାଠକରି ବିଶେଷଜ୍ଞ ମହଲରେ ପ୍ରଶଂସିତ ହୋଇଥିଲେ। ଉଦ୍ଯାପନୀ ଉତ୍ସବରେ ଉପସ୍ଥିତ ଓୟୁଏଟିର କୁଳପତି ସୁରେନ୍ଦ୍ରନାଥ ପଶୁପାଳକ, ବିହାରର ରାଜେନ୍ଦ୍ର ପ୍ରସାଦ, କେନ୍ଦ୍ରୀୟ କୃଷି ବିଶ୍ୱ ବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ତଥା ଇଣ୍ଡିୟାନ ପ୍ରୋକ୍ଟଲୋଜି ସୋସାଇଟିର ସଭାପତି ପ୍ରଫେସର ଚର୍ତୁଭୂଜ ଭୂୟାଁଙ୍କ ଠାରୁ ସମ୍ମାନଫଳକ ଓ ମାନପତ୍ର ଗ୍ରହଣ କରିଥିଲେ।




ଡା ଅନନ୍ତ କୁମାର ଆଚାର୍ଯ୍ୟଙ୍କୁ ଫେଲୋଶିପ୍ ଉପାଧି ପ୍ରଦାନ କରାଯାଉଛି।

## ୨୭ରୁ ସୁନ୍ଦରଗଡ଼ ଜିଲା ସାଂସ୍କୃତିକ ମହୋତ୍ସବ ଯତ୍ରା

■ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ■ ଭାଗନେବେ ସାଂସ୍କୃତିକ ଦଳ

**ସୁନ୍ଦରଗଡ, ୨୫।୧ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ସଂସ୍କୃତି ପରିଷଦ, ଓରମାସ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୭ରୁ ଆରମ୍ଭ ହେଉଛି ସାଂସ୍କୃତିକ ମହୋତ୍ସବ ଯତ୍ରା। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସୁନ୍ଦରଗଡର କଳା, ସଂସ୍କୃତି ଓ ପରମ୍ପରାର ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାର ଜାତୀୟ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ସାଂସ୍କୃତିକ ଦଳ ଓ କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହେବ। ଏହି ସାଂସ୍କୃତିକ ମହୋତ୍ସବରେ ଜିଲା ଉନ୍ନୟନ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା, ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ ସାଙ୍ଗକୁ ପୁସ୍ତକ ମେଳା ତଥା ସାହିତ୍ୟ ଆଲୋଚନାଚକ୍ର ଆଦି ଆୟୋଜିତ ହେବ। ଏଥି ନିମନ୍ତେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ନେଇ ଜିଲା ପ୍ରଶାସନ ତରଫରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ପ୍ରଗତି ମଣ୍ଡପ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଡୁରୁକ ସୂଚନା ଦେଇଛନ୍ତି। ଏହି ମହୋତ୍ସବରେ ମୋଟ ୨୦୦ ଷ୍ଟଲ ଖୋଲା



ଖବରଦାତା ସମ୍ମିଳନୀର ଉତ୍ସବ ନେଇ ସୂଚନା ଦିଆଯାଉଛି।

ଯାଉଥିବା ବେଳେ ଏଥିମଧ୍ୟରେ ରାଜ୍ୟ ତଥା ରାଜ୍ୟ ବାହାରର ସ୍ୱୟଂ ସହାୟକ ଦଳ ଯୋଗଦେଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ କଳା ଓ ଖାଦ୍ୟ ସାମଗ୍ରୀ ବିକ୍ରୟ କରିବେ। ଏହି ମେଳାରେ ୧୨ଟି ରାଜ୍ୟର ୨୪ଟି ସ୍ୱୟଂସହାୟକ ଦଳ ଭାଗ ନେଉଥିବା ବେଳେ ଜିଲା ବାହାରର ୬୦ଟି ଓ ଜିଲାର ୨୪ଗୋଟି ସ୍ୱୟଂ ସହାୟକ ଦଳ ଭାଗ ନେଉଛନ୍ତି। ସେହିପରି ପୁସ୍ତକ ମେଳା ସକାଶେ ୩୦ଟି ଷ୍ଟଲ ଖୋଲାଯାଇଛି। ଉଦ୍ଘାଟନୀ ଦିବସରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି ଏବଂ ସମାନିତ ଅତିଥି ଭାବେ ବିଧାୟକ ମଙ୍ଗଳା କିଷାନ, ସୁବ୍ରତ ତରାଇ, ଦିଲୀପ ରାୟ, ଜର୍ଜ ତିର୍କୀ, ଡାଃ. ପ୍ରଫୁଲ୍ଲ କୁମାର ମାଝି, ଯୋଗେଶ ସିଂ, ଲକ୍ଷ୍ମଣ ମୁଣ୍ଡା ଓ ଜିଲାପରିଷଦ ଅଧ୍ୟକ୍ଷା ଏମା ଏକ୍କା ଯୋଗଦେଇ ଏହି ମହୋତ୍ସବକୁ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ୫ଦିନ ବ୍ୟାପୀ ଏହି ସାଂସ୍କୃତିକ ମହୋତ୍ସବରେ ମୁକ୍ତାକାଶ ରଙ୍ଗମଞ୍ଚରେ ରାଜ୍ୟ ତଥା ରାଜ୍ୟ ବାହାର ସାଂସ୍କୃତିକ ଦଳ ଭାଗ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କଲିକତା ତରଫରୁ ଆସାମର ବିହୁ, ବୋଡୋ ଓ ପଶ୍ଚିମବଙ୍ଗର ପୁରୁଲିଆ ଛଉ ନୃତ୍ୟ, ଦକ୍ଷିଣ କେନ୍ଦ୍ରାଞ୍ଚଳ ସାଂସ୍କୃତିକ କେନ୍ଦ୍ର ନାଗପୁର ତରଫରୁ ମହାରାଷ୍ଟ୍ରର ଲାବଣୀ ନୃତ୍ୟ, ମଧ୍ୟପ୍ରଦେଶର ଗାଙ୍ଗୌର ନୃତ୍ୟ, କଲିକତା ଝାମ୍‌କି ନୃତ୍ୟ ସାଙ୍ଗକୁ ରାଜ୍ୟର ବିଭିନ୍ନ ଜିଲାର ପାରମ୍ପରିକ ଲୋକ ନୃତ୍ୟ ଓ ଆଦିବାସୀ ନୃତ୍ୟ ପ୍ରଦର୍ଶିତ ହେବ। ଏହି ମହୋତ୍ସବକୁ ଶାନ୍ତିଶୃଙ୍ଖଳାର ସହ ଆୟୋଜନ ନିମନ୍ତେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ଯାତ୍ରାକୁ ସଫଳ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ସଦର ଉପଜିଲାପାଳ ବୀରସେନ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅନିଲ କେରକେଟା, ଓରମାସର ଜିଲା ନିର୍ବାହୀ ଅଧିକାରୀ ସୌରଭମୟ ଦାଶ ଉପସ୍ଥିତ ରହି ମହୋତ୍ସବ ସଫଳତା ପାଇଁ ହୋଇଥିବା ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

**ନୂଆଗାଁ, ୨୫।୧ (ଡି.ଏନ.ଏ)**

ନୂଆଗାଁ ବ୍ଲକର ପଞ୍ଚାୟତ ସମିତି ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଗତ ୧୨ ଦିନ ଧରି ଚାଲିଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ଦାସ କହିଥିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନେ ନିଜସ୍ୱ ସୁରକ୍ଷା ପାଇଁ ଯତ୍ନବାନ ହେବା ନିତାନ୍ତ ଆବଶ୍ୟକ। ୨୦୦ରୁ ଅଧିକ ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ତାଲିମ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ତାଲିମ ଶିବିରରେ ବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧାପକ ରାମଚନ୍ଦ୍ର ସାହୁ, ବାଳିକା ପ୍ରଶିକ୍ଷଣ ଶିବରର ସଂଯୋଜିକା ଅଧାପିକା କଳ୍ପନା ମାହାତ ପ୍ରମୁଖ ଛାତ୍ରୀମାନଙ୍କୁ ତାଲିମ ପରେ ମାନପତ୍ର ପ୍ରଦାନ କରି ସେମାନଙ୍କ ମନବଳକୁ ଦୃଢ଼ କରିଥିଲେ।

## ଅଟକ ଟ୍ରକ୍ ପଛରେ ପିଟିଲା ବାଇକ୍: ଯୁବକ ମୃତ

**ବଡ଼ଗାଁ, ୨୫।୧(ଡି.ଏନ.ଏ.)**

ବଡ଼ଗାଁ ଥାନା ଅନ୍ତର୍ଗତ ଗରିଆମାଲ ଗାଁ ନିକଟ ବାମରା ଯିବା ରାସ୍ତା ପାର୍ଶ୍ୱରେ ଅଟକ ଥିବା ଟ୍ରକ୍ ପଛରେ ବାଇକ୍ ପିଟିହୋଇ ଦୁର୍ଘଟଣା ହୋଇଛି। ଫଳରେ ବାଇକ୍ ଚାଳକ ରାଏଡ଼ିହି ଗ୍ରାମର ଅପିନ କିଷାନ (୨୬)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ବଡ଼ଗାଁକୁ କୌଣସି କାମରେ ଶୁକ୍ରବାର ରାତି ୯ଟାରେ ବାଇକ୍‌ରେ ଆସୁଥିବାବେଳେ ଅଟକି ଥିବା ଟ୍ରକ୍ ପଛରେ ପିଟି ହୋଇଥିଲେ।

## ପିଏସ୍ କଲେଜରେ ଭୋଟର ଦିବସ ପାଳିତ

**ବଡ଼ଗାଁ, ୨୫।୧ (ଡି.ଏନ.ଏ)**

ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ମତଦାନ ଦ୍ୱାରା ଉପଯୁକ୍ତ ପ୍ରାର୍ଥୀ ଚୟନ ହେବା ସହ ଗଣତନ୍ତ୍ରକୁ ସୁରକ୍ଷିତ ଏବଂ ମଜବୁତ କରାଯାଇପାରିବ। ଶୁକ୍ରବାର ବଡଗାଁ ପଞ୍ଚାୟତ ସମିତି ଯୁକ୍ତ ୨ ମହାବିଦ୍ୟାଳୟରେ ଜାତୀୟ ମତଦାନ ଦିବସ ପାଳନ ଅବସରରେ କଲେଜର ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀ ଉକ୍ତ ମତବ୍ୟକ୍ତି କରି ଛାତ୍ରୀଛାତ୍ରଙ୍କୁ ମତଦାନ ଉପରେ ବୁଝାଇଥିଲେ। ୧୮ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଛାତ୍ରୀଛାତ୍ର ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରି ନିର୍ଭିକ ଓ ନିରପେକ୍ଷ ଭାବେ ଯୋଗ୍ୟ, ଉପଯୁକ୍ତ ପ୍ରାର୍ଥୀ ଚୟନ




କଲେଜ ଅଧକ୍ଷଙ୍କ ସହିତ ଅଧାପିକା, ଅଧାପକ ମଞ୍ଚାସୀନ ।

କରିବାକୁ ଅଧାପକ ଦଶରଥ ନାଏକ ଓ ଅଧାପକ ଧଳେଶ୍ୱର ସାହୁ ବୁଝାଇଥିଲେ। ଏହା ପରେ ସମସ୍ତ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀମାନେ ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରଦତ୍ତ ମତଦାନ ସମ୍ବନ୍ଧୀୟ ଶପଥପାଠ କରିଥିଲେ ।

## କୁଆଁରମୁଣ୍ଡା ତହସିଲରେ ଭୋଟର ସଚେତନତା ଦିବସ

**କୁଆଁରମୁଣ୍ଡା, ୨୫।୧ (ଡି.ଏନ.ଏ.)**

ଭାରତର ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ଯୁବ ଭୋଟରଙ୍କୁ ଭାଗ ନେବା ପାଇଁ ପ୍ରତିବର୍ଷ ଜାନୁୟାରୀ ୨୫ ତାରିଖ ଭୋଟର ସଚେତନତା ଦିବସ ଭାବେ ପାଳିତ ହେଉଛି। ଏହି ଦିବସ ଭାରତର ନିର୍ବାଚନ ଆୟୋଗଙ୍କ ଦ୍ୱାରା ୨୦୧୧ ମସିହା ଜାନୁୟାରୀ ୨୫ରୁ ଆରମ୍ଭ ହୋଇଛି। ଏ ନେଇ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ତହସିଲ କାର୍ଯ୍ୟାଳୟରେ ତହସିଲଦାର ଚାନ୍ଦନୀଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ସମସ୍ତ ଯୁବ ଭୋଟରଙ୍କୁ କିଭଳି ନିର୍ବାଚନ ପ୍ରକ୍ରିୟାରେ ଅଧିକରୁ ଅଧିକ ଆକୃଷ୍ଟ କରାଯାଇପାରିବ ସେ ନେଇ ତହସିଲର ସମସ୍ତ କର୍ମଚାରୀଙ୍କୁ ତହସିଲଦାର ଚାନ୍ଦନୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ତହସିଲଦାରଙ୍କ ସହ ବରିଷ୍ଠ କିରାଣି ମୁକୁଳିତା ବିଲୁଙ୍ଗ, ସଞ୍ଜୟ ନନ୍ଦ, ପ୍ରଦୀପ ସିଂ, ସ୍ମୃତିରେଖା ନାୟକ, କନିଷ୍ଠ କିରାଣି ସଞ୍ଜିତ ରାଏ, ନୃସିଂହ ସାହୁ, ରାଜସ୍ୱ ନିରୀକ୍ଷକ ମଙ୍ଗଳ ଯୋଯୋ, ମନୋଜ ପାଢୀ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ। ସମସ୍ତେ ଭୋଟର ସଚେତନତା ବାର୍ତ୍ତାର ଶପଥ ନେଇଥିଲେ।



ଜାତୀୟ ଭୋଟର ସଚେତନତା କାର୍ଯ୍ୟକ୍ରମରେ ତହସିଲଦାର ଚାନ୍ଦନୀ ଅନ୍ୟ କର୍ମଚାରୀଙ୍କୁ ଶପଥ କରାଉଛନ୍ତି।

ପଞ୍ଚାୟତ ସମିତି ବୈଠକ

## ଅନେକ ସରକାରୀ ଅଧିକାରୀ ଅନୁପସ୍ଥିତ

**ଲହୁଣୀପଡା, ୨୫।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ରାଜୀବଗାନ୍ଧୀ ସେବା ଗୃହରେ ଶୁକ୍ରବାର ଲହୁଣୀପଡା ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧକ୍ଷ ପଣ୍ଡିତଚରଣ ମୁଣ୍ଡା ଅଧକ୍ଷତା କରିଥିଲେ। ବ୍ଲକ ଉପାଧକ୍ଷା ସୁକୁମଣୀ ମାହାନ୍ତ, ବିଧାୟକ ପ୍ରତିନିଧି ଲାଲ ବାହାଦୁର ମାହାନ୍ତ, ଜିଲାପରିଷଦ ସଦସ୍ୟ ଲକ୍ଷ୍ମୀ କିଷାନ, ସଦସ୍ୟ କେଦାର ମାହାନ୍ତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧାନାଇଚରଣ ଗୁଡୁ, ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ଜିପିଓ ସାରିଆ ଲାକ୍ରା, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ ମଞ୍ଚାସୀନ ଥିଲେ। ଏହି ସମିତି ବୈଠକରେ ଅନେକ ସରକାରୀ



ଲହୁଣୀପଡା ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଅଧିକାରୀ, ଅଧକ୍ଷ।

ଅଧିକାରୀ ଅନୁପସ୍ଥିତ ଥିବାରୁ ସରପଞ୍ଚ, ସମିତି ସଭ୍ୟାସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଅନୁପସ୍ଥିତ ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଅଳ୍ପଦିନ ତଳେ ନୂତନ ବିଡିଓ ଯୋଗଦେଇଥିବା ଏବଂ ଇଂରାଜୀ ନୂତନ ବର୍ଷର ପ୍ରଥମ ବୈଠକ ଆୟୋଜନ କରିଥିବାରୁ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବିଧାୟକ ସାଂସଦ ପ୍ରତିନିଧିମାନେ ବିଡିଓଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମକୁ ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ।



ଜଣେ ବଦନାମ୍ ହୋଇଗଲା ପରେ ଚାରି ଚାରି ମିଶିଲେ ଆଠ ହୁଏ ବୋଲି ସେ କହିଲେ ମଧ ଲୋକେ ସହଜରେ ବିଶ୍ୱାସ କରନ୍ତି ନାହିଁ।

-ଜନ୍ ଟିଲୋଟ୍‌ସନ



**ସଂକ୍ଷେପରେ**

## ପିଏସ୍ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଲଇକେରା,୨୫ା୧(ଡି.ଏନ.ଏ.)- ଲଇକେରା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ସୁଧାଂଶୁଶେଖର ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହିମାଦ୍ରୀ ସରାଫ, ମୁଖ୍ୟବକ୍ତା ଏସିଆ ପ୍ୟାସିଫିକ ଗେମର ପଦକ ବିଜୟିନୀ ନମିତାରାଣୀ ପଟେଲ, ସମ୍ମାନିତ ଅତିଥି ଭାବେ ଅଧାପକ ନିଜାମୁଦିନ ଅଲ୍ଲୀ ଅଶୋକ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡା ଉତ୍ସବରେ ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ ଆଦି ଖେଳ ହୋଇଥିଲା । ଡାଲିମ୍ବ ଭୋଇ, ସୁମତି କିଷାନ, ପଙ୍କଜ ରଣା, ପିଣ୍ଟୁ ବାଗଙ୍କୁ ଯୁଗ୍ମ ଚାମ୍ପିୟନ ଭାବେ ସମ୍ମାନିତ କରାଯାଇଥିଲା। ଅଧାପକ କୃପାସିନ୍ଧୁ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପିକା ହୋମିତା ଭଇଁସା ଧନ୍ୟବାଦ ଦେଇଥିଲେ । ଅଧାପକ ମନୋଜ ଦାସ, ପ୍ରମୋଦ ସିଂ, ନମିତା ପଣ୍ଡା ପ୍ରମୁଖ ଉତ୍ସବରେ ସହଯୋଗ କରିଥିଲେ । ଖେଳ ଶିକ୍ଷକ ନରେନ୍ଦ୍ର ମେହେଣା, ପୀତାମ୍ବର ସାହୁ, ରାଜେଶ ପଟେଲ, ଜିତେନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ।

■ ହୋମିଓପାଥିକ ମେଡିକାଲ କଲେଜର ୪୩ତମ ବାର୍ଷିକ ଉତ୍ସବ

# ନୀରୋଗ ସମାଜ ଗଠନରେ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା ଅଫିସ,୨୫ା୧**

ସେବା କ୍ଷେତ୍ରରେ ହୋମିଓପାଥିକ ଚିକିତ୍ସାର ବଡ ଅବଦାନ ରହିଛି । ଏପରି କି ରାଜ୍ୟରେ ସହଜ ଓ ସୁଲଭ ଚିକିତ୍ସା ସେବା ଯୋଗାଇବାରେ ହୋମିଓପାଥିକ ଚିକିତ୍ସା ଏକ ମାଇଲଖୁଣ୍ଟ ସ୍ଥାପନ କରିପାରିଛି। ତେବେ ଆସ୍ଥା ଓ ବିଶ୍ୱାସ ରହିଲେ ପ୍ରତ୍ୟେକ ଚିକିତ୍ସା ସେବାର ସୁଫଳ ନିଶ୍ଚିତ ଫଳଦାୟୀ ବୋଲି ଶୁକ୍ରବାର ଉତ୍କଳମଣି ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲ ପକ୍ଷରୁ ଆୟୋଜିତ ୪୩ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆର୍‌ଡିଏ ଅଧକ୍ଷ ତଥା ପୂର୍ବତନ ମନ୍ତ୍ରୀ ସାରଦା ନାୟକ ଏହି ମତ ପ୍ରକାଶ କରିଥିଲେ। ସେ କହିଥିଲେ, ରାଜ୍ୟ ସରକାର ଲୋକଙ୍କ ସ୍ୱାସ୍ଥ୍ୟ ସେବା ନେଇ ବହୁବିଧ ପଦକ୍ଷେପ ନେଇଛନ୍ତି। ଏପରି କି ଜନସାଧାରଣଙ୍କ ସହଯୋଗ ରହିଲେ ଆଗାମୀ ଦିନରେ ଚିକିତ୍ସା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ହୋଇପାରିବ। ରାଉରକେଲା ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ସୁନାମ ରହିଛି। ଏହା ଅଞ୍ଚଳବାସୀଙ୍କ ଚାହିଦା ପୂରଣ କରିବା ଦିଗରେ ସକ୍ଷମ ହୋଇପାରିଛି। ବର୍ତ୍ତମାନ ଯାହା କିଛି ସମସ୍ୟା ରହିଛି ପୂରଣ କରାଯିବ। ଏହି ଅବସରରେ ସେ ହୋମିଓପାଥିକ ମେଡିକାଲ କଲେଜ ପାଇଁ ଆବଶ୍ୟକ ହେଉଥିବା ଏକ ଅମ୍ବୁଲାନ୍ସ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ଯୋଗଦେଇ ସାମାଜିକ ସେବାରେ ହୋମିଓ ଡାକ୍ତରଙ୍କ ଅବଦାନ ରହିଛି। ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ସତ୍ତ୍ୱେ ସେବାରେ ନିୟୋଜିତ ଡାକ୍ତର କେବେ କର୍ତ୍ତବ୍ୟରୁ ପଛଘୁଞ୍ଚା ଦେବା ପରିଲକ୍ଷିତ କରାଯାଇ ନାହିଁ। ସେବା ତ୍ୟାଗକୁ ମୂଳମନ୍ତ୍ର କରିଥିବା ହୋମିଓ ଡାକ୍ତରଙ୍କୁ ସେ ପ୍ରଶଂସା କରିଥିଲେ। ମୁଖ୍ୟ ବକ୍ତା ଏନ୍‌ଆଇଟି ଫିଜିକ୍ସ ପ୍ରଫେସର ତଥା ଡିନ ଏସ୍. ପାଣିଗ୍ରାହୀ ସମୃଦ୍ଧ ତଥା ନୀରୋଗ ସମାଜ ଗଠନରେ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଡାକ୍ତର ଏ.କେ. ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶ୍ୱେତାଶିବାନୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ନେହା ପ୍ରଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଫେସର ଦିବ୍ୟରତ୍ନ ସାହୁ କଲେଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ରତ୍ନାକର ପଣ୍ଡା ହୋମିଓ ଚିକିତ୍ସାରେ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା କରିବା ସହ ସରକାରଙ୍କ ସହଯୋଗ ରହିଲେ ଏହି ମେଡିକାଲ କଲେଜ ଏକ ଉନ୍ନତମାନର ସେବା ପ୍ରତିଷ୍ଠାନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ।




ଉତ୍କଳମଣି ହୋମିଓପାଥିକ ମେଡିକାଲ କଲେଜ ଓ ହସ୍ପିଟାଲର ୪୩ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।



୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞୋତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

## ଗାୟତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡୀୟ ଯଜ୍ଞୋତ୍ସବ

**ରାଉରକେଲା ଅଫିସ,୨୫ା୧**

ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ମା' ଭଗବତୀଙ୍କ ନେତୃତ୍ୱରେ ୨୪ କୁଣ୍ଡୀୟ ଗାୟତ୍ରୀ ଯଜ୍ଞୋତ୍ସବ ଗୁରୁବାର ଆରମ୍ଭ ହୋଇଯାଇଛି। ଏହା ୨୭ତାରିଖ ପର୍ଯ୍ୟନ୍ତ ଚାଲିବ। ୨୪ତାରିଖ ସକାଳ ୯ଟାରୁ ଯଜ୍ଞୋତ୍ସବ ଆରମ୍ଭ ହୋଇଥିଲା। ପରେ ସାମୂହିକ ଗାୟତ୍ରୀ ମନ୍ତ୍ର ସହିତ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଦେବ ସଂସ୍କୃତି ମହାବିଦ୍ୟାଳୟ ଛାତ୍ରୀ ଉପସ୍ଥିତ ରହି ଯୋଗ, ପ୍ରଣାୟମ, ଆସନ ଉପରେ ଉପସ୍ଥିତି ଶ୍ରଦ୍ଧାଳୁଙ୍କୁ ମାର୍ଗ ଦର୍ଶନ କରାଇଥିଲେ। ଏହି ଅବସରରେ ସନ୍ଧ୍ୟା ୬ରୁ ରାତି ୯ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରବଚନ ଶୁଣିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ୨୭ରେ ଅନୁଷ୍ଠିତ ଦୀପ ଯଜ୍ଞରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଗାନ୍ଧୀ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ମତଦାତା ଦିବସ

**ରାଉରକେଲା ଅଫିସ,୨୫ା୧**

ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଦେଓଗାଁ ଗାନ୍ଧୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ କଲେଜ ଅଧକ୍ଷା ସନ୍ଧ୍ୟାରାଣୀ ବରାଳ ସଭାପତିତ୍ୱ କରିଥିଲେ। ବରିଷ୍ଠ ଅଧାପକ ବିଜୟ ରାୟ ଯୋଗଦେଇ ମତଦାତା ଦିବସ ପାଳନ ଉପରେ ମତବ୍ୟକ୍ତ କହିଥିଲେ। ଏହି ଅବସରରେ ଉପସ୍ଥିତ କଲେଜ ଛାତ୍ରୀଛାତ୍ର ଶପଥ ପାଠ କରିଥିଲେ। ଦେଶରେ ଅବାଧ ଓ ନିରପେକ୍ଷ ନିର୍ବାଚନ ନେଇ ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦିଆଯାଇଥିଲା। ପ୍ରାଧ୍ୟାପକ ଲଳିତମୋହନ ଷଡଙ୍ଗୀ ବକ୍ତବ୍ୟରେ ଗଣତନ୍ତ୍ର ଓ ମତଦାନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏଥିରେ ପ୍ରାଧ୍ୟାପକ ଡ. ସୁରେନ୍ଦ୍ର ବେହେରା, ଡ. ଚନ୍ଦ୍ରିକା ପଟ୍ଟନାୟକ, ବନଜା ମିଶ୍ର, ପ୍ରତିଭା କୁଜୁର, ନିହାରିକା ଦାସ, ନବକିଶୋର କୁଅଁର, ଦଶରଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅମିତ ଖାଖା ଧନ୍ୟବାଦ ଜ୍ଞାପନ କରିଥିଲେ।



ଜାତୀୟ ମତଦାତା ଦିବସ ପାଳନ ଅବସରରେ ଶପଥ ପାଠ କରାଯାଉଛି।

## ଭୋଟର ସଚେତନତା ଶୋଭାଯାତ୍ରା

**ବ୍ରଜରାଜନଗର, ୨୫ା୧ (ଡି.ଏନ.ଏ.)**

ବ୍ରଜରାଜନଗର ଓପିଏମ୍ ବାଳିକା ବିଦ୍ୟାଳୟ ପକ୍ଷରୁ ଭୋଟର ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଶତାଧିକ ଛାତ୍ରୀ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଜନସାଧାରଣଙ୍କୁ ମୁକ୍ତ ଓ ଅବାଧ ମତଦାନ ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ପରେ ଶୋଭାଯାତ୍ରା ସ୍କୁଲରେ ପହଞ୍ଚିଥିଲା।

## ସିଆର୍‌ପିଏଫ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୨୫ା୧**

ରାଉରକେଲା ପୋଲିସ ଅଧୀନ ଆଦିବାସୀ ବହୁଳ ମାଓବାଦୀ ଉପଦ୍ରୁତ ଚାନ୍ଦିପୋଷ ଅଞ୍ଚଳରେ ସିଆର୍‌ପିଏଫ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାଓବାଦୀମାନେ ବିଭିନ୍ନ ସମୟରେ ଆଦିବାସୀମାନଙ୍କୁ ପ୍ରଲୋଭିତ କରି ମାନସିକତାରେ ପରିବର୍ତ୍ତନ କରୁଛନ୍ତି। ଏଥିରେ ପ୍ରଭାବିତ ନ ହୋଇ ମାଓବାଦୀଙ୍କ ଠାରୁ ଦୂରରେ ରହିବାକୁ ସଚେତନ କରାଇଥିଲେ। ଏପରି କି ପୋଲିସକୁ ସହଯୋଗ କଲେ ସବୁ ପ୍ରକାର ସମସ୍ୟା ଦୂର ହୋଇପାରିବ ବୋଲି ସଚେତନ କରାଯାଇଥିଲା। ସ୍ଥାନୀୟ ବାସିନ୍ଦାଙ୍କୁ ମୁଖ୍ୟସ୍ରୋତରେ ଆଣିବାକୁ ଉପସ୍ଥିତ ଯବାନ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ୧୯ତମ ବାଟାଲିୟନ ପକ୍ଷରୁ ୩୫୦ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ କର୍ଡା, ପୁରୁଣାପାଣି, ସିଲପୁଞ୍ଜି, ଚନ୍ଦ୍ରପୁର, ଚିଡି, ମୁସାବିରା, ପିତାଗହ, କୁଲଝର ଓ ଅଙ୍ଗାରପଦ ଆଦି ଅଞ୍ଚଳର ଗ୍ରାମବାସୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୯ତମ ବାଟାଲିୟନ କମାଣ୍ଡାଣ୍ଟ ରାଜେଶ କୁମାରଙ୍କ ଉପସ୍ଥିତିରେ ଜନସାଧାରଣଙ୍କୁ ମଶାରି, କମ୍ବଳ ଓ କ୍ରୀଡା ସାମଗ୍ରୀ ଆଦି ବଣ୍ଟନ କରାଯାଇଥିଲା। ଏହି ଅବସରରେ ବାଟାଲିୟନ କମାଣ୍ଡାଣ୍ଟ କୁମାର ଅଞ୍ଚଳର ଯୁବକମାନେ ନିଜ ପରିବାର ସହ ଅଞ୍ଚଳର ବିକାଶ ପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ଅସାମାଜିକ ତତ୍ତ୍ୱଙ୍କ ପ୍ରତି ସାବଧାନ ରହିବା ସହ ଦେଶ ଓ ରାଜ୍ୟବାସୀଙ୍କ ମଙ୍ଗଳରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏପରି କି ଆଦିବାସୀ ବହୁଳ ଚାନ୍ଦିପୋଷ ଅଞ୍ଚଳବାସୀଙ୍କ ସାମଗ୍ରିକ ବିକାଶ ନେଇ ସିଆର୍‌ପିଏଫ ସର୍ବଦା ପ୍ରସ୍ତୁତ ରହିଛି ବୋଲି ଉପସ୍ଥିତ ଅଧିକାରୀ ପ୍ରକାଶ କରିଥିଲେ।




ସିଆର୍‌ପିଏଫ ପକ୍ଷରୁ ଜଣେ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

## ଦଉଡ଼ି ଦେଇ ମହିଳାଙ୍କ ଆତ୍ମହତ୍ୟା

**ବ୍ରଜରାଜନଗର,୨୫ା୧(ଡି.ଏନ୍.ଏ.)**

ବ୍ରଜରାଜନଗର ଥାନା ଅଧୀନ ଗାୟତ୍ରୀନଗର ଉପରପଡ଼ାରେ ଶୁକ୍ରବାର ଜଣେ ମହିଳା ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ହେଲେ ବିଜୟ ଗୁପ୍ତାଙ୍କ ସ୍ତ୍ରୀ ପୂଜା ଗୁପ୍ତା(୩୦)। ମିଳିଥିବା ସୂଚନା ମୁତାବକ, ବିଜୟ ପରିବା ବିକିବାକୁ ବଜାରକୁ ଯାଇଥିଲେ। ପୂଜା ୨ଝିଅ ଓ ପୁଅଙ୍କୁ ଧରି ଘରେ ରହିଥିଲେ। ହେଲେ ଅପରାହ୍ନରେ ପୂଜା ଘରେ ଦଉଡି ଦେଇ ଓହଳି ପଡିଥିବା ତାଙ୍କ ପିଲାଛୁଆ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ପାଖ ପଡୋଶୀଙ୍କୁ ଡାକିଥିଲେ। ପରେ ସ୍ଥାନୀୟ ଲୋକେ ଘଟଣା ସଂକ୍ରାନ୍ତରେ ବ୍ରଜରାଜନଗର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତ୍ୟୁର କାରଣ ଜଣାପଡି ନାହିଁ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଲକ୍ଷେଘର ତନ୍ତୀପାତ୍ର ସମାଜ ବୈଠକ: ରେଳ ମନ୍ତ୍ରଣାଳୟ ପଦକ୍ଷେପକୁ ପ୍ରଶଂସା

**ରାଉରକେଲା ଅଫିସ,୨୫ା୧**

ସେକ୍ଟର- ୬ରେ ଲାକ୍ଷେଘର ତନ୍ତୀପାତ୍ର ସମାଜ ପକ୍ଷରୁ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଦେଷ୍ଟା ଦୁର୍ଗା ତନ୍ତି ଅଧକ୍ଷତା କରିଥିଲେ। ରେଳ ମନ୍ତ୍ରଣାଳୟ ପକ୍ଷରୁ ଦେଶର ୨୨ଟି ସ୍ଥାନକୁ ଟ୍ରେନ ସମ୍ପ୍ରସାରଣ କରାଯାଇଥିବା ବେଳେ ରାଉରକେଲାରୁ କୋରାପୁଟ ଟ୍ରେନକୁ ଜଗଦଲପୁର ଯାଏ ଏବଂ ପୁରୀ ବଡବିଲ ଚକ୍ରଧରପୁର ଟ୍ରେନକୁ ରାଉରକେଲା ଯାଏ ସମ୍ପ୍ରସାରଣ କରାଯାଇ ଥିବାରୁ ବୈଠକରେ ସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଏହା ଦ୍ୱାରା ବହୁଦିନର ଦାବି ପୂରଣ ହୋଇପାରିଛି ବୋଲି ବୈଠକରେ କୁହାଯାଇଥିଲା। ଲାକ୍ଷେଘର ତନ୍ତିପାତ୍ର ସମାଜ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ, ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ରାଞ୍ଚିରୁ ନୂଆଦିଲ୍ଲୀ ଗରିବ ରଥକୁ ରାଉରକେଲା ସମ୍ପ୍ରସାରଣ କରାଯିବା ସହିତ ଏମ୍‌ସିଏଲ୍ ଗୋପାଳପୁରଠାରୁ ବିମଳାଗଡ଼ କରମପଦା ପର୍ଯ୍ୟନ୍ତ ପାସେଞ୍ଜର ଚଳାଚଳ ନେଇ ଦାବି କରାଯାଇଥିଲା। ଝାରସୁଗୁଡାଠାରୁ ଏମ୍‌ସିଏଲ୍ ଗୋପାଳପୁର ୪୩କି.ମି. ନୂତନ ରେଳ ଲାଇନ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ବେଳେ ଅନ୍ୟ କେତେକ କାରଣରୁ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ତୁରନ୍ତ ଏହି ନୂଆ ରେଳ ଲାଇନରେ ରେଳ ଚଳାଚଳ ଆରମ୍ଭ କରାଗଲେ ସୁନ୍ଦରଗଡ଼ବାସୀ ଉପକୃତ ହେବେ ବୋଲି ଏଥିରେ କୁହାଯାଇଥିଲା। ସେହିପରି ସମ୍ବଲପୁର ଇଣ୍ଟରସିଟି ଓ ବଲାଙ୍ଗୀର ଇଣ୍ଟରସିଟିକୁ କଟକ ଦେଇ ଚଳାଗଲେ ପଶ୍ଚିମ ଉପକୂଳବାସୀ ଉପକୃତ ହେବେ ବୋଲି କୁହାଯାଇଥିଲା। ବୈଠକକୁ ସଂଗଠନ ସାଧାରଣ ସମ୍ପାଦକ ଟିକେଶ୍ୱର ତାଣ୍ଡିଆ ପରିଚାଳନା କରିଥିବା ବେଳେ ସଭାପତି ସୁରଥ ବାଗ, ଜେଠୁ ହରିପାଲ, ଗୁରୁଚରଣ ଧିର, ହଳଧର ମହାନନ୍ଦ, ମିତ୍ରଭାନୁ ମହାନନ୍ଦ, ସୁରେଶ ବାଦୀ, ପ୍ରସନ୍ନ ଜୟପୁରିଆ, ବିଜୟ ତାଣ୍ଡିଆ, ହୃଦାନନ୍ଦ ବୁଡା, ଶଶିକାନ୍ତ ତନ୍ତି ଓ ଶମ୍ଭୁ ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଉପସ୍ଥିତ ଅତିଥି ଛାତ୍ରୀଛାତ୍ରମାନଙ୍କୁ ଶପଥ ପାଠ କରାଉଛନ୍ତି।

## ଉଦିତନଗର ହାଇସ୍କୁଲରେ ମତଦାତା ଦିବସ

**ରାଉରକେଲା ଅଫିସ,୨୫ା୧**

ଉଦିତନଗର ହାଇସ୍କୁଲଠାରେ ଶୁକ୍ରବାର ଜାତୀୟ ମତଦାତା ଦିବସ ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର ଯୋଗଦେଇ ମୁକ୍ତ ଓ ଅବାଧ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶପଥପାଠ ସମାରୋହ ହୋଇଥିଲା। ଭାରତ ଭଳି ଏକ ନିରପେକ୍ଷ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ମତଦାନ ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କୁହାଯାଇଥିଲା। ମତଦାତା ଏବଂ ଏଥିରେ ଭାଗ ନେଉଥିବା କର୍ମଚାରୀ ନିଷ୍ଠାପର ଭାବେ ନିରପେକ୍ଷ ଓ ଅବାଧ ମତ ପ୍ରଦାନ ନେଇ ସଚେତନ ରହିବାକୁ ଉପଜିଲାପାଳ ମହାପାତ୍ର ପରାମର୍ଶ ଦେଇଥିଲେ।

# ଫେବୃୟାରୀ ୧ରୁ ବ୍ରାହ୍ମଣୀ ସ୍ରୋତସ୍ୱିନୀ ମହୋତ୍ସବ

■ କଳା, ସଂସ୍କୃତି, ଖାଦ୍ୟପେୟର ହେବ ପ୍ରଚାର ପ୍ରସାର

**ରାଉରକେଲା ଅଫିସ, ୨୫ା୧**

ରାଜ୍ୟ ପର୍ଯ୍ୟଟନ ବିଭାଗ ସହାୟତାରେ ପ୍ରଥମ ଥର ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ ବ୍ରାହ୍ମଣୀ ସ୍ରୋତସ୍ୱିନୀ ମହୋତ୍ସବ ଆୟୋଜନ କରାଯିବ। ଆସନ୍ତା ଫେବୃୟାରୀ ୧ରୁ ୩ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ସ୍ଥାନୀୟ ବୀର ବିର୍ସାମୁଣ୍ଡା ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ମହାନଗର ସଭାଗୃହଠାରେ ମହୋତ୍ସବର ଲୋଗୋ ଉଦ୍‌ଘାଟିତ ହୋଇଯାଇଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀ ସବିଶେଷ ସୂଚନା ପ୍ରଦାନ କରିଥିଲେ। ସର୍ବଭାରତୀୟ କଳା, ସଂସ୍କୃତି, ଖାଦ୍ୟପେୟ ଓ ପ୍ରାଚୀନ ଗାଥା ଆଦିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏହି ମହୋତ୍ସବ ଆୟୋଜନ କରାଯାଉଥିବା ସମ୍ମିଳନୀରେ କୁହାଯାଇଥିଲା। ମହୋତ୍ସବରେ ପିଲାଙ୍କ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଆଦିବାସୀ ନୃତ୍ୟ, ସଂଗୀତ ଓ କଳାର ପ୍ରସାର ନିମନ୍ତେ ଏଥିରେ ସ୍ୱତନ୍ତ୍ର ଟ୍ରାଇବାଲ ଭିଲେଜ ଖୋଲାଯିବ ବୋଲି କମିଶନର ରଶ୍ମିତା ପଣ୍ଡା ସୂଚନା ଦେଇଥିଲେ। ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଖ୍ୟାତନାମ କଳାକାରଙ୍କ ସଂଗୀତ, ନୃତ୍ୟ ମୁଖ୍ୟ ଆକର୍ଷଣ ରହିବ। ପ୍ରତିଦିନ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବିର୍ସା ମୁଣ୍ଡା ଷ୍ଟାଡିୟମଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ମହୋତ୍ସବ କମିଟି କର୍ମକର୍ତ୍ତା କଲ୍ୟାଣୀ ମିଶ୍ର, ଭଗବାନ ପତି, ଜେ.କେ ରାଓ ପ୍ରମୁଖ ସୂଚନା ପ୍ରଦାନ କରିଥିଲେ।



ଖବରଦାତା ସମ୍ମିଳନୀରେ ବ୍ରାହ୍ମଣୀ ସ୍ରୋତସ୍ୱିନୀ ମହୋତ୍ସବ କମିଟି କର୍ମକର୍ତ୍ତା ଗଣମାଧ୍ୟମକୁ ସୂଚନା ପ୍ରଦାନ କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୬ ଜାନୁୟାରୀ, ୨୦୧୯



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ



## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଝାରସୁଗୁଡା ଅଫିସ,୨୫।୧- ଝାରସୁଗୁଡ଼ା ବଡମାଲ ଥାନା ତେଲିପଡ଼ା ପୋଖରୀ ନିକଟରେ ଶୁକ୍ରବାର ସକାଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଠାବ ହୋଇଛି। ମୃତକଙ୍କ ପରିଚୟ ଜଣାପଡି ନାହିଁ। ମହିଳାଙ୍କ ବୟସ ୪୫ରୁ ୫୦ ବର୍ଷ ମଧ୍ୟରେ ହେବ ବୋଲି ପୋଲିସ ଅନୁମାନ କରୁଛି। ତେବେ ମହିଳା ଜଣକ ପୋଖରୀ ନିକଟରେ ଥିବା ଏକ ମହୁଲ ଗଛରେ ଝୁଲି ଆତ୍ମହତ୍ୟା କରିଥିବା ପୋଲିସ କହୁଛି। ଅନ୍ୟପକ୍ଷେ ମହିଳାଙ୍କ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ଥାନୀୟ ଲୋକେ ସନ୍ଦେହ କରିଛନ୍ତି। ବଡମାଲ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ହସ୍ପିଟାଲକୁ ପଠାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି।

# ଝାରସୁଗୁଡ଼ାରୁ ଦେଶର ୬ ସହରକୁ ଉଡ଼ିବ ବିମାନ

## ■ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ର ପାଇଁ ଶୁଭଙ୍କର

ଝାରସୁଗୁଡା ଅଫିସ,୨୫।୧

ବହୁ ପ୍ରତୀକ୍ଷିତ ବିମାନ ସେବା ଉଡାନ୍-୩ରେ ଶୁକ୍ରବାର ରୁଟ୍ ଆୱାର୍ଡ କରାଯାଇଛି। ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ(ଭିଏସ୍ଏସ୍) ବିମାନବନ୍ଦରରୁ ଭୁବନେଶ୍ୱର ସମେତ ଦେଶର ୬ଟି ସ୍ଥାନକୁ ବିମାନ ଚଳାଚଳ ପାଇଁ ରୁଟ୍ ଘୋଷଣା କରାଯାଇଛି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଶୁକ୍ରବାର ଏହି ଘୋଷଣା କରିଛନ୍ତି। ତେବେ ଭିଏସ୍ଏସ୍ ବିମାନବନ୍ଦରରୁ ଭୁବନେଶ୍ୱରକୁ ଚଳାଚଳ ପାଇଁ ଏଲିଆନ୍ସ ଏୟାର/ଟର୍ବୋ ଏଭିଏସନ୍, କୋଲକାତାକୁ ଚଳାଚଳ ପାଇଁ ଏଲିଆନ୍ସ ଏୟାର/ସ୍ପାଇସ୍ ଜେଟ୍, ହାଇଦ୍ରାବାଦକୁ ବିମାନ ଚଳାଚଳ ପାଇଁ ସ୍ପାଇସ୍‌ଜେଟ୍, ମୁମ୍ବାଇକୁ ବିମାନ ଚଳାଚଳ ପାଇଁ ଜେଟ୍ ଏୟାର ୱେଜ୍, ଦିଲ୍ଲୀକୁ ଚଳାଚଳ ପାଇଁ ସ୍ପାଇସଜେଟ୍ ଏବଂ ରାୟପୁରକୁ ଚଳାଚଳ ପାଇଁ ଏଲିଆନ୍ସ ଏୟାର/ଟର୍ବୋ ଏଭିଏସନ୍ ବିମାନ ସଂସ୍ଥାକୁ ରୁଟ୍ ଆୱାର୍ଡ କରାଯାଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ା ଗସ୍ତବେଳେ ବିମାନବନ୍ଦରରୁ ବିମାନ ଚଳାଚଳ ନ ହେବା କଥା କହି କେନ୍ଦ୍ରକୁ ସମାଲୋଚନା କରିଥିଲେ। ଏହାର ଗୋଟିଏ ଦିନ ପରେ କେନ୍ଦ୍ର ସରକାର ଉଡାନ-୩ ରୁଟ୍ ଘୋଷଣା କରି ରାଜ୍ୟ ସରକାରଙ୍କୁ ନୀରବରେ ଜବାବ ଦେଇଛନ୍ତି ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ଏହି ରୁଟ୍ ଘୋଷଣା ପରେ ଝାରସୁଗୁଡ଼ାର ସବୁ ମହଲରେ ଖୁସିବ୍ୟକ୍ତ କରାଯାଇଛି।



“ ଝାରସୁଗୁଡାରୁ ଦେଶର ପ୍ରମୁଖ ସହରଗୁଡିକୁ ବିମାନ ଚଳାଚଳ ପାଇଁ ରୁଟ୍ ଘୋଷଣା କରିବା ଖୁସିର ବିଷୟ। ସ୍ଥାନୀୟ ଲୋକଙ୍କ ଦାବିକୁ ଦୃଷ୍ଟି ଦେଇ କେନ୍ଦ୍ର ସରକାର ଏକାଧିକ ସହର ପାଇଁ ରୁଟ୍ ବିଡିଂ କରିଥିଲେ ଏବଂ ସମସ୍ତ ରୁଟ ପାଇଁ ବିମାନ ସଂସ୍ଥା ଆଗ୍ରହ ପ୍ରକାଶ କରିବା ଶୁଭଙ୍କର। ଯେତେଶୀଘ୍ର ବିମାନ ସେବା ମିଳିବ ଲୋକଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି କହିଛନ୍ତି।

-ହରିଶ ଗଣତ୍ରା, ପୂର୍ବତନ ନଗରପାଳ



“ ହସ୍ପିଟାଲ କାମରେ ପ୍ରତି ସପ୍ତାହରେ କୋଲକାତା ଯିବାକୁ ପଡେ। ବର୍ତ୍ତମାନ ରୁଡଗୁଡିକ ମଧ୍ୟରେ କୋଲକାତାକୁ ସାମିଲ କରାଯାଇଥିବାରୁ ବହୁତ ଖୁସି। ସମୟ ବଞ୍ଚିବା ସହ କାମ ତ୍ୱରାନ୍ୱିତ ହେବ। ଏହାସହ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଝାରସୁଗୁଡ଼ାର ଗୁରୁତ୍ୱ ବୃଦ୍ଧି ପାଇବ।

-ଦେବଶ୍ଲୋକ ଶର୍ମା, ଡାକ୍ତର



“ ଭିଏସ୍ଏସ୍ ବିମାନବନ୍ଦରରୁ ଦେଶର ୪ଟି ମେଟ୍ରୋ ସହ ମୋଟ ୬ଟି ମୁଖ୍ୟ ସହରକୁ ବିମାନ ଚଳାଚଳ ଘୋଷଣା କରାଯାଇଛି। ଏହା ପଶ୍ଚିମ ଓଡ଼ିଶା ପାଇଁ ଖୁସିର ବିଷୟ। ଏହି ଯୋଗାଯୋଗ ଦ୍ୱାରା ଶିଳ୍ପ ଏବଂ ବ୍ୟବସାୟିକ ଅଭିବୃଦ୍ଧି ହେବା ନିଶ୍ଚିତ। ଏହାସହ ପଶ୍ଚିମ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ମଧ ଉନ୍ନତି ହେବ ବୋଲି ସେ କହିଛନ୍ତି।

-ହୀରାଲାଲ ଲୋକଚନ୍ଦାନୀ,ଝାରସୁଗୁଡା ଚାମ୍ବର ଅଫ କମର୍ସର ସଭାପତି



“ କେନ୍ଦ୍ର ସରକାର ଘୋଷଣା କରିଥିବା ରୁଟ୍ ସମସ୍ତଙ୍କ ପାଇଁ ଖୁସି ଖବର। ନିୟମିତ ବ୍ୟବଧାନରେ ଝାରସୁଗୁଡାରୁ ନୂଆଦିଲ୍ଲୀ ଯାତାୟାତ କରେ। କିନ୍ତୁ ଝାରସୁଗୁଡାକୁ ବିମାନସେବା ନ ଥିବାରୁ ଦିଲ୍ଲୀରୁ ଫେରିବା କିମ୍ବା ଦିଲ୍ଲୀକୁ ଯିବା ସମୟରେ ଭାୟା ରାୟପୁର, ରାଞ୍ଚି କିମ୍ବା ଭୁବନେଶ୍ୱର ହୋଇ ଯାତାୟାତ କରିବାକୁ ପଡୁଥିଲା। ଏହା ବ୍ୟୟବହୁଳ ଏବଂ ସମୟସାପେକ୍ଷ ହେଉଥିଲା। ଏବେ ଦିଲ୍ଲୀକୁ ସିଧାସଳଖ ବିମାନ ଚଳାଚଳ ହେଲେ ଲୋକ ଏହାର ସୁବିଧା ପାଇବେ।

-ସୃଷ୍ଟିଶ୍ରୀୟା ମହାନ୍ତି, ଯାତ୍ରୀ



“ କେନ୍ଦ୍ର ସରକାରଙ୍କ ଘୋଷଣା ସମସ୍ତ କ୍ଷେତ୍ର ପାଇଁ ଖୁସିର ବିଷୟ। ବିଶେଷକରି ମଡେଲିଂ ପ୍ରଫେସନ୍ ପାଇଁ ମୁମ୍ବାଇ ଏବଂ ହାଇଦ୍ରାବାଦ ବହୁତ ସମୟରେ ଯିବାକୁ ପଡେ। ଟ୍ରେନ୍‌ରେ ଯିବାକୁ ହେଲେ ୩ ଦିନ ଆଗରୁ ଘରୁ ବାହାରିବାକୁ ହୁଏ। ହେଲେ ବିମାନସେବା ଆରମ୍ଭ ହେଲେ ଗୋଟିଏ ଦିନରେ ଯିବାଆସିବା ସହଜ ହେବ। ଯେତେଶୀଘ୍ର ଆରମ୍ଭ ହେବ ଲୋକଙ୍କ ପାଇଁ ଭଲ ହେବ।

-ପ୍ରିୟାଂଶୁ ସିଂ, ମଡେଲ

## ଜାଗା ମିଶନ
### ୪୮ ଭୂମିହୀନ ପରିବାର ତହସିଲଦାରଙ୍କୁ ଭେଟିଲେ

ବରଗଡ଼ ଅଫିସ୍,୨୫।୧

ବର୍ତ୍ତମାନ ସରକାରଙ୍କ ଜାଗା ମିଶନରେ ଭୂମିହୀନଙ୍କୁ ଜମି ଯୋଗାଇ ଦିଆଯାଉଛି। ଏହି କ୍ରମରେ ବରଗଡ଼ ତହସିଲ ଅଧୀନ ନୂଆ ସରସରା ଗାଁର ୪୮ ଭୂମିହୀନ ପରିବାର ସଦସ୍ୟ ଶୁକ୍ରବାର ତହସିଲ ଅଫିସକୁ ଆସି ଜାଗା ପାଇଁ ଆବେଦନ କରିଛନ୍ତି । ବରଗଡ଼ ତହସିଲଦାର ସବ୍ୟସାଚୀ ପଣ୍ଡା ଆବେଦନ ଫର୍ମକୁ ଗ୍ରହଣ କରିଥିଲେ । ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ସର୍ଭେ କରାଯିବା ସହିତ ଜମିର କିସମ ଦେଖି ନିଷ୍ପତ୍ତି ନିଆଯିବ ବୋଲି ତହସିଲଦାର ପଣ୍ଡା କହିଥିଲେ । ଉଲ୍ଲେଖନୀୟ, ଗତବର୍ଷ ଫେବୃୟାରୀ ମାସରେ ୮ହଜାର ମହିଳା ଭୂମି ଅଧିକାର ପାଇଁ ଆବେଦନ କରିଥିଲେ। ତେବେ ସରକାରଙ୍କ ଭୂ-ବନ୍ଦୋବସ୍ତ ଆଇନ ପାଳନ କରିବା ସହିତ ଜମି ଯୋଗାଇ ଦେବା ପାଇଁ ଦାବି ହୋଇଛି। ଜୟ କୋଶଲ ଭୂମିହୀନ ସଂଗ୍ରାମ ସମିତିର ଆବାହକ ରମେଶ ମହାପାତ୍ର, ଭବାନୀ ସାହୁ, ଅମିତାଭ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ଫେବୃୟାରୀ ମାସରେ ଏ ନେଇ ଏକ କାର୍ଯ୍ୟକ୍ରମ କରାଯିବ ବୋଲି ସେମାନେ ସୂଚନା ଦେଇଥିଲେ ।

# ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ

ବିଜେପୁର, ୨୫।୧ (ଡି.ଏନ.ଏ)

ଜାତୀୟ ଭୋଟର ଦିବସ ସମାରୋହରେ ବିଜେପୁର ଡିଗ୍ରୀ କଲେଜରେ ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ଯୁବ ଓ କ୍ରୀଡା ବ୍ୟାପାର ମନ୍ତ୍ରଣାଳୟ ପ୍ରାୟୋଜିତ ଏହି ଉତ୍ସବକୁ ବରଗଡ ଜିଲା ନେହେରୁ ଯୁବ କେନ୍ଦ୍ର ସଂଯୋଜକ ତ୍ରିଲୋଚନ ଶତପଥି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ସୁରେଶରାମ ମେହେର ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଭାରତରେ ଆତଙ୍କବାଦ, ଅର୍ଥନୈତିକ ସଙ୍କଟ, ଖେଲୋ ଇଣ୍ଡିଆ ଶୀର୍ଷକ ଉପରେ ତର୍କ ପ୍ରତିଯୋଗିତା ହୋଇଥିଲା । ଏଥିରେ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ୩୯ଜଣ ଯୁବ ଶିକ୍ଷାର୍ଥୀ ସାମିଲ ହୋଇଥିଲେ । ଦୀକ୍ଷା ମାଝିଜା ପ୍ରଥମ, ଅପର୍ଣ୍ଣା ପ୍ରିୟଦର୍ଶନୀ ମହାନ୍ତି ଦ୍ୱିତୀୟ, ସୋହେଲ ଖାଁ ତୃତୀୟ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ଯୁବ ସଂସଦରେ ଜିଲାସ୍ତରରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଛନ୍ତି । ପାଣ୍ଡବ ପଧାନ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର, ସୁରେଶରାମ ମେହେର ବିଚାରକ ଦାୟିତ୍ୱ ସମ୍ପାଦନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ପ୍ରଧ୍ୟାପକ ଡ. ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ସୋହେଲା କଲେଜର ଅଧ୍ୟାପକ ଟେକଚାନ୍ଦ ଦୁଆନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଉଭୟ ସମାରୋହରେ କଲେଜ ଅଧକ୍ଷ ପ୍ରଦୀପ କୁମାର ମିଶ୍ର ଅଧକ୍ଷତା କରିଥିଲେ । ନୋଡାଲ ଅଫିସର ଡ. ସୁବ୍ରତାରାଣୀ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଲେଜର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକଗଣ ସହଯୋଗ କରିଥିଲେ। ଅଧ୍ୟାପକ ଗୁରୁଦାସ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।



ଜିଲାସ୍ତରୀୟ ଯୁବ ସଂସଦର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

## ଫଟୋରେ ଖବର



ସାଧାରଣତନ୍ତ୍ର ଦିବସ ପୂର୍ବରୁ ଝାରସୁଗୁଡା ଡିଏଭି ସ୍କୁଲରେ ଛାତ୍ରୀଛାତ୍ରମାନେ ଭାରତ ମାନଚିତ୍ର ଆକାରର ମାନବଶୃଙ୍ଖଳ ସଜାଇ ହୋଇଛନ୍ତି।

# ବୁଣାକାରଙ୍କ ସମସ୍ୟା ପ୍ରତି ସରକାର ଉଦାସୀନ

ବରଗଡ଼ ଅଫିସ୍/ସୋହେଲା,୨୫।୧

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ସରକଣ୍ଡାରେ ଶୁକ୍ରବାର ବୁଣାକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ହସ୍ତତନ୍ତ ଓ ହସ୍ତକଳା ସଂଘ ସଭାପତି ମୋହନ ରାଓ ଯୋଗଦେଇ ବୁଣାକାରଙ୍କ ବିଭିନ୍ନ ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା କରିଥିଲେ । ବୁଣାକାରଙ୍କ ସମସ୍ୟା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ରହି ଅନ୍ତଃରାଷ୍ଟ୍ରୀୟ ବସ୍ତ୍ର ବ୍ୟବସାୟୀଙ୍କ ହିତରେ ନୀତି ପ୍ରଣୟନ କରାଯାଉଥିବାରୁ ବୁଣାକାରଙ୍କ ସ୍ଥିତି ଦିନକୁ ଦିନ ବିପନ୍ନ ହୋଇ ପଡୁଛି ବୋଲି ସେ କହିଥିଲେ । ଯେଉଁଠାରେ ଅଣସଙ୍ଗଠିତ ବୁଣାକାରମାନେ ପ୍ରତିବାଦ କରିବା ପାଇଁ ଶକ୍ତି ଏକାଠି କରି ପାରୁନାହାନ୍ତି, ସେଠାରେ ବୁଣାକାରଙ୍କ ସମସ୍ୟା ଅଧିକ ରହିଛି। ଅନ୍ୟପଟେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଭଳି ରାଜ୍ୟରେ ବୁଣାକାରମାନେ ସଙ୍ଗଠିତ ହୋଇ ଆନ୍ଦୋଳନ କରିବା ଦ୍ୱାରା ସେଠାକାର ସରକାର ଚାପରେ ପଡ଼ି କିଛି ନୀତି ପ୍ରଣୟନ କରିବାକୁ ବାଧ୍ୟ ହୋଇଥିବା ସେ କହିଥିଲେ । ସେ ଆହୁରି କହିଥିଲେ, ବରଗଡ଼ ଅଞ୍ଚଳର ବୁଣାକାରଙ୍କ ବାନ୍ଧକଳାର ବିବିଧତା ଓ ଉତ୍କର୍ଷତା ଓଡ଼ିଶାର ବୁଣାକାରମାନଙ୍କୁ ଦେଶର ଶୀର୍ଷସ୍ଥାନରେ ପହଞ୍ଚାଇ ପାରିଛି। କିନ୍ତୁ ଏବେ ସେମାନଙ୍କର ଏହି କଳା ଓ ଦକ୍ଷତା ଉପରେ ଆଧାରିତ ଜୀବିକା ପାୱାର ଲୁମ ଅର୍ଥାତ୍ ଯନ୍ତ୍ରଚାଳିତ ତନ୍ତ ଯୋଗୁ ପ୍ରଭାବିତ ହୋଇଛି । ଆଗାମୀ ଦିନରେ ଏହା ପାରମ୍ପରିକ ବାନ୍ଧକଳାକୁ ସମ୍ପୂର୍ଣ୍ଣ ପ୍ରଭାବିତ କରିବ ଏବଂ ଏହାଦ୍ୱାରା ବୁଣାକାରମାନେ କ୍ଷତିଗ୍ରସ୍ତ ହେବେ । ସେହିପରି ସ୍କ୍ରିନ ପ୍ରିଣ୍ଟିଂ ପ୍ରଯୁକ୍ତି ବିଦ୍ୟା ଯୋଗୁ ପାରମ୍ପରିକ ସମ୍ବଲପୁରୀ ଶାଢ଼ିକୁ ବର୍ତ୍ତମାନ ମୂଲ୍ୟର ଦଶଭାଗରୁ ଗୋଟିଏ ଭାଗ ମୂଲ୍ୟରେ ଉତ୍ପାଦନ କରାଯାଉଛି । ଏହାଦ୍ୱାରା ମଧ୍ୟ ପାରମ୍ପରିକ ବୁଣାକାର ବିପନ୍ନ ଅବସ୍ଥାକୁ ଆସି ଯାଉଛି । ପାରମ୍ପରିକ ବାନ୍ଧଶାଢ଼ିକୁ ସୁରକ୍ଷା ଦେଉଥିବା ହସ୍ତତନ୍ତ ସଂରକ୍ଷଣ ନିୟମକୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ସମ୍ପୂର୍ଣ୍ଣ ବିଫଳ ହେଉଥିବାରୁ ସେଭଳି ପରିସ୍ଥିତି ଉପୁଜିଥିବା ସେ କହିଥିଲେ । ବୁଣାକାରଙ୍କ ଏଭଳି ସମସ୍ୟାର ସମାଧାନ ପାଇଁ ରାଓ ୫ଦଫା ଦାବି ଉପସ୍ଥାପନ କରିଥିଲେ । ସୂତା ଯୋଗାଣରେ କେନ୍ଦ୍ର ସରକାର ୧୦ପ୍ରତିଶତ ରିହାତି ଦେବାବେଳେ ରାଜ୍ୟ ସରକାର ୩୦ପ୍ରତିଶତ ରିହାତି ଦେବା କଥା ବୋଲି ସେ କହିଥିଲେ । ସେହିପରି ବୁଣାକାର ସଂଖ୍ୟା ଯେଉଁଠାରେ ଅଧିକ ଅଛନ୍ତି, ସେହି ଅଞ୍ଚଳରେ ସୂତା ଯୋଗାଣ ଡିପୋ ସ୍ଥାପନ, ବୁଣାକାରଙ୍କ ପରିଚୟ ପତ୍ର ଓ ସୂତା ପାସବୁକ୍ ପ୍ରଦାନ, ୫୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବୁଣାକାରଙ୍କୁ ମାସିକ ୨ହଜାର ଟଙ୍କା ଲେଖାଏଁ ପେନସନ, ସୂତା ବ୍ୟାଙ୍କ ପ୍ରତିଷ୍ଠା ପାଇଁ ସେ ଦାବି କରିଥିଲେ । ଏହି ଦାବି ସମୂହ ନେଇ ସଙ୍ଗଠିତ ହେବାକୁ ସେ ଆହ୍ୱାନ କରିଥିଲେ । ଉକ୍ତ ସମାବେଶରେ ସୁବାସ ମେହେର ଅଧ୍ୟକ୍ଷତା କରିଥିବାବେଳେ ଉମେଶ ବିଶ୍ୱାଳ ସଭା ସଂଯୋଜନା କରିଥିଲେ । ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ସୁଧିର ପଟ୍ଟନାୟକ, ଘନଶ୍ୟାମ ମେହେର, ଅଧ୍ୟାପିକା ଜୟଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ବୁଣାକାରଙ୍କ ବିଭିନ୍ନ ସମସ୍ୟା ଉପରେ ନିଜ ମତ ରଖିଥିଲେ । ଅଜିତ ପାଣିଗ୍ରାହୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସୁବାସ ମେହେର, ଆଲୋକ ମେହେର, ଅଶ୍ୱିନୀ ମେହେର, ଶ୍ରୀଫଳ ମେହେର, ଯୋଗେଶ୍ୱର ମେହେର, ଗୌରାଙ୍ଗ ମେହେର, ବିଶ୍ୱ ସା ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ବହୁସଂଖ୍ୟକ ବୁଣାକାର ଯୋଗ ଦେଇଥିଲେ ।

### ସମାବେଶରେ ମତପ୍ରକାଶ



ବୁଣାକାର ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ ।

- ଅନ୍ତଃରାଷ୍ଟ୍ରୀୟ ବସ୍ତ୍ର ବ୍ୟବସାୟୀଙ୍କ ହିତରେ ନୀତି ପ୍ରଣୟନ କରାଯାଉଛି
- ଯନ୍ତ୍ରଚାଳିତ ତନ୍ତ ଯୋଗୁ ବାନ୍ଧକଳା ପ୍ରଭାବିତ ହୋଇଛି
- ପାରମ୍ପରିକ ବୁଣାକାରଙ୍କ ଜୀବିକା ବିପନ୍ନ ହୋଇପଡିଛି
- ହସ୍ତତନ୍ତ ସଂରକ୍ଷଣ ନିୟମକୁ କାର୍ଯ୍ୟକାରୀ କରିବା ଦିଗରେ ସରକାର ସମ୍ପୂର୍ଣ୍ଣ ବିଫଳ
- ବୁଣାକାରଙ୍କୁ ପେନସନ ଦାବି

# ବୌଦ୍ଧ: ୭୯୬୦ ନୂଆ ଭୋଟର

ବୌଦ୍ଧ, ୨୫।୧(ସ୍ୱ.ପ୍ର)

ବୌଦ୍ଧ ଜିଲାରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶିତ ହେଇଛି। ଜିଲାରେ ନୂତନ ଭୋଟର ସଂଖ୍ୟା ୭୯୬୦ ବୃଦ୍ଧି ହୋଇଛି । ଜିଲା ନିର୍ବାଚନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ, କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ଗତ ତା୧।୯।୨୦୧୮ ରିଖି ସୁଦ୍ଧା ୧୫୫୬୧୦ ଜଣ ଭୋଟର ଥିଲେ । ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୭୯୩୩୬, ମହିଳା ଭୋଟର ୭୬୨୭୩ ଓ ଜଣେ ତୃତୀୟ ଲିଙ୍ଗ ଭୋଟର ରହିଥିଲେ । ନୂତନ ଭୋଟର ତାଲିକା ଅନୁଯାୟୀ ତା୧।୧।୨୦୧୯ ରିଖ ସୁଦ୍ଧା କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୧୫୯୫୭୫ ଭୋଟର ହୋଇଥିବାବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୮୧୩୪୩ ଓ ମହିଳା ଭୋଟର ସଂଖ୍ୟା ୭୮୨୩୨ ବୋଲି ଜଣାପଡିଛି । ଭୋଟର ତାଲିକା ସଂଶୋଧନ ପରେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ୩୯୬୫ ନୂତନ ଭୋଟରଙ୍କ ନାମ ସଂଯୁକ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୨୦୦୭ ଓ ମହିଳା ଭୋଟରଙ୍କ ସଂଖ୍ୟା ୧୯୫୯ ବୋଲି ଜଣାପଡିଛି । ସେହିପରି ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ଗତ ତା୧।୯।୨୦୧୮ରିଖରେ ୧୫୨୦୩୮ ଜଣ ଭୋଟର ଥିଲେ । ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୭୮୨୯୮, ମହିଳା ୭୩୭୩୭ ଓ ତୃତୀୟ ଲିଙ୍ଗ ଭୋଟର ୩ ଥିଲା । ତା୧।୧।୨୦୧୯ରିଖ ସୁଦ୍ଧା ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୧୫୬୦୩୩ ଭୋଟର ହୋଇଥିବାବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ସଂଖ୍ୟା ୮୦୧୫୦, ମହିଳା ଭୋଟର ସଂଖ୍ୟା ୭୫୮୭୮ ଓ ତୃତୀୟ ଲିଙ୍ଗ ଭୋଟର ୫ ଜଣ ଥିବା ଜଣାପଡିଛି । ଭୋଟର ତାଲିକା ସଂଶୋଧନ ପରେ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୩୯୯୫ ନୂତନ ଭୋଟରଙ୍କ ନାମ ସଂଯୁକ୍ତ ହୋଇଛି । ସେମାନଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧୮୫୨, ମହିଳା ଭୋଟରଙ୍କ ସଂଖ୍ୟା ୨୧୪୧ ଓ ତୃତୀୟ ଲିଙ୍ଗ ଭୋଟର ୨ ଟି ବୋଲି ଜଣାପଡିଛି। ପ୍ରକାଶ ପାଇଥିବା ନୂତନ ଭୋଟର ତାଲିକା ଅନୁଯାୟୀ ଜିଲାରେ ନୂତନ ଭୋଟରଙ୍କ ସଂଖ୍ୟା ୭୯୬୦ ହୋଇଥିବା ବେଳେ ସେଥିମଧ୍ୟରୁ ପୁରୁଷ ଭୋଟର ୩୮୫୯ ଓ ମହିଳା ୪୧୦୦ ଓ ତୃତୀୟ ଲିଙ୍ଗ ଭୋଟରଙ୍କ ସଂଖ୍ୟା ୧ଟି ବୃଦ୍ଧି ପାଇଛି। ଏହା ପ୍ରକାଶନ ସମୟରେ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସୀତାଂଶୁ କୁମାର ରାଉତ, ନିର୍ବାଚନ ନୋଡାଲ ଅଧିକାରୀ ତଥା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ, ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଣେଶ୍ୱର ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଲହୁଣୀପଡ଼ା, ୨୫।୧ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ କୁଡେଇକଳା ପଞ୍ଚାୟତ ବିଲେଇପଡାସ୍ଥିତ ବାବା ବାଣେଶ୍ୱର ମହାବିଦ୍ୟାଳୟରେ ଚାଲିଥିବା ମହିଳା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଲହୁଣୀପଡା ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ନାରୀ ଆତ୍ମସୁରକ୍ଷା ସମ୍ପର୍କିତ ବିଭିନ୍ନ ଉଦାହରଣ ମାଧ୍ୟମରେ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ତାଲିମ ଦେଇଥିବା ଛାତ୍ରୀମାନେ ଅନ୍ୟମାନଙ୍କୁ ତାଲିମ ପ୍ରଦାନ କରିବା ସହିତ ସଚେତନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀ ସହଯୋଗ କରିଥିଲେ।



ମହିଳା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି, ଅଧକ୍ଷ, ଅଧ୍ୟାପକ।

## ଟ୍ରେଲର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ବେଦବ୍ୟାସ, ୨୫।୧ (ଡି.ଏନ.ଏ)

ରାଉରକେଲା ମହାନଗର ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗୋଇଭଙ୍ଗା ନିକଟରେ ଶୁକ୍ରବାର ସନ୍ଧ୍ୟା ୫ଟାରେ ଦୁର୍ଘଟଣା ଘଟିଛି। ଟ୍ରେଲର୍ ଧକ୍କାରେ ଜଣେ ସ୍ଥାନୀୟ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତବ୍ୟକ୍ତି ହେଲେ କଲୁଙ୍ଗା ନିବାସୀ ନାରାୟଣ ସାହୁ ଓରଫ ଛାଲୁ ବୋଲି ଜଣାପଡିଛି।

ପ୍ରାପ୍ତସୂଚନାନୁଯାୟୀ, ବେଦବ୍ୟାସ ପାର୍ଶ୍ୱରୁ କଲୁଙ୍ଗା ଆଡକୁ ଯାଉଥିବା ଲୁହା ବୋଝେଇ ଟ୍ରେଲର୍ ନଂ. ଓଡି ୧୪ ଏଫ- ୭୨୯୫ ଭାରସାମ୍ୟ ହରାଇ ସ୍କୁଟି ଆରୋହୀଙ୍କ ପଛପଟେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସ୍କୁଟି ଆରୋହୀଙ୍କ ପ୍ରାଣବାୟୁ ଉଡି ଯାଇଥିଲା । କଲୁଙ୍ଗା ପାର୍ଶ୍ୱରୁ ଏକ ଟ୍ରକ ନଂ. ଓଆର ୧୭ ସି- ୭୪୧୪ ସହ ଟ୍ରେଲରଟି ମୁହାଁମୁହିଁ ହୋଇ ରହିଛି। ଟ୍ରେଲର୍‌ଟି ଏତେ ଦ୍ରୁତଗତିରେ ଯାଉଥିଲା ଯାହାକି ରାସ୍ତା ପାର୍ଶ୍ୱରେ ଥିବା ଏକ ହୋଟେଲ ଘରକୁ ପଶି ଯାଇ ସ୍କୁଟି ଆରୋହୀଙ୍କ ପଛପଟେ ଚଢ଼ିଯାଇଥିଲା। ଏକ ଟ୍ରକ ସହ ମଧ ମୁହାଁମୁହିଁ ହୋଇଛି । ଖବର ପାଇ ସ୍ଥାନୀୟ ଲୋକେ ମୃତବ୍ୟକ୍ତିଙ୍କ ପରିବାର ସଭ୍ୟଙ୍କୁ କ୍ଷତିପୂରଣ ଏବଂ କଲୁଙ୍ଗା କରତକଲ ଛକଠାରୁ କଲୁଙ୍ଗା ପର୍ଯ୍ୟନ୍ତ ଭାରିଯାନ ଯାତାୟତରେ ନୋଏଣ୍ଟ୍ରି ବା ପ୍ରବେଶ ନିଷେଧାଦେଶ ଦାବିରେ ରାସ୍ତାରୋକୋ କରିଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। କ୍ଷତିପୂରଣ ବାବଦରେ ୧ଲକ୍ଷ ଟଙ୍କା ମିଳିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ଏନେଇ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏସଆଇ ପି.କେ ଭୋଇ, ମହିଳା ଏସଆଇ ଚମ୍ପାବତୀ ସୋରେନ ପ୍ରମୁଖଙ୍କ ସମେତ ପୋଲିସ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିଥିଲେ। ପୋଲିସ ସ୍କୁଟି ନଂ. ଓଡି ୧୪ ଜେ- ୫୨୨୧ ସମେତ ଟ୍ରକ ଓ ଟ୍ରେଲରକୁ ଘଟଣା ସ୍ଥଳରେ ନଜର ରଖିଛି । ଘଟଣା ସ୍ଥଳରୁ ଦୁଇ ଟ୍ରକ ଓ ଟ୍ରେଲର୍ ଗାଡିର ଚାଳକ ଫେରାର ଅଛନ୍ତି। ସ୍କୁଟି ଆରୋହୀଙ୍କ ମୃତଦେହ ଘଟଣାସ୍ଥଳରେ ପଡିରହିଛି।